ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, September 16/2025 | Page 16 | ₹ 7.00
୫୧ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 292 | ମୂଲ୍ୟ ₹୭/-

# ବନ୍ତାରାକୁ ମିଳିଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଲିନ୍‌ଚିଟ୍, ମାମଲା ଖାରଜ

## ମାନହାନି ମକଦ୍ଦମା କରିବା ପାଇଁ ବନ୍ତାରା ସ୍ୱାଧୀନ - ସର୍ବୋଚ୍ଚ ନ୍ୟାୟାଳୟ

## ବନ୍ତାରାର କାର୍ଯ୍ୟକଳାପକୁ ନେଇ ଏସ୍‌ଆଇଟି ସନ୍ତୁଷ୍ଟ



**ନୂଆଦିଲ୍ଲୀ, ୧୫ ସେପ୍ଟେମ୍ବର, ୨୦୨୫**

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ବନ୍ତାରା ବିରୋଧରେ ଲାଗୁ କରାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରି ତାହାକୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି । ଶୀର୍ଷ ନ୍ୟାୟାଳୟ ଗୁଜରାଟର ଜାମନଗରଠାରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନ୍ତାରା (ଗ୍ରୀନ୍‌ସ ଜୁଲୋଜିକାଲ୍ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ୍ ସେଣ୍ଟର)ର ଯାଞ୍ଚ କରିବା ଲାଗି ଦାବି କରିଥିବା ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ବନ୍ତାରା ଉପରେ ଯେଉଁସବୁ ଆରୋପ ଲଗାଯାଇଥିଲା, ଭବିଷ୍ୟତରେ ସମାନ ଧରଣର ଆରୋପ ଆଧାରରେ କରାଯାଉଥିବା ଅଭିଯୋଗ କିମ୍ବା କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କେତେକ ସର୍ତ୍ତ ସହିତ ପ୍ରତିବନ୍ଧକ ଲାଗୁ କରିଛନ୍ତି । ବନ୍ତାରା ଓ ତା' ସହିତ ଜଡ଼ିତ ଅଧିକାରୀବୃନ୍ଦଙ୍କୁ ଏସ୍‌ଆଇଟି ଦ୍ୱାରା ପରାମର୍ଶ ଦିଆଯାଇଥିବା ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବା ଲାଗି ବିଚାର କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ମଧ୍ୟ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

ନ୍ୟାୟାଳୟଙ୍କ ମତରେ, ''ଆମେ ରିପୋର୍ଟର ସାରାଂଶ ପଢ଼ିଛୁ । ଏଥିରେ ସମସ୍ତ ନିୟାମକ ଆବଶ୍ୟକତାର ଅନୁପାଳନ ହୋଇଛି ବୋଲି ଦର୍ଶାଯାଇଛି । ଏଥିରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଏହା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ମଧ୍ୟ ସେମାନଙ୍କର ଦୃଷ୍ଟିକୋଣର ଉପସ୍ଥାପନା କରିଛନ୍ତି । କର୍ତ୍ତୃପକ୍ଷଗଣ ମଧ୍ୟ ନିୟାମକ ଅନୁପାଳନ ସମ୍ବନ୍ଧରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଆମେ ଏହି ରିପୋର୍ଟକୁ ମଧ୍ୟ ଆଦେଶର ଏକ ଅଂଶିବିଶେଷରେ ପରିଣତ କରୁଛୁ ।''

ବନ୍ତାରା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମନ୍ତବ୍ୟ ଦେଇଥିଲେ ଯେ, ''ଏପରି କିଛି ଜିନିଷ ଅଛି ଯାହାକୁ ନେଇ ଆମେ ଗର୍ବ କରିପାରୁ । ଏଭଳି ପ୍ରସଙ୍ଗ ଉଠାଇ ଆମେ ଅଯଥାରେ ହୋହଲ୍ଲା କରାଯିବା ଉଚିତ ନୁହେଁ । ଆମ ଦେଶରେ ମଧ୍ୟ କିଛି ଭଲ ଜିନିଷକୁ ଘଟିବାକୁ ଅନୁମତି ଦିଆଯାଉ । ଯଦି କିଛି ଭଲ ହେଉଛି ତାହାକୁ ନେଇ ଆମେ ଖୁସି ହେବା ଉଚିତ ।''

ନ୍ୟାୟାଳୟଙ୍କ ମତରେ ଯଦି ଆଇନ ଅନୁଯାୟୀ ହାତୀଙ୍କର ଅଧିଗ୍ରହଣ କରାଯାଇଛି ତେବେ ସେଥିରେ ଭୁଲ୍ କ'ଣ ? ଯଦି ସମସ୍ତ ନିୟମର ଅନୁପାଳନ କରାଯାଇଛି ତେବେ ସମସ୍ୟା କ'ଣ ? ଏସ୍‌ଆଇଟି ସିଜେଡ୍‌ଏ, ସିବିଆଇ, ଇଡି, ଡିଆର୍‌ଆଇ, କଷ୍ଟମ୍ସ, ସିଆଇଟିଇଏସ୍ ନିକାୟ ଭଳି ଏକାଧିକ ଭାରତୀୟ ଏବଂ ବିଦେଶୀ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରାଣୀ ଅଧିଗ୍ରହଣ, ଚାଲାଣ, ଲଣ୍ଡରିଂ, ପ୍ରାଣୀ କଲ୍ୟାଣ, ସଂରକ୍ଷଣ, ଆର୍ଥିକ ଅନିୟମିତତା ଏବଂ ପରିବେଶୀୟ ସମସ୍ୟା ସମ୍ବନ୍ଧୀୟ ଆରୋପଗୁଡ଼ିକର ତଦନ୍ତ କରିଥିଲା । ତଦନ୍ତରେ କୌଣସି ଆଇନ କିମ୍ବା ନିୟମାବଳୀର ଉଲ୍ଲଂଘନ ଜଣାପଡ଼ି ନ ଥିଲା । ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨, ପ୍ରାଣୀ ଉଦ୍ୟାନ ନିୟମାବଳୀ, ସିଜେଡ୍‌ଏ ନିର୍ଦ୍ଦେଶାବଳୀ, ସୀମା ଶୁଳ୍କ ଅଧିନିୟମ, ଫେମା, ପିଏମ୍‌ଏଲ୍‌ଏ ଓ ସାଇଟ୍‌ସ ଉଲ୍ଲଂଘନ ସମ୍ବନ୍ଧୀୟ ସମସ୍ତ ଆରୋପ ଭିତ୍ତିହୀନ ଥିଲା । ଅଧିଗ୍ରହଣ କରାଯାଇଥିବା ପ୍ରାଣୀସମ୍ପଦକୁ ବିଧିବଦ୍ଧ ଅନୁମତି ଅଧୀନରେ ବନ୍ତାରାକୁ ଅଣାଯାଇଛି ।

ତଦନ୍ତରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ବନ୍ତାରାରେ ପ୍ରାଣୀଙ୍କ କଲ୍ୟାଣ, ପାଳନ ଏବଂ ଚିକିତ୍ସା ଯତ୍ନ ପାଇଁ ଉପଲବ୍ଧ ରହିଥିବା ବ୍ୟବସ୍ଥା ନିର୍ଦ୍ଧାରିତ ମାନକଠାରୁ ମଧ୍ୟ ଉଚ୍ଚମାନର ଅଟେ ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଏସ୍‌ଆଇଟି ଦ୍ୱାରା ମଧ୍ୟ ତାଙ୍କର ରିପୋର୍ଟ ମାଧ୍ୟମରେ ଜାମନଗରସ୍ଥିତ ପ୍ରାଣୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ବନ୍ତାରାକୁ କ୍ଲିନ୍‌ଚିଟ୍ ମିଳିସାରିଛି । ନ୍ୟାୟମୂର୍ତ୍ତି ପଙ୍କଜ ମିଥଲ ଓ ନ୍ୟାୟମୂର୍ତ୍ତି ପି.ବି. ବରାଲେଙ୍କୁ ନେଇ ଗଠିତ ପୀଠ ରିପୋର୍ଟକୁ ରେକର୍ଡକୁ ନେଇଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ବନ୍ତାରାରେ ଅନୁପାଳନ ଏବଂ ନିୟମାବଳୀ ଅନୁସରଣ ପ୍ରସଙ୍ଗକୁ ନେଇ ଏସ୍‌ଆଇଟି ସନ୍ତୁଷ୍ଟ ଅଛି ।

ନ୍ୟାୟାଳୟ ଏସ୍‌ଆଇଟି ରିପୋର୍ଟକୁ ସିଲ୍‌ବନ୍ଦ କରି ଗୋପନୀୟ ରଖିବାର ଆଦେଶ ଦେଇଛନ୍ତି । ଯଦିଓ ବନ୍ତାରାକୁ ତାହାର ନିଜସ୍ୱ



ବ୍ୟବହାର ପାଇଁ ତାହାର ପ୍ରତିଲିପି ଉପଲବ୍ଧ କରାଯିବ । ସର୍ବୋଚ୍ଚ ନ୍ୟାୟାଳୟ ଏସ୍‌ଆଇଟିର ତଦନ୍ତରୁ ମିଳିଥିବା ନିଷ୍କର୍ଷକୁ ଗୋପନୀୟ ବୋଲି ମାନିନାହାନ୍ତି । ନ୍ୟାୟାଳୟଙ୍କ ମତରେ ''ଆମେ ପ୍ରତିବାଦୀ – ବନ୍ତାରାକୁ ଯେକୌଣସି ଆପତ୍ତିଜନକ ପ୍ରକାଶନକୁ ହଟାଇବା କିମ୍ବା ବିଭ୍ରାନ୍ତିକର ସୂଚନା ପାଇଁ ଦାୟୀ ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ମାନହାନି ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନତା ପ୍ରଦାନ କରୁଛୁ ।''

ନ୍ୟାୟାଳୟ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଖବର ଏବଂ ବେସରକାରୀ ସଂଗଠନ ତଥା ବନ୍ୟଜନ୍ତୁ ସଂଗଠନଗୁଡ଼ିକର ବିଭିନ୍ନ ଅଭିଯୋଗ ଆଧାରରେ ବନ୍ତାରା ବିରୋଧରେ ଅନିୟମିତତାର ଆରୋପ ଲଗାଇଥିବା ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଭୂତପୂର୍ବ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ଜେ. ଚେଲମେଶ୍ୱରଙ୍କ ଅଧ୍ୟକ୍ଷତାରେ ଏକ ଚାରିଜଣିଆ ସଦସ୍ୟବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ଗଠନ କରିଥିଲେ । ବିଗତ ଅଗଷ୍ଟ ୨୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଏସ୍‌ଆଇଟିର ଗଠନ ପାଇଁ ଆଦେଶ ଦେଇଥିଲେ । ଏସ୍‌ଆଇଟି ଶୁକ୍ରବାର ଦିନ ମୁଦବିଆ ଲଫାପାରେ ନ୍ୟାୟାଳୟଙ୍କ ନିକଟରେ ନିଜର ରିପୋର୍ଟ ଦାଖଲ କରିଥିଲା ।



ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ନ୍ୟାଶ୍‌ନାଲ ମିଡିଆ ସେଣ୍ଟରରେ ସୋମବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର 'ସ୍ୱଚ୍ଛତା ହିଁ ସେବା ୨୦୨୫' ଉପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ-ଚମନ ଗୌତମ)

# ଆଜିଠୁ ଭାରତ-ଆମେରିକା ଷଷ୍ଠ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୫।୯(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତର ମୂଲ୍ୟ ସମ୍ବେଦନଶୀଳ କୃଷି ଓ ଦୁଗ୍ଧଜାତ ସାମଗ୍ରୀ ବଜାରରେ ଆମେରିକାର ପ୍ରବେଶକୁ ଅନୁମତିକୁ ନେଇ ଆଲୋଚନା ସ୍ଥଗିତ ରହିଥିଲା। ଆଲୋଚନା ପାଇଁ ଆମେରିକାର ମୁଖ୍ୟ ବୁଝାମଣାକାରୀ ବେଣ୍ଡନ୍ ଲିଞ୍ଚ୍ ଓ ତାଙ୍କ ଟିମ୍ ସୋମବାର ରାତିରେ ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ଷଷ୍ଠ ପର୍ଯ୍ୟାୟ ଆଲୋଚନା ଅଗଷ୍ଟ ଶେଷ ଭାଗରେ ହେବାକୁ ଥିଲା। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇବା କାରଣରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଯିବା ସହ ଆଲୋଚନାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ଆମେରିକାର ମୁଖ୍ୟ ବାଣିଜ୍ୟ ଦୂତ ଲିଞ୍ଚଙ୍କ ସହ ଭାରତର ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ତଥା ମୁଖ୍ୟ ମଧ୍ୟସ୍ଥ ରାଜେଶ ଅଗ୍ରୱାଲ ଆଲୋଚନା କରିବେ। ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ନଭେମ୍ବର ସୁଦ୍ଧା ଚୂଡ଼ାନ୍ତ ହେବା ଆବଶ୍ୟକ ବୋଲି ଗତ ସପ୍ତାହରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଥିଲେ। ଅତ୍ୟଧିକ ଟାରିଫ୍‌କୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତ୍ୟନ୍ତ ଉତ୍ତମ ବନ୍ଧୁ କହି ପ୍ରଶଂସା କରିବା ସହ ବାଣିଜ୍ୟ ପ୍ରତିବନ୍ଧକର ସମାଧାନ ଦିଗରେ ଭାରତ ଓ ଆମେରିକା ବୁଝାମଣା ଜାରି ରଖିବେ ବୋଲି କହିଥିଲେ। ମୋଦି ମଧ୍ୟ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଟ୍ରମ୍ପଙ୍କ ମନୋଭାବ ଓ ସକାରାତ୍ମକ ଆକଳନକୁ ଉଚ୍ଚ ପ୍ରଶଂସା କରିଥିଲେ।

# ୱାକ୍‌ଫ ବ୍ୟବସ୍ଥାରେ ରୋକକୁ ମୁସ୍‌ଲିମ୍ ସଙ୍ଗଠନ, ବିରୋଧୀଙ୍କ ସ୍ୱାଗତ

ନୂଆଦିଲ୍ଲୀ/ଲକ୍ଷ୍ନୌ,୧୫।୯(ପି.ଟି.)

## ସମ୍ପୂର୍ଣ୍ଣ ନ୍ୟାୟ ମିଳିବା ନେଇ ଆଶାବାଦୀ

ୱାକ୍‌ଫ ସଂଶୋଧନ ଆଇନର କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଥିବାବେଳେ ମୁସଲମାନ ସଙ୍ଗଠନଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି। ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ନ୍ୟାୟ ମିଳିବ ବୋଲି ସେମାନେ ଆଶାବାଦୀ ଥିବା କହିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉଭୟ ଅଖିଳ ଭାରତ ମୁସଲିମ୍ ପର୍ସୋନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଏବଂ ଅଲ୍ ଇଣ୍ଡିଆ ଶିୟା ପର୍ସୋନାଲ ଲ' ବୋର୍ଡ (ଏଆଇଏସ୍‌ପିଏଲ୍‌ବି) କହିଛନ୍ତି। କେବଳ କେତେକ ମୁଖ୍ୟ ବ୍ୟବସ୍ଥା ନୁହେଁ, ସର୍ବୋଚ୍ଚ ଅଦାଲତ ସଂପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବେ ବୋଲି ଏଆଇ ଏମ୍‌ପିଏଲ୍‌ବି ଆଶାବ୍ୟକ୍ତ କରିଛି। ୱାକ୍‌ଫ ସଂଶୋଧନ ଆଇନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲାଗୁ ହେବ ବୋଲି ମୁସଲମାନ ସମ୍ପ୍ରଦାୟ ଏବଂ ଏଆଇଏମ୍‌ପିଏଲ୍‌ବି ସଦସ୍ୟମାନେ ଚାହିଁଥିଲେ। ତେବେ ସୁପ୍ରିମକୋର୍ଟ ଏଥିପାଇଁ ମନା କରିଦେଲେ ବୋଲି ବୋର୍ଡର କାର୍ଯ୍ୟନିର୍ବାହୀ ସଦସ୍ୟ ରଶିଦ ଫରଙ୍ଗି ମାହାଲି କହିଛନ୍ତି। ତଥାପି ଆମେ ଯଥେଷ୍ଟ ଆଶ୍ୱସ୍ତ ହୋଇଛୁ ଏବଂ ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ଆଶ୍ୱସ୍ତ ହେବା ନେଇ ଆଶାବାଦୀ ରହିଛୁ ବୋଲି ସେ କହିଛନ୍ତି।

ସେହିପରି ବିରୋଧୀ ଦଳଗୁଡ଼ିକ ମଧ୍ୟ ସୁପ୍ରିମକୋର୍ଟଙ୍କ ୱାକ୍‌ଫ ଅନ୍ତରୀଣ ରାୟକୁ ସ୍ୱାଗତ କରିଛନ୍ତି। ଏହାକୁ ସେମାନେ ନ୍ୟାୟ, ସମାନତା ଓ ଭ୍ରାତୃତ୍ୱର ସାମ୍ବିଧାନିକ ମୂଲ୍ୟବୋଧର ବିଜୟ ବୋଲି କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ପାର୍ଲାମେଣ୍ଟରେ ଗୃହୀତ ଏହି ମନମାନି ଆଇନକୁ ବିରୋଧ କରୁଥିବା ପକ୍ଷଗୁଡ଼ିକର କେବଳ ବିଜୟ ହୋଇନାହିଁ ବରଂ ଏହା ଏକ ବଡ଼ ବିଜୟ। ଯୁଗ୍ମ ସଂସଦୀୟ କମିଟିର ସମସ୍ତ ସଦସ୍ୟ ଯେଉଁ ସବିଶେଷ ଅସହମତି ନୋଟ୍ ଦେଇଥିଲେ, ତାହାକୁ ଅଣଦେଖା କରାଯାଇଥିଲା। ଏବେ ତାହା ପ୍ରମାଣିତ ହୋଇଥିବା କଂଗ୍ରେସ ନେତା କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାୟକୁ ସ୍ୱାଗତ କରିବା ସହ ଏହା ଲୋକଙ୍କ ଆଶା ଓ ବିଶ୍ୱାସକୁ ସୁଦୃଢ଼ କରିଥିବା କହିଛନ୍ତି।

# ଅବୈଧ ଥିଲେ ବିହାର ଏସ୍‌ଆଇଆର୍‌କୁ ରଦ୍ଦ କରିଦେବୁ

ନୂଆଦିଲ୍ଲୀ,୧୫।୯(ପି.ଟି.)

## ଅକ୍ଟୋବର ୭ରେ ଚୂଡ଼ାନ୍ତ ଶୁଣାଣି

ନିର୍ବାଚନ କମିଶନ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ଆଇନ ଅନୁଯାୟୀ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚଳାଇଥିବା ନେଇ ଭରସା ରହିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ତେବେ କୌଣସି ପର୍ଯ୍ୟାୟରେ ଅବୈଧତା ରହିଥିଲେ, ସମ୍ପୂର୍ଣ୍ଣ କାର୍ଯ୍ୟକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ବିହାର ଏସ୍‌ଆଇଆର୍‌ର ବୈଧତା ଉପରେ ଚୂଡ଼ାନ୍ତ ଶୁଣାଣି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଥିବାବେଳେ ଏହା ଉପରେ କୌଣସି ସଂକ୍ଷିପ୍ତ ମତାମତ ଦେବାକୁ ମନା କରି ଦେଇଛନ୍ତି। ବିହାର ଏସ୍‌ଆଇଆର୍ ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ସାରା ଦେଶ ପାଇଁ ଲାଗୁ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରୁ ନିର୍ବାଚନ କମିଶନଙ୍କୁ ରୋକାଯାଇପାରିବ ନାହିଁ। ତେବେ ଅକ୍ଟୋବର ୭



ତାରିଖ ଚୂଡ଼ାନ୍ତ ଶୁଣାଣି ଦିନ ବିହାର ଏସ୍‌ଆଇଆର୍ ବିରୋଧରେ ପିଟିଶନ ଦାଖଲ କରିଥିବା ପକ୍ଷମାନେ ସାରା ଦେଶରେ ଏସ୍‌ଆଇଆର୍ ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକା ମାମଲାର ନ୍ୟାୟିକ ନିର୍ଣ୍ଣୟ ଉପରେ କୌଣସି ପାର୍ଥକ୍ୟ ରଖିବ ନାହିଁ। କେବଳ ଯଦି କୌଣସି ପର୍ଯ୍ୟାୟରେ ବେଆଇନ କାର୍ଯ୍ୟ ହୋଇଥିବା ଅଦାଲତ ଅନୁଭବ କରନ୍ତି, ତେବେ ତାହାକୁ ଖାରଜ କରିଦେଇପାରିବେ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ବିହାର ଏସ୍‌ଆଇଆର୍ ପାଇଁ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ୍ ଭାବେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କରୁଥିବାରୁ ଏହା ପଛର ଉଦ୍ଦେଶ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ନିର୍ବାଚନ କମିଶନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ପାଇଁ ୧୧ଟି ଦସ୍ତାବିଜ୍ ମାଗିଥିବାବେଳେ ସେଥିରେ ଆଧାର ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଚିଠା ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଲୋକ ବାଦ୍ ପଡ଼ିବାରୁ ଅନେକ ଯୋଗ୍ୟ ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି ବିରୋଧୀ ଆଶଙ୍କା ବ୍ୟକ୍ତ କରିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟାରୁ ନିବୃତ୍ତ କରି ନ ଥିଲେ ମଧ୍ୟ ଆଧାରକୁ ଭୋଟର ତାଲିକାରେ ସାମିଲ ଲାଗି ପ୍ରମାଣ ଭାବେ ଗ୍ରହଣ କରିବାକୁ କହିଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି ଏସ୍‌ଆଇଆର୍‌ର ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚାଇବାକୁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଉପସ୍ଥିତ ରହି ନିର୍ବାଚନ କମିଶନ ଅନ୍ୟ ରାଜ୍ୟଗୁଡ଼ିକରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଥିବା କହିଥିଲେ। ଏକ ବେଆଇନ ପଦ୍ଧତି ଯୋଗୁ କେହି ମତଦାନ ଅଧିକାରରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି କେତେକ ଆକ୍ଟିଭିଷ୍ଟଙ୍କ ତରଫରୁ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଖଣ୍ଡପୀଠଙ୍କୁ କହିଥିଲେ। ସମସ୍ତ ଯୁକ୍ତି ଶୁଣିବା ପରେ ଏସ୍‌ଆଇଆର୍ ପଦ୍ଧତିରେ ବେଆଇନ କାର୍ଯ୍ୟ ଥିବା ଜଣାପଡ଼ିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

# ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ କାର୍ ମଡ଼ାଇଥିବା ମହିଳା ଡ୍ରାଇଭର ଗିରଫ

ନୂଆଦିଲ୍ଲୀ, ୧୫।୯

ଦିଲ୍ଲୀରେ ରବିବାର ଏକ ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେବାରୁ ଅର୍ଥ ମନ୍ତ୍ରଣାଳୟର ଡେପୁଟି ସେକ୍ରେଟାରୀ ନବଜ୍ୟୋତ ସିଂଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଦିଲ୍ଲୀ ପୋଲିସ ଉକ୍ତ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିବା ଗଗନଦୀପ କୌରଙ୍କୁ ଗିରଫ କରିଛି। ଦୁର୍ଘଟଣାରେ ହରିୟାଣା ନିବାସୀ ଗଗନଦୀପ ଓ ତାଙ୍କ ସ୍ୱାମୀ ପରୀକ୍ଷିତ ମକ୍କଡ଼ ଆହତ ହୋଇଥିଲେ। ପୋଲିସ ଗଗନଦୀପଙ୍କୁ ହସ୍ପିଟାଲରୁ ଗିରଫ କରିଛି। ରବିବାର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେଶନ ନିକଟରେ ଦୁର୍ଘଟଣା ଘଟିବା ପରେ ଗଗନଦୀପ ଓ ତାଙ୍କ ସ୍ୱାମୀ ନବଜ୍ୟୋତଙ୍କୁ ନିକଟସ୍ଥ ହସ୍ପିଟାଲ ବଦଳରେ ୨୨ କି.ମି. ଦୂର ଜିଟିବି ନଗରସ୍ଥିତ ନ୍ୟୁ ଲାଇଫ୍ ହସ୍ପିଟାଲକୁ ନେଇଥିଲେ। ଫଳରେ ନବଜ୍ୟୋତଙ୍କ ଚିକିତ୍ସାରେ ବିଳମ୍ବରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ତାଙ୍କ ସ୍ତ୍ରୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

# ପାକ୍ ସେନା ଗୁଳିରେ ୩୧ ଆତଙ୍କବାଦୀ ନିହତ

ପେଶାୱର,୧୫।୯(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନରେ ଦୁଇଟି ଏନ୍‌କାଉଣ୍ଟରରେ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ୩୧ ଆତଙ୍କବାଦୀ ନିହତ ହୋଇଛନ୍ତି। ଶନିବାର ଓ ରବିବାର ଖାଇବର ପଖ୍‌ତୁନ୍‌ଖ୍ୱାର ଲାକ୍କି ମାରୱାତ୍ ଏବଂ ବାନ୍ନୁ ଜିଲାରେ ତଲାସି ଅଭିଯାନ ହୋଇଥିଲା। ପ୍ରଥମ ଏନ୍‌କାଉଣ୍ଟରରେ ୧୪ ଓ ଦ୍ୱିତୀୟ ଦିନ ଏନ୍‌କାଉଣ୍ଟରରେ ୧୭ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୧୦ରୁ ୧୩ ତାରିଖ ମଧ୍ୟରେ ସୈନ୍ୟଙ୍କ ଗୁଳିରେ ୪୫ ଆତଙ୍କବାଦୀ ଓ ୧୯ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ସୀମାନ୍ତ ରାଜ୍ୟଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି।

# ରାଜନୈତିକ ଦଳ 'କାର୍ଯ୍ୟସ୍ଥଳ' ନୁହେଁ

## ପୋସ୍ ଆଇନ ପରିସରଭୁକ୍ତ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୯

ରାଜନୈତିକ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଯୌନ ନିର୍ଯାତନା ନିରୋଧୀ ଆଇନରେ ସୁରକ୍ଷା (ପୋସ୍ ଆକ୍ଟ) ପରିସରକୁ ନେବା ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ପୋସ୍ ଆଇନରେ ରାଜନୈତିକ ଦଳଗୁଡ଼ିକୁ କିପରି 'କାର୍ଯ୍ୟସ୍ଥଳ' ସଂଜ୍ଞା ମଧ୍ୟରେ ରଖାଯାଇପାରିବ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଦଳ ଏବଂ ଏହାର କର୍ମୀମାନଙ୍କ ମଧ୍ୟରେ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

କେରଳ ହାଇକୋର୍ଟ ୨୦୨୨ ମାର୍ଚ୍ଚ ରାୟରେ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା(ପ୍ରତିକାର, ନିଷେଧ ଓ ନିବାରଣ) ଆଇନ, ୨୦୧୩ (ପୋସ୍ ଆକ୍ଟ)ର ଏକ ସଂକ୍ଷିପ୍ତ ବ୍ୟାଖ୍ୟା ଉପସ୍ଥାପନ କରିଥିଲେ। ଆଇନଜୀବୀ ଯୋଗମାୟା ଏମ୍‌ଜି ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ୍ (ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ରାଜନୈତିକ ଦଳ ଓ ଅନୁରୂପ ସଂସ୍ଥାଗୁଡ଼ିକରେ ପାରମ୍ପରିକ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥିବାରୁ ସେଗୁଡ଼ିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ଅନୁଗୃହୀତ ନୁହନ୍ତି।

DSPL-215

**ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0033/2526

# ୨୫ରୁ କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ

ମୁମ୍ବାଇ

ଆସନ୍ତା ୨୫ରୁ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ 'ଟୁ ମଚ୍ ୱିଥ୍ କାଜୋଲ ଆଣ୍ଡ ଟ୍ୱିଙ୍କଲ' ନାମକ ଏକ ଟକ୍ ଶୋ' ଆରମ୍ଭ ହେବ। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ। ରବିବାର ପ୍ରାଇମ୍ ଭିଡିଓ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ଏହାର ଟ୍ରେଲରକୁ ଜାରି କରାଯାଇଛି। ଏଥିରେ ଉଭୟ ହୋଷ୍ଟ ବଲିଉଡ୍‌ର ସାଥୀ ସେଲିବ୍ରିଟିମାନଙ୍କ ସହ ବିଭିନ୍ନ ମଜାଦାର ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ଅଭିନେତା ସଲ୍‌ମାନ ଖାନ୍, ଆମିର ଖାନ୍, ଭିକି କୌଶଲ, ଗୋବିନ୍ଦା, ଚଙ୍କି ପାଣ୍ଡେ, ଅଭିନେତ୍ରୀ ଆଲିଆ ଭଟ୍ଟ, କ୍ରିତି ସାନନ୍, ଜାହ୍ନବୀ କପୁର, ଫିଲ୍ମ ନିର୍ମାତା କରନ୍ ଜୋହର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ନେଇ ଅନେକ ମଜାଦାର ତଥ୍ୟ ଶେୟାର



ପ୍ରାଇମ୍ ଭିଡିଓ ପକ୍ଷରୁ ଉକ୍ତ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, ଆସନ୍ତା ୨୫ ତାରିଖରୁ ଏହି ମଜାଦାର ଟକ୍ ଶୋ' ପ୍ରିମିୟର ହେବ। ପ୍ରତି ଗୁରୁବାର କାଜୋଲ ଓ ଟ୍ୱିଙ୍କଲଙ୍କ ସହ ପ୍ରାଇମ୍ ଭିଡିଓ ଆପଣମାନଙ୍କୁ ମନୋରଞ୍ଜନ ଯୋଗାଇବ।

# ଭାରତରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ବଢ଼ିଛି

ନୂଆଦିଲ୍ଲୀ, ୧୫।୯ (ପି.ଟି.)

କ୍ୟାନ୍‌ସର, ହୃଦ୍‌ରୋଗ ପରି କ୍ରୋନିକ୍ ଡିଜିଜ୍ (ଦୀର୍ଘକାଳୀନ ରୋଗ)ରେ ମୃତ୍ୟୁ ସମ୍ଭାବନା ବଢ଼ିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଲାନ୍‌ସେଣ୍ଟ ପତ୍ରିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ସୋମବାର ପ୍ରକାଶ ପାଇଛି। ଅଧ୍ୟୟନ ଅନୁଯାୟୀ, ୨୦୧୦ରୁ ୨୦୧୯ ମଧ୍ୟରେ ଭାରତରେ କ୍ରୋନିକ୍ ଡିଜିଜ୍‌ରେ ପୀଡ଼ିତ ଥିବା ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟା ବଢ଼ିଛି। ତେବେ ଗତ ଦଶନ୍ଧିରେ ବୈଶ୍ୱିକ ସ୍ତରରେ ୫ରୁ ୪ ଦେଶରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ହ୍ରାସ ପାଇଥିବାରୁ ଏହି ଅଧ୍ୟୟନ ଭାରତର ଚିନ୍ତା ବଢ଼ାଇଛି। ବ୍ରିଟେନ୍‌ର ଇମ୍ପେରିଆଲ କଲେଜ ଲଣ୍ଡନର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ଭାରତରେ ପୁରୁଷଙ୍କ ତୁଳନାରେ କ୍ରୋନିକ୍ ଡିଜିଜରେ ପୀଡ଼ିତ ହୋଇ ଅଧିକ ମହିଳାଙ୍କର ମୃତ୍ୟୁ ଘଟିଛି। ଦେଶରେ ହୃଦ୍‌ରୋଗ ଏବଂ ମଧୁମେହରେ ପୀଡ଼ିତ ହୋଇ ସର୍ବାଧିକ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି।

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ | Bhubaneswar, Tuesday, September 16/2025 | ପୃଷ୍ଠା-୧







# ୧୨ ଜିଲାରେ ୨୭ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର

## ବିନିଯୋଗ ହେବ ୨୫ ହଜାର କୋଟି

### ଓଡ଼ିଶା ଶିଳ୍ପ ଇତିହାସରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ

- ୫୨ ହଜାର ନିଯୁକ୍ତି ସୁଯୋଗ ସୁନିଶ୍ଚିତ ହୋଇଛି
- ୧୫ ମାସରେ ସରକାର ୨୬୦ ଶିଳ୍ପ ପ୍ରକଳ୍ପ ମଞ୍ଜୁର କଲେଣି

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)



ଭୁବନେଶ୍ୱର ଓ୍ୱାଇଏଟି କନ୍‌ଭେନସନ ସେଣ୍ଟରରେ ସୋମବାର ଆୟୋଜିତ ୧୨ ଜିଲାର ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ (ବାମରୁ) ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏସ୍‌ଆର୍‌ଏଫ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ ଭରତରାମ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। (ଫଟୋ:ବିକାଶ ନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଓ୍ୱାଇଏଟି କନ୍‌ଭେନସନ ସେଣ୍ଟରଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ ଜିଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିହୋଇଛି ବୋଲି ସେ କହିଛନ୍ତି। ୨୭ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି। ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧିପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକ୍ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିବା ଭଳି ସାମଗ୍ରୀ ନିର୍ମାଣ କରୁଛୁ। ଆମ ସରକାର ମାତ୍ର ୧୫ ମାସ ହେବ ଓଡ଼ିଶାର ଶାସନ ଦାୟିତ୍ୱ ନେଇଛନ୍ତି। ଏହି ଅଳ୍ପ ସମୟ ମଧ୍ୟରେ ସରକାର ୨୬୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଆମେ ୮୪ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ। ଏହାଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ହୋଇପାରିଛି ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇଛି। ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଶିଳ୍ପ ☞ପୃଷ୍ଠା–୨

# ଓ୍ୱାକ୍‌ଫ: ଜିଲାପାଳଙ୍କ କ୍ଷମତା ଉପରେ ସ୍ଥଗିତାଦେଶ

**କେନ୍ଦ୍ର ସରକାରଙ୍କ ବିବାଦୀୟ ଓ୍ୱାକ୍‌ଫ ସଂଶୋଧନ ଆଇନରେ କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ତେବେ ସମ୍ପୂର୍ଣ୍ଣ ଆଇନ ଉପରେ ରୋକ୍ ଲଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଓ୍ୱାକ୍‌ଫ କରିବା ପାଇଁ ନୂଆ ଆଇନରେ ଜଣେ ଅନ୍ୟୂନ ୫ ବର୍ଷ ଇସ୍‌ଲାମ ଧର୍ମ ପାଳନ କରିବା ବ୍ୟବସ୍ଥା ରହିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଓ ରାଜ୍ୟ ଓ୍ୱାକ୍‌ଫ ବୋର୍ଡରେ ଅଣମୁସଲମାନ ସଦସ୍ୟ ମନୋନୟନ ସଂଖ୍ୟାକୁ ମଧ୍ୟ ଅଦାଲତ ସୀମିତ ରଖିଛନ୍ତି। ସବୁଠୁ ବଡ଼ କଥା ହେଲା କୌଣସି ସମ୍ପତ୍ତିକୁ ଓ୍ୱାକ୍‌ଫ ବିବେଚନା କରାଯାଇପାରିବ କି ନାହିଁ ତାହା ଉପରେ ନିଷ୍ପତ୍ତି ନେବା କ୍ଷମତା ଜିଲାପାଳଙ୍କୁ ଦିଆଯାଇଥିଲା। ସୁପ୍ରିମକୋର୍ଟ ଏହି ବ୍ୟବସ୍ଥା ଉପରେ ରୋକ୍ ଲଗାଇଛନ୍ତି। ବ୍ୟକ୍ତିଗତ ନାଗରିକଙ୍କ ଅଧିକାର ଉପରେ ଜିଲାପାଳ ନିର୍ଣ୍ଣୟ ନେବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହା କ୍ଷମତା ବିକେନ୍ଦ୍ରୀକରଣର ଉଲ୍ଲଂଘନ ହେବ ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି।**

### ବୋର୍ଡରେ ଅଣମୁସଲମାନଙ୍କ ସଂଖ୍ୟା ସୀମିତ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୫।୯

ଓ୍ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା କେତେଗୁଡ଼ିଏ ପିଟିଶନ୍‌ର ଶୁଣାଣି କରିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ସୋମବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଉପରୋକ୍ତ ବ୍ୟବସ୍ଥା କ୍ଷମତାର ମନମାନି ପ୍ରୟୋଗ ହୋଇଥିବାରୁ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ଆବେଦନଗୁଡ଼ିକର ବିଚାର ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟବସ୍ଥାଗୁଡ଼ିକ ସ୍ଥଗିତ ରହିଲା ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ଓ୍ୱାକ୍‌ଫ ସମ୍ପତ୍ତି ପଞ୍ଜୀକରଣ ଆବଶ୍ୟକତା ଉପରେ ସ୍ଥଗିତାଦେଶ ଦେବାକୁ ଅଦାଲତ ମନା କରିଦେଇଛନ୍ତି। ଆଇନ ସଂଶୋଧନ ହେବା ପୂର୍ବରୁ ଏହି ବ୍ୟବସ୍ଥା ରହିଥିଲା ବୋଲି ବିଚାରପତି କହିଛନ୍ତି।

୧୨୮ ପୃଷ୍ଠାର ଅନ୍ତରୀଣ ରାୟରେ ସିଜେଆଇ ଗବଇ ଏବଂ ଜଷ୍ଟିସ୍ ମସିହ କହିଛନ୍ତି, ସବୁବେଳେ ଆଇନର ସାମ୍ବିଧାନିକତା ସପକ୍ଷରେ ପରିକଳ୍ପନା କରାଯାଇଥାଏ ଏବଂ କେବଳ ବିରଳରୁ ବିରଳତମ ମାମଲାରେ ଅଦାଲତ ହସ୍ତକ୍ଷେପ କରିଥାନ୍ତି। ସମ୍ପୂର୍ଣ୍ଣ ଆଇନର ବ୍ୟବସ୍ଥାଗୁଡ଼ିକୁ ସ୍ଥଗିତ ରଖିବା ପାଇଁ କୌଣସି ମାମଲା ଆମେ ପାଇନାହୁଁ। ତେଣୁ ସମ୍ପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବା ଆବେଦନକୁ ଖାରଜ କରାଗଲା। ତେବେ ପକ୍ଷମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସନ୍ତୁଳନକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ କ୍ଷମତା ସମେତ ୩ଟି ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଜାରି କରାଗଲା। ତଦନୁଯାୟୀ କେନ୍ଦ୍ରୀୟ ଓ୍ୱାକ୍‌ଫ କାଉନ୍‌ସିଲ୍‌ରେ ୨୦ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୪ରୁ ଅଧିକ ହୋଇପାରିବ ନାହିଁ। ସେହିପରି ରାଜ୍ୟ ଓ୍ୱାକ୍‌ଫ ବୋର୍ଡର ମୋଟ ୧୧ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୩ରେ ସୀମିତ ରହିବ ବୋଲି କୋର୍ଟ କହିଛନ୍ତି। ସେହିପରି ସଂଶୋଧିତ ଆଇନର ଧାରା ୩ର ଉପଧାରା ଆର୍ ଅନୁଯାୟୀ, ଜଣେ ବ୍ୟକ୍ତି ଓ୍ୱାକ୍‌ଫ କରିବାକୁ ହେଲେ ଅନ୍ୟୂନ ୫ ବର୍ଷ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ଆବଶ୍ୟକତା ଉପରେ ସ୍ଥଗିତାଦେଶ ରାଜ୍ୟ ସରକାର ନୂଆ ନିୟମାବଳୀ ଆଣିବା ପର୍ଯ୍ୟନ୍ତ ଜାରି ରହିବ। ଉପଯୁକ୍ତ ଅଧିକାରୀ ରିପୋର୍ଟ ଦାଖଲ ନ କରିବା ପର୍ଯ୍ୟନ୍ତ କୌଣସି ସମ୍ପତ୍ତିକୁ ଓ୍ୱାକ୍‌ଫ ସମ୍ପତ୍ତି ବିବେଚନା କରାଯିବ ନାହିଁ ବୋଲି ☞ପୃଷ୍ଠା–୨

# ସ୍ୱର୍ଗଦ୍ୱାର: ଜଳିବା ପୂର୍ବରୁ ଆଖି ଖୋଲିଲେ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)



ପୁରୀ ମେଡିକାଲରେ ଚିକିତ୍ସାଧୀନ ଥିବା ପି.ଲକ୍ଷ୍ମୀ।

ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ଅପରାହ୍ଣରେ ଏକ ଅଭାବନୀୟ ତଥା ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ଶବଦାହ ନିମନ୍ତେ ସ୍ୱର୍ଗଦ୍ୱାରକୁ ଆସିଥିବା ଜଣେ ବୃଦ୍ଧା ଚୁଇରେ ଜଳିବା ପୂର୍ବରୁ ହଠାତ ଜୀବିତ ହୋଇଯିବା ଦେଖିବାକୁ ମିଳିଛି। ବୃଦ୍ଧା ଜଣଙ୍କ ହେଲେ ଗଞ୍ଜାମ ଜିଲା ଚିକିଟି ପୋଲସରା ଅଞ୍ଚଳର ୮୬ ବର୍ଷୀୟା ପି. ଲକ୍ଷ୍ମୀ। ଏହି ଘଟଣା ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ଅନୁଯାୟୀ, ସୋମବାର ପି. ଲକ୍ଷ୍ମୀଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ତାଙ୍କ ମୃତଦେହ ସତ୍କାର ପାଇଁ ଆମ୍ବୁଲାନ୍ସ ଯୋଗେ ଗଞ୍ଜାମରୁ ପୁରୀ ସ୍ୱର୍ଗଦ୍ୱାରକୁ ଆଣିଥିଲେ। ତେବେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ଆବଶ୍ୟକ ଥିବା ମେଡିକାଲ ଡକ୍ୟୁମେଣ୍ଟ ଏବଂ ଆଧାର କାର୍ଡ ପରିବାର ଲୋକେ ସାଙ୍ଗରେ ଆଣି ନ ଥିଲେ। ଫଳରେ ଶେଷକୃତ୍ୟ ସମ୍ପନ୍ନରେ ବିଳମ୍ବ ହୋଇଥିଲା। ଲକ୍ଷ୍ମୀଙ୍କୁ ସେହିପରି ରଖାଯାଇଥିଲା। ତେବେ ଏହି ସମୟରେ ସ୍ୱର୍ଗଦ୍ୱାର କର୍ମଚାରୀଙ୍କ ନଜର ଲକ୍ଷ୍ମୀଙ୍କ ଉପରେ ପଡ଼ିଥିଲା। ଲକ୍ଷ୍ମୀ ନିଃଶ୍ୱାସ ନେଉଥିବା ସହ ଆଖି ମିଟିମିଟି କରୁଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ କର୍ମଚାରୀମାନେ ପୁରୀ ସ୍ୱର୍ଗଦ୍ୱାର ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ଏବଂ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସ୍ୱର୍ଗଦ୍ୱାର ନିକଟକୁ ଡାକିଥିଲେ। ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଅପରପକ୍ଷରେ ପି. ଲକ୍ଷ୍ମୀ ଜୀବିତ ଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ଜାଣିବା ପରେ ଖୁସି ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ବିନା ଡାକ୍ତରୀ ପରୀକ୍ଷାରେ ବୃଦ୍ଧାଙ୍କୁ କିପରି ମୃତ ଭାବି ପରିବାର ଲୋକେ ଦାହ କରିବାକୁ ନେଉଥିଲେ, ତାହା ଏବେ ପ୍ରଶ୍ନବାଚୀ ହୋଇଛି।

# ଆରମ୍ଭ ହେଲା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

### ୨,୮୩,୨୬୪ ଅଭିଯୋଗର ହେବ ସମାଧାନ

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନା ସହାୟତାରୁ ବଞ୍ଚିତ ହେବେନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ ଓ ସୁଗମ କରାଯିବ।

ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆହୁରି କହିଛନ୍ତି, ଉକ୍ତ ମଡ୍ୟୁଲ ମାଧ୍ୟମରେ ସୁଭଦ୍ରା ଆବେଦନକାରୀଙ୍କ ଅଭିଯୋଗ ଯଥା– ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ସୁଭଦ୍ରା ପୋର୍ଟାଲରେ ଅନ୍‌ଲାଇନ ଦ୍ୱାରା କିମ୍ବା ବିଭିନ୍ନ ସରକାରୀସ୍ତରରେ ଅଫ୍‌ଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍‌ସ୍ତରୀୟ ସ୍କ୍ରୁଟିନି କମିଟି ବା ଯାଞ୍ଚ କମିଟି କିମ୍ବା ନଗର ସ୍ତରୀୟ ଯାଞ୍ଚ କମିଟି ପାଖରେ ଦାଖଲ କରାଯିବ। ଆବଶ୍ୟକ ପଡ଼ିଲେ କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ। କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାରକରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବ। ଏହାପରେ କମିଟି ଯାଞ୍ଚ ରିପୋର୍ଟ ସହ ଜିଲାସ୍ତରୀୟ କିମ୍ବା ନଗର ନିଗମ ସ୍ତରୀୟ ଯାଞ୍ଚ କମିଟି ନିକଟକୁ ପଠାଇବ। ଜିଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ। ହିତାଧିକାରୀମାନେ ସୁଭଦ୍ରା ୱେବ୍ ପୋର୍ଟାଲରେ ସେମାନଙ୍କ ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ।

ଆଜିର ସମ୍ପାଦକୀୟ | ଅନ୍ୟାୟ ବନ୍ଧ୍ୟା ହେଉଛି

# ସିବିଏସ୍‌ଇର ନୂଆ ନିୟମ

### ଗୋଟିଏ ସ୍କୁଲରେ ୨ବର୍ଷ ପଢ଼ିଲେ ବୋର୍ଡ ପରୀକ୍ଷା ପାଇଁ ଯୋଗ୍ୟ ହେବେ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସୋମବାର ନୂଆ ନିୟମ ଜାରି କରିଛି। ଏଣିକି ବୋର୍ଡ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ କ୍ରମାଗତ ଦୁଇବର୍ଷ ଗୋଟିଏ ସ୍କୁଲରେ ପଢ଼ିବାକୁ ପଡ଼ିବ। ଏଥିସହ ଦଶମ ଓ ଦ୍ୱାଦଶ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ଭାବେ ଆଉ ୬ଟି ସର୍ତ୍ତାବଳୀ ପୂରଣ କରିବାକୁ ପଡ଼ିବ। ☞ପୃଷ୍ଠା–୨

# ପୃଥିବୀ ଆଡ଼କୁ ବଢ଼ୁଛି କୁତବମିନାର ଆକୃତିର କ୍ଷୁଦ୍ରଗ୍ରହ

ୱାଶିଂଟନ୍, ୧୫।୯



ଆସନ୍ତା ୧୮ରେ ଏକ ବିରଳ ମହାଜାଗତିକ ଘଟଣା ଘଟିବାକୁ ଯାଉଛି। ୨୦୨୫ ଏଫ୍‌ଏ ୨୨ ନାମକ ଏକ କ୍ଷୁଦ୍ରଗ୍ରହ ପୃଥିବୀ ନିକଟ ଦେଇ ଅତିକ୍ରମ କରିବ ବୋଲି ସୋମବାର ଆମେରିକୀୟ ମହାକାଶ ସଂସ୍ଥା 'ନାସା' ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପ୍ରତି ନାସାର ସେଣ୍ଟର ଫର୍ ନିୟର୍ ଆର୍ଥ ଅବଜେକ୍ଟ ଷ୍ଟଡିଜ୍ (ସିଏନ୍‌ଇଓଏସ୍) ଏବଂ ଜେଟ୍ ପ୍ରପଲସନ୍ ଲାବୋରେଟୋରି (ଜେପିଏଲ୍) ଦ୍ୱାରା ଏହି କ୍ଷୁଦ୍ରଗ୍ରହର ଗତିପଥକୁ ଟ୍ରାକ୍ କରାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାର ହାୱାଇସ୍ଥିତ 'ପ୍ୟାନ୍-ଷ୍ଟାର୍ସ ୨ ସର୍ଭେ' ଦ୍ୱାରା ଏହି କ୍ଷୁଦ୍ରଗ୍ରହକୁ ଆବିଷ୍କାର କରାଯାଇଥିଲା। ଏହାର ବ୍ୟାସାର୍ଦ୍ଧ ୧୨୦ରୁ ୨୮୦ ମିଟର ମଧ୍ୟରେ ହୋଇପାରେ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଏହି ଦୃଷ୍ଟିକୋଣରୁ ଏଫ୍‌ଏ ୨୨ ଦିଲ୍ଲୀରେ ଥିବା ପ୍ରସିଦ୍ଧ ଦର୍ଶନୀୟ ସ୍ଥଳୀ କୁତବମିନାରଠାରୁ ସର୍ବନିମ୍ନ ୨ ଗୁଣା ଏବଂ ସର୍ବାଧିକ ୪ ଗୁଣା ଉଚ୍ଚ ହେବ। ଏହି ଆଷ୍ଟରଏଡ୍ ସୂର୍ଯ୍ୟଙ୍କ ଚାରିପାଖରେ ଏକ ସାମାନ୍ୟ ଢଳିଥିବା କକ୍ଷପଥରେ ଘୂରିଥାଏ। ଏହାର କକ୍ଷପଥର ଅବଧି ପ୍ରାୟ ୧.୮୫ ବର୍ଷ ରହିଛି। ଆସନ୍ତା ୧୮ରେ ଏହି କ୍ଷୁଦ୍ରଗ୍ରହ ପୃଥିବୀଠାରୁ ପ୍ରାୟ ୮ ଲକ୍ଷ ୪୨ ହଜାର କି.ମି. ଦୂର ଦେଇ ଅତିକ୍ରମ କରିବ। ଉକ୍ତ ଦୂରତା ଚନ୍ଦ୍ରଠାରୁ ପୃଥିବୀର ଦୂରତା ତୁଳନାରେ ୨ ଗୁଣ ଅଧିକ। ଇଣ୍ଟରନ୍ୟାଶନାଲ ଆଷ୍ଟରଏଡ୍ ଓ୍ୱାର୍ନିଂ ନେଟ୍‌ୱର୍କ (ଆଇଏଡବ୍ଲ୍ୟୁଏନ୍) ସମ୍ପ୍ରତି ଉଭୟ ରାଡାର ଏବଂ ଶକ୍ତିଶାଳୀ ଅପ୍ଟିକାଲ ଟେଲିସ୍କୋପର ବ୍ୟବହାର କରି ଏଫ୍‌ଏ୨୨ କ୍ଷୁଦ୍ରଗ୍ରହର କକ୍ଷପଥ ଏବଂ ଗଠନକୁ ନେଇ ଅଧ୍ୟୟନ ଜାରି ରଖିଥିବା ନାସା ସୂଚନା ଦେଇଛି। ତେବେ ଏଫ୍‌ଏ୨୨ ପୃଥିବୀ ନିକଟ ଦେଇ ଅତିକ୍ରମ କରିବା ପ୍ରଭାବରେ କୌଣସି ବିପଦ ଆଶଙ୍କା ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ: ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

**କଟକ**
- ବଡ଼ମ୍ବା ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ, ସ୍ଥାନ: ମହାକାଳୀ ପୀଠସ୍ଥିତ କଲ୍ୟାଣ ମଣ୍ଡପ ଖାରୋଡ଼, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୦ଟା ।
- ଚତୁର୍ଥ ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କଟକ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଅବସରରେ ସତ୍‌ସଙ୍ଗ, ସ୍ଥାନ: କଟକ ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦ ।

**ପୁରୀ**
- ରକ୍ତଦାନ ଶିବିର, ସ୍ଥାନ: ମୋତି କଲ୍ୟାଣ ମଣ୍ଡପ, କାକଟପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସିପକ୍‌ଟାକ୍ରୋ ଚାମ୍ପିଅନଶିପ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।
- ନିମାପଡ଼ା ଏନ୍‌ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶହୀଦ ଦିବସ ପାଳନ ସମାରୋହ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: ଥାନା ସମ୍ମୁଖ ଶହୀଦ ପଡ଼ିଆ, ସମୟ: ଅପରାହ୍ନ ୩ଟା ।

**ବାଲେଶ୍ୱର**
- ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ।
- ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ ଭବନ, ପଞ୍ଚୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ।

**ଭଦ୍ରକ**
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭଇଁସାହି ପଞ୍ଚାୟତ ଅଫିସ୍, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ।

**କେନ୍ଦୁଝର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ ଉଦ୍‌ଯାପନ, ସ୍ଥାନ: ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା ।

**ମୟୂରଭଞ୍ଜ**
- ଶିଶୁ ମହୋତ୍ସବ ମହକ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା ।

**ବ୍ରହ୍ମପୁର**
- କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ନାଇପର ପ୍ରତିଷ୍ଠା ପାଇଁ ରାଲି, ସ୍ଥାନ: ହିଲପାଟଣା ଗଣେଶ ମନ୍ଦିର, ସମୟ: ଅପରାହ୍ନ ୩ଟା ।

**ଗଞ୍ଜାମ**
- ଏକ୍‌ପେଡ୍ ମା' କେ ନାମ୍ କାର୍ଯ୍ୟକମ, ସ୍ଥାନ: ପାତ୍ରପୁର ବ୍ଲକ୍ ପୋଡାଡିହି , ସମୟ: ସକାଳ ୮ଟା ।
- ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ରାଜସ୍ୱ ସମ୍ମିଳନୀ, ସ୍ଥାନ: ଛତ୍ରପୁର ଋଷିକୂଲ୍ୟା ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ ଟା ୧୫ ।
- ଏକ୍‌ପେଡ୍ ମା' କେ ନାମ୍, ସ୍ଥାନ: କୁକୁଡାଖଣ୍ଡି ବ୍ଲକ୍ ବୋରିଗାଁ, ସମୟ: ଅପରାହ୍ନ ୨ ଟା ।
- ମିଳିତ କ୍ରିୟାନୁଷ୍ଠାନ ରାଲି ଓ ସ୍ମାରକପତ୍ର, ସ୍ଥାନ: ଜିଲପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା ।

**ଅନୁଗୋଳ**
- ସ୍ୱଚ୍ଛତା ପକ୍ଷ ପାଳନ ଦିବସରେ ଶପଥ ପାଠ, ସ୍ଥାନ: ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ଆଠମଲ୍ଲିକ କଲ୍ୟାଣ ମଣ୍ଡପ: ସମୟ : ସକାଳ ୮ଟା ।

**କେନ୍ଦ୍ରାପଡ଼ା**
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ତୃତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।

**ରାୟଗଡ଼ା**
- ମହିଳାଙ୍କୁ ମିଲେଟ ତିଆରି ସାମଗ୍ରୀ ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋକୁଲମୁଣ୍ଡା ଗ୍ରାମ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା ।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଡାଙ୍ଗ ସୋରଡ଼ା ଶିବ ମନ୍ଦିର ପଡ଼ିଆ, ଚନ୍ଦ୍ରପୁର, ସମୟ: ରାତି ୧୦ଟା ।

**କୋରାପୁଟ**
- କୋଟ୍‌ସ ଓ ଇଗ୍ନୋ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: କୋଟସ ସେମିନାର ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ମାଲକାନଗିରି**
- ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପରିଷଦ ବୈଠକ, ସ୍ଥାନ: ମାଲକାନଗିରି ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ସମ୍ବଲପୁର ରାମଲୀଳା ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ।

**ବଲାଙ୍ଗୀର**
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ଓଜନ ଦିବସ ପାଳନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ।

**ରାଉରକେଲା**
- ଗାୟତ୍ରୀ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ସେକ୍ଟର– –୨ ଗାୟତ୍ରୀ ପୀଠ, ସମୟ: ସକାଳ ୫ଟା ୩୦ ।
- ହୋମିଓପାଥି କଲେଜରେ ରକ୍ତଦାନ ଶିବିର, ସ୍ଥାନ: ସେକ୍ଟର–୨୧, ସମୟ: ପୂର୍ବାହ୍ନ ୧୦ଟା ।
- ମ୍ୟୁନିସିପାଲ କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଜେଲ୍ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୫ଟା ୩୦ ।

**ସୁନ୍ଦରଗଡ଼**
- ଜିଲା ପରିଷଦ ବୈଠକ,ସ୍ଥାନ:ବିକାଶ ଭବନ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ୧୦ଟା ୩୦ ।
- ଜିଲା ସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା ୩୦ ।

**ବରଗଡ଼**
- ଅଭିଭାବକ ସଂଘର ଧାରଣା, ସ୍ଥାନ: ଦଧିବାମନ ହାଇସ୍କୁଲ, କୁମେଲସିଂହା, ଅତାବିରା, ସମୟ: ସକାଳ ୯ଟା ୩୦ ।
- ବୀର ମନୋହର ସିଂଙ୍କ ବଳିଦାନ ଦିବସ, ସ୍ଥାନ: ଚିତାଖାଇ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।

**କଳାହାଣ୍ଡି**
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ମର୍‌କି ଫୋଟୋ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ଏକ ପେଡ୍ ମାଁ କେ ନାମ୍ ସଚେତନତା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା ।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ବ୍ଲକସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ମା' ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପରିସର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ।
- ଦେବିବୁଢ଼ୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବହଳପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା ।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିରରେ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

**ନୂଆପଡ଼ା**
- ଷଷ୍ଠତମ ରୟାଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଖେଳପଡିଆ, ସମୟ: ଅପରାହ୍ନ ୩ଟା ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ଖଡିଆଲ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ତୃତୀୟସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ । ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ଲାଭକରିବେ । ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବାର ଯୋଜନା କାର୍ଯ୍ୟକାରୀ ହେବ । ତର୍କବିତର୍କକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ସୃଷ୍ଟି ହୋଇପାରେ ।

**ବୃଷ** ଭାଗ୍ୟାଧିପ ଏକାଦଶସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ମିଳିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ଅପ୍ରିୟ ସତ୍ୟ ଭାଷଣ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟିକରିବ । ରାଜନୈତିକ ଓ ପ୍ରଶାସନିକ ସ୍ତରରେ ବିଚାରବିମର୍ଶ ସହ ତତ୍ପରତା ବଢ଼ିପାରେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବା ଆଶା ରହିଛି ।

**ମିଥୁନ** ରାଶିରେ ଧନକର୍ମାଧିପତିଙ୍କ ସଂଯୋଗ ହେତୁ କର୍ମାରମ୍ଭ ସକାଶେ ଜୋର୍‌ସୋରରେ ପ୍ରସ୍ତୁତି ଚଳାଇ ପାରନ୍ତି । ବନ୍ଧୁ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟ ପ୍ରୀତିପ୍ରଦ ହେବ । ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ଅଫିସିଆଲି କାମରେ କେତେକ ଘଟଣା ମୁଣ୍ଡବିନ୍ଧାର କାରଣ ପାଲଟିଯାଇପାରେ ।

**କର୍କଟ** ରାହୁଦୃଷ୍ଟ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବହେଳାକରି ଅନୁତପ୍ତ ହେବେ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ । ପରିବାରର ଆବଶ୍ୟକତା ପୂରଣ ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି । ସାମାଜିକ ସ୍ତରରେ ପ୍ରଶଂସିତ ହେବା ସହ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ସିଂହ** ସ୍ୱଗୃହୀ ରବିଙ୍କ ଯୋଗୁ ଦକ୍ଷତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ସ୍ତରରେ ସମ୍ମାନର ଶୀର୍ଷକୁ ନେବାରେ ସାହାଯ୍ୟ କରିବ । ସ୍ୱାସ୍ଥ୍ୟରେ ଉନ୍ନତି ସହ କାର୍ଯ୍ୟହାସଲରେ ଆନନ୍ଦ ଅନୁଭବ କରିବେ । ଉପରିସ୍ଥଙ୍କ ଆଦେଶରେ ନୂତନ ଦାୟିତ୍ୱ ହାତକୁ ନେବେ । ଆଜିର ଯାତ୍ରା, ପ୍ରଶାସନ ଓ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ ।

**କନ୍ୟା** ବୁଧ ରାଶିରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ କାମ ହାସଲକରିବେ । କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି । ରାଜନୈତିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମର ପରିସ୍ଥିତି ଗମ୍ଭୀର ରହିବ । ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆବଶ୍ୟକ ସାହାଯ୍ୟ କରିବେ ।

**ତୁଳା** ଦଶମ କେନ୍ଦ୍ରରେ ବୃହସ୍ପତିଙ୍କ ଯୋଗୁ ଆପଣଙ୍କର ଅନୁକମ୍ପାର ଆବଶ୍ୟକତାକୁ ନେଇ ସମ୍ପର୍କୀୟ ଆଶାୟୀ ହେବେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରୁ ଉପକୃତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ । ପାରିବାରିକ ସ୍ଥିତି ପୂର୍ବପରି ରହିବା ସହ ଯାତ୍ରା, ଆଲୋଚନା, ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିପାରନ୍ତି ।

**ବିଛା** ଗୁରୁ ଦୃଷ୍ଟିରେ ମଙ୍ଗଳ ଯୋଗୁ ସଂଯମ ଚିନ୍ତାଧାରା ସହ ଦୁଃସାହସିକ ପଦକ୍ଷେପ କାର୍ଯ୍ୟ ହାସଲରେ ସହାୟକ ହେବ । ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ ଆଶାଜନକ ଖବର ପାଇ ଖୁସିହେବେ । ବନ୍ଧୁଙ୍କ ସହ ଆଳାପରେ ସମୟ କଟିପାରେ । ସଭାସମିତି, ଜମିଜମା କାରବାରରେ ସମସ୍ୟାର ସରଳ ସମାଧାନ କରିପାରିବେ ।

**ଧନୁ** ଚନ୍ଦ୍ର ସହ ଗୁରୁଙ୍କ ଦୃଷ୍ଟି କାରଣରୁ ଦୀର୍ଘଦିନର ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ । ଆଜିର ଦୂରଯାତ୍ରା ସଫଳ ହେବ । ନୂତନ ଜିନିଷ ଲାଭକରି ପରିବାରରେ ଆଦରଣୀୟ ହେବେ । ପଡ଼ୋଶୀଙ୍କ କଳହ ମାନସିକ ଅଶାନ୍ତିର କାରଣ ହୋଇପାରେ । ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସି ରହିପାରନ୍ତି ।

**ମକର** କୋଣଭାବକୁ ମଙ୍ଗଳଙ୍କ ଦୃଷ୍ଟିରୁ ଦୁଶ୍ଚିନ୍ତା ଦୂରେଇଯିବା ସହ କାମ ହାସଲକରିବେ । ପାରସ୍ପରିକ ବୁଝାମଣା ପାରିବାରିକ ଜୀବନରେ ଆଶାର ଆଲୋକକୁ ପ୍ରଜ୍ୱଳିତ କରିବ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ । ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି ।

**କୁମ୍ଭ** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟରେ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟକାରୀ ମନୋବୃତ୍ତିରୁ ଖୁସି ହେବେ । କିଛି ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ କଟିବ । ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ବ୍ୟବସାୟରେ ସଫଳତା ହାସଲକରିବେ, କିନ୍ତୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟିକରିପାରେ ।

**ମୀନ** ସପ୍ତମ କେନ୍ଦ୍ରସ୍ଥ ବୁଧଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ । କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନାରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ ।

ଆଜି ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ୍ ଦିବସ, ଆଶ୍ୱିନ କୃଷ୍ଣ ଦଶମୀ ମଙ୍ଗଳବାର । ରାଶି ନକ୍ଷତ୍ର–ପୁନର୍ବସୁ/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ ମହାଳୟା ବିଧିରେ କରାଯିବ । ଦିବା ଘ.୦୫।୩୭ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୨।୪୩ ଗତେ, ଘ. ୦୪।୧୪ ମଧ୍ୟେ ରାହୁକାଳ ।

# ମୌସୁମୀ ଅପସାରଣ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୫।୯(ବନ୍ଦନା ସେଠୀ)

ଏବେ ଦେଶରୁ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିସହ ଟ୍ରଫ୍‌ଲାଇନ ପ୍ରଭାବରେ ରାଜ୍ୟରେ ବର୍ଷା ହେଉଛି । ସୋମବାର ରାଜ୍ୟର ସ୍ଥାନେ ସ୍ଥାନେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳରେ ସର୍ବାଧିକ ୯.୩ ସେମି ବର୍ଷା ରେକର୍ଡ କରାଯାଇଛି । ୧୯ ତାରିଖଯାଏ ବିଭିନ୍ନ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କତା ଜାରି କରାଯାଇଛି । ବୁଧବାର ଓ ଗୁରୁବାର ମଧ୍ୟ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ଅପରପକ୍ଷେ ୨୦ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ରହିଛି । ଏହା ପ୍ରଭାବରେ ୨୨ ବେଳକୁ ପୁଣି ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି ।

**୨୦ରେ ଆସିବ ଆଉ ଏକ ଲଘୁଚାପ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଛ ମୁଁ କାଟିଲି ଖଣ୍ଡିଖଣ୍ଡିକା**
**ମଝି ଖଣ୍ଡି କଲି ଭଜା**
**ତୁ ମତେ କହୁ ବିଟପୀ ନାରୀ**
**ପରାସ କରି ନ ଯା ।**

ବିଶ୍ୱାସ ଓ ଭରସା ଉପରେ ପ୍ରତିଷ୍ଠିତ ସ୍ୱାମୀ–ସ୍ତ୍ରୀଙ୍କ ସମ୍ପର୍କ । ମାତ୍ର ଯେତେବେଳେ ଜଣେ ଅନ୍ୟଜଣଙ୍କୁ ଅବିଶ୍ୱାସ କରିବା ଆରମ୍ଭ କରିଦିଏ ସେତେବେଳେ ତୁଟିଯାଏ ଭରସା, ବେଶିଦିନ ରହିପାରେ ନାହିଁ ଆଗର ସେ ସମ୍ପର୍କ । ସେହିପରି ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଯଦି ସନ୍ଦେହ କରି ବସେ ତା'ହେଲେ ସ୍ତ୍ରୀର ବିବଶତା ବହୁ ପରିମାଣରେ ବଢ଼ିଯାଇଥାଏ ଓ ଏହାକୁ ସହ୍ୟ କରିବା ତା'ପକ୍ଷେ ଅସମ୍ଭବ ହୋଇପଡ଼ିଥାଏ । ଏପରି ସ୍ଥିତିରେ ପ୍ରବାସୀ ସ୍ୱାମୀକୁ ଘରେ ରହିବା ନେଇ ସ୍ତ୍ରୀ ପ୍ରବର୍ତ୍ତାଉ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ମତେ ନ ବୋଲିବ ବୁଢ଼ୀ**
**ମୁଁ ବଅସରେ ପାଞ୍ଚ କୋଡ଼ି**

ମହିଳାମାନେ ସାଧାରଣତଃ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି । ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ଜଣକ ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ନୂଆପଡ଼ା ଉପନିର୍ବାଚନ: ରାଜନୈତିକ ଦଳଙ୍କ ସହ ସିଇଓଙ୍କ ବୈଠକ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ନୂଆପଡ଼ାରେ ହେବାକୁ ଥିବା ସମ୍ଭାବ୍ୟ ଉପନିର୍ବାଚନକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ତ ଗୋପାଳନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସୋମବାର ଅପରାହ୍ନରେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସିଇଓ କହିଛନ୍ତି, ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜୁଲାଇ ପହିଲାକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ ଓଡ଼ିଶାର ୭୧–ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ଭାବ୍ୟ ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାକୁ ନେଇ ସବୁ ରାଜନୈତିକ ଦଳ ସେମାନଙ୍କର ପ୍ରତିନିଧି ତୁରନ୍ତ ଦେବା ଆବଶ୍ୟକ । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଯେତେ ଶୀଘ୍ର ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯିବ, ସେତେଶୀଘ୍ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରାଯାଇପାରିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଏସ୍‌ଏସ୍‌ଆର୍ ପୂର୍ବରୁ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି । ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୪୮ହଜାର ୨୫୬ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରେ ପୁରୁଷ ବର୍ଗର ୧ଲକ୍ଷ ୨୧ହଜାର ୧୦୩ଜଣ ରହିଥିବାବେଳେ ମହିଳା ବର୍ଗର ୧ଲକ୍ଷ ୨୬ହଜାର ୧୩୨ଜଣ ମତଦାତା ରହିଛନ୍ତି । ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ବର୍ଗର ରହିଛନ୍ତି । ବୈଠକରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା । ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର ଓ ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସହିତ ଅନ୍ୟାନ୍ୟ ଦଳର ପ୍ରତିନିଧି ଓ ସିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପାଲଟା ଅଭିଯୋଗକଲେ ନିଲମ୍ବିତ ଶିକ୍ଷୟିତ୍ରୀ

ବେତନଟୀ/ବୈଶିଙ୍ଗା,୧୫।୯
(ଧରଣୀଧର ମହାନ୍ତି/ରତନ ଦାଶ)

**ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ପିଲାଙ୍କୁ ନିସ୍ତୁକ ମାଡ଼ ମାରିବା ଘଟଣା**

ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ୩୦ଜଣ ଛାତ୍ରୀଛାତ୍ରଙ୍କୁ ବାଉଁଶବାଡ଼ିରେ ନିସ୍ତୁକ ମାଡ଼ମାରି ଆହତ କରିବା ଅଭିଯୋଗରେ ନିଲମ୍ବିତ ଶିକ୍ଷୟିତ୍ରୀ ଘଟଣାର ୨ଦିନ ପରେ ସୋମବାର କେତେଜଣ ଅଭିଭାବକଙ୍କ ନାଁରେ ବୈଶିଙ୍ଗା ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ଅଭିଭାବକମାନେ ସୋମବାର ତାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଓ ତାଙ୍କ ଶ୍ୱଶୁର ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଏବଂ ଧମକଚମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି । ଏ ସଂକ୍ରାନ୍ତରେ ଥାନାଧିକାରୀ ବାରିଣୀ ଦାସ ଏକ ମାମଲା (ନଂ. ୪୭୧/୨୫) ରୁଜୁ କରିଛନ୍ତି । ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ୍ ଅଧୀନ ପାଟଳିପୁରା ପଞ୍ଚାୟତ ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି କର ଗତ ଗୁରୁବାର ବିଦ୍ୟାଳୟରେ ପ୍ରାର୍ଥନା ସରିବା ପରେ ପ୍ରଣାମ ନ କରିବାରୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୩୦ ଜଣ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମ୍‌କୁ ଯାଇ ଏକ ବାଉଁଶବାଡ଼ିରେ ନିସ୍ତୁକ ମାଡ଼ମାରି ଆହତ କରିଥିଲେ । ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହେବା ସହ ଅଭିଭାବକମାନେ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଇଓ ବିପ୍ଳବ କର ବିଦ୍ୟାଳୟରେ ପହଞ୍ଚି ତଦନ୍ତକରି ଚିଠି ନଂ.୨୫୭୭/୧୩।୯।୨୫ରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ।


ପ୍ରଥମ ପୃଷ୍ଠାରୁ...


## ୧୨ ଜିଲାରେ...

ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି ବୋଲି ସେ କହିଛନ୍ତି । ଏକ୍ ପେଡ୍ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରାରୋପଣ କରନ୍ତୁ । ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ । ଆସନ୍ତା ୧୭ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନହେବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ ରାଜ୍ୟବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ନିଷ୍ପତ୍ତି କରିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ବର୍ତ୍ତମାନ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ବିଶ୍ୱାସ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି, ଯାହାର ଇଚ୍ଛା ଓ ଦୃଢ଼ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବେ । ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି, କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ । ଏହି ଭରସାରେ ରାଜ୍ୟ ସରକାର ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ । ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ ।

## ସିବିଏସ୍‌ଇର ନୂଆ ନିୟମ...

ଚଳିତବର୍ଷରୁ ଏହା ଲାଗୁ ହେବ । ସର୍ତ୍ତାବଳୀ ବା ନିୟମ ପାଳନ କରୁ ନ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ସାନ୍ୟମ ଭରଦ୍ୱାଜଙ୍କ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ କରାଯାଇଛି । ସେଥିଲେ ଉଲ୍ଲେଖ କରାଯାଇଛି ଯେ, ଦଶମ ପରୀକ୍ଷା ପାଇଁ ସେହି ସ୍କୁଲରେ ନବମ ଶ୍ରେଣୀ ପଢ଼ିବାକୁ ପଡ଼ିବ । ସେହିପରି ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ପଢ଼ିବାକୁ ବାଧ୍ୟତାମୂଳକ କରାଯାଇଛି । ସ୍କୁଲରେ ଅତିକମ୍‌ରେ ୭୫% ଉପସ୍ଥାନର ଆବଶ୍ୟକତା ରହିଛି । ସିବିଏସ୍‌ଇ ଦ୍ୱାରା ପ୍ରଦତ୍ତ ସମସ୍ତ ବିଷୟରେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନକୁ ପ୍ରାଧାନ୍ୟ ଦିଆଯାଇଛି । ପିଲାମାନେ ସ୍କୁଲରେ ଅନୁପସ୍ଥିତ ଥିଲେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କରାଯାଇପାରିବ ନାହିଁ । ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ହୋଇ ନ ଥିଲେ ରେଜଲ୍ଟ ଘୋଷଣା କରାଯିବ ନାହିଁ । ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଦୁଇଟି ଅତିରିକ୍ତ ବିଷୟ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ ଅତିରିକ୍ତ ବିଷୟ ବାଛିବାର ବିକଳ୍ପ ପାଇବେ । କିନ୍ତୁ ଏହି ବିଷୟଗୁଡ଼ିକୁ ମଧ୍ୟ ଉଭୟ ବର୍ଷ ପାଇଁ ପଢ଼ିବାକୁ ପଡ଼ିବ । ଯେଉଁ ବିଷୟଗୁଡ଼ିକ ସ୍କୁଲରେ ଉପଲବ୍ଧ ନାହିଁ କିମ୍ବା ସ୍ୱତନ୍ତ୍ର ଶିକ୍ଷକ ନାହାନ୍ତି, ସେହି ବିଷୟଗୁଡ଼ିକୁ ବୋର୍ଡ ପରୀକ୍ଷାରେ ସାମିଲ କରାଯିବ ନାହିଁ । ଯଦି ଜଣେ ଛାତ୍ର ତାଙ୍କ ଅତିରିକ୍ତ ବିଷୟରେ ବିଫଳ ହୁଅନ୍ତି, ତେବେ ତାଙ୍କୁ 'କମ୍ପାର୍ଟମେଣ୍ଟ' କିମ୍ବା 'ଆବଶ୍ୟକୀୟ ପୁନରାବୃତ୍ତି' ଦିଆଯିବ । ସେ ପରବର୍ତ୍ତୀ ଥର ବ୍ୟକ୍ତିଗତ ପ୍ରାର୍ଥୀ ହୋଇ ପୁଣି ଥରେ ପରୀକ୍ଷା ଦେଇପାରିବେ । ଏହି ନିୟମଗୁଡ଼ିକ ପୂରଣ ନ କଲେ, ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ବ୍ୟକ୍ତିଗତ ପ୍ରାର୍ଥୀ ଭାବେ ଅତିରିକ୍ତ ବିଷୟ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ।

## ୱାକ୍‌ଫ: ଜିଲାପାଳଙ୍କ...

ଥିବା ବ୍ୟବସ୍ଥା ଉପରେ ମଧ ରୋକ୍ ଲଗାଯାଇଛି । ଉପଯୁକ୍ତ ଅଧିକାରୀ ଉକ୍ତ ସମ୍ପତ୍ତିକୁ ଯଦି ସରକାରୀ ସମ୍ପତ୍ତି ଭାବେ ନିର୍ଦ୍ଧାରଣ କରନ୍ତି, ତେବେ ସେ ରାଜସ୍ୱ ରେକର୍ଡରେ ଆବଶ୍ୟକ ସଂଶୋଧନ କରାଇବା ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଲାଗୁ ହୋଇଛି । ସେହିପରି ଟ୍ରିବ୍ୟୁନାଲ ଦ୍ୱାରା ବିବାଦୀୟ ସମ୍ପତ୍ତିର ମାଲିକାନା ହକ୍ ସମ୍ପର୍କରେ ଚୂଡ଼ାନ୍ତ ନିର୍ଦ୍ଧାରଣ ନ ହେବା ଯାଏ ଅପିଲ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ, ତୃତୀୟ ପକ୍ଷ ଅଧିକାର ସୃଷ୍ଟି ହେବାକୁ ଦିଆଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ଧାରା ୨୩ ଅନୁଯାୟୀ ସଂଶୋଧିତ ଆଇନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତାଙ୍କ ସେବା ସର୍ତ୍ତାବଳୀ ଉପରେ ଅଦାଲତ ସ୍ଥଗିତାଦେଶ ଲଗାଇ ନ ଥିବାବେଳେ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯଥାସମ୍ଭବ ମୁସଲମାନ ସମ୍ପ୍ରଦାୟରୁ ସମ୍ପାଦକ ପଦବୀରେ ରହିଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି ।




# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୯ (ରବିନାରାୟଣ ଜେନା)**

ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏକାଦଶତମ ନିଯୁକ୍ତି ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ସେ କହିଛନ୍ତି, ଲୋକଙ୍କ ସେବା ହିଁ ପ୍ରକୃତ ସେବା। ସରକାରୀ ଚାକିରି କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରି ନ ଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା ଉଚିତ। ସଚ୍ଚୋଟତାକୁ କର୍ମସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ କରିପାରିଲେ ଅସୀମିତ ଆତ୍ମସନ୍ତୋଷ ମିଳିଥାଏ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ଆପଣଙ୍କ ପାଇଁ ସବୁଠାରୁ ବଡ଼ ପୁଞ୍ଜି ହେବ ବୋଲି ନବନିଯୁକ୍ତିଙ୍କୁ ସେ କହିଛନ୍ତି।

ଏହି ନିଯୁକ୍ତିମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧,୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସାମ୍ପ୍ରତିକ ସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି ବୋଲି କହିଛନ୍ତି। ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଏବକଙ୍କୁ ମିଶାଇ ସମୁଦାୟ ୩୦,୦୩୨ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ପ୍ରତିଭା ଆଧାରରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଖୁସି ବ୍ୟକ୍ତକରି କହିଛନ୍ତି, ଆମ ସରକାରରେ ଯେତେ ବି ପରୀକ୍ଷା ହେଉଛି କୌଣସିଠାରେ ଦୁର୍ନୀତି ବା ଅନିୟମିତତାର ଅଭିଯୋଗ ଆସିନାହିଁ। ଯେତେବେଳେ ବି ସାମାନ୍ୟତମ ସୁରାକ ଆସୁଛି, ତା' ଉପରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମ ସରକାରର ଲକ୍ଷ୍ୟ ହେଉଛି, ସବୁ ପରୀକ୍ଷାର୍ଥୀଙ୍କୁ ଲେଭଲ ପ୍ଲେଇଂ ଫିଲ୍ଡ(ଏଲ୍‌ପିଏଫ୍) ପ୍ରଦାନ କରିବା, ଯାହାଦ୍ୱାରା କେବଳ ଯୋଗ୍ୟ ପ୍ରାର୍ଥୀ ହିଁ ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି। ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ୧.୫୦ ଲକ୍ଷ ନିଯୁକ୍ତି ପ୍ରଦାନ। ଆଜି ସୁଦ୍ଧା ୩୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି। ପାଞ୍ଚ ବର୍ଷ ଭିତରେ ଆମେ ଖାଲିଥିବା ସମସ୍ତ ପଦବୀ ପୂରଣ କରିବୁ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ। କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

- ଏକାଦଶ ନିଯୁକ୍ତି ମେଳାରେ ୧,୬୮୬ ଜଣଙ୍କୁ ନିଯୁକ୍ତି
- ୧୫ ମାସରେ ୧,୦୭,୯୨୬ ଜଣଙ୍କୁ ମିଳିଛି ସରକାରୀ ଓ ବେସରକାରୀ ନିଯୁକ୍ତି

# ରାଜ୍ୟରେ ସାର ଅଭାବ ନେଇ ରାଜଭବନ ଆଗରେ ବିଜେଡିର ଗଣଧାରଣା

## ସାର ଯୋଗାଣ ବ୍ୟବସ୍ଥିତ କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ


ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ବିଜେଡି ନେତୃବୃନ୍ଦ।

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

ରାଜ୍ୟରେ ସାରର ଅଭାବ ଯୋଗୁ ଚାଷୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗକରି ବିଜେଡି ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣାକରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନରେ ରୋକ ଲଗାଇବା ପାଇଁ ସାର ଯୋଗାଣ ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ପକ୍ଷରୁ ସୋମବାର ରାଜଭବନ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ବହୁ ସଂଖ୍ୟାରେ ଚାଷୀଙ୍କ ସମେତ ଦଳର ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ ସାରର କଳାବଜାର ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସାର ବ୍ୟାଗ୍ ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ଗତ ୨ ଦଶନ୍ଧିରେ ରାଜ୍ୟର କୃଷକମାନେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେ ବି ସୃଷ୍ଟିହୋଇ ନ ଥିଲା। ସାରର ଅଭାବ ଦେଖାଦେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ୨ ଥର ସମୀକ୍ଷା କଲେଣି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାର ନ ପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡ଼ିବ ବୋଲି ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ଏହାପରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜଭବନ ଭିତରକୁ ଯାଇ ସାରର ଅଭାବକୁ ନେଇ ଉପୁଜିଥିବା ସ୍ଥିତି ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା କୃଷକ ସେଲ୍ ଆବାହକ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଛନ୍ତି। ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ ସେନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ବିଜେଡି ପକ୍ଷରୁ ଲୋଡ଼ାଯାଇଛି।

# ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'

**ଚିତ୍ରଶିଳ୍ପୀ ବଳଦେବ ମହାରଥୀ, ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**


କଥାକାର ଦେବଦାସ ଛୋଟରାୟ

**ଭୁବନେଶ୍ୱର, ୧୫।୯(ସୌମ୍ୟରଞ୍ଜନ ରାଉତ)**

ସାହିତ୍ୟରେ ଶ୍ରେଷ୍ଠ କୃତି ଲାଗି ଚଳିତବର୍ଷ ଇଣ୍ଡ୍ରା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ବିଶିଷ୍ଟ କବି ତଥା କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ। ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ପାଇଁ ସେ ଏହି ପୁରସ୍କାର ପାଇବେ। ଆସନ୍ତା ଅକ୍ଟୋବର ୨୬ରେ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୋମବାର ଘୋଷଣା କରାଯାଇଛି।

ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ସାମିଲ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ଦେବଦାସଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ସମେତ ଅପର୍ଣ୍ଣା ମହାନ୍ତିଙ୍କ କବିତା ସଙ୍କଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଙ୍କଳନ 'ଭୂମି ସ୍ପର୍ଶ', ପଙ୍କଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା' ଓ ଗଳ୍ପ ସଙ୍କଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥ୍ୱୀ' ଓ ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା' ରହିଥିଲା। ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇଣ୍ଡ୍ରା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ଘୋଷଣା ହୋଇଛି। ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।






ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ଅନ୍ୟାୟ ବର୍ଣ୍ଣାହେଉଛି

ସମାଧାନ ନ ହୋଇ ପଡ଼ିରହିଥିବା ଅନେକ କୋଟି ମାମଲା ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଭାରାକ୍ରାନ୍ତ ହୋଇଗଲାଣି। ଏହି ବିଷୟରେ ଅନେକ ଲେଖା ଓ ଆଲୋଚନା ଏବଂ ସମ୍ମିଳନୀ କରାଯାଉଥିବା ପରିଲକ୍ଷିତ ହେଉଛି। ଅନେକ ସମ୍ମିଳନୀରେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିମାନେ ଯୋଗଦେଇ ସରକାରୀ ବ୍ୟବସ୍ଥାକୁ ଦୋଷ ଦେଉଛନ୍ତି। ଅନ୍ୟପଟେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସହିତ ଅନ୍ୟ ମନ୍ତ୍ରୀମାନେ ନ୍ୟାୟାଳୟ ଏବଂ ବିଚାରପତିମାନଙ୍କ ଉପରେ ଅପାରଗତାର ଦୋଷ ଲଦୁଛନ୍ତି। ମୂଳକଥା ହେଉଛି ଯେ, ଏହି ଦୁଇ ଶକ୍ତିଶାଳୀ ଗୋଷ୍ଠୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ କିମ୍ବା ଲଢ଼େଇ ଫଳରେ ସାଧାରଣ ନାଗରିକ ଦେଶର ଆଇନ ବ୍ୟବସ୍ଥା ଉପରେ ବିଶ୍ୱାସ ହରାଇ ସାରିଲେଣି। 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ଢଗକୁ ସମସ୍ତେ ବିଶ୍ୱାସ କରିଗଲେଣି।

ନିକଟରେ ପ୍ରକାଶିତ ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି) ତଥ୍ୟ ଅନୁଯାୟୀ, ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ଭାରତର ସୁପ୍ରିମକୋର୍ଟରେ ୮୮,୪୧୭ ମାମଲା ବିଚାର ନ ହୋଇ ପଡ଼ିରହିଛି। ଏହା ବ୍ୟତୀତ ଏନ୍‌ଜେଡିଜି ରିପୋର୍ଟରୁ ଜଣାପଡ଼େ ଯେ, ଦେଶର ବିଭିନ୍ନ ଜିଲା କୋର୍ଟ ଓ ହାଇକୋର୍ଟଗୁଡ଼ିକରେ ପାଖାପାଖି ୫ କୋଟି ୩୯ ଲକ୍ଷ ମାମଲାର ବିଚାର ହୋଇପାରି ନାହିଁ। ଏହିସବୁ ମାମଲାରେ ସବୁଠୁ ବଡ଼ ଲିଟିଗାଣ୍ଟ ବା ପକ୍ଷ ହେଉଛନ୍ତି ସରକାର ଏବଂ ପ୍ରାୟ ୫୦% ମାମଲା ସରକାରଙ୍କ ତରଫରୁ ହୋଇଛି। ସମ୍ପତ୍ତି ଓ ଜମିକୁ ନେଇ ସମୁଦାୟ ମାମଲାର ୨୦ ପ୍ରତିଶତ ରହିଥିବା ବେଳେ ବକେୟା ମାମଲାର ଏହା ହେଉଛି ପ୍ରାୟ ୬୬ ପ୍ରତିଶତ। ଉଲ୍ଲେଖନୀୟ ଯେ, ଦେଶର ସମସ୍ତ ଜିଲା କୋର୍ଟ ଓ ହାଇକୋର୍ଟରେ ୧,୮୦,୦୦୦ରୁ ଅଧିକ ମାମଲା ୩୦ ବର୍ଷରୁ ଅଧିକ ସମୟ ଧରି ବିଚାର ନ ହୋଇ ପଡ଼ିରହିଛି। ଏଭଳି ସ୍ଥିତିର କେତୋଟି କାରଣ ମଧ୍ୟରେ ରହିଛି ବିଚାରପତିଙ୍କ ଅଭାବ ଓ ଠିକ୍ ସମୟରେ ସେସବୁ ପଦବୀ ପୂରଣ ହେଉନାହିଁ। ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ହାଇକୋର୍ଟଗୁଡ଼ିକରେ ଏକତୃତୀୟାଂଶ ପଦବୀ ଖାଲି ରହିଥିଲାବେଳେ ଜିଲାକୋର୍ଟଗୁଡ଼ିକରେ ୪,୭୦୦ରୁ ଅଧିକ ବିଚାରପତି ନାହାନ୍ତି। ଏହାବ୍ୟତୀତ ଦେଶରେ ବିଚାରପତି ଓ ଜନସଂଖ୍ୟା ଅନୁପାତ କମ୍‌ରହୁଛି। ୧୦ ଲକ୍ଷ ଲୋକରେ ୫୦ ଜଣ ବିଚାରପତି ରହିବା ଜାଗାରେ ଏବେ ଅଛନ୍ତି ମାତ୍ର ୧୫ ଜଣ।

ସେହିଭଳି ସୁପ୍ରିମ୍‌କୋର୍ଟର ଏବେ ସମସ୍ତ ୩୪ ବିଚାରପତି ପଦବୀ ପୂରଣ ହୋଇଥିଲେ ମଧ ମାମଲାର ତ୍ୱରିତ ସମାଧାନ ଆସିପାରୁ ନାହିଁ ବୋଲି କୁହାଯାଉଛି। ଏବର ବକେୟା ୮୮,୪୧୭ ମାମଲାକୁ ଦେଖିଲେ ପଦବୀ ସଂଖ୍ୟା କଦାପି ପର୍ଯ୍ୟାପ୍ତ ନୁହେଁ। ଉପରୋକ୍ତ ମାମଲାରୁ ଅଧିକାଂଶ ଦୀର୍ଘବର୍ଷ ଧରି ଗଡ଼ି ଆସିଥିବାରୁ ସହସା ସବୁର ସମାଧାନ ଅସମ୍ଭବ ଲାଗୁଛି। ସେଥିପାଇଁ ଶୀର୍ଷ ଅଦାଲତଙ୍କୁ ଅଭିନବ ଉପାୟ ବାହାର କରିବାକୁ ପଡ଼ିବ। ଏଭଳି ପରିପ୍ରେକ୍ଷୀରେ ବକେୟା ମାମଲା ହ୍ରାସ ଲାଗି ଏକ ସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ପଡ଼ିଲାଣି। ଆଇନ ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତି ରଣନୀତିକୁ ଏ ଦିଗରେ ପ୍ରୟୋଗ କରାଗଲେ ହୁଏତ ସୁଫଳ ମିଳିପାରେ। ବିଭିନ୍ନ କୋର୍ଟରେ ୩୦ ବର୍ଷରୁ ଅଧିକ ସମୟ ବକେୟା ପଡ଼ିରହିଥିବା ମାମଲାର ଯଦିବା ସମାଧାନ ଆସିବ ତାହା 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ବୋଲି ଧରାଯିବ। ଏଥିସହିତ ସର୍ବୋଚ୍ଚ ଅଦାଲତ ଉପରେ କିଭଳି ଅଧିକ ବୋଝ ନ ପଡ଼ିବ, ସେଥିପାଇଁ ନିମ୍ନ କୋର୍ଟ (ସବ୍‌ଅର୍ଡିନେଟ ଜୁଡିସିଆରି)ରୁ ହାଇକୋର୍ଟ ଯାଏ ମାମଲାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି। କେବଳ ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା। ଦୁର୍ନୀତି ହେଉ କିମ୍ବା ତଳକୋର୍ଟର ଅପାରଗତା ଯୋଗୁ ଦିଆଯାଉଥିବା ନ୍ୟାୟ ସମସ୍ତଙ୍କୁ ଲାଗୁଛି ଅନ୍ୟାୟ ବର୍ଣ୍ଣା ହେଉଛି। ଫଳରେ ଉପର କୋର୍ଟକୁ ଯିବା ପାଇଁ ଲୋକେ ବାଧ ହେଉଛନ୍ତି।

> **ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା।**

# ସେ ଯେଉଁ ସଙ୍ଗୀତ ସାନ୍ନିଧ



ବ୍ରଜମୋହନ ମିଶ୍ର

"ଅ ବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ/ଦେହ ଧରି କିଏ ପାରିବ ରହି!"– ଖୁବ୍ ମର୍ମସ୍ପର୍ଶୀ ଏ କାବ୍ୟିକ ଉଚ୍ଚାରଣ ଜୀବନ ଓ ବଞ୍ଚିବା ସମ୍ପର୍କରେ କେଡ଼େବଡ଼ ସତ୍ୟଟିଏ ଉପସ୍ଥାପନ ନ କରେ! ସୂର୍ଯ୍ୟ ନ ଥିବେ ଅଥଚ ସଂସାର ଥିବ ପୁଣି ବଞ୍ଚିବା ଥିବ ଆଉ ବନ୍ଧୁ ନ ଥିବେ – ଏ ପ୍ରକାର ସ୍ଥିତି ବିକଳ ଏବଂ ଅସମ୍ଭବ ମଧ। ବ୍ୟକ୍ତିର ସମ୍ଭବ, ତା'ର ସଂସ୍ଥିତି ଆଉ ତା'ର ସକଳ ସମ୍ଭାବନାର ସୌନ୍ଦର୍ଯ୍ୟ ଏଇ ଦୁଇ ଶକ୍ତି ଉପରେ ନିର୍ଭର କରିଥାଏ। ସୂର୍ଯ୍ୟ ଓ ବନ୍ଧୁତ୍ୱର ବୌଦ୍ଧିକ ବ୍ୟବଚ୍ଛେଦ କଲେ ଏହା ପ୍ରାଞ୍ଜଳ ହୋଇଉଠିବ ଯେ ସୂର୍ଯ୍ୟ ଏକ ସଙ୍ଗୀତ ପୁଣି ବନ୍ଧୁ ମଧ ଏକ ସଙ୍ଗୀତ। ସଙ୍ଗୀତର ଆତ୍ମା ହେଉଛି ଅର୍ଥାତ୍ ସମ୍ମେଳନ ବିଭିନ୍ନ ରାଗର ସମ୍ୟକ୍ ମିଳନ ନ ହେଲେ ସଙ୍ଗୀତ ସୃଷ୍ଟି ହୋଇପାରେନା। ଅର୍ଥାତ୍ ସାରେଗାମାପାଧାନିର ଆତ୍ମିକ ମିଳନ ଉପରେ ସଙ୍ଗୀତ ପରି ନାନ୍ଦନିକ କଳା ପ୍ରତିଷ୍ଠିତ। ଏହି ସପ୍ତସ୍ୱର (ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ) ପରସ୍ପରର ପରିପୂରକ ଏବଂ ଗୋଟିଏ ଅନ୍ୟଟିର ସତ୍‌ସଙ୍ଗ ଲାଭ କରିବାକୁ ସତୃଷ୍ଣ ଓ ସାଗ୍ରହୀ। ଏହା କେବଳ ସୂକ୍ଷ୍ମତତ୍ତ୍ୱର କଥା ନୁହଁ, ଏହା ପରୀକ୍ଷଣୀୟ ମଧ । ମନେହୁଏ ଆରମ୍ଭ 'ସା'ର ଅଗ୍ରଗତି ଅବା ଉତ୍ଥାନ ପାଇଁ ରେ, ଗା,.. ଇତ୍ୟାଦି ମଧ ରାଗଗୁଡ଼ିକର ଯେପରି ପ୍ରୟୋଜନ, ଠିକ୍ ସେହିପରି ମଧ୍ୟ ଆବଶ୍ୟକ ଶେଷ 'ନି'ର। ଏଣୁ ଏଠାରେ ଆରମ୍ଭ (ଆଦ୍ୟ), ଆପଣାରେ ଶ୍ରୀ ଓ ଶ୍ରେୟ ପାଇଁ ମଧ୍ୟକୁ ଲୋଡ଼େ ପୁଣି ଏ ଉଭୟ ପରିପୂର୍ଣ୍ଣତା ଲାଭ କରନ୍ତି ଶେଷ 'ନି'ରେ। ରାଗ/ସ୍ୱରମାନଙ୍କର ଏତାଦୃଶ ଆଚରଣକୁ ଆମେ 'ସଖାଭାବ' ବୋଲି ନାମିତ କରିପାରିବା, ଯେଉଁଭାବ ବିଭାବର ସମୃଦ୍ଧ ସତେଜ, ସହଗ, ସହଜ ସଶ୍ରଦ୍ଧ ଓ ସମର୍ପିତ ହୋଇ ସଙ୍ଗୀତର ଏଇ ଅବିଚ୍ଛେଦ୍ୟ ଅଙ୍ଗମାନ ପରସ୍ପରକୁ ଅଖଣ୍ଡ ଓ ଆଶ୍ଳିଷ୍ଟ କରିବା ସହ ସଙ୍ଗୀତକୁ ସଂସାରର ସ୍ୟମନ୍ତକ କରିଥାନ୍ତି।

ଫଳରେ ସଂସାରରେ ଭୂମିଷ୍ଠ ହୋଇ, ସଂସାର ସହ ବାଟଚାଲିବାର ଆସ୍ପୃହା ପୋଷଣ କରି, ବ୍ୟକ୍ତି କଦାଚ ଭୀରୁ କି ଭୋଗୀ ଅବା ଉପାୟକ ଭୈରବ ପାଲଟିଯାଏ ନାହିଁ। ପକ୍ଷାନ୍ତରେ ସେ ଅନୁକ୍ଷଣ ପାଲଟୁଥାଏ ଭାବରୂପ। ତା'ର ସମଗ୍ର ସଭା ସଙ୍ଗୀତମୟ ହୋଇଯାଇଥିବାରୁ ସେ ଗାଇ ଉଠେ–



"THE HILLS ARE ALIVE WITH THE SOUND OF MUSIC, / WITH SONGS THEY HAVE SUNG FOR A THOUSAND YEARS. / THE HILLS FILL MY HEART WITH THE SOUND OF MUSIC, / MY HEART WANTS TO SING EV'RY SONG IT HEARS" – (ଅସ୍କାର ହାମେରଷ୍ଟେନ (୨)। ୧୮୯୫–୧୯୬୦, ଦି ସାଉଣ୍ଡ ଅଫ ମ୍ୟୁଜିକ୍)। ଅର୍ଥାତ୍ ସଙ୍ଗୀତର ଧ୍ୱନିରେ ପାହାଡ଼ମାନ ଜୀବନ୍ତ; ହଜାର ହଜାର ବର୍ଷଧରି ସେମାନେ ଗୀତ ଗାଇ ଆସିଛନ୍ତି, ସଙ୍ଗୀତର ଧ୍ୱନିରେ ସେମାନେ ମୋର ହୃଦୟ ପୂର୍ଣ୍ଣ କରିଛନ୍ତି। ମୁଁ ଶୁଣିଥିବା ପ୍ରତ୍ୟେକ ଗୀତକୁ ମୋର ହୃଦୟ ଗାନ କରିବାକୁ ଚାହେଁ। ବିଂଶ ଶତାବ୍ଦୀର ଏ କବିଙ୍କର ଏହି ପ୍ରାଣୋଚ୍ଛଳ ଗାନ ମଧ୍ୟରେ ସଙ୍ଗୀତ ପ୍ରତି ଯେପରି ଶ୍ରଦ୍ଧା ଅନୁରଣିତ ସେହିପରି ମଧ୍ୟ ପ୍ରତୀକିତ ହୋଇଛି ତାଙ୍କର ଭିନ୍ନ ଏକ ବଞ୍ଚିବାର ଆସ୍ପୃହା। ପାହାଡ଼ର ଯେଉଁ ସଙ୍ଗୀତ ଶ୍ରବଣରେ କବିଙ୍କର ପ୍ରାଣ ପୁଲକିତ, ସେ ସେହି ସଙ୍ଗୀତଗୁଡ଼ିକୁ ଗାନ କରିବାକୁ ଉତ୍କୁଳ। ଏହା ଏକ ଭାବୋଦ୍ଦୀପ୍ତତାକୁ ଇଙ୍ଗିତ କରିଥାଏ। ସଙ୍ଗୀତ, ଭାବ ସଂଚାର କରେ ପାହାଡ଼ରେ ପୁଣି ମଣିଷଠାରେ। ଫଳରେ ଏହାର ଲାଳିତ୍ୟରେ ମୁଗ୍ଧ ଶ୍ରୋତା ସାମାନ୍ୟ, ସ୍ୱାଭାବିକ, ସ୍ୱାର୍ଥୀ ଜୀବନ ଯାପନ କରିବା ପରିବର୍ତ୍ତେ ଏକ ସମ୍ୟକ ଜୀବନ ଯାପନ କରେ ଯେଉଁଥିରେ ଭରି ରହିଥାଏ ସମସ୍ତଙ୍କ ସହ ମିଶିଯିବାର ମହାଭାବ– "ଓଁ ସହନାବବ୍ତୁ, ସହନୌଭୁନକ୍ତୁ, ସହ ବୀର୍ଯ୍ୟ କରବାବହୈ / ତେଜସ୍ୱୀନା ବଧିତ ମସ୍ତୁ, ମା ବିଦ୍ୱିଷା ବହି" । ସମସ୍ତଙ୍କ ସହ ମିଶିବି, ସମସ୍ତଙ୍କ ସହ ମିଳିବି, ସମସ୍ତଙ୍କର ହେବି (ତେଣୁ ସମସ୍ତେ ମଧ୍ୟ ମୋର ହେବେ) ଏବଂ ଏହିପରି ହୋଇ ହୋଇ ପରିଶେଷରେ ମୁଁ "ସମସ୍ତ" ହୋଇଯିବି ଯାହାର ଅନ୍ୟ ନାମ ମୋକ୍ଷ ବା ନିର୍ବାଣ ଯାହା ଯେ କୌଣସି ବ୍ୟକ୍ତିର ସର୍ବଶ୍ରେଷ୍ଠ ପରିଣତି, ସର୍ବଶ୍ରେଷ୍ଠ ସୌଭାଗ୍ୟ, ସର୍ବଶ୍ରେଷ୍ଠ ସିଦ୍ଧି, ସର୍ବଶ୍ରେଷ୍ଠ ସଂକଳ୍ପର ସର୍ବୋତ୍ତମ ଶ୍ରେୟ।

ସଙ୍ଗୀତ ସହ ଏକ ସାତ୍ତ୍ୱିକ ସାନ୍ନିଧ୍ୟ କେତେ ପାଖର, କେତେ ନିଜର ପୁଣି କେତେ ଗଭୀର! ଆମ୍ଭେମାନେ ସଙ୍ଗୀତ ଶୁଣୁଛୁ କିନ୍ତୁ ତା'ର ସାନ୍ନିଧ୍ୟକୁ ମନ କରୁନାହୁଁ। ଯେଉଁ ସଙ୍ଗୀତ ଗାନକାରୀ ତାଙ୍କର ଅନ୍ୟ ପରିବେଷଣରେ ଆମକୁ ଅପାର୍ଥିବ ଜଗତକୁ ନେଇ ଯାଆନ୍ତି ତାଙ୍କର ସେହି ଭାବ ମୁଦ୍ରାଟିକୁ କଦାଚ ଗୁଣି ହେଉନାହୁଁ। ସେ ଭାବ ଆଉ କିଛି ନୁହଁ, ତାହା ହେଉଛି ସଙ୍ଗୀତ ସହ ଅନନ୍ୟ ହେବାର ସାନ୍ଦ୍ରତା। ତା' ନ ହେଲେ କୌଣସି ସଙ୍ଗୀତ ଗାନକାରୀ ଶ୍ରୋତୃମଣ୍ଡଳୀର ଚିତ୍ତ ହରଣ କରି ପାରିବେ ନାହିଁ। ସେ ସଙ୍ଗୀତର ଐକ୍ୟତାନରେ ବିମୁଗ୍ଧ, ବିଗଳିତ ଓ ବିହରିତ ହେବା ଫଳରେ ସକଳ ସଂକୋଚନକାରୀ ଅହଂଠାରୁ ମୁକ୍ତିଲାଭ କରିପାରନ୍ତି। ଫଳରେ ସେ ଅନାବଦ୍ଧ ହୋଇ ପ୍ରସାରିତ ହେବାରେ ଲାଗିଥାନ୍ତି ଠିକ୍ ସଙ୍ଗୀତ ଯେପରି 'ସା' ରାଗଠାରୁ ପ୍ରସାରିତ ହୋଇ ନି ପର୍ଯ୍ୟନ୍ତ ଲମ୍ବିଯାଏ। ସଙ୍ଗୀତଗାନକାରୀଙ୍କ ଏହି ସମାଧି ଅବସ୍ଥା ଆମ ସମସ୍ତଙ୍କ ପାଇଁ କେତେ ଦରକାରୀ! ଏହି ସତ୍ୟଟିକୁ ଉପଲବ୍ଧି କରି ତାକୁ ଆପଣା ଜୀବନରେ ଗଅଣ୍ଠେଇ ଦେବାପାଇଁ ଆମେ କାହିଁକି ଉଦାସୀନ ଓ ଅନିଚ୍ଛୁକ? ଥରେ ସଙ୍ଗୀତର ଏତାଦୃଶ ସତ୍‌ସଙ୍ଗରେ ଯୋଗଦେଲେ ଆମେ କେବେ ବି ସଂସାରର ଅଭିଶାପ ପାଲଟି ଯାଆନ୍ତେ ନାହିଁ କି ନିଜକୁ ଅଭିଶପ୍ତ କରନ୍ତେ ନାହିଁ। ଯଦି ସମସ୍ତଙ୍କ ମେଳରେ ରହିବା ପାଇଁ ମୁଁ ନାମକ ବ୍ୟକ୍ତିଟି ସଂସାରରେ ଅବତୀର୍ଣ୍ଣ ତା' ହେଲେ ସେ କିପରି ଓ କାହିଁକି ସେହି 'ମେଳ'ର ଅମର୍ଯ୍ୟାଦା କରିବ ଗୁଡ଼ାଏ ଅଯଥା 'ମେଳି' କରି। ମେଳ ହିଁ ଜୀବନ, ମେଳି ହିଁ ମୃତ୍ୟୁ। ମେଳ ମିଶାଏ, ମେଳି ଫେଡ଼ାଏ, ମେଳ ମିଳନ ମେଳି ବିଚ୍ଛେଦ, ମେଳ ଓଁକାର, ମେଳି ହୁଁକାର। ପ୍ରଥାଟି ଜୀବନକୁ ଆ, ଆ କହିବା ବେଳେ, ଦ୍ୱିତୀୟଟି ଜୀବନକୁ ଯା, ଯା କହୁଥାଏ। ଗୋଟିଏ ଆତ୍ମଶୃଙ୍ଗାରର ବିହାୟସରେ ଉଡ଼ନ୍ତା ବିହଙ୍ଗଟିଏ ହୋଇଥିବା ବେଳେ ଦ୍ୱିତୀୟ ଅହଂ ଶ୍ମଶାନର ଖାଁ ଖାଁରେ ଏକ ଅତୃପ୍ତ, ଅଶୁଦ୍ଧ, ଅଶାଳୀନ ଅହିରାଜ।

ମେଳ ଅବା ମିଳନର ଜୀବନ୍ତ ପ୍ରତିଭୂ ସଙ୍ଗୀତ, ଆମେ ଏପର୍ଯ୍ୟନ୍ତ ଚାଲି ନ ଥିବା "ବାଟ"କୁ ଆମକୁ ଫେରାଇ ଆଣି ପାରିବ ଏପର୍ଯ୍ୟନ୍ତ ଦେଖି ନ ଥିବା ସ୍ୱପ୍ନକୁ ଦେଖାଇ ପାରିବ, ଏ ପର୍ଯ୍ୟନ୍ତ କରି ନ ଥିବା ସଂକଳ୍ପ ପ୍ରତି ଆମକୁ ସମ୍ମତ କରାଇ ପାରିବ, ଏପର୍ଯ୍ୟନ୍ତ ଆରମ୍ଭ କରି ନ ଥିବା ସାଧନାର ବୋଧିଦ୍ରୁମ ନିକଟକୁ ଟାଣିନେଇ ପାରିବ। କାରଣ ସଙ୍ଗୀତ ଜୀବନର ସଙ୍ଗାତ, ଜଗତର ସୁଷୁମ୍ନା। ସଙ୍ଗୀତର ସଙ୍ଗୀ ହୋଇ ଆମେ ଆତ୍ମବିନାଶରୁ ରକ୍ଷା ପାଇ ଜଗତର ଯଜ୍ଞକୁଣ୍ଡରେ ଆତ୍ମାହୁତି ପାଇଁ ଘରୁ ଗୋଡ଼ କାଢ଼ିବା କି?

**ଭଦ୍ରକ, ମୋ : ୮୦୧୮୦୮୭୮୩୧**

# ଏମାନେ ବି ଥିଲେ ମେଧାବୀ



ରବିନାରାୟଣ ସାମଲ

ଦେଶ ଶାସନରେ ଯେଉଁ ଦଳ ଥାଉ ନା କାହିଁକି ଦେଶ ଚଳାନ୍ତି ଅମଲାମାନେ। ଏମାନେ ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ନିର୍ଦ୍ଧାରିତ ନୀତିକୁ କାର୍ଯ୍ୟକାରୀ କରନ୍ତି। ଏହି ନିର୍ଦ୍ଧାରିତ ନୀତି କାହିଁରେ କେତେ ସୋପାନ ଦେଇ ଉପରୁ ତଳଯାଏଁ ଗଡ଼ି ଗଡ଼ି ଆସେ। ବର୍ତ୍ତମାନ ବହୁଳ ପ୍ରଚାରିତ ଜିଏସ୍‌ଟି ସଂସ୍କାର ନିଷ୍ପତ୍ତି ହେଲା କେନ୍ଦ୍ର ସ୍ତରରେ ସରକାରଙ୍କ ଦ୍ୱାରା ଅନୁସୃତ ଏକ ନୀତି। ବୁଦ୍ଧି ଦେଉଛନ୍ତି ଅମଲା, କାର୍ଯ୍ୟକାରୀ କରୁଛନ୍ତି ଅମଲା। ସାଧାରଣ ଲୋକଟିଏ ତା' ପେଟପାଟଣାରୁ କାଟି ଟିକସ ଦେଉଛି, ଟିକସ ଗଚ୍ଛିତ ହେଉଛି ରାଜକୋଷରେ। ରାଜକୋଷରୁ ପୁଣି ବିଭିନ୍ନ ସୋପାନ ଦେଇ ଆସୁଛି ସାଧାରଣ ଲୋକଙ୍କ ପାଖକୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ସେବା କ୍ଷେତ୍ରରେ। ଏହି ଉପରୁ ତଳ ଓ ତଳୁ ଉପର ଉଠାପକାରେ ଟଙ୍କାଟିଏ ପରିଣତ ହୁଏ ଦଶ ପଇସାରେ। ଅବଶିଷ୍ଟ ନବେ ପଇସା ଯାଏ ବାଟମାରଣାରେ!

ସରକାରୀ ଅର୍ଥର ବାଟମାରଣା ରୋକିବାକୁ ବିଭିନ୍ନ ସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ବି ନିଯୁକ୍ତ ହୋଇଛନ୍ତି। ସିଭିସି, ଏସିବିସି, ଇଡି, ଆଇଟି, ସିଆଇଡି, ସିବିଆଇ, ଭିଜିଲାନ୍ସ, ଏନ୍‌ସିଆଇବି, ଇଓଡବ୍ଲ୍ୟୁ, କ୍ରାଇମ୍ ବ୍ରାଞ୍ଚ, ଜିଏସ୍‌ଟି କମିଶନର, ପୋଲିସ, ଲୋକପାଳ, ଲୋକାୟୁକ୍ତ, ସିଏଜି ଏବଂ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ ଭଳି ଏନ୍‌ଜିଓ। କଳାଧନ ରୋକିବାକୁ ସରକାର ଏସ୍‌ଆଇଟି ଗଠନ କରିଛନ୍ତି। ଏସବୁ ସତ୍ତ୍ୱେ ପିଅନଠାରୁ ଅଫିସରଙ୍କ ପର୍ଯ୍ୟନ୍ତ, ଯନ୍ତ୍ରୀଙ୍କଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ଚୌକିଦାରଙ୍କଠାରୁ ଠିକାଦାରଙ୍କ ପର୍ଯ୍ୟନ୍ତ ଅଧିକାଂଶ ଆର୍ଥିକ ଦୁର୍ନୀତି ଓ ଅନିୟମିତତାରେ ଜଡ଼ିତ। ଲୁଚାଛପାରେ ନୁହେଁ ତ ସବୁ ଡକାପିଟାରେ। ଆମେ କେବଳ ନିରୀହ ମେଣ୍ଢା ଛୁଆଟିଏ ପରି ଜଳ ଜଳ କରି ଚାହିଁ ରହିଛନ୍ତି।

ଦୁର୍ନୀତି କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ମୁଖ୍ୟତଃ ବିରୋଧୀ ଦଳର ନେତାମାନଙ୍କୁ ଇଡି କେମିତି ମାଡ଼ି ବସୁଛି ତାହା ଆମେ ଦେଖି ଆସୁଛନ୍ତି। ଅଥଚ ଶାସକ ଦଳର ନେତାମାନେ ଗୋଟା ତୁଳସୀ ପାଲଟିଯାଉଛନ୍ତି! ମଜାର କଥା, ଯେଉଁ ଇଡି ଦୁର୍ନୀତିଗ୍ରସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି ସେହି ଇଡିର ଜଣେ ସହକାରୀ ନିର୍ଦ୍ଦେଶକ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲା ବେଳେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ପୁଣି ନର୍ସିଂହୋମ୍ ଦୁର୍ନୀତିରେ ମଧ୍ୟପ୍ରଦେଶରେ ୨ଜଣ ସିବିଆଇ ଅଫିସର ଗିରଫହେବା ପ୍ରାୟ ସମସ୍ତଙ୍କୁ ଜଣାଥିବ। ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲା ବେଳେ ଆୟକର କମିଶନର ଧରାପଡ଼ି ଗିରଫ ହେବା, କେତେକ କମ୍ପାନୀଙ୍କୁ ଅନୁକମ୍ପା ଦେଖାଇ କୋଟିଏ ଟଙ୍କା ଲାଞ୍ଚ ନେଉଥିଲା ବେଳେ କାନପୁରର ଜିଏସ୍‌ଟି କମିଶନର ଗିରଫ ହେବା ଆଦି ଘଟଣା ଏଠାରେ ଅଳ୍ପ କେତୋଟି ନମୁନା ମାତ୍ର। ଇଡି ଧରୁଛି ଆଇଟିକୁ, ଆଇଟି ଧରୁଛି ଇଡିକୁ, ସିବିଆଇ ଧରୁଛି ଜିଏସ୍‌ଟିକୁ, ଜିଏସ୍‌ଟି ଧରୁଛି ଆଇଟିକୁ। ଏମିତି ଛକାପଞ୍ଝା ଧରାଧରିରେ ସାଧାରଣ ଲୋକେ ଆବାକାବା ହୋଇଯାଉଛନ୍ତି। ଆମ ରାଜ୍ୟରେ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କମିଶନର, ଡାଇରେକ୍ଟର, କଲେକ୍ଟର, ସବ୍ କଲେକ୍ଟର, ସେକ୍ରେଟାରି, ରେଞ୍ଜର, ବିଡିଓ, ତହସିଲଦାର, କିରାଣି ଏବଂ ଏପରିକି ପିଅନ ପର୍ଯ୍ୟନ୍ତ ଭିଜିଲାନ୍ସ ଜାଲରେ ପଡୁଥିବା ଦେଖିବାକୁ ମିଳୁଛି। ଆଇଏଏସ୍ ଅଫିସର ବିନୋଦ କୁମାର, ରାକେଶ କୁମାର, ଅଶୋକ ସିଂହଭି ବର୍ତ୍ତମାନ ଜେଲରେ। କଲିକତା ହାଇକୋର୍ଟର ବିଚାରପତି ସୌମିତ୍ର ସେନ୍ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୋବନ୍ତ ବର୍ମାଙ୍କ ଅର୍ଥ ଆତ୍ମସାତ୍ ଓ ସମ୍ପତ୍ତି ଠୁଳ ଦେଶର ବିଚାରବିଭାଗକୁ କାଠଗଡ଼ାରେ ଛିଡ଼ାକରାଇଛି। ଏଠାରେ କହିବା ନିଷ୍ପ୍ରୟୋଜନ ଯେ ଦୁର୍ନୀତି ଅଭିଯୋଗରେ ଯେଉଁମାନେ ଜଡ଼ିତ ଥିବା ଜଣାପଡୁଛି ସେମାନେ ପ୍ରାୟ ସମସ୍ତେ ଏକଦା ଜଣେ ଜଣେ ମେଧାବୀ ଥିଲେ। ପରୀକ୍ଷାର ଫଳ ପ୍ରକାଶ ପାଇବା ବେଳେ ସେମାନଙ୍କ ପାଇଁ ଆମେ ଗର୍ବିତ, ଉତ୍‌ଫୁଲ୍ଲିତ ହେଉଥିଲେ ଏବଂ ଦେଶସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବେ ବୋଲି ସେମାନଙ୍କ ଘୋଷଣା ଆମକୁ କୃତକୃତ୍ୟ କରିପକାଉଥିଲା। କିନ୍ତୁ ଆଜି? କୁଆଡ଼େ ଗଲା ସେମାନଙ୍କ ମେଧାବୀ ପରାକାଷ୍ଠା, କୁଆଡ଼େ ଗଲା ସେମାନଙ୍କ ପ୍ରତିଶ୍ରୁତି, କୁଆଡ଼େ ଗଲା ସେମାନଙ୍କ ପ୍ରତିବଦ୍ଧତା?



ଅଟାକଳରେ ଯାହା ପେଷିଲେ ବି ତାହା ଗୁଣ୍ଡହୋଇ ବାହାରିପଡ଼େ। ସମ୍ଭବତଃ ଏହି ନିୟମ ଆମ ଶାସନ କଳରେ କାର୍ଯ୍ୟକାରୀ ହେଉଛି! ଯିଏ ଯେତେ ମେଧାବୀ ହେଲେ ହେଁ ସେମାନେ କଳରେ ପେଷିହୋଇ ଗୁଣ୍ଡ ଆକାରରେ ବାହାରି ପଡୁଛନ୍ତି। ଏନ୍‌ସିବିଆଇର ସଦ୍ୟ ରିପୋର୍ଟ ଦେଖିଲେ ଆମ ଦେଶର ବିଭିନ୍ନ ବିଭାଗ ଦୁର୍ନୀତିରେ କେତେ ଜଡ଼ିତ ତାହା ସ୍ପଷ୍ଟ ହୁଏ। ତଦନୁଯାୟୀ ପୋଲିସ ବିଭାଗ ସବୁଠାରୁ ବେଶି ଦୁର୍ନୀତିଗ୍ରସ୍ତ। ତା' ତଳକୁ କ୍ରମାନ୍ୱୟରେ ରାଜସ୍ୱ, ମ୍ୟୁନିସିପାଲ କର୍ପୋରେଶନ, ବ୍ଲକ୍ ଓ ତହସିଲ, ବିଦ୍ୟୁତ୍, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ସହରାଞ୍ଚଳ ବିକାଶ ବିଭାଗ ଓ ଆୟକର ତଥା ଜିଏସ୍‌ଟି ଅଛନ୍ତି।

ଆଉ ଗୋଟିଏ ବଡ଼ ଧରଣର ଘୋଟାଲା ହୁଏ ଖଣି ଓ ଠିକାଦାରିରେ। ତଳୁ ଉପର ଯାଏଁ ପିସି। ସିଏଜି ତାଙ୍କ ରିପୋର୍ଟରେ ଏକଥା ବି ଦର୍ଶାଇଛନ୍ତି। ଉଭୟ କ୍ଷେତ୍ରରେ ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର ଜଡ଼ିତଥିବା ଦର୍ଶାଯାଇଛି। ତଦନ୍ତ ପାଇଁ ଶାହା କମିଶନ ବସିଛି। ଅନ୍ୟ ପକ୍ଷରେ ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିବା, ବର୍ଷେ ନ ପୂରୁଣୁ ଛାତରୁ ପାଣି ଗଳିବା ଏବଂ ବହୁ କୋଟି ଟଙ୍କାର ପୋଲ ଓ ଓଭରବ୍ରିଜ୍ ନିମିଷକେ ଭୁଶୁଡ଼ି ପଡ଼ିବା ଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ତଦନ୍ତ କମିଶନ (ଦନ୍ତହୀନ) ବସୁଛି, ସରକାରୀ ତହବିଲରୁ ଅର୍ଥ ବରବାଦ ହେଉଛି, ଅଥଚ ସେଥିରେ କିଛି ସୁଧାର ଆସୁ ନାହିଁ। ବରଂ ବିପୁଳ ପରିମାଣର ଅର୍ଥ କଳାଧନ ଆକାରରେ ବିଦେଶୀ ବ୍ୟାଙ୍କରେ ଯାଇ ଗଚ୍ଛିତ ହେଉଛି।

କହିବା ବାହୁଲ୍ୟ, ଗଣତନ୍ତ୍ରର ଚାରୋଟିଯାକ ସ୍ତମ୍ଭ ବର୍ତ୍ତମାନ ରୁଗ୍ଣ ଆଉ ଦୁର୍ବଳ। ସେଗୁଡ଼ିକ ଏକମୁହାଁ ରାସ୍ତାରେ ଗୋଟିଏ ହୋ'ରେ ଛୁଟିଛନ୍ତି। ସାଧାରଣ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଅଥଚ ଶୁଣିବାକୁ କେହି ନାହିଁ। ଏଠାରେ ଦୃଢ଼ତାର ସହ କହିହେବ ଯେ ସାଧାରଣ ଲୋକେ ହିଁ ଇତିହାସର ଶେଷକଥା ଲେଖନ୍ତି। ଯେ ପର୍ଯ୍ୟନ୍ତ ଏମାନେ ପ୍ରତିବାଦ ପ୍ରତିରୋଧ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଦୁର୍ନୀତିର ମୂଳୋତ୍ପାଟନ କରିହେବ ନାହିଁ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

ପରିଣତ ବୟସରେ ପାଦ ଥାପିସାରିଥିଲେ ହେଁ ଏହି ଦମ୍ପତି ବୟସର ଛାପ ନିଜ ଉପରେ ପଡ଼ିବାକୁ ଦେଇ ନାହାନ୍ତି କି ହାର୍ ମାନି ନାହାନ୍ତି। ଡାକ୍ତର ନ ହୋଇ ମଧ ସେମାନେ ପଶ୍ଚିମବଙ୍ଗ ସୁନ୍ଦରବନର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୪୪ ବର୍ଷ ହେଲା କରି ଆସୁଛନ୍ତି। ମହମ୍ମଦ ଅବଦୁଲ ୱହାବ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପାଲ ୧୯୮୦ରେ ସଦର୍ନ ହେଲ୍‌ଥ ଇମ୍ପ୍ରୁଭମେଣ୍ଟ ସମିତି (ଏସ୍‌ଏଚ୍‌ଆଇଏସ୍) ସଂସ୍ଥା ଗଠନ କରି ଏହା ସାହାଯ୍ୟରେ ସେବା ଅଭିଯାନ ଜାରି ରଖିଛନ୍ତି। ମହମ୍ମଦ ଜଣେ ଆଇନଜୀବୀ ଓ ସାବିତ୍ରୀ ଜଣେ ଶିକ୍ଷକ ଥିଲେ। ସେମାନେ ଏହାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସୁନ୍ଦରବନରେ ଥିବା ଛୋଟବଡ଼ ୩୦ଟି ଟାପୁରେ ବୋଟ କ୍ଲିନିକ ଦ୍ୱାରା ଏହା କରୁଛନ୍ତି। ପ୍ରତ୍ୟେକ କ୍ଲିନିକରେ ଡାକ୍ତର, ନର୍ସ, ଜଣେ ଏକ୍ସ–ରେ ଟେକ୍‌ନିସିଆନ, ଜଣେ ଲାବୋରେଟୋରି ଟେକ୍‌ନିସିଆନ ଓ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏଡ଼ି କ୍ଲିନିକରେ ଦୁଇଟି ମେଡିକାଲ ବେଡ୍, ମୋବାଇଲ ଏକ୍ସ–ରେ, ପାଥୋଲୋଜିକାଲ ୟୁନିଟ, ମେଡିକାଲ ଷ୍ଟୋର୍ ରୁମ୍ ଏବଂ ଏକ ଅକ୍ସିଜେନ ସିଲିଣ୍ଡର ରଖାଯାଇଛି। ଏହିଭଳି ୪ଟି ବୋଟ କ୍ଲିନିକ ରହିଛି। ମୁଖ୍ୟତଃ ଯକ୍ଷ୍ମା ରୋଗ ଚିହ୍ନଟ ଲାଗି ଏହା ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ମଧ ଏହି ଦମ୍ପତି ଦରମା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ସେପ୍ଟେମ୍ବର ୧୯୭୬**

- ଆସାମ ସରକାର ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ର ବ୍ୟବସ୍ଥା ଅନୁଯାୟୀ ପରିବାର ନିୟନ୍ତ୍ରଣ ଯୋଜନାକୁ ବାଧ୍ୟତାମୂଳକ କରିଛନ୍ତି।
- ଗଙ୍ଗା ନଦୀର ଜଳ ବିବାଦ ଘେନି ଉପୁଜିଥିବା ଅଞ୍ଚଳ ଅବସ୍ଥା ତୁଟାଇବା ନିମନ୍ତେ ବାଂଲାଦେଶର ୩ ଦଫା ସମ୍ବଳିତ ପ୍ରସ୍ତାବ।

## ଚିରନ୍ତନୀ

ଦୁହେଁ ଚାହାଁ ଚାହିଁ ହୋଇ ରହନ୍ତି ଅଚଳ
ହାୟ କି ବିକଳ !
ଭରସି ନ ପାରେ କିନ୍ତୁ କେହି
ଯିବ ଉଡ଼ି ଆର ପାରେ, ନିଶାର ବିଦାୟ
ମାଗି ନେଇ !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 6 | | | 9 |
| | | | 3 | | | 5 | | |
| | | | 2 | | | | 4 | 1 |
| 7 | 1 | | | | | 6 | | |
| | 8 | 3 | | | 1 | | | |
| | | | 6 | | 2 | 1 | | 7 |
| 3 | 6 | | | | | | | |
| 4 | 9 | | | 7 | | | 8 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 6 | 8 | 1 | 7 | 4 | 2 |
| 7 | 4 | 6 | 2 | 3 | 5 | 9 | 1 | 8 |
| 1 | 2 | 8 | 4 | 7 | 9 | 5 | 3 | 6 |
| 6 | 7 | 5 | 8 | 1 | 3 | 2 | 9 | 4 |
| 2 | 8 | 4 | 9 | 6 | 7 | 3 | 5 | 1 |
| 9 | 3 | 1 | 5 | 2 | 4 | 8 | 6 | 7 |
| 5 | 6 | 3 | 7 | 4 | 2 | 1 | 8 | 9 |
| 4 | 9 | 7 | 1 | 5 | 8 | 6 | 2 | 3 |
| 8 | 1 | 2 | 3 | 9 | 6 | 4 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧ ବିଚାରର ପରିଣତି

ମହାଶୟ,

ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଅଫିସର, ଇଞ୍ଜିନିୟର, ପୋଲିସ, କିରାଣି ଓ ଡିଏଫ୍‌ଓମାନଙ୍କର କଳାକାରନାମା ଖବରକାଗଜରେ ଓ ଟିଭି ପରଦାରେ ଦେଖିବାକୁ ମିଳୁଛି। ସେମାନେ ଧରା ହୋଇ ମୁହଁରେ ରୁମାଲ, ଗାମୁଛା ଓ କପଡ଼ା ପକାଇ ଜେଲକୁ ଯାଉଛନ୍ତି। କୋର୍ଟ କଚେରିରେ ତାଙ୍କର ବିଚାର ହେଉଛି। ହେଲେ ବିଚାର ପରେ ତାଙ୍କର କି ଫଇସଲା ହେଉଛି ଟିଭି କିମ୍ବା ଖବରକାଗଜ ଲୋକଲୋଚନକୁ ଆଣୁନାହାନ୍ତି। ଲୋକେ ଭାବୁଛନ୍ତି ଏଇ ବଡ଼ଘର ବଡ଼ ଗୁମର କଥା। ବିଚାରରେ କ'ଣ ଫଇସଲା ହେଲା ଲୋକେ ଜାଣିବାକୁ ଚାହିଁଲେ ବି ଜାଣିପାରନ୍ତି ନାହିଁ। ତେଣୁ ଟିଭି ଓ ଖବରକାଗଜରେ ସେମାନଙ୍କର କଳାକାରନାମାକୁ ଯେମିତି ପ୍ରଦର୍ଶନ କରୁଛନ୍ତି ସେମିତି ବିଚାରର ପରିଣତକୁ ମଧ ପ୍ରଦର୍ଶନ କଲେ ଲୋକେ ବହୁତ ଖୁସି ହୁଅନ୍ତେ। ଅନେକ ସମୟରେ ଦେଖାଯାଏ ଲୋକଙ୍କ ଚାପରେ ପଡ଼ି ଅନେକ ଅପରାଧୀ ଅଫିସର ଓ କର୍ମଚାରୀଙ୍କୁ ନିଲମ୍ବନ କରାଯାଏ। କିନ୍ତୁ ସେମାନେ ଯେଉଁ ଅପରାଧ କରିଥାନ୍ତି କେବଳ କିଛି ଦିନ ପାଇଁ ନିଲମ୍ବନ କରି ପୁଣି ନିଲମ୍ବନ ଉଠାଇ ଦେଲେ ସେମାନଙ୍କ ଉପରେ ବିଶେଷ କିଛି ପ୍ରଭାବ ପଡ଼ିନଥାଏ। ଦୁର୍ନୀତି ଓ ଲାଞ୍ଚ ଇତ୍ୟାଦି କାରବାରରେ ଯଦି ସେମାନଙ୍କୁ ବହିଷ୍କାର କରାଯାଉଥାନ୍ତା ତେବେ ସମସ୍ତେ ଲାଞ୍ଚ ନେବାକୁ ଡରନ୍ତେ ଓ ଠିକ୍ ସମୟରେ ଠିକ୍ କାମ କରନ୍ତେ।

**–ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କୁଟିଣ୍ଡା ତହସିଲଦାର ନିଲମ୍ବିତ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ଜମିଜମା ମାମଲାରେ ପକ୍ଷପାତିତା ଅଭିଯୋଗରେ କୁଟିଣ୍ଡା ତହସିଲଦାର ତଥା ଓଏଏସ୍ ଅଫିସର ମିତାଲି ମଧୁସ୍ମିତାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସେ ନିଲମ୍ବିତ ସମୟରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଜିଲାପାଳଙ୍କ ବିନା ଅନୁମତିରେ ସେ ଜିଲା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

# ହାତୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ହାତୀ ସୁରକ୍ଷା ପାଇଁ ଶପଥପାଠ କରୁଛନ୍ତି।

**ଦିଗପହଣ୍ଡି/ପାଟପୁର, ୧୫।୯ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ପ୍ରକୃତି ଆମର ଜୀବନ। ହାତୀ ହେଉଛି ପ୍ରକୃତିର ମହତ୍ତ୍ୱପୂର୍ଣ୍ଣ ଅଂଶ। ହାତୀକୁ ସୁରକ୍ଷା ଦେବା, ଜଙ୍ଗଲକୁ ରକ୍ଷା କରିବା। ପରିବେଶକୁ ସନ୍ତୁଳିତ ରଖିବା ମୋର କର୍ତ୍ତବ୍ୟ। ମୁଁ କେବେ ହାତୀର ହାନି କରିବି ନାହିଁ। କେବେ ଅବୈଧ ଶିକାର କିମ୍ବା ଜଙ୍ଗଲ ଧ୍ୱଂସରେ ସହଭାଗୀ ହେବିନାହିଁ। ହାତୀ ବଞ୍ଚିଲେ ପ୍ରକୃତି ବଞ୍ଚିବ। ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା। ହାତୀଙ୍କ ସୁରକ୍ଷା ପାଇଁ ସୋମବାର ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ କଲେଜରେ ଧରିତ୍ରୀ, ଓଡ଼ିଶାପୋଷ୍ଟ, ତ୍ରି ଫାଉଣ୍ଡେଶନ, ଶେରଗଡ଼ ଓ ବିକାଶ ସାଥୀ ସଙ୍ଗଠନର ସହଭାଗିତାରେ ଅନୁଷ୍ଠିତ 'ହାତୀ ସଭା'ରେ ଛାତ୍ରୀଛାତ୍ର ଏଭଳି ସଂକଳ୍ପ ନେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାମ୍‌ଜୀ ଡିଗ୍ରୀ କଲେଜ ଅଧକ୍ଷ ନୀହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଓ ପରିବେଶ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖବରଦାତା ଅଶେଷନାଥ ମିଶ୍ର ସ୍ଥାନୀୟ ଅଞ୍ଚଳରେ ହାତୀର ପ୍ରଭାବ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ। ଅଧ୍ୟାପକ କାହ୍ନୁଚରଣ ପାଢ଼ୀ, ଅଧ୍ୟାପିକା ଇତିପ୍ରଭା, ପ୍ରିୟଦର୍ଶିନୀ ପ୍ରଧାନ, ରଶ୍ମିତା କୁମାରୀ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି ଫାଉଣ୍ଡେଶନର ସମ୍ପାଦକ ନିରାକାର ବିଷୋୟୀ ହାତୀର ସୁରକ୍ଷା ଉପରେ ଆଲୋକପାତ କରି ହାତୀ ବନକୁ ବଞ୍ଚାଏ, ବନ ଜଳକୁ ବଞ୍ଚାଏ, ଜଳ ମାଟିକୁ ବଞ୍ଚାଏ ଏବଂ ଏହି ସବୁ ମିଶି ମଣିଷକୁ ବଞ୍ଚାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରି ହାତୀର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଅଧ୍ୟାପକ ଦେବବ୍ରତ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସାଥୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତୁଷାର ବେହେରା, ଅଚ୍ୟୁତ ବିଷୋୟୀ ଓ ଚନ୍ଦ୍ରଶେଖର ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।



ରାମ୍‌ଜୀ ଡିଗ୍ରୀ କଲେଜ ଅଧକ୍ଷ ନୀହାର ରଞ୍ଜନ କର ଉଦ୍‌ବୋଧନ ଦେଉଛନ୍ତି।

## ଭୀଷ୍ମଗିରି କଲେଜରେ ହାତୀସଭା

# ୫ ବ୍ୟକ୍ତିତ୍ୱଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

**ଭୁବନେଶ୍ୱର, ୧୫।୯ (ଅନୁରାଧା ମହାରଣା)**

କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୫' ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତେଜସ୍ୱିନୀ ବେହେରା, ଅଲିମ୍ପିଆନ୍ ଲିଲିମା ମିଞ୍ଜଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଟୁଆ, ଉପଢୌକନ ସହ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ ଦେବଗଡ଼ର ଅଧକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ କହିଲେ, ଉପନିଷଦରେ ପିତୃମାତୃ ଓ ଆଚାର୍ଯ୍ୟ ପୂଜନର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଜୀବନର ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜ ସ୍ୱାତନ୍ତ୍ରତା ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଅଧକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ' ଗାନ କରିଥିଲେ ଓ ଛାତ୍ରୀ ରୋଜାଲିନ୍ ସାହୁ ଓ ବିଜୟା ନାୟକ ଓଡିଶୀ ନୃତ୍ୟ ଏବଂ ସ୍ମୃତି ଶୁଭାଙ୍ଗନା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡ. ବିଜୟାନନ୍ଦ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ରଥ, ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକନାଥ ବେହେରା, ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେଶନର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୧୦ଜଣଙ୍କୁ 'ବନବନ୍ଧୁ', 'ମୋ ଖେଳ ପଡ଼ିଆ' ସମ୍ମାନ

**ବାଲିଅନ୍ତା, ୧୫।୯ (ନୀଳମାଧବ ସାହୁ)**

ନହରକଣ୍ଟାସ୍ଥିତ କୁଆଖାଇ ନଦୀକୂଳ ଖେଳପଡ଼ିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ ଅବଦାନ ପାଇଁ ସବୁଜ ବାହିନୀ ପକ୍ଷରୁ ୧୦ ଜଣଙ୍କୁ 'ବନବନ୍ଧୁ' ଓ 'ମୋ ଖେଳ ପଡ଼ିଆ ସମ୍ମାନ'ରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଲେ, ପରିବେଶକୁ ସବୁଜ ସୁନ୍ଦର ପାଇଁ ଚାରାରୋପଣର ଆବଶ୍ୟକତା ରହିଛି। କର୍ପୋରେଟର ସୁକୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ଶରତ କୁମାର ସାହୁ, ବୈଷ୍ଣବ ଚରଣ ମହାନ୍ତି, ପ୍ରଦୀପ୍ତ କୁମାର ଛୋଟରାୟ, ସୁରେନ୍ଦ୍ର କୁମାର ଖୁଣ୍ଟିଆ ଓ ପଦ୍ମଲୋଚନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବନବନ୍ଧୁ ସମ୍ମାନରେ ଶିକ୍ଷାବିତ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ବଙ୍ଗୁଆରୀର ଝରେନ୍ଦ୍ର କୁମାର ସାହୁ, ଧରଣୀଧର ସାହୁ, କଲ୍ୟାଣପୁରର ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ମୋ ଖେଳ ପଡ଼ିଆ ସମ୍ମାନରେ କେଦାର ନାଥ ସାହୁ, ମଞ୍ଚେଶ୍ୱରର ଆଦିକନ୍ଦ ରାଉତ, ଜୟପୁରର ବଦ୍ରିନାରାୟଣ ରାଉତରାୟ, ବଙ୍ଗୁଆରୀର ଅଜୟ ବାରିକ ଓ ହରିଦାସପୁରର ରମେଶ ବେହେରା, ଔଷଧୀୟ ବୃକ୍ଷ ସମ୍ମାନରେ ନିହାର ରଞ୍ଜନ ପଣ୍ଡା ଓ ବନରକ୍ଷକ ସମ୍ମାନରେ ପ୍ରଫୁଲ୍ଲ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ପାଳିବ 'ଧନ୍ୟବାଦ ମୋଦି' ଉତ୍ସବ

**ଭୁବନେଶ୍ୱର, ୧୫।୯ (ସୁଚିସ୍ମିତା ସାହୁ)**

ସୁଭଦ୍ରା ଯୋଜନାର ସଫଳ ଏକ ବର୍ଷ ପୂର୍ତ୍ତି ଆସନ୍ତା ୧୭ ତାରିଖରେ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ଉପସ୍ଥାପନା କରିବେ। ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ୧୭ ତାରିଖଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରା ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ପାଳନ କରାଯିବ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବେ। ସଚେତନତା ସୃଷ୍ଟି ପାଇଁ ସୁଭଦ୍ରା ସମ୍ପର୍କୀୟ ପ୍ରଚାରପତ୍ର ବଣ୍ଟନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

# ୫ କୋଟି ଦସ୍ତଖତ ଅଭିଯାନରେ ଓଡ଼ିଶାର ବଡ଼ ଭୂମିକା ରହିବ: ଭକ୍ତ

## 'ଭୋଟ୍ ଚୋର, ଗାଦି ଛାଡ଼' ପ୍ରସଙ୍ଗ

**ଭୁବନେଶ୍ୱର, ୧୫।୯ (ରବିନାରାୟଣ ଜେନା)**

ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅଗଷ୍ଟରେ 'ଭୋଟ୍ ଚୋର, ଗାଦି ଛାଡ଼' ସ୍ଲୋଗାନ ଦେଇ ମଶାଲ ଶୋଭାଯାତ୍ରା ଓ ରାଲି କାର୍ଯ୍ୟକ୍ରମ ସବୁ ଜିଲାରେ ସଫଳ ହୋଇଛି। ସଂପ୍ରତି ସାରା ଦେଶରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଏଆଇସିସିର ଆହ୍ୱାନ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଦେଶର ୫କୋଟି ଲୋକଙ୍କ ଦସ୍ତଖତ ସମ୍ବଳିତ ନଥି ରାଷ୍ଟ୍ରପତି ଓ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଏହି ଭୋଟ ଚୋରି ପ୍ରସଙ୍ଗକୁ ଏକ ଅର୍ଥପୂର୍ଣ୍ଣ ଉପସଂହାରରେ ପହଞ୍ଚାଇବା ପାଇଁ ଏଆଇସିସି ପକ୍ଷରୁ ୧୫ ସେପ୍ଟେମ୍ବରଠାରୁ ୧୫ ଅକ୍ଟୋବର ଏକମାସ ବ୍ୟାପୀ ଆଉ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମଗ୍ର ଦେଶରେ ଭୋଟ୍ ଚୋରି ବିରୋଧରେ ୫ କୋଟି ଦସ୍ତଖତ ସଂଗ୍ରହ କରାଯିବ। ଦସ୍ତଖତ ସମ୍ବଳିତ ନଥିପତ୍ରକୁ ଭାରତର ନିର୍ବାଚନ ଆୟୋଗ ଓ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯିବ।

# ମୋଦିଙ୍କ ଜନ୍ମଦିନରେ ବ୍ୟାପକ କାର୍ଯ୍ୟକ୍ରମ କରିବ ଓବିସି ମୋର୍ଚ୍ଚା

**ଭୁବନେଶ୍ୱର, ୧୫।୯ (ସୁନିତ୍ ମିଶ୍ର)**

ଗରିବ, ପଛୁଆ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଉତ୍‌ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ତାଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି। ଭାଜପା ଓବିସି ମୋର୍ଚ୍ଚା ତରଫରୁ ସୋମବାର ଏକ ପ୍ରସ୍ତୁତି ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ଅବସରରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଓବିସି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୋଦିଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନା କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଓବିସି ମୋର୍ଚ୍ଚା ପକ୍ଷରୁ ନିଷ୍ପତି ନିଆଯାଇଛି। ସେବା ପକ୍ଷରେ ମଣ୍ଡଳ ଓ ଜିଲାସ୍ତରରେ ବ୍ୟାପକ ବୃକ୍ଷରୋପଣ ସହ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବର, ସ୍ୱଚ୍ଛତା କାର୍ଯ୍ୟକ୍ରମ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ହାତକୁ ନେବେ। ଏହାସହ ଦିବ୍ୟାଙ୍ଗମାନଙ୍କୁ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି।

# ଜିଏସ୍‌ଟି ସଂସ୍କାର ଯୋଗୁ ଓଡ଼ିଶାର ଇକୋସିଷ୍ଟମ ସୁଦୃଢ଼ ହେବ: ଅରୁଣ ସିଂହ

**ଭୁବନେଶ୍ୱର, ୧୫।୯ (ସୁନିତ୍ ମିଶ୍ର)**

ଜିଏସ୍‌ଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି। ଆସନ୍ତା ୨୨ରୁ ଲାଗୁ ହେବା ପାଇଁ ଯାଉଥିବା ନୂତନ ଜିଏସ୍‌ଟି ସ୍ଲାବ୍ ସମସ୍ତ ବର୍ଗଙ୍କ ମନରେ ଖୁସି ଆଣିଦେଇଛି। ଏହି ସଂସ୍କାର ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବେ ଉପକୃତ ହେବେ। ଗାଁରୁ ସହର ପର୍ଯ୍ୟନ୍ତ ଦେଶର ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ବର୍ଗଙ୍କ ଅର୍ଥନୀତିକୁ ବଳ ମିଳିବ। ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯୁବକ, ମହିଳାମାନେ ଆର୍ଥିକ ସଶକ୍ତ ହେବା ସହ କ୍ଷୁଦ୍ର, ମଧ୍ୟମ ଶିଳ୍ପକୁ ଭଲ ଫାଇଦା ମିଳିବ। କୃଷକଙ୍କ ଅର୍ଥନୀତି ଆହୁରି ସୁଦୃଢ଼ ହେବ। ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶା ଭଳି ରାଜ୍ୟର ଇକୋସିଷ୍ଟମ ସୁଦୃଢ଼ ହେବା ସହିତ ତ୍ୱରାନ୍ୱିତ ହେବ ବୋଲି ରାଜ୍ୟ ସଭା ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅରୁଣ ସିଂହ କହିଛନ୍ତି, ୟୁପିଏ ସରକାର ସମୟରେ ୨୮ ପ୍ରକାର ଟିକସ ବୋଝ ଦେଶବାସୀଙ୍କ ଉପରେ ଲଦି ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୭ରେ ପ୍ରଥମ ଜିଏସ୍‌ଟି ସଂସ୍କାରରେ ୨୮ ପରିବର୍ତ୍ତେ ୪ଟି ସ୍ଲାବ୍ (୫, ୧୨, ୧୮ ଓ ୨୮ ପ୍ରତିଶତ) ଟିକସ ବ୍ୟବସ୍ଥା ଆଣିଥିଲେ। ବର୍ତ୍ତମାନ ପୁଣି ଥରେ ସଂସ୍କାର ଅଣାଯାଇ ମାତ୍ର ୨ଟି ସ୍ଲାବ (୫ ଓ ୧୮ ପ୍ରତିଶତ) ଟିକସ ବ୍ୟବସ୍ଥା ଲାଗୁ କରାଯାଇଛି। କେନ୍ଦୁପତ୍ର ଉପରେ ଜିଏସ୍‌ଟି ସ୍ଲାବ୍ ୧୮ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ। ସେହିଭଳି ସୂତା ଉପରେ ଜିଏସ୍‌ଟି ୧୨ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର ବୁଣାକାରମାନେ ଲାଭବାନ୍ ହେବେ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ବିଶେଷ ଭାବେ ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେବା ପରେ ରାଜ୍ୟର ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଛନ୍ତି।


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ ଓ ରାଜ୍ୟ ସଭାପତି ମନମୋହନ ସାମଲ।

# ହୃଦ୍‌ଘାତରେ ପୋଲିସ ଏଏସ୍‌ଆଇଙ୍କ ମୃତ୍ୟୁ

**ବେଲଗୁଣ୍ଠା, ୧୫।୯ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନାର ଏଏସ୍‌ଆଇ ପ୍ରଭାକର ଗାଣ୍ଡା (୫୩)ଙ୍କ ହୃଦ୍‌ଘାତରେ ସୋମବାର ମୃତ୍ୟୁ ଘଟିଛି। ଗାଣ୍ଡା ପାଇଲିପ ପଞ୍ଚାୟତରେ ହୋଇଥିବା ଯୁଗ୍ମ ଜନଶୁଣାଣି ଶିବିରକୁ ଡ୍ୟୁଟିରେ ଯାଇ ଅପରାହ୍ନ ୧ଟାରେ ଥାନାକୁ ଫେରିଥିଲେ। ଥାନାରେ କାମ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହୋଇଥିଲା। ଏନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ପ୍ରଥମେ ଗୋବରା ମେଡିକାଲ ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗାଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ମେଡିକାଲରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଣ୍ଡାଙ୍କ ଶେଷକୃତ୍ୟ ତାଙ୍କ ପୈତୃକ ଗ୍ରାମ ଗଜପତି ଜିଲା କାଶୀନଗର ବ୍ଲକ ଖଣ୍ଡବା ଗ୍ରାମରେ ସମ୍ପନ୍ନ ହେବ।

# ଛୁଆ ଚୋରି ଅଭିଯୋଗ ଆଣି ଦମ୍ପତି ଥାନାର ଦ୍ୱାରସ୍ଥ

**ଉମରକୋଟ, ୧୫।୯ (ସନ୍ତୋଷ ଶତପଥୀ)**

ସୋନଗ୍ରାଫିରେ ଯାଆଁଳା ଛୁଆ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଡାକ୍ତରଖାନାରେ ପ୍ରସବ ପରେ ଗୋଟିଏ ଛୁଆ ଦିଆଗଲା। ଡାକ୍ତରଖାନାରୁ ଛୁଆ ଚୋରି କିମ୍ବା ପିଲାକୁ ବିକ୍ରି କରାଯାଇଥିବା ନେଇ ସୋମବାର ଉମରକୋଟ ଥାନାରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ କୋଷକୋଙ୍ଗା ପଞ୍ଚାୟତ ଆଦିପାରା ଗ୍ରାମର ରାକେଶ ଗଣ୍ଡ ଓ ତାଙ୍କ ସ୍ତ୍ରୀ କୁନ୍ତୀ ଅଭିଯୋଗ କରିଛନ୍ତି। ଏବେଯାଏ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇନାହିଁ।

କୁନ୍ତୀ ଗର୍ଭବତୀ ହେବାପରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସାଗରିକା ସ୍ୱାଇଁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ୫ ଜୁନ୍ ୨୦୨୫ରେ ହୋଇଥିବା ସୋନଗ୍ରାଫିରେ କୁନ୍ତୀଙ୍କ ଗର୍ଭରେ ଯାଆଁଳା ଛୁଆ ଥିବା ଜଣାପଡ଼ିଥିଲା। ଏହାପରେ ଚିକିତ୍ସାଳୟ ପକ୍ଷରୁ କୁନ୍ତୀଙ୍କୁ ରେଡ୍‌କାର୍ଡ ସହ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଚଳିତମାସ ୩ ତାରିଖରେ ଗର୍ଭ ଯନ୍ତ୍ରଣା ହେବାରୁ କୁନ୍ତୀଙ୍କୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରେଡ୍‌କାର୍ଡ ଓ ଯାଆଁଳା ଛୁଆ ଥିବା ଯୋଗୁ ତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ କୁନ୍ତୀଙ୍କ ପ୍ରସବ କରାଯାଇଥିଲା। ପ୍ରସବ କରାଇଥିବା ଡାକ୍ତର ଏବଂ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀଙ୍କର ଗୋଟିଏ ସନ୍ତାନ ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକ ଏହା ଶୁଣିବା ପରେ ଆଉ ଏକ ଛୁଆ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ହୋହଲ୍ଲା କରିଥିଲେ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀ ଓ ତାଙ୍କ ପରିବାରକୁ ବୁଝାଇବା ସହ ଗୋଟିଏ ଛୁଆ ଦେଇ ଘରକୁ ପଠାଇ ଦେଇଥିଲେ। ସୋନଗ୍ରାଫି ରିପୋର୍ଟରେ ଦୁଇଟି ଛୁଆ ଥିବାବେଳେ ପ୍ରସବ ସମୟରେ କିପରି ଗୋଟିଏ ଛୁଆ ଜନ୍ମ ହେଲା, ଅନ୍ୟ ଛୁଆକୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଚୋରି କରି ନେଇଛନ୍ତି କିମ୍ବା କାହାକୁ ବିକ୍ରି କରିଦେଇଛନ୍ତି ବୋଲି ସନ୍ଦେହ କରିଥିଲେ। ସୋମବାର ଏ ନେଇ ସେମାନେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ।

# ବୈତରଣୀ ଅବବାହିକାରେ ୭ ପ୍ରାଚୀନ ଦେବୀପୀଠର ସନ୍ଧାନ

**ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)**

ପୁରାଣ ବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ନଦୀର ସଂଲଗ୍ନ ଉପତ୍ୟକା ଅନେକ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ଗନ୍ତାଘର। ଓଡ଼ିଶାର ଭୌମକର ତଥା ସୋମବଂଶୀ ରାଜବଂଶ ରାଜୁତି ସମୟରେ ଏହି ନଦୀ କୂଳରେ ରାଜଧାନୀ ଗୁହେଶ୍ୱରପାଟକ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ଯାଜନଗର ହୋଇଥିଲା, ଯାହା ବର୍ତ୍ତମାନ ଯାଜପୁର ରୂପେ ପରିଚିତ। ଯାଜପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ବୈତରଣୀ ନଦୀ ଉପତ୍ୟକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ବୈତରଣୀ ନଦୀର ଧାରେ ଧାରେ ଅଗଣିତ ପ୍ରାଚୀନ ଦେବୀମାନେ ଅଲୋଡା ହୋଇ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛନ୍ତି। ରି-ଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ୍ ପକ୍ଷରୁ ବୈତରଣୀ ନଦୀ ଉପତ୍ୟକାର ଏହି ପୁରାତନ ଦେବୀପୀଠଗୁଡିକର ସନ୍ଧାନ କରି ସେଗୁଡିକର ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୪ ରବିବାର ଗ୍ରୁପ୍‌ର ସଦସ୍ୟମାନେ ବୈତରଣୀ ନଦୀ ଉପତ୍ୟକାରେ ଐତିହ୍ୟ ଅନୁସନ୍ଧାନବେଳେ ଏସବୁର ସନ୍ଧାନ ପାଇଛନ୍ତି। ଯାଜପୁରର ଐତିହ୍ୟ ଗବେଷକ ନୃପତି ନିହାର ଶିଆଳଙ୍କ ନେତୃତ୍ୱ ସନ୍ଧାନ ମିଳିଥିବା ପୁରାତନ ଦେବୀପୀଠଗୁଡିକର ଦସ୍ତାବେଜୀକରଣ ପ୍ରକ୍ରିୟାରେ ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ କୁମାର ନାୟକ, ମାଧବାନନ୍ଦ ଭୋଇ, ବରଦା ପ୍ରସାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ନୃପତି କହିଛନ୍ତି, ଐତିହ୍ୟ ଅନୁସନ୍ଧାନକାରୀ ଦଳ ସମୁଦାୟ ୭ଟି ପ୍ରାଚୀନ ଦେବୀପୀଠର ସନ୍ଧାନ କରିଛି। ଲୋକମୁଖରେ ଏହି ଗ୍ରାମଦେବତୀମାନେ ବିଚିତ୍ର ନାମରେ ଉପାସିତ ହେଉଥିଲେ ମଧ୍ୟ ପ୍ରକୃତରେ ସେମାନେ ବୈତରଣୀ ନଦୀ ଉପତ୍ୟକାରେ ବିସ୍ତାର ଲାଭ କରୁଥିବା ଜୈନ, ବୌଦ୍ଧ ତଥା ବ୍ରାହ୍ମଣ ସଂସ୍କୃତି ଓ ଧର୍ମ ବିଶ୍ୱାସର ପ୍ରତୀକ। ଏହି ଦସ୍ତାବେଜୀକରଣରେ ଭଦ୍ରକ ଜିଲା ନେରଦାର ସୁବର୍ଣ୍ଣମୁଖୀ ପୀଠ, କେଉଁଝର ଜିଲା ହାବଳେଶ୍ୱରର ସାତଭଉଣୀ ଠାକୁରାଣୀ, ଯାଜପୁର ଜିଲା ମୁକୁନ୍ଦପୁରର ପଞ୍ଚରତ୍ନ ମନ୍ଦିର, ସୁନାମୁହିଁ ଓ ଜାଗୁଲେଇ ଠାକୁରାଣୀ, ରଣପୁରର ସଅଁଳ ଠାକୁରାଣୀ ତଥା ନୂଆଗଡ଼ର ବ୍ରାହ୍ମଣୀ ଦେବୀ ଠାକୁରାଣୀ ପୀଠ ରହିଛି। ଏସବୁ ସ୍ଥାନରୁ ହିନ୍ଦୁ, ବୌଦ୍ଧ ତଥା ଜୈନଧର୍ମ ସହ ସମ୍ପୃକ୍ତ ଅନେକ ପ୍ରାଚୀନ ମୂର୍ତ୍ତି, ମନ୍ଦିରର ଧ୍ୱଂସାବଶେଷ, ଉପାସନା ସ୍ତୁପ, ବୀରଶିଳା ତଥା ଅଭିଲେଖଯୁକ୍ତ ପ୍ରସ୍ତର ଆଦିର ସନ୍ଧାନ ମିଳିଛି। ଏହି ସନ୍ଧାନ ସମ୍ପର୍କରେ ଖୁବ୍‌ଶୀଘ୍ର ସବିଶେଷ ରିପୋର୍ଟ ପ୍ରକାଶ କରିଯିବ ବୋଲି ନିହାର କହିଛନ୍ତି।


ବୈତରଣୀ ନଦୀ କୂଳରେ ରହିଥିବା ପୁରାତନ ଦେବୀପୀଠ।

**କୁଚିଣ୍ଡା ତହସିଲଦାର ନିଲମ୍ବିତ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ଜମିଜମା ମାମଲାରେ ପକ୍ଷପାତିତା ଅଭିଯୋଗରେ କୁଚିଣ୍ଡା ତହସିଲଦାର ତଥା ଓଏଏସ୍ ଅଫିସର ମିତାଲି ମଧୁସ୍ମିତାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସେ ନିଲମ୍ବିତ ସମୟରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଜିଲାପାଳଙ୍କ ବିନା ଅନୁମତିରେ ସେ ଜିଲା ମୁଖ୍ୟାଳୟ ଛାଡିପାରିବେ ନାହିଁ।

# ହାତୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ ହାତୀ ସୁରକ୍ଷା ପାଇଁ ଶପଥପାଠ କରୁଛନ୍ତି।

ଦିଗପହଣ୍ଡି/ପାଟପୁର,୧୫।୯
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ପ୍ରକୃତି ଆମର ଜୀବନ। ହାତୀ ହେଉଛି ପ୍ରକୃତିର ମହତ୍ତ୍ୱପୂର୍ଣ୍ଣ ଅଂଶ। ହାତୀକୁ ସୁରକ୍ଷା ଦେବା, ଜଙ୍ଗଲକୁ ରକ୍ଷା କରିବା। ପରିବେଶକୁ ସନ୍ତୁଳିତ ରଖିବା ମୋର କର୍ତ୍ତବ୍ୟ। ମୁଁ କେବେ ହାତୀର ହାନି କରିବି ନାହିଁ। କେବେ ଅବୈଧ ଶିକାର କିମ୍ବା ଜଙ୍ଗଲ ଧ୍ୱଂସରେ ସହଭାଗୀ ହେବିନାହିଁ। ହାତୀ ବଞ୍ଚିଲେ ପ୍ରକୃତି ବଞ୍ଚିବ। ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା। ହାତୀଙ୍କ ସୁରକ୍ଷା ପାଇଁ ସୋମବାର ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ କଲେଜରେ ଧରିତ୍ରୀ, ଓଡ଼ିଶାପୋଷ୍ଟ, ତ୍ରି ଫାଉଣ୍ଡେଶନ, ଶେରଗଡ଼ ଓ ବିକାଶ ସାଥୀ ସଙ୍ଗଠନର ସହଭାଗିତାରେ ଅନୁଷ୍ଠିତ 'ହାତୀ ସଭା'ରେ ଛାତ୍ରୀଛାତ୍ର ଏଭଳି ସଂକଳ୍ପ ନେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାମ୍‌ଜୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଓ ପରିବେଶ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖବରଦାତା ଅଶେଷନାଥ ମିଶ୍ର ସ୍ଥାନୀୟ ଅଞ୍ଚଳରେ ହାତୀର ପ୍ରଭାବ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ। ଅଧ୍ୟାପକ କାହ୍ନୁଚରଣ ପାଢ଼ୀ, ଅଧ୍ୟାପିକା ଇତିପ୍ରଭା, ପ୍ରିୟଦର୍ଶିନୀ ପ୍ରଧାନ, ରଶ୍ମିତା କୁମାରୀ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି ଫାଉଣ୍ଡେଶନର ସମ୍ପାଦକ ନିରାକାର ବିଷୋୟୀ ହାତୀର ସୁରକ୍ଷା ଉପରେ ଆଲୋକପାତ କରି ହାତୀ ବନକୁ ବଞ୍ଚାଏ, ବନ ଜଳକୁ ବଞ୍ଚାଏ, ଜଳ ମାଟିକୁ ବଞ୍ଚାଏ ଏବଂ ଏହି ସବୁ ମିଶି ମଣିଷକୁ ବଞ୍ଚାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରି ହାତୀର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଅଧ୍ୟାପକ ଦେବବ୍ରତ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସାଥୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତୁଷାର ବେହେରା, ଅଚ୍ୟୁତ ବିଷୋୟୀ ଓ ଚନ୍ଦ୍ରଶେଖର ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।



ରାମ୍‌ଜୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର ଉଦ୍‌ବୋଧନ ଦେଉଛନ୍ତି।

## ଭୀଷ୍ମଗିରି କଲେଜରେ ହାତୀସଭା

# ୫ ବ୍ୟକ୍ତିତ୍ୱଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

ଭୁବନେଶ୍ୱର,୧୫।୯(ଅନୁରାଧା ମହାରଣା)

କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୫' ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତେଜସ୍ୱିନୀ ବେହେରା, ଅଲିମ୍ପିଆନ୍ ଲିଲିମା ମିଞ୍ଜଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ସହ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ ଦେବଗଡ଼ର ଅଧ୍ୟକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ କହିଲେ, ଉପନିଷଦରେ ପିତୃମାତୃ ଓ ଆଚାର୍ଯ୍ୟ ପୂଜନର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଜୀବନର ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜ ସ୍ୱାତ୍ୟନ୍ତ୍ରତା ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ' ଗାନ କରିଥିଲେ ଓ ଛାତ୍ରୀ ରୋଜାଲିନ୍ ସାହୁ ଓ ବିଜୟା ନାୟକ ଓଡିଶୀ ନୃତ୍ୟ ଏବଂ ସ୍ମୃତି ଶୁଭାଙ୍ଗନା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡ. ବିଜୟାନନ୍ଦ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ରଥ, ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକନାଥ ବେହେରା, ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେଶନର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବିପଦପୂର୍ଣ୍ଣ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ: ମନ୍ତ୍ରୀ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

ଏଣିକି ବିପଦପୂର୍ଣ୍ଣ ଗାଡ଼ି ଡ୍ରାଇଭିଂ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଦିଆଯିବ। ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ରିଲ୍ସ ନାଁରେ ଯେଉଁମାନେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ଉପରେ କଡା ନଜର ରଖାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ ମଧ୍ୟ କଡା ନଜର ରହିବ। ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ସମସ୍ତ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଗାଡି ଜବତ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଏବଂ ଜରିମାନା ଆଦାୟ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରୁ ରିଲ୍ସ କରିବା ନିଶାରେ ବେପରୁଆ ଗାଡି ଡ୍ରାଇଭିଂ କରୁଥିବାର ଏକାଧିକ ଭିଡିଓ ନଜରକୁ ଆସୁଛି। ଗୋଟିଏ ଘଟଣା ଏପରି ଯେ ବେପରୁଆ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ନାଁରେ ଗାଡିର କାଗଜପତ୍ର ନାହିଁ। ତେଣୁ ଏଭଳି ଘଟଣା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେକ୍ସନ ୫୩ ଆଇନ ଅନୁଯାୟୀ ଯେଉଁମାନେ ଏଭଳି ଦଣ୍ଡନୀୟ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ ଜାମିନ୍ ବିହୀନ ପରୱାନା ସାଙ୍ଗକୁ ମୋଟା ଅଙ୍କର ଜରିମାନା ଆଦାୟ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଓଡ଼ିଶା ପାଳିବ 'ଧନ୍ୟବାଦ ମୋଦି' ଉତ୍ସବ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ସୁଭଦ୍ରା ଯୋଜନାର ସଫଳ ଏକ ବର୍ଷ ପୂର୍ତ୍ତି ଆସନ୍ତା ୧୭ ତାରିଖରେ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ଉପସ୍ଥାପନା କରିବେ। ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ୧୭ ତାରିଖଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରା ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ପାଳନ କରାଯିବ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବେ। ସଚେତନତା ସୃଷ୍ଟି ପାଇଁ ସୁଭଦ୍ରା ସମ୍ପର୍କୀୟ ପ୍ରଚାରପତ୍ର ବଣ୍ଟନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

# ୫ କୋଟି ଦସ୍ତଖତ ଅଭିଯାନରେ ଓଡ଼ିଶାର ବଡ଼ ଭୂମିକା ରହିବ: ଭକ୍ତ

## 'ଭୋଟ୍ ଚୋର, ଗାଦି ଛାଡ଼' ପ୍ରସଙ୍ଗ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅଗଷ୍ଟରେ 'ଭୋଟ୍ ଚୋର, ଗାଦି ଛାଡ଼' ସ୍ଲୋଗାନ ଦେଇ ମଶାଲ ଶୋଭାଯାତ୍ରା ଓ ରାଲି କାର୍ଯ୍ୟକ୍ରମ ସବୁ ଜିଲାରେ ସଫଳ ହୋଇଛି। ସଂପ୍ରତି ସାରା ଦେଶରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଏଆଇସିସିର ଆହ୍ୱାନ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଦେଶର ୫କୋଟି ଲୋକଙ୍କ ଦସ୍ତଖତ ସମ୍ବଳିତ ନଥି ରାଷ୍ଟ୍ରପତି ଓ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଏହି ଭୋଟ ଚୋରି ପ୍ରସଙ୍ଗକୁ ଏକ ଅର୍ଥପୂର୍ଣ୍ଣ ଉପସଂହାରରେ ପହଞ୍ଚାଇବା ପାଇଁ ଏଆଇସିସି ପକ୍ଷରୁ ୧୫ ସେପ୍ଟେମ୍ବରଠାରୁ ୧୫ ଅକ୍ଟୋବର ଏକମାସ ବ୍ୟାପୀ ଆଉ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମଗ୍ର ଦେଶରେ ଭୋଟ୍ ଚୋରି ବିରୋଧରେ ୫ କୋଟି ଦସ୍ତଖତ ସଂଗ୍ରହ କରାଯିବ। ଦସ୍ତଖତ ସମ୍ବଳିତ ନଥିପତ୍ରକୁ ଭାରତର ନିର୍ବାଚନ ଆୟୋଗ ଓ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯିବ।

# ମୋଦିଙ୍କ ଜନ୍ମଦିନରେ ବ୍ୟାପକ କାର୍ଯ୍ୟକ୍ରମ କରିବ ଓବିସି ମୋର୍ଚ୍ଚା

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଗରିବ, ପଛୁଆ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଉତ୍‌ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ତାଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି। ଭାଜପା ଓବିସି ମୋର୍ଚ୍ଚା ତରଫରୁ ସୋମବାର ଏକ ପ୍ରସ୍ତୁତି ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ଅବସରରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଓବିସି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୋଦିଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନା କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଓବିସି ମୋର୍ଚ୍ଚା ପକ୍ଷରୁ ନିଷ୍ପତି ନିଆଯାଇଛି। ସେବା ପକ୍ଷରେ ମଣ୍ଡଳ ଓ ଜିଲାସ୍ତରରେ ବ୍ୟାପକ ବୃକ୍ଷରୋପଣ ସହ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବର, ସ୍ୱଚ୍ଛତା କାର୍ଯ୍ୟକ୍ରମ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ହାତକୁ ନେବେ। ଏହାସହ ଦିବ୍ୟାଙ୍ଗମାନଙ୍କୁ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି।

# ଜିଏସ୍‌ଟି ସଂସ୍କାର ଯୋଗୁ ଓଡ଼ିଶାର ଇକୋସିଷ୍ଟମ ସୁଦୃଢ଼ ହେବ: ଅରୁଣ ସିଂହ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଜିଏସ୍‌ଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି। ଆସନ୍ତା ୨୨ରୁ ଲାଗୁ ହେବା ପାଇଁ ଯାଉଥିବା ନୂତନ ଜିଏସ୍‌ଟି ସ୍ଲାବ୍ ସମସ୍ତ ବର୍ଗଙ୍କ ମନରେ ଖୁସି ଆଣିଦେଇଛି। ଏହି ସଂସ୍କାର ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବେ ଉପକୃତ ହେବେ। ଗାଁରୁ ସହର ପର୍ଯ୍ୟନ୍ତ ଦେଶର ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ବର୍ଗଙ୍କ ଅର୍ଥନୀତିକୁ ବଳ ମିଳିବ। ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯୁବକ, ମହିଳାମାନେ ଆର୍ଥିକ ସଶକ୍ତ ହେବା ସହ କ୍ଷୁଦ୍ର, ମଧ୍ୟମ ଶିଳ୍ପକୁ ଭଲ ଫାଇଦା ମିଳିବ। କୃଷକଙ୍କ ଅର୍ଥନୀତି ଆହୁରି ସୁଦୃଢ ହେବ। ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶା ଭଳି ରାଜ୍ୟର ଇକୋସିଷ୍ଟମ ସୁଦୃଢ ହେବା ସହିତ ତ୍ୱରାନ୍ୱିତ ହେବ ବୋଲି ରାଜ୍ୟ ସଭା ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅରୁଣ ସିଂହ କହିଛନ୍ତି, ୟୁପିଏ ସରକାର ସମୟରେ ୨୮ ପ୍ରକାର ଟିକସ ବୋଝ ଦେଶବାସୀଙ୍କ ଉପରେ ଲଦି ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୭ରେ ପ୍ରଥମ ଜିଏସ୍‌ଟି ସଂସ୍କାରରେ ୨୮ ପରିବର୍ତ୍ତେ ୪ଟି ସ୍ଲାବ୍ (୫, ୧୨, ୧୮ ଓ ୨୮ ପ୍ରତିଶତ) ଟିକସ ବ୍ୟବସ୍ଥା ଆଣିଥିଲେ। ବର୍ତ୍ତମାନ ପୁଣି ଥରେ ସଂସ୍କାର ଅଣାଯାଇ ମାତ୍ର ୨ଟି ସ୍ଲାବ (୫ ଓ ୧୮ ପ୍ରତିଶତ) ଟିକସ ବ୍ୟବସ୍ଥା ଲାଗୁ କରାଯାଇଛି। କେନ୍ଦୁପତ୍ର ଉପରେ ଜିଏସ୍‌ଟି ସ୍ଲାବ୍ ୧୮ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ। ସେହିଭଳି ସୂତା ଉପରେ ଜିଏସ୍‌ଟି ୧୨ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର ବୁଣାକାରମାନେ ଲାଭବାନ୍ ହେବେ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ବିଶେଷ ଭାବେ ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେବା ପରେ ରାଜ୍ୟର ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ ଓ ରାଜ୍ୟ ସଭାପତି ମନମୋହନ ସାମଲ।

# ହୃଦ୍‌ଘାତରେ ପୋଲିସ ଏଏସ୍‌ଆଇଙ୍କ ମୃତ୍ୟୁ

ବେଲଗୁଣ୍ଠା, ୧୫।୯( କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନାର ଏଏସ୍‌ଆଇ ପ୍ରଭାକର ଗାଣ୍ଟା (୫୩)ଙ୍କ ହୃଦ୍‌ଘାତରେ ସୋମବାର ମୃତ୍ୟୁ ଘଟିଛି। ଗାଣ୍ଟା ପାଇଲିପ ପଞ୍ଚାୟତରେ ହୋଇଥିବା ଯୁଗ୍ମ ଜନଶୁଣାଣି ଶିବିରକୁ ଡ୍ୟୁଟିରେ ଯାଇ ଅପରାହ୍ନ ୧ଟାରେ ଥାନାକୁ ଫେରିଥିଲେ। ଥାନାରେ କାମ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହୋଇଥିଲା। ଏନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ପ୍ରଥମେ ଗୋବରା ମେଡିକାଲ ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗାଣ୍ଟାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ମେଡିକାଲରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଣ୍ଟାଙ୍କ ଶେଷକୃତ୍ୟ ତାଙ୍କ ପୈତୃକ ଗ୍ରାମ ଗଜପତି ଜିଲା କାଶୀନଗର ବ୍ଲକ ଖଣ୍ଡବା ଗ୍ରାମରେ ସମ୍ପନ୍ନ ହେବ।

# ଛୁଆ ଚୋରି ଅଭିଯୋଗ ଆଣି ଦମ୍ପତି ଥାନାର ଦ୍ୱାରସ୍ଥ

ଉମରକୋଟ, ୧୫।୯
(ସନ୍ତୋଷ ଶତପଥୀ)

ସୋନଗ୍ରାଫିରେ ଯାଆଁଳା ଛୁଆ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଡାକ୍ତରଖାନାରେ ପ୍ରସବ ପରେ ଗୋଟିଏ ଛୁଆ ଦିଆଗଲା। ଡାକ୍ତରଖାନାରୁ ଛୁଆ ଚୋରି କିମ୍ବା ପିଲାକୁ ବିକ୍ରି କରାଯାଇଥିବା ନେଇ ସୋମବାର ଉମରକୋଟ ଥାନାରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ କୋଷକୋଙ୍ଗା ପଞ୍ଚାୟତ ଆଦିପାରା ଗ୍ରାମର ରାକେଶ ଗଣ୍ଡ ଓ ତାଙ୍କ ସ୍ତ୍ରୀ କୁନ୍ତୀ ଅଭିଯୋଗ କରିଛନ୍ତି। ଏବେଯାଏ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇନାହିଁ।

କୁନ୍ତୀ ଗର୍ଭବତୀ ହେବାପରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସାଗରିକା ସ୍ୱାଇଁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ୫ ଜୁନ୍ ୨୦୨୫ରେ ହୋଇଥିବା ସୋନଗ୍ରାଫିରେ କୁନ୍ତୀଙ୍କ ଗର୍ଭରେ ଯାଆଁଳା ଛୁଆ ଥିବା ଜଣାପଡ଼ିଥିଲା। ଏହାପରେ ଚିକିତ୍ସାଳୟ ପକ୍ଷରୁ କୁନ୍ତୀଙ୍କୁ ରେଡ୍‌କାର୍ଡ ସହ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଚଳିତମାସ ୩ ତାରିଖରେ ଗର୍ଭ ଯନ୍ତ୍ରଣା ହେବାରୁ କୁନ୍ତୀଙ୍କୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରେଡ୍‌କାର୍ଡ ଓ ଯାଆଁଳା ଛୁଆ ଥିବା ଯୋଗୁ ତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ କୁନ୍ତୀଙ୍କ ପ୍ରସବ କରାଯାଇଥିଲା। ପ୍ରସବ କରାଇଥିବା ଡାକ୍ତର ଏବଂ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀଙ୍କର ଗୋଟିଏ ସନ୍ତାନ ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକ ଏହା ଶୁଣିବା ପରେ ଆଉ ଏକ ଛୁଆ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ହୋହଲ୍ଲା କରିଥିଲେ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀ ଓ ତାଙ୍କ ପରିବାରକୁ ବୁଝାଇବା ସହ ଗୋଟିଏ ଛୁଆ ଦେଇ ଘରକୁ ପଠାଇ ଦେଇଥିଲେ। ସୋନଗ୍ରାଫି ରିପୋର୍ଟରେ ଦୁଇଟି ଛୁଆ ଥିବାବେଳେ ପ୍ରସବ ସମୟରେ କିପରି ଗୋଟିଏ ଛୁଆ ଜନ୍ମ ହେଲା, ଅନ୍ୟ ଛୁଆକୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଚୋରି କରି ନେଇଛନ୍ତି କିମ୍ବା କାହାକୁ ବିକ୍ରି କରିଦେଇଛନ୍ତି ବୋଲି ସନ୍ଦେହ କରିଥିଲେ। ସୋମବାର ଏ ନେଇ ସେମାନେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ।

# ବୈତରଣୀ ଅବବାହିକାରେ ୭ ପ୍ରାଚୀନ ଦେବୀପୀଠର ସନ୍ଧାନ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ପୁରାଣ ବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ନଦୀର ସଂଲଗ୍ନ ଉପତ୍ୟକା ଅନେକ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ଗନ୍ତାଘର। ଓଡ଼ିଶାର ଭୌମକର ତଥା ସୋମବଂଶୀ ରାଜବଂଶ ରାଜୁତି ସମୟରେ ଏହି ନଦୀ କୂଳରେ ରାଜଧାନୀ ଗୁହେଶ୍ୱରପାଟକ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ଯାଜନଗର ହୋଇଥିଲା, ଯାହା ବର୍ତ୍ତମାନ ଯାଜପୁର ରୂପେ ପରିଚିତ। ଯାଜପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ବୈତରଣୀ ନଦୀ ଉପତ୍ୟକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ବୈତରଣୀ ନଦୀର ଧାରେ ଧାରେ ଅଗଣିତ ପ୍ରାଚୀନ ଦେବୀମାନେ ଅଲୋଡା ହୋଇ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛନ୍ତି। ରି-ଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ୍ ପକ୍ଷରୁ ବୈତରଣୀ ନଦୀ ଉପତ୍ୟକାର ଏହି ପୁରାତନ ଦେବୀପୀଠଗୁଡିକର ସନ୍ଧାନ କରି ସେଗୁଡିକର ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୪ ରବିବାର ଗ୍ରୁପ୍‌ର ସଦସ୍ୟମାନେ ବୈତରଣୀ ନଦୀ ଉପତ୍ୟକାରେ ଐତିହ୍ୟ ଅନୁସନ୍ଧାନବେଳେ ଏସବୁର ସନ୍ଧାନ ପାଇଛନ୍ତି। ଯାଜପୁରର ଐତିହ୍ୟ ଗବେଷକ ନୃପତି ନିହାର ଶିଅଳଙ୍କ ନେତୃତ୍ୱ ସନ୍ଧାନ ମିଳିଥିବା ପୁରାତନ ଦେବୀପୀଠଗୁଡିକର ଦସ୍ତାବେଜୀକରଣ ପ୍ରକ୍ରିୟାରେ ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ କୁମାର ନାୟକ, ମାଧବାନନ୍ଦ ଭୋଇ, ବରଦା ପ୍ରସାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ନୃପତି କହିଛନ୍ତି, ଐତିହ୍ୟ ଅନୁସନ୍ଧାନକାରୀ ଦଳ ସମୁଦାୟ ୭ଟି ପ୍ରାଚୀନ ଦେବୀପୀଠର ସନ୍ଧାନ କରିଛି। ଲୋକମୁଖରେ ଏହି ଗ୍ରାମଦେବତୀମାନେ ବିଚିତ୍ର ନାମରେ ଉପାସିତ ହେଉଥିଲେ ମଧ୍ୟ ପ୍ରକୃତରେ ସେମାନେ ବୈତରଣୀ ନଦୀ ଉପତ୍ୟକାରେ ବିସ୍ତାର ଲାଭ କରୁଥିବା ଜୈନ, ବୌଦ୍ଧ ତଥା ବ୍ରାହ୍ମଣ ସଂସ୍କୃତି ଓ ଧର୍ମ ବିଶ୍ୱାସର ପ୍ରତୀକ। ଏହି ଦସ୍ତାବେଜୀକରଣରେ ଭଦ୍ରକ ଜିଲା ନେରଦାର ସୁବର୍ଣ୍ଣମୁଖୀ ପୀଠ, କେଉଁଝର ଜିଲା ହାଦଗଳେଶ୍ୱରର ସାତଭଉଣୀ ଠାକୁରାଣୀ, ଯାଜପୁର ଜିଲା ମୁକୁନ୍ଦପୁରର ପଞ୍ଚରତ୍ନ ମନ୍ଦିର, ସୁନାମୁହିଁ ଓ ଜାଗୁଲେଇ ଠାକୁରାଣୀ, ରଣପୁରର ସଅଁଳ ଠାକୁରାଣୀ ତଥା ନୂଆଗଡ଼ର ବ୍ରାହ୍ମଣୀ ଦେବୀ ଠାକୁରାଣୀ ପୀଠ ରହିଛି। ଏସବୁ ସ୍ଥାନରୁ ହିନ୍ଦୁ, ବୌଦ୍ଧ ତଥା ଜୈନଧର୍ମ ସହ ସମ୍ପୃକ୍ତ ଅନେକ ପ୍ରାଚୀନ ମୂର୍ତ୍ତି, ମନ୍ଦିରର ଧ୍ୱଂସାବଶେଷ, ଉପାସନା ସ୍ତୁପ, ବୀରଶିଳା ତଥା ଅଭିଲେଖଯୁକ୍ତ ପ୍ରସ୍ତର ଆଦିର ସନ୍ଧାନ ମିଳିଛି। ଏହି ସନ୍ଧାନ ସମ୍ପର୍କରେ ଖୁବ୍‌ଶୀଘ୍ର ସବିଶେଷ ରିପୋର୍ଟ ପ୍ରକାଶ କରିଯିବ ବୋଲି ନିହାର କହିଛନ୍ତି।



ବୈତରଣୀ ନଦୀ କୂଳରେ ରହିଥିବା ପୁରାତନ ଦେବୀପୀଠ।

## ସଂକ୍ଷେପରେ

### ବିଧାନସଭା ୪ର୍ଥ ଅଧିବେଶନ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୧୫।୯(ସତ୍ୟଜିତ୍ ରାଉତ) ଆସନ୍ତା ୧୮ରୁ ୨୫ ତାରିଖ ଯାଏ ବିଧାନସଭାର ୪ର୍ଥ ଅଧିବେଶନ ଅନୁଷ୍ଠିତ ହେବ। ଏହି ସମୟରେ ଯାନବାହନ ଚଳାଚଳ ଓ ଲୋକଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଧାନସଭା ସଂଲଗ୍ନ ରାସ୍ତାଗୁଡ଼ିକରେ କମିଶନରେଟ୍ ପୋଲିସ ପକ୍ଷରୁ କଟକଣା ଲାଗୁ କରାଯାଇଛି। ହାଉସିଂ ବୋର୍ଡ ଛକ ପାର୍ଶ୍ୱରୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଗାଡ଼ିଗୁଡ଼ିକ କେଶରୀ ଟକିଜ୍‌ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ଯିବ। ଏଜି ଛକ ପଟୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ଯାନବାହନଗୁଡ଼ିକ ସୂଚନାଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ଚଳାଚଳ କରିବ। ସେହିପରି ମାଷ୍ଟରକ୍ୟାଣ୍ଟିନ ଛକ ପଟୁ ଆସୁଥିବା ଗାଡ଼ିଗୁଡ଼ିକ ଲୋୟର ପିଏମ୍‌ଜି ଛକଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବ। ୧୨୦ ବାଟାଲିୟନ ଛକ ପାର୍ଶ୍ୱରୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଗାଡିଗୁଡ଼ିକ ପାୱାର ହାଉସ୍ ଛକ ଦେଇ ଗନ୍ତବ୍ୟସ୍ଥଳକୁ ଯାଇପାରିବ। ରାଜଭବନ ଛକ ପାର୍ଶ୍ୱରୁ ଏମ୍‌ଏଲଏ କଲୋନି ଏବଂ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ଗାଡିଗୁଡ଼ିକ ଶାସ୍ତ୍ରୀ ନଗର ଛକ ଦେଇ ଚଳାଚଳ କରିବ। ତେବେ ଜରୁରିକାଳୀନ କାର୍ଯ୍ୟରେ ନିୟୋଜିତ ପୋଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ ଗାଡ଼ି, ବିଧାନସଭା, ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହନ ପାଇଁ ଏହି କଟକଣା ଲାଗୁ ହେବନାହିଁ ବୋଲି ସୂଚନା ଦିଆଯାଇଛି।

### ଯୁବକଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ, ୩ ଗିରଫ

ଭୁବନେଶ୍ୱର,୧୫।୯(ସତ୍ୟଜିତ୍ ରାଉତ): ଜଣେ ଯୁବକଙ୍କୁ ଛୁରୀ ଭୁସି ହତ୍ୟା ଘଟଣାରେ ଶହୀଦନଗର ଥାନା ପୋଲିସ ସୋମବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିର ପ୍ରକାଶ ମୁଦୁଲି (୨୮), ବିକାଶ ସେଠୀ (୨୦) ଓ ବିକି ସେଠୀ (୨୦)। ଅଭିଯୁକ୍ତଙ୍କ ନିକଟରୁ ଏକ କାର୍ ସମେତ ଛୁରୀ, ପାଇପ୍ ଆଦି ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସ୍ୱୟମ ନାୟକଙ୍କୁ ଶନିବାର ରାତି ପ୍ରାୟ ୧୦ଟା ବେଳେ ଅଭିଯୁକ୍ତ ଏବଂ ତାଙ୍କର ସହଯୋଗୀମାନେ ଭବାନୀ ମଲ୍ ଷ୍ଟ୍ରିଟ୍ ସମ୍ମୁଖ ଓମ୍‌ଫେଡ୍ ନିକଟରେ ଅଟକାଇ ଗାଳିଗୁଲଜ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଏଥିସହ ପାଇପ୍ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ୱୟମ ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇପଡ଼ିଯିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଏବେ ସ୍ୱୟମ ଏକ ହସ୍ପିଟାଲରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ଆଶାୟୀ

## ଆଶା ଜାଗ୍ରତ କଲା ମନ୍ତ୍ରୀଙ୍କ ପ୍ରତିକ୍ରିୟା, ବିଜେଡି ଦେଲା ଆହ୍ୱାନ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ, ତାହାକୁ ନେଇ ଏବେସୁଦ୍ଧା କିଛି ସ୍ପଷ୍ଟ ହୋଇନାହିଁ। ନୂଆ ସରକାର ଆସିବା ପରେ କଲେଜଗୁଡ଼ିକରେ ବହୁ ବର୍ଷ ହେବ ବନ୍ଦ ରହିଥିବା ଛାତ୍ର ସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ଛାତ୍ରସମାଜ ଓ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ହେଲେ ଇତିମଧ୍ୟରେ କିଛି ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ କିଛି ରାଜ୍ୟରେ ଜାରି ରହିଛି। ପୂଜା ପୂର୍ବରୁ ନିର୍ବାଚନ ସରିବା ନିୟମ ରହିଥିଲେ ସୁଦ୍ଧା ଓଡ଼ିଶାରେ ଏଯାବତ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ନିର୍ବାଚନ ହେବ କି ନାହିଁ, ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଏ ପ୍ରସଙ୍ଗରେ ସରକାରଙ୍କ ନୀରବତା ଛାତ୍ରୀଛାତ୍ରଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉପୁଜୁଥିବା ଅଶାନ୍ତ ସ୍ଥିତି ଏହି ନିର୍ବାଚନକୁ ଆଶଙ୍କା ଭିତରକୁ ଟାଣି ନେଇଥିବାବେଳେ ଆଶାୟୀ ଛାତ୍ରୀଛାତ୍ରମାନେ ଏବେ ବି ଦ୍ୱନ୍ଦ୍ୱରେ ରହିଛନ୍ତି।

ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଛାତ୍ର ସଂସଦ ନିର୍ବାଚନ କରିବାକୁ ରାଜ୍ୟ ସରକାର ସକାରାତ୍ମକ ଥିବା କହିବା ପରେ ପୁଣିଥରେ ଆଶାୟୀ ପ୍ରାର୍ଥୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶା ଜାଗ୍ରତ ହୋଇଛି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛନ୍ତି। ଶିକ୍ଷା ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବିଭିନ୍ନ ବର୍ଗଙ୍କ ମତକୁ ମଧ୍ୟ ବିଚାର କରାଯାଉଛି। ସେସବୁ ବିଚାର କରି ପଦକ୍ଷେପ ନିଆଯିବ। ହେଲେ କେବେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ଓ ନିର୍ବାଚନ ହେବ ସେନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ରାଜ୍ୟ ସଭାନେତ୍ରୀ ଈପ୍‌ସିତା ସାହୁ ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟ ସରକାର ୟୁ-ଟର୍ନ ମାରିବାରେ ମାହିର। ଅନେକ ପ୍ରସଙ୍ଗରେ ୟୁ-ଟର୍ନ ମାରି ସାରିଥିବା ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ କାର୍ଯ୍ୟକାରୀ କରିନାହାନ୍ତି। ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା ଏବଂ ତହିଁରେ ଏବିଭିପିର ସମ୍ପୃକ୍ତି ପଦାକୁ ଆସିବା ପରେ ସରକାର ବ୍ୟାକଫୁଟ୍‌ରେ ଅଛନ୍ତି। ଆଭ୍ୟନ୍ତରୀଣ ସର୍ଭେ କରି ଶିକ୍ଷାନୁଷ୍ଠାନରେ ସ୍ଥିତି ଠିକ୍ ନ ଥିବା ଜାଣିବା ପରେ ନିର୍ବାଚନ ଟାଳି ଦେବାକୁ ପ୍ରୟାସ କରୁଛନ୍ତି। ପୂଜା ଛୁଟି ପୂର୍ବରୁ ନିର୍ବାଚନ ହୁଏ। ପୂଜା ପରେ ସରକାର ନିର୍ବାଚନ କରିପାରିବେ ନାହିଁ। ଛାତ୍ରୀଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ସରକାର ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।



ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବିବାର ଭଞ୍ଜକଳା ମଣ୍ଡପରେ ନାଟ୍ୟ ଉତ୍ସବ 'ନାଟ୍ୟ ଲହରି'ର ଉଦ୍‌ଘାଟନ ଅବସରରେ ପରିବେଷିତ ନାଟକ 'ଅଶାନ୍ତ'ର ଏକ ଦୃଶ୍ୟ।

# 'ଯୁବ ଇଞ୍ଜିନିୟରମାନେ ନୂଆ ଆହ୍ୱାନର ମୁକାବିଲା କରନ୍ତୁ'




କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ସହ ଅତିଥିବୃନ୍ଦ।

## ଓୟୁଟିଆର୍‌ରେ ଇଞ୍ଜିନିୟର୍ସ ଦିବସ

ଭୁବନେଶ୍ୱର,୧୫।୯ (ଅନୁରାଧା ବିଶ୍ୱାଳ)

ଓଡ଼ିଶା ପ୍ରଯୁକ୍ତି ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ଆଶିଷ କୁମାର ଜେନା, ଡିନ୍ (ପିଜି ଏସ୍ ଆର୍) ଡ. ଅରୁଣା ତ୍ରିପାଠୀ, ଜିଏସ୍‌ଡବ୍ଲ୍ୟୁ ଡ. ଜିବିତେଶ ମିଶ୍ର ଓ ପ୍ରଫେସର ଏ. ଏନ୍. ଆଚାର୍ଯ୍ୟ ଯୋଗଦେଇ ଦେଶ ପ୍ରଗତିରେ ଇଞ୍ଜିନିୟରଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଇଞ୍ଜିନିୟରମାନେ କେବଳ ସେତୁ, ରାସ୍ତା କିମ୍ବା ଗୃହ ନିର୍ମାତା ନୁହନ୍ତି, ସେମାନେ ସମାଜର ସଂରଚନାକାରୀ, ଆଗାମୀ ଭବିଷ୍ୟତର ପଥପ୍ରଦର୍ଶକ। ବର୍ତ୍ତମାନ ସମୟରେ ବିଶ୍ୱରେ ନୂଆ ନୂଆ ଆହ୍ୱାନର ମୁକାବିଲା କରିବା ପାଇଁ ଯୁବ ଇଞ୍ଜିନିୟରମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ।

# ୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୧୫।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅବକାରୀ ଜିଲା ମୋବାଇଲ ୟୁନିଟ ସୋମବାର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳର ଅଭିଜିତ ଗୌତମ ସ୍ୱାଇଁ(୩୭)। ତାଙ୍କ ନିକଟରୁ ୭୩ ଗ୍ରାମର ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭.୩୦ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ଜିଲା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଅଭିଜିତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ଶୈଳେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ



ଭୁବନେଶ୍ୱର, ୧୫।୯(ବନ୍ଦନା ସେଠୀ)

ଶୈଳେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପଟିଆଠାରେ ହିନ୍ଦୀ ଦିବସ ସମାରୋହ ପାଳିତ ହୋଇଯାଇଛି। ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବନମାଳୀ ଶାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର ଖ୍ୱାଇସ୍ ପରିବାର ପକ୍ଷରୁ କିଟ୍‌ର ଛାତ୍ରୀଛାତ୍ରମାନେ ପିଲାମାନଙ୍କୁ ହିନ୍ଦୀ କବିତା ଓ କାହାଣୀ ଶୁଣାଇଥିଲେ। ଦିବସର ଗୁରୁତ୍ୱ ଉପରେ ହିନ୍ଦୀ ଶିକ୍ଷୟିତ୍ରୀ ତାଙ୍କର ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଣ୍ଣୁପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି, ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ

ବାଲିଅନ୍ତା,୧୫।୯(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଓ ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଓ ଉପ ଜିଲାପାଳ ଡ. ମନୋରଞ୍ଜନ ସାହୁ ଯୋଗଦେଇ ଲୋକଙ୍କ ୧୬୦ଟି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଏପିଡି କସ୍ତୁରୀବାଳା ଜେନା, ବିଡ଼ିଓ ରଶ୍ମିତା ନାଥ, ତହସିଲଦାର ଲିଲନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଥିଲେ। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲଗୁଡ଼ିକୁ ଅତିଥି ମାନେ ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲାଯାଇଥିବା ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା। ଶିବିରକୁ ସରପଞ୍ଚ ହୃଷୀକେଶ ପାତ୍ର, ୱାର୍ଡର ସଭ୍ୟାସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ।



ଯୁଗ୍ମ ଅଭିଯୋଗ ଶୁଣାଣିରେ ଯୋଗଦେଇଥିବା ଅଧିକାରୀ।

# ରାସ୍ତା ପୁନରୁଦ୍ଧାର ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୧୫।୯(ସୁବାସ ଚନ୍ଦ୍ର ପ୍ରଧାନ)

ନୂଆଗାଁ ନାଥପୁର ସିଦ୍ଧି ମଣ୍ଡପଠାରୁ ଝାଡ୍ରୁମଲ୍ଲୀ ମନ୍ଦିର ନଦୀବନ୍ଧ ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷାଜଳ ଜମାହୋଇ ରହିବାରୁ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଜ୍ୟ ଓ ନର୍ଦ୍ଦମାଜଳ ରାସ୍ତାରୁ ନିଷ୍କାସନ ନ ହେବାରୁ ଏହା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ତୁରନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ସିଷ୍ଟମ କରାଯିବା ସହ ରାସ୍ତାର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ କରାଯିବା ପାଇଁ ସୋମବାର ଆଞ୍ଚଳିକ ବିକାଶ ପରିଷଦ ସଭ୍ୟମାନେ ଏକାମ୍ର ବିଧାୟକ ବାବୁ ସିଂଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଦୀର୍ଘବର୍ଷ ଧରି ଉକ୍ତ ରାସ୍ତାର ସମ୍ପ୍ରସାରଣ ହୋଇ ନ ଥିବାରୁ ପ୍ରାୟ ୫ଟି ପଞ୍ଚାୟତର ଜନସାଧାରଣ ଏବଂ ଛାତ୍ରୀଛାତ୍ର ଯାତାୟାତ କରିବାରେ ହଇରାଣ ହେଉଛନ୍ତି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।



ଆଞ୍ଚଳିକ ବିକାଶ ପରିଷଦ ସଭ୍ୟମାନେ ବିଧାୟକ ବାବୁ ସିଂଙ୍କୁ ଭେଟି ଦାବି ଜଣାଉଛନ୍ତି।

# ପିଜିଟି ଶିକ୍ଷକଙ୍କ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇଂଲିଶ ସ୍ନାତକୋତ୍ତର (ପିଜିଟି) ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ସୋମବାରଠାରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ଆରମ୍ଭ ହୋଇଛି। ଶିକ୍ଷାଦାନ ଓ ମୂଲ୍ୟାଙ୍କନ ଅଭ୍ୟାସକୁ ସୁଦୃଢ଼ କରିବା ସହ ସେମାନଙ୍କ ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଆଧାରିତ ଯୋଗାଯୋଗ କାର୍ଯ୍ୟକଳାପ ଏବଂ ସମାଲୋଚନାମୂଳକ ବିଶ୍ଳେଷଣ ମାଧ୍ୟମରେ ପଠନ ପଦ୍ଧତି ଉପରେ ଧ୍ୟାନ ଦିଆଯିବ। ଉଦ୍‌ଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ କହିଛନ୍ତି, ତାଲିମ ଗ୍ରହଣ ପରେ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ସମାଜ ଓ କଲେଜରେ ଶିକ୍ଷାଦାନ କ୍ଷେତ୍ରରେ ଆମ୍ବାସାଡର ଭାବେ କାର୍ଯ୍ୟ କରିବେ। ନୂତନ ଜାତୀୟ ଶିକ୍ଷା ନୀତି ଆଧାରରେ ସମଗ୍ର ବିଶ୍ୱରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଏକ ଉଦାହରଣ କରିବା ପାଇଁ ହେଲେ ଛାତ୍ରୀଛାତ୍ରଙ୍କୁ କ୍ଷେତ୍ରୀୟ ଅଭିଜ୍ଞତାର ଆବଶ୍ୟକତା ରହିଛି। ଏଥିନିମନ୍ତେ ପ୍ରଥମେ ଶିକ୍ଷୟିତ୍ରୀଶିକ୍ଷକ ଦକ୍ଷ ହେବା ଜରୁରୀ ବୋଲି ସେ କହିଥିଲେ। ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ପାର୍ଥ ସାରଥି ମିଶ୍ର ଏବଂ ଜେନି ଆଲେକ୍ସ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟର ସମସ୍ତ ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପର୍ଯ୍ୟାୟକ୍ରମେ ସମୟାନୁସାରେ ତାଲିମ ଦିଆଯିବା ନେଇ ସୂଚନା ଦେଇଛନ୍ତି। ସେହିପରି ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳୀ କର୍ମଶାଳାର ତଦାରଖ କରିଛନ୍ତି। ଉପନିର୍ଦ୍ଦେଶକ ସିଏଚ. ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରଶିକ୍ଷଣରେ ୫୦ଜଣ ପିଜିଟି (ଇଂଲିଶ) ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଛନ୍ତି।




ଇଂଲିଶ ପିଜିଟି ଶିକ୍ଷକଙ୍କ ଦକ୍ଷତା ବିକାଶ କର୍ମଶାଳାର ଉଦ୍‌ଘାଟନ ଅବସରରେ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦଙ୍କ ସହ ଅନ୍ୟମାନେ।

# ଆକର୍ଷଣ ସାଜିବ ମାୟାପୁର ଇସ୍କନ ମନ୍ଦିର, ରାବଣପୋଡ଼ି






ଭୁବନେଶ୍ୱର, ୧୫।୯(ବନ୍ଦନା ସେଠୀ)

ଚଳିତବର୍ଷ ଡମଣା ଗୋପୀନାଥଜୀଉ ଦୁର୍ଗାପୂଜା କମିଟି ୧୪ ବର୍ଷରେ ପଦାର୍ପଣ କରିଛି। ପ୍ରତିଥର ଭଳି ଏଥର ମଧ୍ୟ ଏହି କମିଟି ରାଜଧାନୀବାସୀଙ୍କୁ ନୂଆ ତୋରଣରେ ସ୍ୱାଗତ କରିବା ପାଇଁ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛି। ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ଥିବା ପଶ୍ଚିମବଙ୍ଗର ନଦିଆଠାରେ ଅବସ୍ଥିତ ମାୟାପୁର ଇସ୍କନ ମନ୍ଦିର ସଦୃଶ ତୋରଣରେ ଦେବୀ ଦୁର୍ଗା ପୂଜା ପାଇବେ। ଫାଇବର ଗ୍ଲାସ, ପ୍ଲାଏରେ ତିଆରି ହେବାକୁ ଥିବା ଏହି ତୋରଣ ଦୁର୍ଗାପୂଜାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଆଶା କରାଯାଉଛି। ପଶ୍ଚିମବଙ୍ଗର ୨୪ଜଣ କାରିଗର ଇସ୍କନ ମନ୍ଦିରର ଅବିକଳ ତୋରଣ ନିର୍ମାଣରେ ଲାଗିଛନ୍ତି। ଏହି ତୋରଣର ଉଚ୍ଚତା ୭୫ ଫୁଟ ଓ ଚଉଡ଼ା ୧୧୦ ଫୁଟ ରହିଛି। ସେହିପରି ପୂଜାକୁ ପ୍ରଦୂଷଣ ମୁକ୍ତ କରିବା ନେଇ ଗୁରୁତ୍ୱାରୋପ କରାଯାଇଛି। ପ୍ରତିଦିନ ଦେଢ଼ କୁଇଣ୍ଟାଲ ସେଓ ବୁନ୍ଦି ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର ହେବନାହିଁ ଏବଂ ମଣ୍ଡପ ନିକଟରେ ପଲିଥିନ ବ୍ୟବହାର ନିଷେଧ କରାଯାଇଛି।

ରାବଣପୋଡି ପୂଜାର ମୁଖ୍ୟ ଆକର୍ଷଣ ସାଜିବ। ବିଜୟା ଦଶମୀରେ ୫୦ ଫୁଟ ଉଚ୍ଚର ରାବଣ ତିଆରି କରାଯିବ। ତେବେ ଶବ୍ଦ ପ୍ରଦୂଷଣ ହେବା ଭଳି ବାଣ ବ୍ୟବହାର ହେବନାହିଁ। ପୂଜା ପାଇଁ ୪୭ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଥିବାବେଳେ କେବଳ ତୋରଣରେ ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୪ ଫୁଟ ଓ ମେଢ଼ର ଉଚ୍ଚତା ୧୬ ଫୁଟ୍ ରହିବ। ମୂର୍ତ୍ତିକାର ଅରୁଣ ମହାପାତ୍ରଙ୍କ ସମେତ ଆଉ ୪ କାରିଗର ମା'ଙ୍କ ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ତାରକସି କାମ ଓ କାରୁକାର୍ଯ୍ୟପୂର୍ଣ୍ଣ ଚାନ୍ଦି ମୁକୁଟରେ ମା' ଶୋଭା ପାଇବେ। ତୋରଣ ସହ ରାସ୍ତାର ଉଭୟ ପାର୍ଶ୍ୱରେ ୪ଟି ଏଲ୍‌ଇଡି ଗେଟ୍ କରାଯିବ। ସେହିପରି ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ସନ୍ଧ୍ୟାରେ ମେଲୋଡି ଓ ନୃତ୍ୟ କାର୍ଯ୍ୟକ୍ରମ ରହିଛି।

**ଡମଣା ଗୋପୀନାଥଜୀଉ ଦୁର୍ଗାପୂଜା କମିଟି**

ଷଷ୍ଠୀ ପୂଜାରେ ବିଲ୍ୱବରଣ, ସପ୍ତମୀରେ ୧୦୮ କଳସ ଯାତ୍ରା, ଅଷ୍ଟମୀ ସକାଳେ ସୂର୍ଯ୍ୟପୂଜା ଓ ସନ୍ଧ୍ୟାରେ ସନ୍ଧିପୂଜା, ନବମୀରେ କୁମାରୀ ପୂଜା ସହ ୧୦୮ ଦୀପ ପ୍ରଜ୍ୱଳନ କରାଯିବ।

ଅଷ୍ଟମୀରେ ଦହି ପଖାଳ ଓ ଶାଗ ଭଜା ଭୋଗଲାଗି ପରେ ଭକ୍ତଙ୍କୁ ବଣ୍ଟାଯିବ। ସେହିପରି ନବମୀରେ ଖେଚୁଡ଼ି ଓ ଡାଲମା ଏବଂ ଦଶମୀ ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ମଧ୍ୟ ଶ୍ରଦ୍ଧାଳୁମାନେ ମିନାବଜାର ଓ ରାମଦୋଳିର ମଜା ନେଇପାରିବେ।

### ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

ସବୁଥର ଭଳି ଏଥର ମଧ୍ୟ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ଉପରେ କମିଟି ଗୁରୁତ୍ୱ ଦେଉଛି। ପୂଜା ସମୟରେ ଦୁଇଟି ବ୍ୟାରିକେଡ କରାଯିବ। ଗୋଟିଏ ପଟେ ଶ୍ରଦ୍ଧାଳୁ ମଣ୍ଡପକୁ ଯିବେ ଏବଂ ମା'ଙ୍କ ଦର୍ଶନ ପରେ ଅନ୍ୟପଟେ ବାହାରିବେ। ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ମଣ୍ଡପରେ ୨୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ଏବଂ ୧୦ଟି ସିସିଟିଭି କ୍ୟାମେରା ସହ ୪ଟି ଅଗ୍ନି ନିର୍ବାପକ ଯନ୍ତ୍ର ଲାଗିବ। ଡିଜେକୁ ବାଦ୍‌ଦେଇ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ।



-ନିଶାକର ସାହୁ, ପ୍ରତିଷ୍ଠାତା ସଭାପତି, ଡମଣା ଗୋପୀନାଥଜୀଉ ଦୁର୍ଗାପୂଜା କମିଟି

**୮ ମୋବାଇଲ ଫୋନ ଫେରିପାଇଲେ ଲୋକେ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୋରି ହୋଇଥିବା, ହଜି ଯାଇଥିବା ମୋବାଇଲ ଫୋନକୁ ଚୌଦ୍ୱାର ପୋଲିସ ଉଦ୍ଧାର କରି ଏହାର ମାଲିକଙ୍କୁ ମୋବାଇଲ ଫେରାଇଛି। ମିଳିଥିବା ସୁଚନା ଅନୁଯାୟୀ ବହୁ ସମୟରେ ଲୋକଙ୍କ ମୋବାଇଲ ଚୋରି ହେଇଯାଇଥିବା, ପଡ଼ି ଯାଇଥିବା କିମ୍ବା ହଜି ଯାଇଥିବାନେଇ ଥାନାରେ ଅଭିଯୋଗ ହେଉଛି। ଏଭଳି ଘଟଣାରେ ପୋଲିସ ବୈଷୟିକ ଦଳଙ୍କ ସହାୟତାରେ ତଦନ୍ତ କରି ୮ଟି ମୋବାଇଲ ଫୋନ ଉଦ୍ଧାର କରିବା ସହିତ ମୋବାଇଲର ମାଲିକମାନଙ୍କୁ ସୋମବାର ଫେରାଇ ଦେଇଛି।

## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧୫।୯(କାର୍ତ୍ତିକ ସାହୁ)

ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ମୋଟ ୮୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରେ ୭୯ଟି ବ୍ୟକ୍ତିଗତ ଏବଂ ୩ଟି ସାମୂହିକ ଅଭିଯୋଗ ରହିଥିଲା। ୩ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାନୀୟଜଳ, ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣି) ସୌମ୍ୟା ବିଶ୍ୱାଳ କହିଛନ୍ତି। ଆସନ୍ତା ୨୨ ତାରିଖରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

### ଅର୍ଜିଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର କାର୍ଯ୍ୟ ନିମ୍ନମାନର: ବିଲ୍ ବନ୍ଦ କଲେ ବିଧାୟକ

କଟକ ସଦର,୧୫।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତର ଅର୍ଜିଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସୋମବାର ଉଦ୍‌ଘାଟନ କରିଛନ୍ତି। ତେବେ ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିମ୍ନମାନର ହୋଇଥିବା କେତେଜଣ ଲୋକ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଧାୟକ ସେଠୀ ଘରର ଛାତ ଉପରକୁ ଯାଇ କାମ ନିରୀକ୍ଷଣ କଲା ପରେ ବିଲ୍ ବନ୍ଦ କରିବା ପାଇଁ ସହକାରୀ ଯନ୍ତ୍ରୀ ବସୁନ୍ଧରା ରାଉତରାୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୟ ହୋଇଥିବା ଅଂଶକୁ ମରାମତି କଲା ପରେ ବିଲ୍ କରାଯିବ ବୋଲି କଟକ ସଦର ବ୍ଲକରୁ ସୂଚନା ମିଳିଛି।

### ସାଂସଦ ଖେଳ ମହୋତ୍ସବ-୨୫, ଅଧିକରୁ ଅଧିକ ପଞ୍ଜୀକରଣ ପାଇଁ ଆହ୍ୱାନ

ମଙ୍ଗୁଳି-ଜଗତପୁର,୧୫।୯(ମାନସ ସାମଲ)

ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଧୀନରେ ଥିବା ପ୍ରତି ବିଦ୍ୟାଳୟରେ ୨୯ଅଗଷ୍ଟରୁ ୨୦ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିଥିବା ସାଂସଦ ଖେଳ ମହୋତ୍ସବ-୨୫ ପାଇଁ ଏକ ବୈଠକ ହଳଦୀ ବସନ୍ତସ୍ଥିତ ସିଦ୍ଧେଶ୍ୱର ବିଦ୍ୟାପୀଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଲଳିତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି ଯୋଗଦେଇ କବାଡି, ଲମ୍ଫ ଓ ଉଚ୍ଚ ଡିଆଁ, ଶଟପୁଟ, ଭଲିବଲ, ରିଲେ ରେସ୍, ୧୦୦ ଓ ୪୦୦ମିଟର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କ୍ରୀଡ଼ାବିତଙ୍କ ନାମ ପଞ୍ଜୀକରଣ ପାଇଁ ଆଲୋଚନା କରାଯାଇଥିଲା। ବଣ ମଲ୍ଲି ବଣରେ ଫୁଟି ରହିଯିବା ପରି ବହୁ ପ୍ରତିଭା ଲୋକଲୋଚନକୁ ଆସି ପାରୁ ନାହାନ୍ତି। ସେମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ। ତେଣୁ ଏଥିରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସମସ୍ତ ଶିକ୍ଷକ ଧ୍ୟାନ ଦେବା ସହ ବହୁ ସଂଖ୍ୟାରେ ପଞ୍ଜୀକୃତ କରିବା ପାଇଁ ହିମାଂଶୁ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

### ୨୧ରେ ଗଣେଶ ଭସାଣି ଅନୁମତି ପାଇଁ ପୋଲିସକୁ ଅନୁରୋଧ

କଟକ,୧୫।୯(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ମହାନଗର ପୂଜା କମିଟି ଏବଂ ଉଭୟ ଶାନ୍ତି କମିଟି ପକ୍ଷରୁ ଗଣେଶ ଭସାଣି ଉତ୍ସବ ବିଭିନ୍ନ କ୍ଲବ, ଯୁବକ ସଂଘ, ବଜାର ଓ ସାହି କମିଟିର ଦ୍ୱାରା ଯାତ୍ରା ଶୃଙ୍ଖଳିତ ଭାବେ ସମାପନ କରାଯାଇଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। କମିଶନରେଟ ପୋଲିସକୁ ପୂଜା କମିଟି ଓ ଉଭୟ ଶାନ୍ତି କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। କମିଶନରେଟ ପୋଲିସ ୨୧ତାରିଖରେ ପ୍ରାୟ ଶହେଟି କ୍ଲବକୁ ଗଣେଶ ଭସାଣି ପାଇଁ ଅନୁମତି ପ୍ରଦାନ କରିବାକୁ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟକୁମାର ସାହୁ ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ନିବେଦନ କରିଛନ୍ତି।


ଷୋଡ଼ଶ ଉପଚାର ପୂଜା ଅବସରରେ ସୋମବାର ମା' କଟକଚଣ୍ଡୀଙ୍କ ସୁନାବେଶ।


ମା' ଗଡ଼ଚଣ୍ଡୀଙ୍କ ସୁନାବେଶ।


ମା' ଝାଞ୍ଜିରିମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ।


ମା' ବାସନ୍ତୀଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।


ପିଠାପୁରର ମା' ଧାକୁଲେଇଙ୍କ ଷୋଡ଼ଶୀ ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।


ତିଗିରିଆ ହାଟମାଳସ୍ଥିତ ମା' ଦୁର୍ଗାଙ୍କ କାତ୍ୟାୟନୀ ବେଶ।


ତିଗିରିଆ ମା' ବୁଢ଼ୀ ମଙ୍ଗଳାଙ୍କ ନିଜସ୍ୱ ବେଶ।

# ନବଭାରତ ନିର୍ମାଣରେ ବିଶ୍ୱେଶ୍ୱରାୟାଙ୍କ ଅବଦାନ ଅତୁଳନୀୟ

## ଇଂ. ଅଶୋକ କୁମାର ବାସାଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ

କଟକ,୧୫।୯(କାର୍ତ୍ତିକ ସାହୁ)

ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ ସାରଳା ଭବନରେ ସୋମବାର ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ଏଥିରେ ଫୋରମ୍ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଇଂ. ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ନବଭାରତ ନିର୍ମାଣରେ ସାର୍ ବିଶ୍ୱେଶ୍ୱରାୟଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ପରିଚାଳନା ନିର୍ଦ୍ଦେଶକ ଇଂ. କେଦାର ରଞ୍ଜନ ପାଣ୍ଡୁ ଯୋଗଦେଇଥିଲେ। ଏହି ଅବସରରେ ଇଂ. ଅଶୋକ କୁମାର ବାସାଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ ଦିଆଯାଇଥିଲା। ଇଂ. ବଟକୃଷ୍ଣ ଲେଙ୍କା, ଇଂ. ପୂର୍ଣ୍ଣଚନ୍ଦ୍ର ଦଳାଇ, ଇଂ. ଭାଗିରଥୀ ଦାଶ ଓ ଇଂ. ଦୁର୍ଗାପ୍ରସାଦ ରଥଙ୍କୁ ଯାନ୍ତ୍ରିକ ଗୁଣବତ୍ତା ପୁରସ୍କାର ପ୍ରଦାନ କରାଯାଇଥିଲା।


ଶ୍ରୀରାମଚନ୍ଦ୍ର ଭବନରେ କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ 'ଇଞ୍ଜିନିୟର୍ସ ଭଏସ-୨୦୨୫' ଉନ୍ମୋଚନ କରାଯାଉଛି।

ପ୍ରଫେସର ପ୍ରଭାତ କୁମାର ପାଢ଼ୀ ଅତିଥି ପରିଚୟ, କାର୍ଯ୍ୟକାରୀ ସଭାପତି ଇଂ. ବିମଳ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ମୁଖ୍ୟ ଉପଦେଷ୍ଟା ଡ. ଦିବାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଇଂ. ଶିଶିର କୁମାର ସାହୁ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ଇଂ. ପ୍ରବିତ୍ର ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ମହାନଦୀବିହାରସ୍ଥ ମହାନଦୀ ଭବନରେ ପାଳିତ ଯନ୍ତ୍ରୀ ଦିବସରେ ମୁଖ୍ୟ ଅତିଥି ଏମ୍‌ପି ଡ. ଭର୍ତ୍ତୃହରି ମହତାବ ଯୋଗଦେଇଥିଲେ। ଫାଉଣ୍ଡେଶନ ସମ୍ପାଦକ ଇଂ ଆଲୋକ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ପ୍ରଫେସର ସତ୍ୟକାମ ମିଶ୍ର, ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ, ଇଂମ୍. ଗୋପାଳକୃଷ୍ଣ ବେହେରା ଓ ଇଂ. ରମାବଲ୍ଲଭ ସ୍ୱାଇଁ ମଞ୍ଚାସୀନ ଥିଲେ। ରାଜ୍ୟ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ. ଶିବବ୍ରତ ତରିଆଙ୍କ ସମେତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ଆଚାର୍ଯ୍ୟ, ଇଂ. ପପୁନ କୁମାର ପ୍ରଧାନ, ଇଂ. ଶ୍ୱେତଲିନା ବିଶ୍ୱାଳ ଏବଂ ଇଂ. ଚନ୍ଦନ କୁମାର ଦେଙ୍କୁ ଯନ୍ତ୍ରୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଇଂ. ଆକାଶ ଭୂୟାଁ ସ୍ୱାଗତ ଭାଷଣ ଓ ଇଂ. ନରେନ୍ଦ୍ର ନାଥ ଜେନା ଧନ୍ୟବାଦ ଦେଇଥିଲେ। କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ କ୍ଲବ ସଭାପତି ଇଂ.ତାପସ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯନ୍ତ୍ରୀ ଦିବସରେ ମୁଖ୍ୟ ଅତିଥି ଇଂ. ନୂତନ କୁମାର ଦାଶ ଓ ମୁଖ୍ୟ ବକ୍ତା ଇଂ. ହେମନ୍ତ କୁମାର ପାଣ୍ଡୁ ଯୋଗଦେଇଥିଲେ। ଇଂ. ନିତ୍ୟାନନ୍ଦ ମିଶ୍ର ସ୍ୱାଗତ ଭାଷଣ, ଇଂ. ଗୋପାଳକୃଷ୍ଣ ବେହେରା ଉଦ୍ଦେଶ୍ୟ ଜ୍ଞାପନ ଓ ସାଧାରଣ ସମ୍ପାଦକ ଇଂ. ରମାକାନ୍ତ ପ୍ରଧାନ ବିବରଣୀ ପାଠ କରିଥିଲେ। କ୍ଲବର ସ୍ୱତନ୍ତ୍ର ବୁଲେଟିନ ଇଞ୍ଜିନିୟର୍ସ ଭଏସ-୨୦୨୫ ଉନ୍ମୋଚିତ ହୋଇଥିଲା। ଉପସଭାପତି ଇଂ. ଶୂନ୍ୟେଶ୍ୱର ସ୍ୱାଇଁ, ଇଂ. ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ଇଂ. ଯଦୁନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବି ନିରାମୟରେ ମିଳୁନି ଔଷଧ

## ଡାକ୍ତରଙ୍କ ପରାମର୍ଶରେ ବାହାରୁ କିଣୁଛନ୍ତି ରୋଗୀ

କଟକ,୧୫।୯(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଔଷଧ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହଇରାଣ ହେଉଛନ୍ତି। ନିରାମୟ କେନ୍ଦ୍ରରେ ସମସ୍ତ ପ୍ରକାର ଔଷଧ ଓ ଇଞ୍ଜେକ୍‌ଶନ୍ ଉପଲବ୍ଧ ରହୁନାହିଁ। ଅନେକ ସମୟରେ ଡାକ୍ତର ସାଦା ଚିଠାରେ ମେଡିକାଲ ବାହାରେ ଥିବା ଔଷଧ ଦୋକାନରୁ ସେହି ଇଞ୍ଜେକ୍ସନ କିଣିବାକୁ ରୋଗୀଙ୍କୁ କହୁଛନ୍ତି। ଏଭଳି ଏକ ଘଟଣା ସୋମବାର ଏସ୍‌ସିବି ଅର୍ଥୋପେଡିକ ବିଭାଗରେ ଦେଖିବାକୁ ମିଳିଛି। ଅନ୍ୟପଟେ ଏସ୍‌ସିବି ନିରାମୟ କେନ୍ଦ୍ରରେ ଅନେକ ଜରୁରୀ ଔଷଧ ଷ୍ଟକ ନ ଥିବାରୁ ରୋଗୀ ନିରାଶ ହୋଇ ଫେରୁଛନ୍ତି।

ସୂଚନା ଅନୁଯାୟୀ, କଟକ ଜିଲା ବଡମ୍ବା ଅଞ୍ଚଳର ଗୀତାଞ୍ଜଳି ପୁହାଣଙ୍କ ହାତ କିଛିଦିନ ହେବ ଯନ୍ତ୍ରଣା ଦେଉଥିଲା। ସେ ସୋମବାର ଏସ୍‌ସିବି ମେଡିକାଲର ଅର୍ଥୋପେଡିକ ବିଭାଗକୁ ଡାକ୍ତର ଦେଖାଇବାକୁ ଆସିଥିଲେ। ସେଠାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଅପରାହ୍ନରେ ଡାକ୍ତର ଦେଖାଇଥିଲେ। ଡାକ୍ତର ତାଙ୍କୁ କିଛି ପରୀକ୍ଷା କରାଇବା ସହ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ତାଙ୍କୁ ଡିପପ୍‌ରେଡ ଇଞ୍ଜେକ୍ସନ ନେବାକୁ କହିଥିଲେ। ଗୀତାଞ୍ଜଳି ନିରାମୟ କେନ୍ଦ୍ରରେ ବହୁ ସମୟ ଅପେକ୍ଷା କରିବା ପରେ କାଁ ଭାଁ କିଛି ଔଷଧ ଆଣିଥିଲେ, ହେଲେ ଡିପପ୍‌ରେଡ ଇଞ୍ଜେକ୍ସନ ମିଳି ନ ଥିଲା। ପରେ ଡାକ୍ତରଙ୍କୁ ପରାମର୍ଶ କରିବାରୁ ସେ ଏକ ସାଦା କାଗଜରେ ଇଞ୍ଜେକ୍ସନ ନାମ ଲେଖି ବାହାରୁ କିଣି ଆଣିବାକୁ କହିବା ସହ ମେଡିକାଲ କାଜୁଆଲ୍‌ଟିରେ ସେହି ଇଞ୍ଜେକ୍ସନ ନେବା ପାଇଁ କହିଥିଲେ। ରୋଗୀଙ୍କ ଯନ୍ତ୍ରଣାକୁ ଦେଖି ଔଷଧ ବାହାରୁ କିଣିବାକୁ ଡାକ୍ତର କହୁଥିବାବେଳେ ଅନ୍ୟପଟେ ଏହି ବାହାନାରେ ସମ୍ପୃକ୍ତ ଦୋକାନରୁ କମିଶନ ନେଉଥିବା ମଧ୍ୟ ସାଧାରଣରେ ଅଭିଯୋଗ ହେଉଛି। ଏସ୍‌ସିବିରେ ଔଷଧ ଓ ଚିକିତ୍ସା ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ଯୋଗାଇ ଦିଆଯାଉଥିବା ସରକାର ପ୍ରଚାର କରୁଥିବାବେଳେ ରୋଗୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସମସ୍ୟା ଦୂର ଆଳରେ ନୂଆ ସମସ୍ୟା ସୃଷ୍ଟିକୁ ବିରୋଧ

କଟକ ସଦର,୧୫।୯
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳରେ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଜନ ସାଧାରଣଙ୍କ ସମସ୍ୟା ଦୂର କରିବା ଆଳରେ ସମାଜରେ ଅଶାନ୍ତି, ବିଭେଦ, ହିଂସା ସୃଷ୍ଟି କରାଯାଉଛି। ଏଭଳି ପ୍ରୟାସକୁ ଭବିଷ୍ୟତରେ ବିରୋଧ କରାଯିବ ବୋଲି ୟୁନିୟନ୍ ଫର କଟକ ସଦର ଡେଭଲପ୍‌ମେଣ୍ଟ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ୪୨ମୌଜା ଅନ୍ତର୍ଗତ ଶ୍ରୀରାମ ନଗରଠାରେ ୟୁନିୟନ୍‌ର ସଭାପତି ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ନୂଆ ସମସ୍ୟା ସୃଷ୍ଟି କରିବା ଦ୍ୱାରା ସମାଜରେ ଭାଇଚାରା ଦିନକୁ ଦିନ ନିମ୍ନଗାମୀ ହେଉଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦଳମତ ନିର୍ବିଶେଷରେ ଲୋକଙ୍କ ସମସ୍ୟାର ସମାଧାନ କରାଗଲେ, ତାହା ସମସ୍ତଙ୍କ ପାଇଁ ଗ୍ରହଣ ଯୋଗ୍ୟ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରମଣି ଦେବତା, ସସ୍ମିତା ଗୋଛାୟତ, ଶକୁନ୍ତଳା ନାଏକ, ଅନୁ ଗୋଛାୟତ, ସସ୍ମିତା ନାଏକ, ଚୁନି ଗୋଛାୟତ, ବିଶାଳ ଆଚାର୍ଯ୍ୟ, ଆନନ୍ଦ ଦେବତା, ବିକାଶ ଭୋଇ, ଆନନ୍ଦ ବେହେରା, ଶରତ ଭୋଇ, ହୃଦାନନ୍ଦ ବେହେରା, ଜଗନ୍ ସାହୁ ପ୍ରମୁଖ ଯୋଗଦେଇ ଏହି ବାର୍ତ୍ତାକୁ ସମର୍ଥନ କରିଥିଲେ।


ୟୁନିୟନ୍ ଫର୍ କଟକ ସଦର ଡେଭଲପମେଣ୍ଟ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟ ବୃନ୍ଦ।

# ବିଦ୍ୟୁତ, ଜଳ ଯୋଗାଣ ସହ ସଫେଇକୁ ଗୁରୁତ୍ୱ


ପ୍ରସ୍ତୁତି ବୈଠକରେ ମେୟର ସୁବାସ ସିଂ ଉଦ୍‌ବୋଧନ ଦେଉଛନ୍ତି। (ଫଟୋ: ରାଜ କିଶୋର ମହାନ୍ତି)

କଟକ,୧୫।୯(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ ପକ୍ଷରୁ ସୋମବାର ଶହୀଦ ଭବନରେ ଚଳିତ ଦୁର୍ଗାପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ମହାନଗର ନିଗମ ଶାନ୍ତି କମିଟି, କଟକ ପୂଜା କମିଟି ଏବଂ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ। ପୂଜା ସମୟରେ ବିଶେଷକରି ୨୪ ଘଣ୍ଟିଆ ପାନୀୟଜଳ ଯୋଗଣ, ବିଭିନ୍ନ ମଣ୍ଡପ ନିକଟରେ ଦୈନନ୍ଦିନ ସଫେଇ ଏବଂ ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ଆଲୋଚନା କରାଯାଇଥିଲା। ପୂଜା ପାର୍ବଣ ସମୟରେ ଯେପରି ବିଦ୍ୟୁତ କାଟ୍ ନ ହେବ ସେଥିପାଇଁ ବିଭାଗ ସତର୍କ ଦୃଷ୍ଟି ଦେବା ପାଇଁ ବୈଠକରେ କୁହାଯାଇଥିଲା। ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ ଖୁଣ୍ଟ ଯେପରି କୌଣସି ସମସ୍ୟା ସୃଷ୍ଟି ନ କରେ ସେଥିପାଇଁ ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ କୁହାଯାଇଥିଲା। ବୈଠକରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାମାନେ ସେମାନଙ୍କ ଅଞ୍ଚଳରେ ପୂଜା ସମୟରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ସମାଧାନକୁ ଗୁରୁତ୍ୱ ଦିଆଯାଇଛି। ଏହାସହ ପୂଜା ସମୟରେ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସର ଟ୍ରାଫିକ ସଞ୍ଚାଳନ କରୁଥିବା ବିଭାଗକୁ ସତର୍କ କରାଯାଇଥିଲା। ବୈଠକରେ ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ମହାନଗର ପୂଜା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଅଧ୍ୟକ୍ଷା ମୋନାଲିସା ଦାସ, ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଚରଣ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଶିବ ସାହୁଙ୍କ ସମେତ ସମସ୍ତ କର୍ପୋରେଟର, ପୂଜା କମିଟିର କର୍ମକର୍ତ୍ତା, ଟିପିସିଓଡିଏଲ, ସିଏମ୍‌ସି ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୪।୯।୨୦୨୫

| | |
|---|---|
| | ୫,୧୯,୨୨୬ ଟଙ୍କା |
| ସୁନା | ୪.୪୫୦ ଗ୍ରାମ୍ |
| ରୁପା | ୬୬.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ୭୦ରୁ ଅଧିକ ମାରଣାସ୍ତ୍ର ଜବତ: ୨ ଗିରଫ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ପୁରୀକୁ ଅପରାଧମୁକ୍ତ କରିବା ଲକ୍ଷ୍ୟରେ ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। କଟୁରି, ଖଣ୍ଡା, ଭୁଜାଲି, ଧାରୁଆ ଅସ୍ତ୍ର ଆଦି ଯାହା ଅପରାଧୀମାନେ ବ୍ୟବହାର କରୁଛନ୍ତି, ସେଗୁଡ଼ିକୁ ଜବତ କରାଯାଇଛି। ସମସ୍ତ ଥାନା ଅଞ୍ଚଳରେ ଥିବା ଅପରାଧୀମାନଙ୍କ ଘର, ବିଭିନ୍ନ କ୍ଲବ୍, ବିକ୍ରୟ କେନ୍ଦ୍ର ଆଦି ସ୍ଥାନରୁ ପୋଲିସ ମୋଟ ୭୦ଟି ଧାରୁଆ ଅସ୍ତ୍ର ଜବତ କରିଛି। ଜବତ ହତିଆର ମଧ୍ୟରେ ୧୦ଟି ବଡ଼ ଖଣ୍ଡା, ୪ଟି ତେଲେଙ୍ଗା କଟୁରି, ୧୦ଟି ଭୁଜାଲି ସହ ଅନ୍ୟାନ୍ୟ ମାରଣାସ୍ତ୍ର ରହିଛି। ଦୁଇଟି ମାମଲା କୁମ୍ଭାରପଡ଼ା ଥାନା ଓ ସି-ବିଚ୍ ଥାନାରେ ୨ଟି ମାମଲା ରୁଜୁ ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି।

### ଗାଡ଼ି ଚୋରି, ଯୁବକ ଗିରଫ

କାକଟପୁର/ଅସ୍ତରଙ୍ଗ, ୧୫।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ବାଇକ୍ ଚୋରି ଅଭିଯୋଗରେ କାକଟପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେପ୍ଟେମ୍ବର ୧୪ତାରିଖ କାକଟପୁର ପ୍ରାଚୀବିହାର ଅଞ୍ଚଳରୁ ଚନ୍ଦ୍ରଶେଖର ପରିଡ଼ାଙ୍କ ଭଡ଼ାଘରୁ କୌଣସି ଦୁର୍ବୃତ୍ତ କବାଟ ଭାଙ୍ଗି ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କାକଟପୁର ଥାନା ଏଏସ୍‌ଆଇ ରମେଶ ଚନ୍ଦ୍ର ନିଶାଙ୍କ ସୋମବାର ତଦନ୍ତ କରି ଖୋର୍ଦ୍ଧା ଜିଲା ଗଡ଼ମାଣତିରପୁର ଅଞ୍ଚଳର ଗଗନ ବିହାରୀ ଛୁଆଳସିଂ (୪୬)ଙ୍କୁ ଗିରଫ କରିଛି। ତାଙ୍କଠାରୁ ପୋଲିସ ଗୋଟିଏ ପୁରୁଣା ହାତୁଡ଼ି ଜବତ କରିଛି। ଏନେଇ କାକଟପୁର ଥାନା କେସ୍ ନମ୍ବର ୨୭୪/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଗଗନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା କାକଟପୁର ଥାନା ନିରୀକ୍ଷକ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ମଦ ଜବତ, ବ୍ୟବସାୟୀ ଗିରଫ

ବଳଙ୍ଗା,୧୫।୯(କେଦାରେଶ୍ୱର ନନ୍ଦ)

ମଦ ବିକ୍ରି ଅଭିଯୋଗରେ ବଳଙ୍ଗା ଥାନା ପୋଲିସ୍ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀ ଜଣଙ୍କ ହେଲେ ରାମଚନ୍ଦ୍ର ବେହେରା। ତାଙ୍କଠାରୁ ପୋଲିସ ୩୮ ବୋତଲ ମଦ ଜବତ କରିଛି। ସୂଚନାଯୋଗ୍ୟ, ଶାଇଁସଶାସନ ପଞ୍ଚାୟତ ଅଧୀନ ଭଗବତୀପୁର ବଜାରରେ ରାମଚନ୍ଦ୍ର ଏକ ପାନ ଦୋକାନ କରିଛନ୍ତି। ରବିବାର ରାତିରେ ପୋଲିସ ପଟ୍ରୋଲିଂ କରୁଥିବା ବେଳେ ସେଠାରେ ମଦ ବିକ୍ରି କରୁଥିବା ଖବରପାଇ ସେଠାରେ ଚଢ଼ାଉ କରି ଗିରଫ କରିଥିଲା। ଏନେଇ ପୋଲିସ ୨୦୪/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଅଙ୍ଗନୱାଡ଼ି କର୍ମୀଙ୍କ ପରଲୋକ

ଅସ୍ତରଙ୍ଗ,୧୫।୯(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦର ପଞ୍ଚାୟତର ପଥରପକା ଗ୍ରାମର ହୃଦାନନ୍ଦ ସ୍ୱାଇଁଙ୍କ ପତ୍ନୀ ଦମୟନ୍ତୀ ସ୍ୱାଇଁ(୪୯)ଙ୍କର ସୋମବାର ନିଜ ବାସଭବନରେ ପରଲୋକ ହୋଇଛି। ସେ ପଥରପକା ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। କିଛି ଦିନ ହେବ ସେ କର୍କଟ ରୋଗରେ ପୀଡ଼ିତ ଥିଲେ ଓ ମୁମ୍ବାଇର ଏକ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇ ଘରେ ଥିଲେ। ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକରଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ପୁତ୍ର ସୌଭାଗ୍ୟ ମୁଖାଗ୍ନି ଦେଇଥିଲେ।

# କ୍ରୀଡ଼ା ଦକ୍ଷତା ବୃଦ୍ଧିରେ ସହାୟକ ହେବ ଇନ୍‌ଡୋର ଷ୍ଟାଡିୟମ୍

ସାକ୍ଷୀଗୋପାଳ,୧୫।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

## ସାକ୍ଷୀଗୋପାଳ କଲେଜରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ

ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟକୁ ବିଭିନ୍ନ ପର୍ଯ୍ୟାୟରେ ବିକଶିତ କରାଯିବ। ଏହି ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ସହ କ୍ରୀଡ଼ାକ୍ଷେତ୍ରରେ ସର୍ବୋଚ୍ଚ ସ୍ତରକୁ ଯାଇ ନିଜକୁ ଭଲ ପ୍ରତିପାଦିତ କରିବା ପାଇଁ ଏଠାରେ ପ୍ରସ୍ତୁତି କରିପାରିବେ। ଏହି ମହାବିଦ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନ ୧୧ଟାରେ ନୂତନ ଶ୍ରେଣୀଗୃହ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଏବଂ ଇନ୍‌ଡୋର ଷ୍ଟାଡିୟମର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଭୟ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ର ଜୀବନରୁ ନିଜ ଲକ୍ଷ୍ୟ ସ୍ଥିର କରି ଠିକ୍ ମାର୍ଗରେ ରହିଲେ ସଫଳତା ମିଳିବା ସୁନିଶ୍ଚିତ ବୋଲି କହିଥିଲେ। ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ମହାବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟାକୁ ଉପସ୍ଥିତ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମାଧାନ ଦିଗରେ ଆନ୍ତରିକ ସହଯୋଗ କାମନା କରିଥିଲେ। ଉତ୍ସବରେ ବରିଷ୍ଠ ଅଧ୍ୟାପିକା ସସ୍ମିତା ପ୍ରଧାନ ବେଦପାଠ କରିଥିଲେ। ପ୍ରାଧ୍ୟାପକ ରତ୍ନାକର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ାଙ୍କ ଦ୍ୱାରା ରଚିତ ଯୁଗ୍ମ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ରାଜନୀତି ବିଜ୍ଞାନ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଶୁଭଦୀପ୍ତା ପଟ୍ଟନାୟକ ସଂଯୋଜନା କରିଥିଲେ। ଅଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ନୀହାର ରଞ୍ଜନ ଦାସ, ଡ. ରତିକାନ୍ତ ପରିଡ଼ା, ସତ୍ୟଶିବସୁନ୍ଦର ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ଯୋଗଦେଇଥିବା ଅତିଥି ଲୋକାର୍ପଣ ପ୍ରକଳ୍ପର ଫଳକ ଅନାବରଣ କରୁଛନ୍ତି।

## ଲୋକାର୍ପଣ ଉତ୍ସବକୁ ନେଇ ଆପତ୍ତି ଉଠାଇଲେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ

ସାକ୍ଷୀଗୋପାଳ,୧୫।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ କଲେଜର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ ନାମ ନ ଥିବାରୁ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଆପତ୍ତି ଉଠାଇଛନ୍ତି। ସାକ୍ଷୀଗୋପାଳ କଲେଜରେ ସୋମବାର ଲୋକାର୍ପଣ ହୋଇଥିବା ନବନିର୍ମିତ ପ୍ରକଳ୍ପ ସତ୍ୟବାଦୀ ପଞ୍ଚାୟତ ସମିତି ଅନୁଦାନ ଅର୍ଥରେ ନିର୍ମିତ ହୋଇଛି। ନିୟମ ଅନୁଯାୟୀ, ଲୋକାର୍ପଣ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକଙ୍କୁ ସାମିଲ୍ କରାଯିବା ସହ ଫଳକରେ ଉଭୟଙ୍କ ନାମ ରହିବା କଥା। ମାତ୍ର କେଉଁ ଉଦ୍ଦେଶ୍ୟରେ ତାଙ୍କୁ ଏହି ଉତ୍ସବରେ ସମ୍ପୂର୍ଣ୍ଣ ଅଣଦେଖା କରାଗଲା ତାହା ଆଶ୍ଚର୍ଯ୍ୟର କଥା। ଭାଜପାର ଏଭଳି କାର୍ଯ୍ୟ ପାଇଁ ଦୃଢ଼ ବିରୋଧ କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ଧାରଣା ଦେବେ ବୋଲି ଅଧ୍ୟକ୍ଷ ପଣ୍ଡା ପ୍ରକାଶ କରିଛନ୍ତି।

# ଚାଷୀଙ୍କ ସମ୍ପତ୍ତି ବିନା ଦେୟରେ ଫେରସ୍ତ ଦାବି

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

## ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବୈଠକ

ପୁରୀ ସଦର ଭୁଆଁସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗୋପାଳଙ୍କ ସାର୍ଙ୍ଗୀ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆବାହକ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ସଂଯୋଜକ ବିଷ୍ଣୁପ୍ରସାଦ ମିଶ୍ର, ଉପଦେଷ୍ଟା ଡାକ୍ତର ବିଭୂତି ମହାପାତ୍ର, ସମ୍ପାଦକ ନବକିଶୋର ପ୍ରଧାନ, ଉପସଭାପତି ମଧୁସୂଦନ ଗୋଚ୍ଛାୟତ, ସଦସ୍ୟ ଦାମୋଦର ପ୍ରଧାନ, ଦାମୋଦର ମହାପାତ୍ର, ପର୍ଶୁରାମ ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ, ହରପ୍ରସାଦ ଜେନା, ଲକ୍ଷ୍ମଣ ପ୍ରଧାନ, ବାବନ ଜେନା, ଅଭିମନ୍ୟୁ ସ୍ୱାଇଁ ଏବଂ ୨୨ ମୌଜାର ସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ କିଛି ପ୍ରସ୍ତାବ ଗ୍ରହଣ କରାଯାଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ସମ୍ପତ୍ତିକୁ ଯଥାଶୀଘ୍ର ବିନା ଦେୟରେ ମହାପ୍ରଭୁଙ୍କୁ ଫେରସ୍ତ କରାଯାଉ ବୋଲି ବୈଠକରେ ପ୍ରସ୍ତାବ ପାରିତ ହୋଇଛି। ସେହିଭଳି ଜମି ହରାଇଥିବା ଚାଷୀଙ୍କ ସମ୍ପତ୍ତିକୁ ଯଥାଶୀଘ୍ର ବିନା ଦେୟରେ ଫେରସ୍ତ କରିବାକୁ ଦାବି ହୋଇଛି। ଦୀର୍ଘ ୧୬ ବର୍ଷ ଧରି ଚାଷୀମାନେ ସେମାନଙ୍କ ଜମି ହରାଇ ଉକ୍ତ ଅନ୍ୟାୟ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆଇନଗତ ଲଢେଇ କରି ବ୍ୟକ୍ତିଗତ ତଥା ଗ୍ରାମକୋଠର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ସର୍ବସ୍ୱାନ୍ତ ହୋଇଥିବା ସ୍ଥଳେ ସରକାର ସେମାନଙ୍କ ଜମି ଫେରସ୍ତ ବାବଦରେ ଅର୍ଥ ଦାବି କରିବା ଅଯୌକ୍ତିକ ଓ ବେଆଇନ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସରକାର ଚାଷୀଙ୍କ ଚାଷ ଓ ବେଉସାର କ୍ଷତିପୂରଣ ବାବଦକୁ ଏକର ପିଛା ୧୦ ଲକ୍ଷ ଟଙ୍କା ଦେବା ପାଇଁ ଦୃଢ଼ ଦାବି କରାଯାଇଛି। ଚାଷୀଙ୍କ ଚାଷଜମିକୁ ଗୋଟିଏ ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ଦର୍ଶାଇ ବେଆଇନ ଭାବେ ଦେଇଥିବା କ୍ଷେତ୍ରରେ ସଂପୃକ୍ତ ସମସ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯାଉ। ଘଟଣା ସମ୍ପର୍କରେ ସବିଶେଷ ଆଲୋଚନା ପାଇଁ ଦୁର୍ଗାପୂଜା ପୂର୍ବରୁ ହେବାକୁ ଥିବା ଆଗାମୀ ବୈଠକକୁ ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କୁ ଆମନ୍ତ୍ରଣ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି।

# ସାପ କାମୁଡ଼ାରେ ଯୁବକ ଗୁରୁତର

ଗୋପ,୧୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

## ଆମ୍ବୁଲାନ୍ସ ନ ମିଳିବାରୁ ଡାକ୍ତରଖାନାରେ ଉତ୍ତେଜନା

ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଦଳିତସାହି ଗ୍ରାମର ଜିତେନ୍ଦ୍ର ଭୋଇ (୨୦) ଗାଁ ପୋଖରୀରେ ଗାଧୋଉଥିବା ବେଳେ ସୋମବାର ଏକ ସାପ କାମୁଡ଼ାରେ ଗୁରୁତର ହୋଇ ଗୋପ ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ। ଡ୍ୟୁଟିରେ ଥିବା ଡା. ଶିବ ପ୍ରସାଦ ମଙ୍ଗରାଜ ସଙ୍ଗେ ସଙ୍ଗେ ଚିକିତ୍ସା କରିବା ସହିତ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ରେଫର୍ କରିଥିଲେ। ମାତ୍ର ପରିବାର ପକ୍ଷରୁ ଗୁରୁତର ଯୁବକଙ୍କୁ ଭୁବନେଶ୍ୱର ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଆମ୍ବୁଲାନ୍ସ କମ୍ପାନୀ ଫୋନ୍ ଉଠାଇ ନ ଥିଲେ। ଫଳରେ ଡାକ୍ତରଖାନାରେ ଉତ୍ତେଜନା ଦେଖାଯାଇଥିଲା। ପରିବାର ସଦସ୍ୟ ଆମ୍ବୁଲାନ୍ସ ନ ପାଇ ଗୋଟିଏ ଭଡ଼ା କାର୍ ଯୋଗେ ଭୁବନେଶ୍ୱର ନେଇଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ସାପ କାମୁଡ଼ାରେ ଗୁରୁତର ହୋଇଥିବା ଯୁବକଙ୍କ ବଡ଼ଭାଇ ରମେଶ ଚନ୍ଦ୍ର ଭୋଇ ଆମ ପରି ଗରିବଙ୍କ ଲାଗି ୧୦୮ ଆମ୍ବୁଲାନ୍ସ ସେବା ଓ ଆମ ଅଞ୍ଚଳ ଲାଗି ସାତସପନ ବୋଲି ଅଭିଯୋଗ ଆଣିଛନ୍ତି। କିଛି ମାସ ହେବ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଆମ୍ବୁଲାନ୍ସ ଗୁଡ଼ିକ ମଧ୍ୟରୁ କେତେକ ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ିଥିବା ବେଳେ ଚାଲୁଥିବା ଆମ୍ବୁଲାନ୍ସଗୁଡ଼ିକରେ ଏସି, ଅକ୍ସିଜେନ କାର୍ଯ୍ୟ କରୁ ନ ଥିବା ଭଳି ଅଭିଯୋଗ ହୋଇଛି। ଏପରି ଖରା, ବର୍ଷାରେ ଯାଉଥିବା ଗୁରୁତର ରୋଗୀମାନେ ମଧ୍ୟ ମୃତ୍ୟୁମୁଖରେ ପଡୁଥିବା ଭଳିଅଭିଯୋଗ ରହିଛି। ଏ ସମ୍ପର୍କରେ ପୁରୀ ଜିଲା ଆମ୍ବୁଲାନ୍ସ ସେବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କରିଥିବା ବେଳେ ସେ ଫୋନ ଉଠାଇ ନ ଥିଲେ। ଜିଲା ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀଙ୍କୁ ପଚାରିବାରେ ମୁଁ ତ ଜାଣିନାହିଁ ତଥାପି ଏ ସମ୍ପର୍କରେ ଦୃଷ୍ଟି ଦେବି ବୋଲି କହିଛନ୍ତି।

# ବୁଲାଗୋରୁଙ୍କୁ ଧରି ରାସ୍ତାରୋକୋ କଲେ ଚାଷୀ

## ଫସଲ ସୁରକ୍ଷା ପାଇଁ ଚାଷୀଙ୍କ ଅଭିନବ ଆନ୍ଦୋଳନ

ନିମାପଡ଼ା,୧୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଗୋ-ସୁରକ୍ଷା ସମିତି ପକ୍ଷରୁ ଶତାଧିକ ଚାଷୀ ସୋମବାର ଏକ ନିଆରା ଢଙ୍ଗରେ ଆନ୍ଦୋଳନ କରିଛନ୍ତି। ଶତାଧିକ ଚାଷୀ ୭ ଦଫା ଦାବିରେ ନିମାପଡ଼ା-ବାଲିପାଟଣା ରାସ୍ତାର ଶେଉଳସାହି ଛକଠାରେ ବହୁସଂଖ୍ୟାରେ ବୁଲା ଗୋରୁଙ୍କୁ ରାଜରାସ୍ତାରେ ଠିଆକରି ରାସ୍ତାରୋକୋ ଆନ୍ଦୋଳନ ଚଳାଇଥିଲେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ଦେଢ଼ଘଣ୍ଟାଧରି ଏହି ଆନ୍ଦୋଳନ ଚାଲିଥିଲା। ବୁଲାଗୋରୁଙ୍କୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ସୁବ୍ୟବସ୍ଥା କରିବା, ପ୍ରତ୍ୟେକ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଗୋଶାଳା ନିର୍ମାଣର ବ୍ୟବସ୍ଥା କରାଯିବା, ଫସଲର ସୁରକ୍ଷା ପାଇଁ ବୁଲାଗୋରୁଙ୍କୁ ରାଜରାସ୍ତାରୁ ହଟାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା, କେନ୍ଦ୍ର ଓ ରାଜ୍ୟ ସରକାର କଂସେଇଖାନାଗୁଡ଼ିକ ବନ୍ଦ କରିବା ପ୍ରମୁଖ ଦାବିରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଗୋ-ସୁରକ୍ଷା ସମିତିର ସଭାପତି ମାଧବ ମଲ୍ଲିକ, ସମ୍ପାଦକ ବାବୁଲି ମୁଖୀ, ଆବାହକ ବିଶ୍ୱରଞ୍ଜନ ଭୋଇ, ଯୁବନେତା ଆର୍ତ୍ତତ୍ରାଣ ରାଉତ, ମିଥୁନ ଭୋଇ, ବ୍ରଜବିହାରୀ ସାବୁତ, କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଖବରପାଇ ଅତିରିକ୍ତ ତହସିଲ୍‌ଦାର କେ ଭେଙ୍କଟେଶ୍ୱର ରାଓ, ପୋଲିସ ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ନିମାପଡ଼ା ବ୍ଲକ ଗୋ ସୁରକ୍ଷା ସମିତି ପକ୍ଷରୁ ୭ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର୍‌ଙ୍କୁ ପ୍ରଦାନ କରାଯାଇଥିଲା। ଆନ୍ଦୋଳନକାରୀମାନେ କ୍ରୋଧାନ୍ୱିତ ହୋଇ ତହସିଲ ଅଫିସ୍ ଭିତରେ ବୁଲାଗୋରୁ ପୂରାଇବାକୁ ମସୁଧା କରିବା ସହ ଅଫିସ୍ ସମ୍ମୁଖ ଚାନ୍ଦିନୀଠାରେ କିଛି ଗୋରୁଙ୍କୁ ବାନ୍ଧି ରଖିଥିଲେ।



ନିମାପଡ଼ା ଶେଉଳସାହି ଛକଠାରେ ବୁଲାଗୋରୁଙ୍କୁ ରାସ୍ତାରେ ଠିଆକରାଇ ଚାଷୀମାନେ ଆନ୍ଦୋଳନ ଚଳାଇଛନ୍ତି।

## ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

କଣାସ,୧୫।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦେଇପୁର ପଞ୍ଚାୟତ ତେଲେଙ୍ଗାପଡ଼ା ଗ୍ରାମରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଓ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅତିଥି ଭାବେ ଯୋଗଦେଇ ଆରୋଗ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. କ୍ଷମାନିଧି ସେଠି, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାହୁପଡ଼ା ସରପଞ୍ଚ ଭିକାରୀ ବଳିୟାରସିଂହ ଏବଂ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୨ ଗିରଫ

ଚାରିଛକ,୧୫।୯(ଶିଶିର କୁମାର ସ୍ୱାଇଁ)

ପୁରୀ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଚାରିଛକ ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିବା ସହ ୨ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉକ୍ତ ଥାନା ଅନ୍ତର୍ଗତ ନୂଆଗାଁ ନିକଟରେ ଜୁଆଖେଳ ହେଉଥିବା ସମୟରେ ଖବରପାଇ ସ୍ଥାନୀୟ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିବା ସହ ଗୋଟିଏ ପାଲି, ପାଲିଗୋଟି ଓ ନଗଦ ୪,୫୦୦ ଟଙ୍କା ଜବତ କରିଥିଲା। ଗିରଫ ଜୁଆଡ଼ି ହେଲେ ଚାରିଛକ ଥାନା ଅଞ୍ଚଳର ସୁବୋଧ କୁମାର ସେଠୀ ଓ ବଳଙ୍ଗା ଥାନା ଅଞ୍ଚଳର ରସାନନ୍ଦ ଲେଙ୍କା। ଉଭୟଙ୍କୁ ପୋଲିସ ସୋମବାର କୋର୍ଟଚାଲାଣ କରିଛି।

# ପିପିଲି ଥାନା ସମ୍ମୁଖରେ ଜବତ ହାଇୱା କରୁଛି ରାସ୍ତା ଜାମ

ପିପିଲି,୧୫।୯(ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ମାଇନ୍ସ ବିଭାଗ ଦ୍ୱାରା ଜବତ ହୋଇଥିବା ହାଇୱାଗୁଡ଼ିକ ପିପିଲି ଥାନା ସମ୍ମୁଖରେ ରହିବା ଯୋଗୁ ପିପିଲି ବଜାର ରାସ୍ତା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ହେଉଛି। ପିପିଲି ଥାନାର କୌଣସି ପାର୍କିଂ ସ୍ଥାନ ନ ଥିବା ଯୋଗୁ ଜବତ ଯାନବାହାନ ରାସ୍ତା ପାର୍ଶ୍ୱରେ ରହିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ପିପିଲି ଥାନା ଅଞ୍ଚଳରୁ ବେଆଇନ ଭାବେ ଚୋରା ମାଙ୍କଡ଼ା ପଥର ଓ ମୋରମ ଦୀର୍ଘ ଦିନ ଧରି ଚାଲାଣ ହେଉଥିବା ବେଳେ ସେ ସମୟରେ ଜିଲା ମାଇନ୍ସ ବିଭାଗ ଶୋଇ ରହିଥିଲା, ଯାହାକି ସରକାରଙ୍କ ବହୁକୋଟି ଟଙ୍କା ରାଜସ୍ୱହାନି ଘଟି ସାରିବା ପରେ ଲୋକଲୋଚନକୁ ଦେଖିବା ଭଳି ପିପିଲି ଅଞ୍ଚଳରେ ଚଢ଼ାଉ କରି ୮/୧୦ ଗୋଟି ହାଇୱା ଜବତ କରି ପିପିଲି ପୋଲିସକୁ ହସ୍ତାନ୍ତର କରି ମାମଲା ଆଗତ ପାଇଁ ଲିଖିତ ଅଭିଯୋଗ କରାଯାଇଛି। ପିପିଲି ପୋଲିସ ଅଭିଯୋଗ ପାଇ ମାମଲା ଆଗତ କରିବା ସହ ଜବତ ଗାଡ଼ିଗୁଡ଼ିକୁ ଥାନା ସମ୍ମୁଖରେ ରଖିଛି। ଅନ୍ୟପକ୍ଷରେ ପିପିଲି ଅଞ୍ଚଳରେ କୌଣସି ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଏବେ ଥାନା ସମ୍ମୁଖରେ ଜବତ ହୋଇ ରହିଥିବା ଗାଡ଼ି ପ୍ରତି କିଏ ନେବ କାର୍ଯ୍ୟାନୁଷ୍ଠାନ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମସ୍ୟା ଯୋଗୁ ଆମ୍ବୁଲାନ୍ସ, ବିଭିନ୍ନ ଯାନବାହାନ, ଛାତ୍ରୀଛାତ୍ର ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଦିଗରେ ଜିଲା ପୋଲିସ ଅଧୀକ୍ଷକ ନଜର ଦେଇ ପିପିଲି ଥାନା ସମ୍ମୁଖରେ ରଖାଯାଇଥିବା ହାଇୱାଗୁଡ଼ିକୁ ରାସ୍ତାପାର୍ଶ୍ୱରୁ ହଟାଯିବାକୁ ଦାବି ହେଉଛି।

# ୪ ବଖରା ଘର ସହ ଜଳିଗଲା ନଗଦ ୪ ଲକ୍ଷ ଟଙ୍କା

ସାକ୍ଷୀଗୋପାଳ,୧୫।୯ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଚନ୍ଦନପୁର ଥାନା ବାଲିପଡ଼ା ପଞ୍ଚାୟତ ଅଧୀନ କାଳିଆକେରା ଗ୍ରାମର ବାବୁଲି ନାୟକ ଓ ମାନସ ନାୟକଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଚାଳଘର ପୋଡ଼ିଯାଇଛି। ଆସବାବପତ୍ର ମଧ୍ୟରେ ୨ଟି ଟିଭି, ଫ୍ୟାନ୍, ସୁନାରୁପା ଅଳଙ୍କାର, ସାଇକେଲ, ଏବଂ ନଗଦ ୪ ଲକ୍ଷ ଟଙ୍କା ଜଳିଯାଇଛି। ପରିବାର ଲୋକେ ଶୋଇଥିବା ବେଳେ ରାତି ଗୋଟାଏ ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ସେମାନେ ଉଠିବାବେଳକୁ ଘର ସାରା ନିଆଁ ବ୍ୟାପି ଯାଇଥିଲା। ଜୀବନ ବଞ୍ଚାଇବାକୁ ପରିବାର ଲୋକେ ବାହାରକୁ ପଳାଇ ଆସିବାବେଳେ ଉପରେ ନିଆଁ ପଡ଼ିଯିବାରୁ ବାବୁଲି ନାୟକ ଆହତ ହୋଇଛନ୍ତି। ଖବରପାଇ ପୁରୀ ଦମକଳ କେନ୍ଦ୍ରର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିବା ଜଣାପଡ଼ିଛି। ବିପନ୍ନ ପରିବାରଙ୍କୁ ଭେଟି ସତ୍ୟବାଦୀ ଗୁରୁକୁଳ ଆଥ୍‌ଲେଟିକ୍ସର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର, ଅନ୍ତର୍ଜାତୀୟ ପାରା ଆଥ୍‌ଲେଟ ଜୟନ୍ତୀ ବେହେରା ଓ ଗୁରୁକୁଳ ଛାତ୍ରମାନେ ରନ୍ଧା, ଶୁଖିଲା ଖାଦ୍ୟ ଓ ଶାଢ଼ି, ଲୁଙ୍ଗି ଗାମୁଛା ଆଦି ସହାୟତା ଯୋଗାଇ ଦେଇଛନ୍ତି।

# ଜରିପାଲ ତଳେ ବିତୁଛି ଜୀବନ

## ଭୂମିହୀନ ଜଟିଆଙ୍କୁ ଘରପଟ୍ଟା, ଆବାସ ଗୃହ ମିଳବ କେବେ?

କଣାସ,୧୫।୯(ବିଭୂତି ଭୂଷଣ ତ୍ରିପାଠୀ)

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଭୂମିହୀନମାନଙ୍କୁ ଗୃହ ନିର୍ମାଣ ପାଇଁ ଜମି ଓ ଆବସ ଗୃହ ଯୋଗାଇ ଦେଉଥିବା ଗଣମାଧରେ ଡିଣ୍ଡିମ ପିଟୁଥିବା ବେଳେ କଣାସ ପଞ୍ଚାୟତ ଚାନ୍ଦପଡ଼ା ଗ୍ରାମର ଜଟିଆ ସେଠୀଙ୍କ ନିଜସ୍ୱ ଜାଗା ନ ଥିବାରୁ ସରକାରୀ ଜାଗାରେ ଜରିପାଲ ପକାଇ ଦୀର୍ଘ ଦିନ ଧରି ପରିବାର ସହ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ୧୯୯୯ ମହାବାତ୍ୟା, ଫନି, ହୁଡ୍‌ହୁଡ୍, ଫନି ସାମୁଦ୍ରିକ ଝଡ଼ରେ ଜରିପାଲ ଗୃହ ଧରାଶାୟୀ ହୋଇଥିଲା। ତହସିଲ୍‌ଦାର, ବିଡିଓ ତଦନ୍ତ କରିଥିଲେ ମଧ୍ୟ ସରକାରୀ ଜାଗାରେ ଜରିପାଲ ଟଣା ଗୃହ ଧରାଶାୟୀ ହୋଇଥିଲେ ମଧ୍ୟ ଆର୍ଥିକ ସହାୟତା ଦେଇ ନ ଥିଲେ। ସେହିପରି କଣାସ ବ୍ଲକରେ ଅନେକ ଅସହାୟ ଦିନ ମଜୁରିଆଙ୍କ ନିଜସ୍ୱ ଜାଗା ନ ଥିବାରୁ ଆବାସ ଗୃହରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଜଟିଆ ବାରମ୍ବାର ଜାଗା ଏବଂ ଆବାସ ଗୃହ ପାଇଁ ତହସିଲ୍‌ଦାର ଓ ବିଡିଓଙ୍କ ନିକଟରେ ଦାବିକରି ଆସୁଥିଲେ ମଧ୍ୟ ନିରାଶ ହୋଇଛନ୍ତି। ତୁରନ୍ତ ଜଟିଆଙ୍କୁ ବାସଗୃହ ପାଇଁ ଜାଗାଦେବା ସହ ଆବାସଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଭୂମିହୀନ ଜଟିଆ ସେଠୀ ଓ ତାଙ୍କ ସ୍ତ୍ରୀ।

ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି, ଜଟିଆଙ୍କର ନିଜସ୍ୱ ଜାଗା ନ ଥିବା ହେତୁ ଆବାସ ଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି। କିପରି ଘରଡିହ ଓ ଆବସଗୃହ ପାଇବେ ମୁଁ ଚେଷ୍ଟା କରୁଛି।

# ଡାକ ବିଭାଗ ଘରୋଇକରଣ ଉଦ୍ୟମକୁ ବିରୋଧ

## ନଭେମ୍ବରରେ ଡାକ କର୍ମଚାରୀ ୟୁନିୟନର ସର୍ବଭାରତୀୟ ସମ୍ମିଳନୀ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଡାକ ବିଭାଗକୁ ଘରୋଇକରଣ କରି ଏହାର ବିପୁଳ ସମ୍ପତ୍ତିକୁ ଦେଶର ପୁଞ୍ଜିପତିଙ୍କ ହାତରେ ଟେକିଦେବା ପାଇଁ କେନ୍ଦ୍ର ସରକାର କରୁଥିବା ପ୍ରୟାସକୁ ପ୍ରତିହତ କରିବା ନିମନ୍ତେ ଅଖିଳ ଭାରତ ଡାକ କର୍ମଚାରୀ ୟୁନିୟନ ବ୍ୟାପକ ସଂଗ୍ରାମ କରିବ ବୋଲି ଓଡ଼ିଶା ଶାଖା ପକ୍ଷରୁ କୁହାଯାଇଛି। ନଭେମ୍ବର ୩୦ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ପୁରୀରେ ଅଖିଳ ଭାରତ ଡାକ କର୍ମଚାରୀ ୟୁନିୟନର ୩୦ତମ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି କାର୍ଯ୍ୟକ୍ରମ ଏମ୍.ଚନ୍ଦ୍ରଶେଖର ରାଓଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କୁଳମଣି ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି କହିଲେ ଯେ, ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରି ଚାଲିଛି। ଶ୍ରମିକ ଓ କୃଷକଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ତୀବ୍ର ହେବାରେ ଲାଗିଛି। ଆମେରିକା ଲାଗୁ କରୁଥିବା ଶୁଳ୍କ ଯୋଗୁ ଲକ୍ଷ ଲକ୍ଷ ଶ୍ରମିକ କୃଷକ ବେକାର ହେବେ। ଡାକ ବିଭାଗର ବିପୁଳ ସମ୍ପତ୍ତିକୁ ଦେଶର ପୁଞ୍ଜିପତିଙ୍କ ହାତରେ ଟେକି ଦେବାପାଇଁ ହେଉଥିବା ଉଦ୍ୟମ ବିରୋଧରେ ଆଗାମୀ ଦିନରେ ଡାକ କର୍ମଚାରୀ ବ୍ୟାପକ ସଂଗ୍ରାମ କରିବାକୁ ପତି ଆହ୍ୱାନ ଦେଇଥିଲେ। ସର୍ବଭାରତୀୟ କର୍ମଚାରୀ ନେତା ରବୀନ୍ଦ୍ରନାଥ ଧଳ କହିଲେ, ଦେଶର ସମ୍ବିଧାନ ଉପରେ ଆକ୍ରମଣ ବଢ଼ିଚାଲିଛି ଓ ନାଗରିକଙ୍କ ଅଧିକାର ଛଡେଇ ନେବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ସୁରକ୍ଷିତ ଚାକିରି ସର୍ତ୍ତାବଳୀ ଓ ପୁରୁଣା ପେନସନ ବ୍ୟବସ୍ଥା ବିଲୋପ କରି କେନ୍ଦ୍ର ସରକାର ଦେଶରେ ଅସ୍ଥାୟୀ ନିଯୁକ୍ତି ରାଜ ଆରମ୍ଭ କରିଛନ୍ତି ବୋଲି ଶିକ୍ଷକ ଓ କର୍ମଚାରୀ ନେତାମାନେ କହିଥିଲେ। ଏହି ସଭାରେ କେନ୍ଦ୍ର କର୍ମଚାରୀ ନେତା ବୃହସ୍ପତି ସାମଲ, ଡାକ କର୍ମଚାରୀ ରାଜ୍ୟ ସମ୍ପାଦକ ରାଜୀବ କୁମାର ନାୟକ, ଦେବବ୍ରତ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ଏସ୍‌ଟିଏଫ୍‌ଆଇ ସର୍ବଭାରତୀୟ ଉପସଭାପତି ପ୍ରକାଶ ମହାନ୍ତି, ଶ୍ରମିକ ନେତା ଉଲ୍ଲାସ କୁମାର ସ୍ୱାଇଁ, ଜଗନ୍ନାଥ ଦେଓ, ମନୋରଞ୍ଜନ ମହାରଣା, ଚୁନା ନାୟକ, ଆଇନଜୀବୀ ୟୁନିୟନ ନେତା ଶରତ ରାୟଗୁରୁ, ଏସ୍‌ଏଫ୍ ଆଇ କୋଷାଧ୍ୟକ୍ଷ ରାକ୍ଷୀ ସ୍ୱାଇଁ, ଗଣତାନ୍ତ୍ରିକ ଯୁବ ଫେଡେରେଶନ୍ ସମ୍ପାଦକ ସରୋଜ ନାୟକ, ଗଣତାନ୍ତ୍ରିକ ମହିଳା ସମିତି ନେତ୍ରୀ ଶୈଳବାଳା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀରେ ହେବାକୁଥିବା ସର୍ବଭାରତୀୟ ସମ୍ମିଳନୀ ପାଇଁ ଡାକ ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ସଂଘର ବରିଷ୍ଠ ଅଧିକାରୀମାନେ ଆଲୋଚନା କରୁଛନ୍ତି

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

**ଟାଙ୍ଗୀ, ୧୫।୯ (ରଘୁନାଥ ସାହୁ):** ଟାଙ୍ଗୀ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ମଦ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଇନ୍‌ସ୍ପେକ୍ଟରଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଗ୍ରାମ ପଣଷପୁର ପାଟଣା ସାହି ଓ ଗୋଡ଼ିପାଟଣା ସାହିରେ ଚଢ଼ାଉ କରାଯାଇ ମନୋଜ ମହାପାତ୍ର ଓ ଶ୍ରବଣ କୁମାର ମାଝୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୪ ଲିଟର ଦେଶୀମଦ ଜବତ ହୋଇଛି। ଏନେଇ ପୃଥକଭାବେ ଦୁଇଟି ମାମଲା (୧୧୨, ୧୧୩/୨୫) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଇନ୍‌ସ୍ପେକ୍ଟର ରମେଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

### ଲଜନା ଇମାଇଲାଃ ପକ୍ଷରୁ ସେବାକାର୍ଯ୍ୟ

**ଖୋର୍ଦ୍ଧା, ୧୫।୯ (ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଇମାଇଲାଃ ପକ୍ଷରୁ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଜୀବନ ଜ୍ୟୋତି ଆଶ୍ରମ, କେରଙ୍ଗ ସରକାରୀ ଡାକ୍ତରଖାନା, କେରଙ୍ଗ ବିଭିନ୍ନ ସାହି, ଦିବ୍ୟସିଂହପ୍ରସାଦ ଏବଂ କୁମ୍ଭିଲୋ ଗ୍ରାମରେ ଏକାଧିକ ପରିବାରଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ଅବସରରେ ମହାପୁରୁଷ ମହମ୍ମଦଙ୍କ ସ୍ମୃତିସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଓ ନୟାଗଡ଼ ଅହମଦୀୟା ମୁସଲିମ ମହିଳା ସଙ୍ଗଠନର ସଭାନେତ୍ରୀ ଅମତୁଲ ହଫିଜ ଯୋଗଦେଇଥିଲେ। ଲଜନା ଇମାଇଲ୍ଲାଃର ସଭାନେତ୍ରୀ ଶାହେଦା ବେଗମ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ, ମାନବିକତା ହିଁ ପରମ ଧର୍ମ। ଆମେ ସବୁ ମଣିଷ ଜାତି ଏକ। ତେଣୁ ଆମେ ସମସ୍ତେ ଭଉଣୀ–ଭାଇ। ରୋକିଆ ବାନୁ, ଉମ୍ମେକୁଲସୁମ, ଅମତୁଲ ରସିଦ ଏବଂ ଫୌଜିଆ ରହମାନ ମହାମାନବ ଜଗତଗୁରୁ ପୈଗମ୍ବର ହଜରତ ମହମ୍ମଦଙ୍କ ଜୀବନୀ ଉପରେ ମତ ରଖିଥଲେ। ଶାହେଦା ବେଗମ ମହିଳା ସଶକ୍ତୀକରଣ ଦ୍ୱାରା ସମାଜରେ ସୁଧାର ଅସିବ ବୋଲି କହିଥିଲେ। ସାହେଦା ଅଖତର କୋରାନ ପାଠ କରିଥିବା ବେଳେ ଫରିଦା ବେଗମ ଉର୍ଦ୍ଦୁ ସଙ୍ଗୀତ ଗାନ କରିଥିଲେ। ମହିଳା ଏବଂ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲିଆ ସବାହତ, ସରକିଆ ବେଗମ, ଜ୍ୟାସମିନ ବେଗମ, ଜୁବେଦା ଖାତୁନ, ସୁଲତାନା ରିହାନା, ଅମତୁସ ସମି, ମୋବାରକା ବେଗମ, ସେରାଜୁମ ମୁନିରା ପ୍ରମୁଖ ସହଯୋଗ କରିଥିଲେ।

### ଦେଶୀମଦ ସହ ଗାଡ଼ି ଜବତ, ୨ ଗିରଫ



**ବେଗୁନିଆ, ୧୫।୯ (ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଓଆଇସି ମିତ୍ରବିନ୍ଦା ପରିଡ଼ା ଓ ସଞ୍ଜୟ କୁମାର ସୁବୁଦ୍ଧି, ଖୋର୍ଦ୍ଧା ଓ ଜଟଣୀ ଭ୍ରାମ୍ୟମାଣ କର୍ମଚାରୀଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ମାଜିଷ୍ଟ୍ରେଟ ତାପସ ବିଶିଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇ ମୋଟ ୧୫୪୦ଲିଟର ରନ୍ଧା ଦେଶୀମଦ ଜବତ କରାଯାଇଛି। ସେହିପରି ୩ ହଜାର କେଜି ପୋଚ ନଷ୍ଟ ସହ ଆବଶ୍ୟକ ସାମଗ୍ରୀ, ଇନୋଭା ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, କଟକ ଜିଲାର ସରୋଜ କୁମାର ତ୍ରିପାଠୀ ଏକ ଇନୋଭାରେ ୧ହଜାର ଲିଟର ହାତ ରନ୍ଧା ଦେଶୀ ମଦ ନେଇ ଯାଉଥିବାବେଳେ ତାଙ୍କୁ ଗେଡିଆପଲ୍ଲୀଠାରୁ ଗିରଫ କରାଯିବା ସହ ଗାଡ଼ି ଏବଂ ମଦ ଜବତ କରାଯାଇଛି। ଚଟୁଆ ଗ୍ରାମର ଶଙ୍କର ସାହୁଙ୍କଠାରୁ ୪୦ ଲିଟର, ବରପଦା କାଜୁ ଜଙ୍ଗଲରୁ ୩ହଜାର କେଜି ପୋଚ ନଷ୍ଟ କରାଯାଇଥିବା ବେଳେ ୫ଶହ ଲିଟର ହାତରନ୍ଧା ଦେଶୀ ମଦ ଓ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ଆଶାୟୀ

**ଆଶା ଜାଗ୍ରତ କଲା ମନ୍ତ୍ରୀଙ୍କ ପ୍ରତିକ୍ରିୟା, ବିଜେଡି ଦେଲା ଆହ୍ୱାନ**

**ଭୁବନେଶ୍ୱର, ୧୫।୯ (ସୁଚିସ୍ମିତା ସାହୁ)**

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ, ତାହାକୁ ନେଇ ଏବେସୁଦ୍ଧା କିଛି ସ୍ପଷ୍ଟ ହୋଇନାହିଁ। ନୂଆ ସରକାର ଆସିବା ପରେ କଲେଜଗୁଡ଼ିକରେ ବହୁ ବର୍ଷ ହେବ ବନ୍ଦ ରହିଥିବା ଛାତ୍ର ସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ଛାତ୍ରସମାଜ ଓ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ହେଲେ ଇତିମଧ୍ୟରେ କିଛି ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ କିଛି ରାଜ୍ୟରେ ଜାରି ରହିଛି। ପୂଜା ପୂର୍ବରୁ ନିର୍ବାଚନ ସରିବା ନିୟମ ରହିଥିଲେ ସୁଦ୍ଧା ଓଡ଼ିଶାରେ ଏଯାବତ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ନିର୍ବାଚନ ହେବ କି ନାହିଁ, ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଏ ପ୍ରସଙ୍ଗରେ ସରକାରଙ୍କ ନୀରବତା ଛାତ୍ରୀଛାତ୍ରଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉପୁଜୁଥିବା ଅଶାନ୍ତ ସ୍ଥିତି ଏହି ନିର୍ବାଚନକୁ ଆଶଙ୍କା ଭିତରକୁ ଟାଣି ନେଇଥିବାବେଳେ ଆଶାୟୀ ଛାତ୍ରୀଛାତ୍ରମାନେ ଏବେ ବି ଦ୍ୱନ୍ଦ୍ୱରେ ରହିଛନ୍ତି।

ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଛାତ୍ର ସଂସଦ ନିର୍ବାଚନ କରିବାକୁ ରାଜ୍ୟ ସରକାର ସକାରାତ୍ମକ ଥିବା କହିବା ପରେ ପୁଣିଥରେ ଆଶାୟୀ ପ୍ରାର୍ଥୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶା ଜାଗ୍ରତ ହୋଇଛି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛନ୍ତି। ଶିକ୍ଷା ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବିଭିନ୍ନ ବର୍ଗଙ୍କ ମତକୁ ମଧ୍ୟ ବିଚାର କରାଯାଉଛି। ସେସବୁ ବିଚାର କରି ପଦକ୍ଷେପ ନିଆଯିବ। ହେଲେ କେବେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ଓ ନିର୍ବାଚନ ହେବ ସେନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ରାଜ୍ୟ ସଭାନେତ୍ରୀ ଇପ୍‌ସିତା ସାହୁ ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟ ସରକାର ୟୁ–ଟର୍ନ ମାରିବାରେ ମାହିର। ଅନେକ ପ୍ରସଙ୍ଗରେ ୟୁ–ଟର୍ନ ମାରି ସାରିଥିବା ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ କାର୍ଯ୍ୟକାରୀ କରିନାହାନ୍ତି। ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା ଏବଂ ତହିଁରେ ଏବିଭିପିର ସମ୍ପୃକ୍ତି ପଦାକୁ ଆସିବା ପରେ ସରକାର ବ୍ୟାକଫୁଟ୍‌ରେ ଅଛନ୍ତି। ଆଭ୍ୟନ୍ତରୀଣ ସର୍ଭେ କରି ଶିକ୍ଷାନୁଷ୍ଠାନରେ ସ୍ଥିତି ଠିକ୍ ନ ଥିବା ଜାଣିବା ପରେ ନିର୍ବାଚନ ଟାଳି ଦେବାକୁ ପ୍ରୟାସ କରୁଛନ୍ତି। ପୂଜା ଛୁଟି ପୂର୍ବରୁ ନିର୍ବାଚନ ହୁଏ। ପୂଜା ପରେ ସରକାର ନିର୍ବାଚନ କରିପାରିବେ ନାହିଁ। ଛାତ୍ରୀଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ସରକାର ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

## ବ୍ରହ୍ମଚାରିଣୀ ବେଶରେ ମା’ବନଦୁର୍ଗା

**ନିରାକାରପୁର, ୧୫।୯ (ମାନସ ଚନ୍ଦ୍ର ପଟ୍ଟନାୟକ):** ଶାରଦୀୟ ଷୋଡ଼ଶ ପୂଜା ଅବସରରେ ସୋମବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା’ ବନଦୁର୍ଗା ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା’ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା ପଞ୍ଚଦେବତା ପୂଜା ପରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ପୁରୀ ଶ୍ରୀମନ୍ଦିର ସେବକ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆଙ୍କ ଦ୍ୱାରା ପ୍ରଭୁଙ୍କର ବସ୍ତ୍ର, ଆଜ୍ଞାମାଳ, ବିଭିନ୍ନ ପ୍ରକାର ମହାପ୍ରସାଦ ମା’ଙ୍କୁ ସମର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ବସନ୍ତ କୁମାର ପଣ୍ଡା, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।



# ଟାଉନ ହଲ୍ ନିର୍ମାଣ, ଉନ୍ନୟନ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି



କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

**ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା**

**ଟାଙ୍ଗୀ, ୧୫।୯ (ରଘୁନାଥ ସାହୁ)**

ଟାଙ୍ଗୀ ଗ୍ରାମବାସୀଙ୍କ ପକ୍ଷରୁ ରବିବାର ଚିଲିକା କ୍ଲବ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ପଞ୍ଚାୟତ ଏନ୍‌ଏସି ମାନ୍ୟତା ପାଇବାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସକ୍ରିୟ ସହଯୋଗଥିବାରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରା ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଖୁବ୍‌ଶୀଘ୍ର ଟାଙ୍ଗୀରେ ଏକ ଟାଉନ ହଲ୍ ନିର୍ମାଣ ଏବଂ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଟାଙ୍ଗୀ ଏନ୍‌ଏସି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଟାଙ୍ଗୀ ପଞ୍ଚାୟତର ବିଭିନ୍ନ ଅନୁଷ୍ଠାନ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ, ପୁରାତନ ଛାତ୍ର ସଂସଦ, ସମ୍ବାଦ ସାହିତ୍ୟ ଘର, ଆଇନଜୀବୀ ସଂଘ, ବ୍ଲକ ସାମ୍ବାଦିକ ସଂଘ, ଗୀତା ଭବନ କମିଟି, କଳିଙ୍ଗ ବୈଶ୍ୟ ସଂଘ, ସତ୍ୟସାଇ ସେବା ସମିତି, ଟାଙ୍ଗୀ ବିକାଶ ମଞ୍ଚ, ଗାଦି ବ୍ରହ୍ମ ଯୁବକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ଆଇକୋନିକ ଏକାଡେମୀ ପକ୍ଷରୁ ଏମ୍‌ପି ଏବଂ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେନ୍ଦ୍ର ମହାପାତ୍ର, ରଘୁନାଥ ସାହୁ, ନକୁଳ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି, ବିଜୟ ରାଉତ, ଗଙ୍ଗାଧର ବେହେରା, ତପନ ମହାନ୍ତି, ରମେଶ ବେହେରା, ମୁନା ବେହେରା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ଆରତି ସାହୁ, ସୁଧାଂଶୁ ରଣସିଂହଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ସଂଘ ବୈଠକ

**ଯାଁଳା, ୧୫।୯ (ବୁଲା ବାରିକ)**

ଶ୍ରୀନୀଳକଣ୍ଠେଶ୍ୱର ଦେବ ଆଞ୍ଚଳିକ ଓଡ଼ିଶୀ ସଙ୍କୀର୍ତ୍ତନ ସଂଘ ବରମୁଣ୍ଡା ତପୋବନ ଶାଖା ଆନୁକୂଲ୍ୟରେ ରବିବାର ଏକ ସାଧାରଣ ବୈଠକ ସାହାଣୀ କାଶିପୁର ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତମାଣ୍ଡୋ ସରପଞ୍ଚ ସନ୍ଧ୍ୟା ଜେନା, ନିଖିଳ ଉତ୍କଳ ଖୋର୍ଦ୍ଧା ଜିଲା ସଙ୍କୀର୍ତ୍ତନ ସଂଘର ସଭାପତି ଜଗନ୍ନାଥ ବେହେରା, ପୂର୍ଣ୍ଣ ଚନ୍ଦ୍ର ପରିଡ଼ା, ଦାମୋଦର ସାହୁ, ଆର୍ତ୍ତତ୍ରାଣ ବେହେରା, କୃଷ୍ଣ କହଲସିଂହ, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ଉପରେ ମତବ୍ୟକ୍ତ କରିଥିଲେ। ୨୪ଟି ସଙ୍କୀର୍ତ୍ତନ ମଣ୍ଡଳୀର ୧୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ସଂଘ ସଭାପତି ଜଗନ୍ନାଥ ବେହେରା ଶିଶୁ କଳାକାରଙ୍କୁ ପ୍ରୋତ୍ସାହନ କରିବା ନିମନ୍ତେ ‘କଳାକାର ବୃତ୍ତି’ ପ୍ରଣୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୫ବର୍ଷ ପାଇଁ ସଂଘର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ସଭାପତିଭାବେ ଜଗନ୍ନାଥ ବେହେରା, ଉପସଭାପତି ନୃସିଂହ ଚରଣ ରାଉତ ଓ ପୂର୍ଣ୍ଣ ଚନ୍ଦ୍ର ପରିଡ଼ା, ସମ୍ପାଦକ ଦୁର୍ଯ୍ୟୋଧନ ସ୍ୱାଇଁ, ସଙ୍ଗଠକ ଶରତ ସାମନ୍ତରାୟ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ସମୀକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ୫ଜଣ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଛନ୍ତି।

## ବଡ଼ରଘୁନାଥପୁରରେ ନାଟକ ମହୋତ୍ସବ

**ଯାଁଳା, ୧୫।୯ (ବୁଲା ବାରିକ)**

ବଡ଼ରଘୁନାଥପୁର ଗ୍ରାମର ଯୁବଶ୍ରୀ କ୍ଲବର ୩୦ତମ ବାର୍ଷିକ ଉତ୍ସବ ଅବସରରେ ଦୁଇଦିନିଆ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶଶି କୁମାର ସାହୁ, ସନ୍ତୋଷ କୁମାର ଜେନା, ସୁରତ୍ ପାଇକରାୟ, ଅଜିତ୍ ସାମନ୍ତରାୟ, ବିପ୍ଳବ ସାମନ୍ତରାୟ, ଉମାକାନ୍ତ ସାମନ୍ତରାୟ, ସସ୍ମିତ ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମ ସନ୍ଧ୍ୟାରେ ସାମାଜିକ ନାଟକ ‘କହିବାକୁ ଲାଜ ଶୁଣିଲେ ପାପ’ ଏବଂ ଅନ୍ତିମ ଦିବସରେ ‘ହା କୃଷ୍ଣ ବୋଲି ଯାଉ ଜୀବ’ ମଞ୍ଚସ୍ଥ ହୋଇଥିଲା। ମୁରଲି କୁମାର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଖବରଦାତା ବୁଲା ବାରିକ ଏବଂ ସୁଶାନ୍ତ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଷ୍ଟ୍ରୀୟ ହିନ୍ଦୀ ଦିବସ, ସ୍ୱାସ୍ଥ୍ୟସେବା ଶିବିର

**ଜଟଣୀ, ୧୫।୯ (ରବୀନ୍ଦ୍ରନାଥ ମହାକୁଡ଼)**

ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ୍ ଶାଖା ପକ୍ଷରୁ ରବିବାର ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟ୍ରାଫିକ୍ କଲୋନୀସ୍ଥିତ ସଂଘ କାର୍ଯ୍ୟାଳୟଠାରେ ସମ୍ପାଦକ ବିଜୟରାମ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ଶିବିର ହୋଇଥିଲା। ଶିବିରରେ ସଂଘର ଶତାଧିକ ସଭ୍ୟ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସୂର୍ଯ୍ୟ ନାରାୟଣ ପାଢ଼ୀ ଏବଂ ଅରୁଣ ମହାନ୍ତି ଶିବିର ପରିଚାଳନା କରିଥିଲେ। ସଂଘ ସଭାପତି ଭୈରବ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକା ସଭା ହୋଇଥିଲା। ହିନ୍ଦୀ ଭାଷା କେବଳ ରାଜଭାଷା ନୁହେଁ, ଏହା ଆମ ରାଷ୍ଟ୍ର ଭାଷା। ଏହି ଭାଷାକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଗଙ୍ଗାଧର ଦାସ, ଶରତ ମହାନ୍ତି, ଜଗଦୀଶ ଦାଶ, ପ୍ରଣତି ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉଲ୍ଲାସ ଚନ୍ଦ୍ର ଜେନା, ସୁବାସ ଚନ୍ଦ୍ର ଡାକୁଆ, ପୀତବାସ ସାହୁ, ଜୟନ୍ତୀ ମହାରଣା, ସସ୍ମିତା ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୌଦାଗର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପିଜିଟି ଶିକ୍ଷକଙ୍କ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ

**ଭୁବନେଶ୍ୱର, ୧୫।୯ (ସୁଚିସ୍ମିତା ସାହୁ)**



ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇଂଲିଶ ସ୍ନାତକୋତ୍ତର (ପିଜିଟି) ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ସୋମବାରଠାରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ଆରମ୍ଭ ହୋଇଛି। ଶିକ୍ଷାଦାନ ଓ ମୂଲ୍ୟାଙ୍କନ ଅଭ୍ୟାସକୁ ସୁଦୃଢ଼ କରିବା ସହ ସେମାନଙ୍କ ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଆଧାରିତ ଯୋଗାଯୋଗ କାର୍ଯ୍ୟକଳାପ ଏବଂ ସମାଲୋଚନାମୂଳକ ବିଶ୍ଳେଷଣ ମାଧ୍ୟମରେ ପଠନ ପଦ୍ଧତି ଉପରେ ଧ୍ୟାନ ଦିଆଯିବ। ଉଦ୍‌ଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ କହିଛନ୍ତି, ତାଲିମ ଗ୍ରହଣ ପରେ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ସମାଜ ଓ କଲେଜରେ ଶିକ୍ଷାଦାନ କ୍ଷେତ୍ରରେ ଆତ୍ମବିଶ୍ୱାସର ଭାବେ କାର୍ଯ୍ୟ କରିବେ। ନୂତନ ଜାତୀୟ ଶିକ୍ଷା ନୀତି ଆଧାରରେ ସମଗ୍ର ବିଶ୍ୱରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଏକ ଉଦାହରଣ କରିବା ପାଇଁ ହେଲେ ଛାତ୍ରୀଛାତ୍ରଙ୍କୁ କ୍ଷେତ୍ରୀୟ ଅଭିଜ୍ଞତାର ଆବଶ୍ୟକତା ରହିଛି। ଏଥିନିମନ୍ତେ ପ୍ରଥମେ ଶିକ୍ଷୟିତ୍ରୀଶିକ୍ଷକ ଦକ୍ଷ ହେବା ଜରୁରୀ ବୋଲି ସେ କହିଥିଲେ। ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ପାର୍ଥ ସାରଥି ମିଶ୍ର ଏବଂ ଜେନି ଆଲେକ୍ସ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟର ସମସ୍ତ ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପର୍ଯ୍ୟାୟକ୍ରମେ ସମୟାନୁସାରେ ତାଲିମ ଦିଆଯିବା ନେଇ ସୂଚନା ଦେଇଛନ୍ତି। ସେହିପରି ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳୀ କର୍ମଶାଳାର ତଦାରଖ କରିଛନ୍ତି। ଉପନିର୍ଦ୍ଦେଶକ ସିଏଚ. ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସିଙ୍ଗାପୁରରୁ ଫେରିଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୫।୯ (ସୁଚିସ୍ମିତା ସାହୁ)**



ବିଶ୍ୱ ଦକ୍ଷତା କେନ୍ଦ୍ରର ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ବିଭାଗ ପକ୍ଷରୁ ୨୪ଜଣ ଛାତ୍ରୀଛାତ୍ର ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ୬ ମାସିଆ ‘ପେଡ୍ ଇଣ୍ଟର୍ନଶିପ୍’ ଶେଷକରି ଓଡ଼ିଶା ଫେରିଛନ୍ତି। ରବିବାର ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ସେମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ପିରାଜ ସ୍ୱାଗତ କରିଥିଲେ। ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସ୍କୁଲ ଅଫ୍ ଇଞ୍ଜିନିୟରିଂର ନିର୍ଦ୍ଦେଶକ ପିଚାଇନ ଆଣ୍ଟୋନିସାମିଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ୬ ମାସିଆ ପେଡ୍ ଇଣ୍ଟର୍ନଶିପ କାର୍ଯ୍ୟକ୍ରମରେ ଯାଇ ସିଙ୍ଗାପୁରର ବିଭିନ୍ନ ପ୍ରମୁଖ କମ୍ପାନିରେ କାମ କରିବାର ସୁଯୋଗ ପାଇଥିଲେ। ସେମାନେ ନୂଆ ନୂଆ ଜ୍ଞାନ କୌଶଳ ବ୍ୟବହାର ଉପରେ ଅଧିକ ଜ୍ଞାନ ଆହରଣ କରିବା ସହ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକରେ କିପରି କାମ କରାଯାଏ ତାହା ଶିଖିବାକୁ ପାଇଥିଲେ। ସିଙ୍ଗାପୁରର ଏହି ଅନୁଭୂତି ସେମାନଙ୍କ ଭବିଷ୍ୟତ କ୍ୟାରିୟରକୁ ଆଉ ଏକ ନୂଆ ଉଚ୍ଚତାକୁ ନେବାରେ ବିଶେଷ ସହାୟକ ହେବ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ସିଙ୍ଗାପୁରର ୱାଇଟିଏଲ ପାୱାର ସେରାୟା କମ୍ପାନିରେ ମୁଁ ଇଣ୍ଟର୍ନଶିପ କରିବା ବେଳେ ନୂଆ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ପାଇଛି। ଇଣ୍ଟର୍ନଶିପରୁ ଯାହା ଶିଖିଲି ତାକୁ ଆଗାମୀ ଦିନରେ କାମରେ ଲଗାଇବି ବୋଲି ଶାଶ୍ୱତୀ ପଣ୍ଡା କହିଛନ୍ତି। ସେହିପରି ନବରଙ୍ଗପୁରର ରାଜକିଶୋର ବିଶ୍ୱ ଦକ୍ଷତା କେନ୍ଦ୍ରରେ ‘ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍’ ବିଷୟରେ ତାଲିମ ନେଇଥିଲେ। ଇଣ୍ଟର୍ନଶିପ ଶେଷ କରିବା ପରେ ତାଙ୍କୁ ମାଲଦିଭ୍‌ସର ଫୋର ସିଜିନ ହୋଟେଲ୍ସରେ ନିଯୁକ୍ତି ସୁଯୋଗ ମିଳିଛି।

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website **www.icai.org, www.eirc-icai.org** & **www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**
Secretary, ICAI

**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**
Axis Bank Ltd. ........................Appellant
- Versus -
Seema Rohidas & Another .................. Respondents
To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.
Take notice that in case of default, the applicant will be heard and determined in their absence.
Given under my hand seal of this Commission on this **11th day of August, 2025.**
Date: 15.09.2025 Sd/- Secretary

No.O-780
**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025
**“E” Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**
1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **‘B’ Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in
Sd./- Executive Engineer
R.W. Division, Karanjia
OIPR-25086/11/0025/2526

No.C-1065
**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

**The technical bid shall be opened on dt.10.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**
OIPR-13004/11/0023/2526 Sd./- Chief Engineer (PH)

No.C-1052
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Procurement & Installation of DG set for ESR & OGR site at Katikia Sahi, Kashinagar | EEPHDRAYAGADA - 21/2025-26 Dtd.09.09.2025 | 8.38 | 02 (Two Months) | 18.09.2025 (11.00 Hr) | 03.10.2025 (17.00 Hr) |
| 2. | Procurement & Installation of DG set for Intake Site at Kashinagar | EEPHDRAYAGADA - 21/2025-26 Dtd.09.09.2025 | 9.13 | 02 (Two Months) | 18.09.2025 (11.00 Hr) | 03.10.2025 (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal “https://www.tendersorissa.gov.in”.
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

Sd./- EXECUTIVE ENGINEER,
P.H. DIVISION, RAYAGADA
OIPR-13052/11/0036/2526

## ଶ୍ରୀମନ୍ଦିର ନୀତି ସବ୍‌କମିଟି ଗଠିତ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ଦୈନନ୍ଦିନ ନୀତିକାନ୍ତି ସୁରୁଖୁରୁରେ ପରିଚାଳନା ପାଇଁ ସୋମବାର ନୀତି ସବ୍‌କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ସବ୍‌କମିଟିରେ ଅଧ୍ୟକ୍ଷ ରହିଥିବା ବେଳେ ଡ. ସିଦ୍ଧେଶ୍ୱର ମହାପାତ୍ର ଏବଂ ଜଗନ୍ନାଥ ପୂଜାପଣ୍ଡା ସଭ୍ୟ ଭାବେ ମନୋନିତ ହୋଇଛନ୍ତି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଏବଂ ଆରକ୍ଷୀ ଅଧୀକ୍ଷକ, ପୁରୀ ସ୍ୱତନ୍ତ୍ର ନିମନ୍ତ୍ରିତ ପଦ ପ୍ରଯୁକ୍ତ ସଭ୍ୟ, କୃଷ୍ଣଚନ୍ଦ୍ର ସାମନ୍ତରା, ମଧୁସୂଦନ ସିଂହାରୀ, ଗଣେଶ ଦାସ ମହାପାତ୍ର, ରାମ ନାରାୟଣ ଗୋଛିକାର ଏବଂ ରଘୁବୀର ଦାସମହାରାଜ, ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭିତରଛ ଭବାନୀ ଶଙ୍କର ମହାପାତ୍ର, ତଲୁଛ ନୀଳକଣ୍ଠ ମହାପାତ୍ର, ନାରାୟଣ ମହାସୁଆର, ରାମଚନ୍ଦ୍ର ଦାସ ମହାପାତ୍ର, ଜଗନ୍ନାଥ କର ଏବଂ ଅନନ୍ତ ତିଆଡ଼ିଙ୍କ ସହ ମନୋନିତ ସଭ୍ୟଭାବେ କମିଟିରେ ସ୍ଥାନ ମିଳିଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଏହି ସବ୍‌କମିଟିରେ ପଦ ପ୍ରଯୁକ୍ତ ଆବାହକଭାବେ ରହିଥିବା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ବିଏମ୍‌ସି ସଫେଇ କର୍ମଚାରୀଙ୍କ ଧାରଣା



ବିଏମ୍‌ସି ମୁଖ୍ୟାଳୟ ଆଗରେ ସଫେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଭୁବନେଶ୍ୱର,୧୫।୯(ବନ୍ଦନା ସେଠୀ)

ସହରରେ ସ୍ୱଚ୍ଛତା ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରଦାନ କରାଯାଉନାହିଁ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ ୱାର୍ଡରେ ବର୍ଷ ବର୍ଷ ଧରି ଏମାନେ ସଫେଇ କରୁଛନ୍ତି, ମାତ୍ର ସେମାନଙ୍କୁ ଠିକା କମ୍ପାନୀଗୁଡ଼ିକ କୌଣସି ସାମାଜିକ ସୁରକ୍ଷା ପ୍ରଦାନ କରୁନାହାନ୍ତି। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସୋମବାର ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ ମଜଦୁର ସଂଘ ପକ୍ଷରୁ ସଫେଇ କର୍ମଚାରୀମାନେ ୪ଦଫା ଦାବି ନେଇ ବିଏମ୍‌ସି ମୁଖ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରତ୍ୟେକ ସଫେଇ କର୍ମଚାରୀଙ୍କୁ ୨୦% ବୋନସ ପ୍ରଦାନ, କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ଓ ୧ବର୍ଷର ବେତନ ସ୍ଲିପ୍ ପ୍ରଦାନ, ସୁରକ୍ଷା ଉପକରଣ ଓ ସମସ୍ତ ସଫେଇ କର୍ମଚାରୀଙ୍କୁ ଦରମାରୁ କଟିଥିବା ସମସ୍ତ ଇପିଏଫ୍ ଟଙ୍କା ପୈଠ ସହ ଇଏସ୍‌ଆଇ କାର୍ଡ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା। ତେବେ ଦାବି ପୂରଣ

### ପ୍ରତିଶ୍ରୁତି ପରେ ଆନ୍ଦୋଳନ ନ କରିବାକୁ ରାଜି ହେଲେ

ନେଇ ପ୍ରତିଶ୍ରୁତି ପାଇବା ପରେ ସଫେଇ କର୍ମଚାରୀମାନେ ଧାରଣାରୁ ଉଠିବା ସହିତ ଆନ୍ଦୋଳନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି। ଏନେଇ ବିଏମ୍‌ସିର ଡେପୁଟି କମିଶନର (ପରିମଳ) ଏନ୍. ଗଣେଶ ବାବୁ କହିଛନ୍ତି, ଏଜେନ୍ସିଗୁଡ଼ିକ ସଫେଇ କର୍ମଚାରୀଙ୍କୁ ଇଏସ୍‌ଆଇ, ଇପିଏଫ୍ ପ୍ରଦାନ କରୁନାହାନ୍ତି ବୋଲି ସେମାନେ ଦାବି କରିଥିଲେ। ଏନେଇ ବିଏମ୍‌ସି ପକ୍ଷରୁ ଏଜେନ୍ସି ସହିତ ଆଲୋଚନା ହୋଇଛି। ସେହିପରି ଦଶହରା ବୋନସ୍ ପ୍ରଦାନ କରିବା, ନିୟମିତ ବେତନ ସ୍ଲିପ୍ ପ୍ରଦାନ ଆଦି ନେଇ କର୍ମଚାରୀମାନେ ଦାବି ରଖିଥିଲେ। ଏଜେନ୍ସି ସହ ଏ ସମ୍ପର୍କରେ ଆଲୋଚନା ହେବା ସହିତ ୧୫ଦିନ ମଧ୍ୟରେ ଇଏସ୍‌ଆଇ, ଇପିଏଫ୍ ଷ୍ଟେଟ୍‌ମେଣ୍ଟ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିମୋହିତ କଲା 'ସଙ୍ଗୀତାୟନ'




ଭୁବନେଶ୍ୱର, ୧୫।୯
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ସୁଶାନ୍ତ କୁମାର ପାଣି, ଗୁରୁ ଧନେଶ୍ୱର ସ୍ୱାଇଁ, ସଙ୍ଗୀତଜ୍ଞ ଗୁରୁ ନିମାକାନ୍ତ ରାଉତରାୟ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସ୍ନେହାଳି ସେନାପତି, କମଳଲୋଚନ ପୋଡ଼ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତବଲାରେ ଗୁରୁ ଲଳିତ କୁମାର କର, ହାରମୋନିୟମରେ ସୁନୀଲ କୁମାର ସେଠୀ ଓ ମାନଗୋବିନ୍ଦ ପରିଡ଼ା, ତାନପୁରାରେ ଶ୍ରାବଣୀ ମିତ୍ର ଓ ସୁଚିସ୍ମିତା ରାଉତ ସହଯୋଗ କରିଥିଲେ। ଗୁରୁ ଚନ୍ଦନ କୁମାର ଜେନା, ଗୁରୁ ଧୃତିମୟ ବେହେରା ସୀତାର ବାଦିକା ଲିଜା ରାଣୀ ମେହେର, ସିତାର ବାଦକ ଶୁଭାଶିଷ ମହାପାତ୍ର ରାଗ, କିର୍‌ୱାନି ତାଲ, ତ୍ରିତାଲ ଧୁନ୍ ଶିବ ରଞ୍ଜନୀ ପରିବେଷଣ କରିଥିଲେ। ସେହିପରି ଗୁରୁ ସୌନ୍ଦର୍ଯ୍ୟ ରଞ୍ଜନ ରାୟ, ସୌମ୍ୟକାନ୍ତ ମଲ୍ଲିକ, ଦଧିବାମନ ମିଶ୍ର, ସୁଦର୍ଶନ ସାହୁ, ଅରୂପ କୁମାର ନନ୍ଦ ବୃନ୍ଦ ମର୍ଦ୍ଦଳ ବାଦନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଙ୍ଗାପୁରରୁ ଫେରିଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରୀଛାତ୍ର



ସିଙ୍ଗାପୁରରୁ ଫେରିବା ପରେ ବିମାନବନ୍ଦରରେ ଉତ୍ସାହିତ ଛାତ୍ରୀଛାତ୍ର।

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରର 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ପକ୍ଷରୁ ୨୪ଜଣ ଛାତ୍ରୀଛାତ୍ର ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ୬ ମାସିଆ 'ପେଡ୍ ଇଣ୍ଟର୍ନଶିପ୍' ଶେଷକରି ଓଡ଼ିଶା ଫେରିଛନ୍ତି। ରବିବାର ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ସେମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ପିରାଜ ସ୍ୱାଗତ କରିଥିଲେ। ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସ୍କୁଲ ଅଫ୍ ଇଞ୍ଜିନିୟରିଂର ନିର୍ଦ୍ଦେଶକ ପିଚାଇନ ଆନ୍ଥୋନିସାମିଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ୬ ମାସିଆ ପେଡ୍ ଇଣ୍ଟର୍ନଶିପ କାର୍ଯ୍ୟକ୍ରମରେ ଯାଇ ସିଙ୍ଗାପୁରର ବିଭିନ୍ନ ପ୍ରମୁଖ କମ୍ପାନିରେ କାମ କରିବାର ସୁଯୋଗ ପାଇଥିଲେ। ସେମାନେ ନୂଆ ନୂଆ ଜ୍ଞାନ କୌଶଳ ବ୍ୟବହାର ଉପରେ ଅଧିକ ଜ୍ଞାନ ଆହରଣ କରିବା ସହ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକରେ କିପରି କାମ କରାଯାଏ ତାହା ଶିଖିବାକୁ ପାଇଥିଲେ। ସିଙ୍ଗାପୁରର ଏହି ଅନୁଭୂତି ସେମାନଙ୍କ ଭବିଷ୍ୟତ କ୍ୟାରିୟରକୁ ଆଉ ଏକ ନୂଆ ଉଚ୍ଚତାକୁ ନେବାରେ ବିଶେଷ ସହାୟକ ହେବ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ସିଙ୍ଗାପୁରର ୱାଇଟିଏଲ ପାୱାର ସେରାୟା କମ୍ପାନିରେ ମୁଁ ଇଣ୍ଟର୍ନଶିପ କରିବା ବେଳେ ନୂଆ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ପାଇଛି। ଇଣ୍ଟର୍ନଶିପରୁ ଯାହା ଶିଖିଲି ତାକୁ ଆଗାମୀ ଦିନରେ କାମରେ ଲଗାଇବି ବୋଲି ଶାଶ୍ୱତୀ ପଣ୍ଡା କହିଛନ୍ତି। ସେହିପରି ନବରଙ୍ଗପୁରର ରାଜକିଶୋର ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍' ବିଷୟରେ ତାଲିମ ନେଇଥିଲେ। ଇଣ୍ଟର୍ନଶିପ ଶେଷ କରିବା ପରେ ତାଙ୍କୁ ମାଲଦିଭ୍‌ସର ଫୋର ସିଜିନ ହୋଟେଲ୍ସରେ ନିଯୁକ୍ତି ସୁଯୋଗ ମିଳିଛି।

## ୨୬ରୁ 'ପ୍ରୟାସ ନବରାତ୍ର ଦାଣ୍ଡିଆ ମହୋତ୍ସବ'

ଭୁବନେଶ୍ୱର,୧୫।୯(ସୌମ୍ୟରଞ୍ଜନ ରାଉତ)

ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଅବସରରେ ମା'ଙ୍କୁ ସମର୍ପିତ ୧୨ତମ 'ପ୍ରୟାସ ନବରାତ୍ର ଦାଣ୍ଡିଆ ମହୋତ୍ସବ' ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପ୍ରୟାସ ନବରାତ୍ର ଦାଣ୍ଡିଆ ସାଂସ୍କୃତିକ ବିଧି ବିଧାନ ଓ ସମ୍ପୂର୍ଣ୍ଣ ପାରିବାରିକ ବାତାବରଣରେ ଏହି ମହୋତ୍ସବ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଏଥର ବିଶେଷ ଆକର୍ଷଣ ଭାବେ ଡ୍ୟାନ୍ସିଂ ଫ୍ଲୋର ସହିତ ଅତ୍ୟାଧୁନିକ ଏଲ୍‌ଇଡି ଆଲୋକ ସଜ୍ଜା, ଉନ୍ନତମାନର ଲାଇଭ୍ ବ୍ୟାଣ୍ଡ ସହ ଆଲୋକମାଳାର ଅପୂର୍ବ ସମନ୍ୱୟ ନୃତ୍ୟାଙ୍ଗନାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟେଜ, ବିଭିନ୍ନ ଖାଦ୍ୟ ସଂସ୍ଥା ଦ୍ୱାରା ସ୍ୱାସ୍ଥ୍ୟକର ନିରାମିଷ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ମହୋତ୍ସବର ପ୍ରତ୍ୟେକ ଦିନରେ ବେଷ୍ଟ ଡ୍ୟାନ୍ସର୍, ବେଷ୍ଟ କପଲ୍, ବେଷ୍ଟ କଷ୍ଟ୍ୟୁମ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ନୃତ୍ୟ ପାଇଁ ଦାଣ୍ଡିଆ ଷ୍ଟିକ୍ ଓ କଷ୍ଟ୍ୟୁମ୍‌ର ବ୍ୟବସ୍ଥା କରାଯାଇଛି। ସ୍ୱଳ୍ପ ମୂଲ୍ୟର ପାର୍କିଂ ବ୍ୟବସ୍ଥା ସହ ମହିଳା ଓ ଝିଅମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି।

ମହୋତ୍ସବର ସମସ୍ତ ପରିସର ସିସିଟିଭି ପରିସରଭୁକ୍ତ କରାଯାଇଛି। ମାଦକଦ୍ରବ୍ୟ, ସିଗାରେଟ୍ ଓ ଆମିଷକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି ବୋଲି ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ 'ପ୍ରୟାସ'ର ଅଧ୍ୟକ୍ଷ ବନ ମହାନ୍ତି ସୂଚନା ଦେଇଛନ୍ତି। ସମ୍ମିଳନୀରେ ଜୟନ୍ତ କୁମାର ମହାନ୍ତି, କୌସ୍ତୁଭ ଦାସ, ସୁରେଶ କୁମାର ପତ୍ରୀ, କମଳ ମହାନ୍ତି, ଜସ୍ମିନ ମହାନ୍ତି, ସୋନାଲୀ ପ୍ରିୟଦର୍ଶିନୀ, ସୂର୍ଯ୍ୟ ନାରାୟଣ ମହାନ୍ତି, କୌଶିକ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ବୃନ୍ଦାବନ ପଢ଼ିହାରୀ, ସଂଗ୍ରାମ ମହାରଣା ଏବଂ ଉମାକାନ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ କଟନ ଫ୍ୟାବ୍‌ର ତୃତୀୟ ସପ୍ତାହ ଲଟେରିରେ ପ୍ରଥମ ବିଜେତା ଭାବେ ସ୍ୱରାଜ ଦାସ ଏବଂ ଦ୍ୱିତୀୟ ବିଜେତା ଭାବେ ରୋଜାଲିନ୍ ସ୍ୱାଇଁଙ୍କୁ କଟନ ଫ୍ୟାବର ଆସିଷ୍ଟାଣ୍ଟ ମ୍ୟାନେଜର ପୁରସ୍କୃତ କରୁଛନ୍ତି।


**THE INSTITUTE OF CHARTERED ACCOUNTANTS OF INDIA (ICAI)**

(Set up by an Act of Parliament)

Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.

The Tender document is available at ICAI website **www.icai.org, www.eirc-icai.org** & **www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**

**Secretary, ICAI**



**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**

Axis Bank Ltd. ........................Appellant

- Versus -

Seema Rohidas & Another .................. Respondents

To

**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the applicant will be heard and determined in their absence.

Given under my hand seal of this Commission on this **11th day of August, 2025.**

Date: 15.09.2025 Sd/- Secretary


# ଶୋଭାପାଇବ ଗୁଜରାଟର ସୋମନାଥ ମନ୍ଦିର



### ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ପାଇଁ ୧୦୮ ଦୀପଦାନ



ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ପାଇଁ ୧୦୮ ଅଖଣ୍ଡ ଦୀପ ଦାନ କରାଯିବ। ଭସାଣି ଉତ୍ସବ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ନୟାପଲ୍ଲୀଠାରେ ମିଳିତ ଭସାଣି ଉତ୍ସବରେ ମା' ସାମିଲ ହେବା ପରେ ଶୋଭାଯାତ୍ରାରେ କୁଆଖାଇ କୂଳକୁ ନିଆଯାଇ ମେଲାଣି ଦିଆଯିବ। ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ତଥା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆମ ପରିଷଦର ସଦସ୍ୟ ତଥା ସ୍ୱେଚ୍ଛାସେବୀ ପ୍ରସ୍ତୁତ ରହିବେ।

-ନାରାୟଣ ପ୍ରସାଦ ସାହୁ, ଉପଦେଷ୍ଟା

### ପ୍ଲାଷ୍ଟିକ୍ ବଦଳରେ କାଗଜ ଠୁଙ୍ଗା ବ୍ୟବହାର ହେବ



ପରିବେଶ ସୁରକ୍ଷାକୁ ଆମ କମିଟି ପ୍ରତିବର୍ଷ ଗୁରୁତ୍ୱ ଦେଇଥାଏ। ମଣ୍ଡପକୁ ପଲିଥିନ୍ ବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କାଗଜ ଠୁଙ୍ଗାରେ ଭୋଗ ଦିଆଯିବ। ସ୍ୱଚ୍ଛତା ରକ୍ଷା ପାଇଁ ମଧ୍ୟ ପରିଷଦ ସଦସ୍ୟ ଦୃଷ୍ଟି ଦେବେ। ମା'ଙ୍କ ପାଖରେ ନକଲି ଘିଅ ନ ଲଗାଇବା ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରାଯିବ।

– କମଳଲୋଚନ ପାତ୍ର, ସମ୍ପାଦକ

## ୩୬ ବର୍ଷରେ ଗଙ୍ଗନଗର ଯୁବ ପରିଷଦ ଦୁର୍ଗାପୂଜା

ଭୁବନେଶ୍ୱର,୧୫।୯
(ଅନୁରାଧା ମହାରଣା)

ଭୁବନେଶ୍ୱରର ୟୁନିଟ୍-୬ ଗଙ୍ଗନଗର ଯୁବ ପରିଷଦ ପକ୍ଷରୁ ୧୯୯୦ରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଉତ୍ସବ ଚଳିତବର୍ଷ ୩୬ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷଠାରୁ ଏବର୍ଷ ଅଧିକ ଆଡମ୍ବରରେ ପୂଜା କରିବା ପାଇଁ କମିଟି ସଦସ୍ୟମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ମୂର୍ତ୍ତି ଗଢ଼ାଠାରୁ ଆରମ୍ଭ କରି ତୋରଣ ବନ୍ଧା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାବେଳେ ପୂଜାକୁ ଆକର୍ଷଣୀୟ ଢଙ୍ଗରେ ପାଳନ କରିବା ପାଇଁ ପରିଷଦ ପକ୍ଷରୁ ୨୦ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। କୋଲକାତାର




୨୦ ଜଣ କାରିଗର ନିଆରା ତୋରଣ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏଥର ଏଠାରେ ଶୋଭାପାଇବ ଗୁଜରାଟର ସୋମନାଥ ମନ୍ଦିର ଢାଞ୍ଚାରେ ନିର୍ମିତ ତୋରଣ। ଏହାର ଉଚ୍ଚତା ପ୍ରାୟ ୬୦ ଫୁଟ୍ ରହିବ। ସେହିଭଳି ମା'ଙ୍କ ୧୬ ଫୁଟ୍ ଉଚ୍ଚର ମୃଣ୍ମୟୀ ମୂର୍ତ୍ତିରେ ଶୋଭା ପାଇବ ରୁପା ମୁକୁଟ। ମା'ଙ୍କ ମୂର୍ତ୍ତି ଗଢ଼ିବାରେ ଶିଳ୍ପୀ ନିମଗ୍ନ ଥିବାବେଳେ ସୌନ୍ଦର୍ଯ୍ୟପୂର୍ଣ୍ଣ ମେଢ଼ ଉପରେ ମଧ୍ୟ ଯୁବ ପରିଷଦ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଧି ଅନୁସାରେ ଷଷ୍ଠୀ ତିଥିରେ ବିନ୍ଦୁସାଗରରୁ ଜଳ ଆସିବା ପରେ ଘଟସ୍ଥାପନ ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହେବ। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ଓ ନାଚଗୀତ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ପରମ୍ପରା ଅନୁସାରେ ମା'ଙ୍କ ପାଖରେ ସପ୍ତମୀରେ ଲଡୁ, ଅଷ୍ଟମୀରେ ଖିରି, ନବମୀରେ କାକରା, ଦଶମୀରେ ଦହିପଖାଳ ଭୋଗ ଲାଗି କରାଯିବ।


No.O-780

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**

E-mail ID : eerwkaranjia@yahoo.com

Letter No.3953/WE//Date : 11.09.2025

**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**

1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | **Dt.17.09.25 at 11.00 A.M.** | **Dt.06.10.25 up to 5.00 P.M.** | **Dt.06.10.25 up to 5.00 P.M.** | **Dt.08.10.25 at 11.00 A.M.** | **Will be intimated Later** |

Further details can be seen from the website www.tendersodisha.gov.in

Sd./- Executive Engineer
R.W. Division, Karanjia

OIPR-25086/11/0025/2526



No.C-1065

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER,**
**PUBLIC HEALTH CIRCLE, BERHAMPUR**

E-Mail ID - acephcbam@gmail.com

**NATIONAL COMPETITIVE BIDDING THROUGH e-Procurement**

**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

**The technical bid shall be opened on dt.10.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**

OIPR-13004/11/0023/2526 Sd./- Chief Engineer (PH)



No.C-1052

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA**

e-mail : eephd.rgda.od@od.gov.in, eephdrgda@gmail.com

**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | **Procurement & Installation of DG set for ESR & OGR site at Katikia Sahi, Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 8.38 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |
| 2. | **Procurement & Installation of DG set for Intake Site at Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 9.13 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**

- Further details can be seen from the e-Procurement portal "**https://www.tendersorissa.gov.in**".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**Sd./- EXECUTIVE ENGINEER,**
**P.H. DIVISION, RAYAGADA**

OIPR-13052/11/0036/2526

## ସଂକ୍ଷେପରେ

### ମୃତକଙ୍କ ସ୍ମୃତିରେ ଚାରାରୋପଣ

**ସାଲେପୁର,୧୫।୯(ଅରବିନ୍ଦ ଭୂୟାଁ):**

ସାଲେପୁର ଭାଜପା ମଣ୍ଡଳ ସଭାପତି ଅସିତ ମହାନ୍ତିଙ୍କ ବାପାଙ୍କ ମୃତ୍ୟୁରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ୬ ନମ୍ବର କେନାଲ ପାର୍ଶ୍ୱରେ ଘର କରି ରହୁଥିବା ଅବସରପ୍ରାପ୍ତ ସିନିଅର ଆକାଉଣ୍ଟ ଅକ୍ଷୟ କୁମାର ମହାନ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ଅକ୍ଷୟଙ୍କ ବାସଭବନ ଏବଂ ଶ୍ମଶାନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବରିଷ୍ଠ ନେତା ବିଷ୍ଣୁ ଦାସ, କଟକ ଜିଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି, ପୂର୍ବତନ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଭାଜପା ନେତା ହିମାଂଶୁ ମହାନ୍ତି, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, କଟକ ଜିଲା ଖବରଦାତ ସଂଘ ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ ପ୍ରମୁଖ ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି। ଏହି ଅବସରରେ କଟକ ଜିଲା ଭାଜପା ଗ୍ରାମୀଣ ସଭାପତି ସାଲେପୁର ସ୍ଥିତ ସୁନ୍ଦରବନ ଶ୍ମଶାନରେ ପହଞ୍ଚି ଅନ୍ତେଷ୍ଟି କ୍ରିୟାରେ ଭାଗ ନେବା ସହ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୃକ୍ଷ ଚାରା ରୋପଣ କରିଥିଲେ। ବଡ଼ପୁଅ ଅଶ୍ୱିନୀ ମହାନ୍ତି ମୁଖାଗ୍ନି ଦେଇଥିଲେ।

### ୧୫୦ଲିଟର ମଦ ଜବତ: ୨ ଗିରଫ



**ବାଙ୍କୀ, ୧୫।୯( ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ଉପଖଣ୍ଡ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ଟି-ସେତୁ ଉପରେ ସୋମବାର ପୋଲିସ ଚଢାଉ କରି ୧୫୦ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ କରିଛି। ଚୋରା ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ବାଙ୍କୀ ଥାନା ଅନ୍ତର୍ଗତ ମାଳବିହାରପୁର ଗ୍ରାମର ପ୍ରଭାକର ସାହୁ(୩୦) ଓ ତପନ ନାୟକ(୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବୈଦ୍ୟେଶ୍ୱର ଥାନା ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ବାଇକ୍ ଏବଂ ସ୍କୁଟି ଯୋଗେ ଦେଶୀ ମଦ ଧରି ବଡ଼ମ୍ବା ପଟରୁ ଆସି ବୈଦ୍ୟେଶ୍ୱର ଥାନା ଦେଇ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳକୁ ଦୀର୍ଘ ଦିନ ହେବ ଚାଲାଣ କରୁଥିଲେ ବୋଲି ଆଇଆଇସି ଜେନା କହିଛନ୍ତି।

# ପ୍ରଥମ ଥର ହେବ କଟକ ନାଟ୍ୟୋତ୍ସବ




ଖବରଦାତା ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ନାଟ୍ୟୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି।

**କଟକ,୧୫।୯(କାର୍ତ୍ତିକ ସାହୁ):**

**ନାଟକ ସଂସ୍କୃତିର ପୁନରୁଦ୍ଧାର ସହ ଯୁବ ନାଟ୍ୟ ପ୍ରତିଭାଙ୍କୁ ମିଳିବ ପରିଚୟ: ଜିଲାପାଳ**

ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଏବଂ ଆଗାମୀ ପିଢ଼ି ନିମନ୍ତେ କଳାକାର, କାହାଣୀ ଲେଖକ, ସଂଳାପ ଲେଖକ, ନିର୍ଦ୍ଦେଶକ, ଗୀତିକାର ଆଦି ସୃଷ୍ଟି କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଯାଉଛି କଟକ ନାଟ୍ୟୋତ୍ସବ-୨୦୨୫। ଏହାଦ୍ୱାରା କଟକରେ ନାଟକ ସଂସ୍କୃତିକୁ ପୁନରୁଦ୍ଧାର ତଥା ଉଜ୍ଜିବୀତ କରିବା ସହ ଯୁବ ନାଟ୍ୟ ପ୍ରତିଭାକୁ ପରିଚୟ ମିଳିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି।

ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଶିନ୍ଦେ କହିଛନ୍ତି, ନାଟ୍ୟୋତ୍ସବରେ ଜିଲାର ୧୯ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରୁଛନ୍ତି। କେବଳ ମୌଳିକ ଲେଖାକୁ ବିବେଚନା କରାଯିବ। ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୨୧ରୁ ୨୭ ପର୍ଯ୍ୟନ୍ତ ଅଂଶଗ୍ରହଣକାରୀମାନେ ଶହୀଦ ଭବନରେ ନାଟକ ପରିବେଷଣ କରିବେ। ଏହାପୂର୍ବରୁ ନାଟ୍ୟ ବିଶେଷଜ୍ଞମାନେ ସେମାନଙ୍କ ଅନୁଷ୍ଠାନ ଭ୍ରମଣ କରି ବିଭିନ୍ନ ବିଷୟରେ ସେମାନଙ୍କୁ ପରାମର୍ଶ ଦେବେ। ବିଚାରକମାନେ ଅଂଶଗ୍ରହଣକାରୀ ଦଳଗୁଡିକ ମଧ୍ୟରୁ ୧୦ଟି ଦଳକୁ ଚୟନ କରିବେ। ଏହି ୧୦ଟି ଦଳ ଅକ୍ଟୋବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ଥିଏଟର ଓ ଜନତା ରଙ୍ଗମଞ୍ଚରେ ନାଟ୍ୟ ବିଶେଷଜ୍ଞମାନଙ୍କ ସହାୟତା ଓ ପରାମର୍ଶ ମାଧ୍ୟମରେ ସ୍ୱତନ୍ତ୍ର ଅଭ୍ୟାସ ଜାରି ରଖି ନିର୍ଣ୍ଣାୟକ ପର୍ଯ୍ୟାୟ ନିମନ୍ତେ ପ୍ରସ୍ତୁତି କରିବେ। ଏହାପରେ ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କଳା ବିକାଶ କେନ୍ଦ୍ରରେ କଟକ ନାଟ୍ୟୋତ୍ସବ-୨୦୨୫ ନିର୍ଣ୍ଣାୟକ ପର୍ଯ୍ୟାୟ ଅନୁଷ୍ଠିତ ହେବ ଏବଂ ସେଠାରୁ ବିଜେତାମାନଙ୍କୁ ଚୟନ କରାଯିବ। ଚାମ୍ପିୟନ ଦଳକୁ ୧ ଲକ୍ଷ, ପ୍ରଥମ ରନର୍ସ ଅପ ଦଳକୁ ୭୦ ହଜାର ଏବଂ ଦ୍ୱିତୀୟ ରନର୍ସ ଅପ ଦଳକୁ ୫୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ। ଏହାବ୍ୟତୀତ ୭ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ସାନ୍ତ୍ୱନାମୂଳକ ଟ୍ରଫି ସହ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ମହୋତ୍ସବ ଯୁବପିଢ଼ିଙ୍କ ମଧ୍ୟରେ କଳାତ୍ମକ ଅଭିବ୍ୟକ୍ତି ଓ ନାଟ୍ୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସହ ଏକ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମ ଯୋଗାଇଦେବ। ଏହି ଅବସରରେ କଟକ ନାଟ୍ୟୋତ୍ସବ-୨୦୨୫ର ଲୋଗୋ ଉନ୍ମୋଚିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଉନ୍ନୟନ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଚଳଚ୍ଚିତ୍ର ତାରକା ଶ୍ରୀତମ ଦାସ, ନାଟ୍ୟ ପରାମର୍ଶଦାତା ଉମେଶ ଦାସ, ଅକ୍ଷୟ ରଣା, ମହମ୍ମଦ ସଇଫୁଲ୍ଲା ହକ, ଶ୍ରୀକାନ୍ତ ଚୌଧୁରୀ, ଦେବୁ ପଟ୍ଟନାୟକ, ବବି ଇସଲାମ ଓ ସନ୍ଦିପ ପାଣି ପ୍ରମୁଖ ସମ୍ମିଳନୀରେ ମଞ୍ଚାସୀନ ଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ଣ୍ଣତା ଅଭିଯାନ

**ଫୁଲନଖରା,୧୫।୯ (ସତ୍ୟରଞ୍ଜନ ଦାସମହାପାତ୍ର):**

ପାହାଳ ଥାନା ଅନ୍ତର୍ଗତ ବେଣ୍ଟପୁର ସେଣ୍ଟ୍ରାଲ ବ୍ୟାଙ୍କ୍ ଶାଖା ତରଫରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମହେନ୍ଦ୍ର ଦୋହାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ତାଲୁକଦାର ମୁଖ୍ୟବକ୍ତା, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ରିଜିଓନାଲ୍ ହେଡ୍ ପଙ୍କଜ କୁମାର, ରାୟପୁର ଜୋନାଲ ହେଡ୍ ବି.ଆର. ରାଧାକ୍ରିଷ୍ଣନ ନାୟକ, ଖୋର୍ଦ୍ଧା ଜିଲାର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଅଜୟ ବେହେରା, ବେଣ୍ଟପୁର ସରପଞ୍ଚ ହୃଷୀକେଶ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଶତାଧିକ ଗ୍ରାହକଙ୍କୁ ପିଏମଜେଜେବିୱାଇ, ପିଏମ୍ଏସ୍ବିୱାଇ, ଏପିୱାଇ ଏବଂ କେୱାଇସିର ଆବଶ୍ୟକତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବେଣ୍ଟପୁର ଶାଖା ମ୍ୟାନେଜର ବର୍ଷାରାଣୀ ଜି. ଧନ୍ୟବାଦ ଦେଇଥିବାବେଳେ ଆସିଷ୍ଟାଣ୍ଟ ମ୍ୟାନେଜର ମିତାଲି ମଧୁସ୍ମିତା, ହେଡ୍ କ୍ୟାଶିୟର୍ ପ୍ରିୟବ୍ରତ ପ୍ରଧାନ, ଷ୍ଟାଫ୍ ବି.ପି. ସିଂ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି ଏବଂ ବେଣ୍ଟପୁର ସେଣ୍ଟ୍ରାଲ ବ୍ୟାଙ୍କ୍ ଶାଖାର ଅଧିକାରୀମାନେ।

## ଯୁବ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୧୫।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):ଡମପଡ଼ା ବ୍ଲକ ତାଳବସ୍ତ ଗ୍ରାମର ବାବା କପିଳେଶ୍ୱର ନାଟ୍ୟ ସଂସଦ ତରଫରୁ ଯୁବ ସାମାଜିକ କର୍ମୀ ପ୍ରଦୀପ କୁମାର ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜେନା ଜଣେ ସାମାଜିକ କର୍ମୀ ଭାବେ ଚାରାରୋପଣ, ଜନସଚେତନତା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନାଟ୍ୟ ସଂସଦର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରାଧାପକ ମନୋଜ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅକ୍ଷୟ ସାମଲ, ସାମାଜିକ କର୍ମୀ ସୁବ୍ରତ ନାୟକ ପ୍ରମୁଖ ଯୋଗଦେଇ ଥିଲେ।

# ଶୃଙ୍ଖଳିତ ହୋଇ କାର୍ଯ୍ୟ କଲେ ସଂଗଠନର ଉନ୍ନତି

**ସାଲେପୁର,୧୫।୯(ଅରବିନ୍ଦ ଭୂୟାଁ)**

ସାଲେପୁର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତ୍ୟମେବ ଜୟତେ ପରିବାରର ସ୍ୱନକ୍ଷତ୍ର ଦିବସ ଓ ବର୍ଷା ଉତ୍ସବ ପିଏମ୍ଶ୍ରୀ ସାଲେପୁର ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଶଶଧର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସାମାଜିକ କର୍ମୀ ରଶ୍ମିରଞ୍ଜନ କାନୁନଗୋ ଉଦ୍‌ଘାଟକ ଭାବେ ଯୋଗଦେଇ ଶୃଙ୍ଖଳିତ ହୋଇ କାର୍ଯ୍ୟ କଲେ ସଂଗଠନର ଉନ୍ନତି ହେବ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ହାଇଟେକ୍ ହସ୍ପିଟାଲର ହୃଦରୋଗ ଶଲ୍ୟ ବିଶେଷଜ୍ଞ ଡ.ଶ୍ୱେତାଙ୍କ ଦାସ ଯୋଗଦେଇ ମନୁଷ୍ୟ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ କିପରି ନିରାକରଣ କରାଯାଇପାରିବ ସେ ବିଷୟରେ ପରାମର୍ଶ ଦେଇଥିଲେ। ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଆକାଶବାଣୀ କଟକ ଓ ବରିଷ୍ଠ ସାହିତ୍ୟିକ ଡ.କୃତ୍ତିବାସ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୁବସମାଜର ଇଚ୍ଛାଶକ୍ତି ଓ ଅଧବସାୟ ବଳରେ ସବୁକିଛି ସମ୍ଭବ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ପଣ୍ଡିତ ବିନୟ ଭୂଷଣ ମିଶ୍ର ବେଦମନ୍ତ୍ର ପାଠକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ସମ୍ପାଦକ ମାନସ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ପତିଙ୍କୁ ସତ୍ୟମେବ ଜୟତେ ଆଦର୍ଶ ଶିକ୍ଷକ ସମ୍ମାନ ଓ ବିପିନ ବିହାରୀ ଦାସଙ୍କୁ ନେତ୍ରାନନ୍ଦ ସ୍ମାରକୀ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିବା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସାଲେପୁର ଅଞ୍ଚଳର ୨୦ଟି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରିୟଦର୍ଶିନୀ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ଚଞ୍ଚଳାରାଣୀ ବେହୁରା, ଦେବବ୍ରତ ସ୍ୱାଇଁ, ଶର୍ମିଳି ସାହୁ, ସୁନିତା ସାମଲ, ସୁଜାତା କର, ଆନନ୍ଦ କୁମାର ସେଠୀ,ଅର୍ଚ୍ଚନା ସେଠୀ, ବିଭୂତି ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ୪ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କଟକ ସଦର,୧୫।୯(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କାଠଯୋଡ଼ି ନୋଡାଲ ପ୍ରାଇମେରୀ ସ୍କୁଲ କ୍ଲଷ୍ଟର ଅଧୀନ ୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ସିଆର୍‌ସିସି ପ୍ରଭାତ କୁମାର ଷଡ଼ଙ୍ଗୀ, ହୃଦ ରଞ୍ଜନ ଦାସ ଏବଂ ପ୍ରଭାତ କୁମାର ଜେନା ସେମାନଙ୍କ ଚାକିରି କାଳର ମଧୁର ଓ ତିକ୍ତ ଅନୁଭୂତି ନିଜ ଭାଷଣରେ କହିଥିଲେ। ହଂସନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସଦର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ପୃକ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ନେହାଞ୍ଜଳି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ରାଉତ, ରବି ନାରାୟଣ ଦାଶ ଓ ସିଆର୍‌ସିସି ସୁମିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ବାସୁଦେବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଆମ ଯୁବଶକ୍ତିର ଉତ୍ସବ

**ସାଲେପୁର,୧୫।୯(ଅରବିନ୍ଦ ଭୂୟାଁ):**

**ସାଂସଦ ଖେଳ ମହୋତ୍ସବ ପାଇଁ ବିଦ୍ୟାଳୟରେ ନାମ ପଞ୍ଜୀକରଣ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଛି। ଏନେଇ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର ରାମେଶ୍ୱର ଓ ରାଇସୁଂଗୁଡା ମଣ୍ଡଳର ବିଭିନ୍ନ ସରକାରୀ ବିଦ୍ୟାଳୟରେ ସାଲେପୁର ଭାଜପା ନେତା ହିମାଂଶୁ ମହାନ୍ତି ପହଞ୍ଚି ଖେଳ ବିଷୟରେ ଅବଗତ କରାଇଛନ୍ତି। ଉକ୍ତ ଖେଳରେ ଭାଗନେବା ପାଇଁ ଛାତ୍ରୀଛାତ୍ରମାନଙ୍କ ନାମ ପଞ୍ଜୀକରଣ କରାଇଥିଲେ। ଏହି ଅବସରରେ ସଉରୀ ପଞ୍ଚାୟତର ମହାସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମହଣ ପଞ୍ଚାୟତ ବଳଭଦ୍ରପୁର ବଟ ଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ, ମହଣ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାଳ-ଶାସନ, ସରକାରୀ ଉଚ୍ଚ ବିଦ୍ୟାଳୟ କୁକୁଡାଙ୍ଗ ବିଦ୍ୟାଳୟରେ ହିମାଂଶୁ ପହଞ୍ଚି ପଞ୍ଚାୟତ ଓ ବ୍ଲକସ୍ତରୀୟ ଖେଳ ପାଇଁ ପଞ୍ଜୀକରଣ କରିବାକୁ ଆହ୍ୱାନ ଦେଇଥିଲେ। ସାଂସଦ ଖେଳ ମହୋତ୍ସବ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଆମ ଯୁବଶକ୍ତିର ଉତ୍ସବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେଶ ବେହେରା, ହରିହର ଦାସ, ଚନ୍ଦ୍ରମଣି ଭୂୟାଁ, ସଞ୍ଜୟ କାଣ୍ଡି, ରାଜୀବ ଦ୍ୱିବେଦୀ, ଶଶିକାନ୍ତ ମହାନ୍ତି, ଅରୁଣ ଲେଙ୍କା, ଆଶିଷ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ପଡ଼ିବାର ଗୋଟିଏ ଦିନ ପରେ ଉଠିଗଲା ପିଚୁ

- ନିମ୍ନମାନର ରାସ୍ତାକାମକୁ ବିରୋଧ
- ପୂଜା ପାଇଁ ୫୦ ହଜାର ନ ଦେବାରୁ ତାଡ଼ିଦେଲେ ପିଚୁ : ଯନ୍ତ୍ରୀ

**ଟିଗିରିଆ, ୧୫।୯(ଜାଫର ଖାଁ):**

ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥ ନଂ. ୬୫ର ଗୋପୀନାଥପୁର ଶାସନ ଛକଠାରେ ଏକ ସପ୍ତାହ ପୂର୍ବେ ପିଚୁ କାମ ହୋଇଛି। ମାତ୍ର ପିଚୁ ପଡ଼ିବାର ଗୋଟିଏ ଦିନ ପରେ ଏହା ଉଠିଯାଇଥିଲା। ସୋମବାର ଠିକାସଂସ୍ଥା ଉକ୍ତ ସ୍ଥାନକୁ ମରାମତି କରିବାକୁ ଆସିଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ନିମ୍ନମାନର କାମ ହୋଇଥିବାରୁ ରାସ୍ତା ଅବସ୍ଥା ଏପରି ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏଥିପାଇଁ ଉକ୍ତ କମ୍ପାନୀକୁ ଆଉ ମରାମତି କାମ ଦିଆଯିବ ନାହିଁ ବୋଲି ସେମାନେ କହିଥିଲେ। ଫଳରେ ଠିକା କମ୍ପାନୀ କାମ କରି ନ ପାରି ଫେରିଯାଇଛି।

ସୂଚନା ଅନୁଯାୟୀ, ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥର ଖୁଣ୍ଟୁଣୀଠାରୁ ନରସିଂହପୁର ପର୍ଯ୍ୟନ୍ତ ରାସ୍ତାରେ ନୂତନ ଭାବେ ପିଚୁ କାମ ପାଇଁ ପୂର୍ତ୍ତ ବିଭାଗ ତରଫରୁ ଠିକାଦାର ନିଯୁକ୍ତି ଦିଆଯାଇଛି। ଏନେଇ ଠିକା କମ୍ପାନୀକୁ ୫୦ କୋଟି ଟଙ୍କା ଦିଆଯାଇଛି। ସମ୍ପୃକ୍ତ ଠିକାସଂସ୍ଥା ଗତ ସପ୍ତାହରେ ଗୋପୀନାଥପୁର ଶାସନ ଛକଠାରୁ ବିନ୍ଧାଣିମା ପର୍ଯ୍ୟନ୍ତ ପିଚୁ କାମ କରିଥିଲା। ହେଲେ ଗୋଟିଏ ଦିନ ପରେ ପିଚୁରୁ ଗୋଡି ବାହାରି ଅଲଗା ହୋଇଯାଇଥିଲା। ଉକ୍ତ ଗୋଡ଼ିରେ ଦୁଇଚକିଆ ଗାଡ଼ି ଖସି ଦୁର୍ଘଟଣା ଘଟୁଥିଲା। ସୋମବାର ଉକ୍ତ ସ୍ଥାନରେ ସମ୍ପୃକ୍ତ ଠିକାସଂସ୍ଥା ନୂଆ ପିଚୁ ପକାଇ ମରାମତି କରିବାକୁ ଆସିଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଲୋକେ କାମକୁ ବିରୋଧ କରି ଠିକାସଂସ୍ଥାର ଲୋକ, ମେଶିନ ଓ ଗାଡିକୁ ଗାଳିଗୁଲଜ କରି ଫେରାଇ ଦେଇଛନ୍ତି। ଏହି ସମୟରେ ଶାସନ ଗ୍ରାମର ଜଣେ କଲେଜ ଛାତ୍ରୀ ଘରକୁ ସ୍କୁଟିରେ ଫେରୁଥିବା ବେଳେ ଉକ୍ତ ଗୋଡ଼ିରେ ଚକ ଖସିବାରୁ ସେ ପଡ଼ିଯାଇଥିଲେ।

ଏନେଇ ଆଠଗଡ଼ ପୂର୍ତ୍ତ ବିଭାଗ ଆସିଷ୍ଟାଣ୍ଟ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସାହୁଙ୍କୁ ପଚାରିବାରେ, ରାସ୍ତାକାମ ଠିକ୍‌ରେ ହେଉଛି। ଗୋପୀନାଥପୁର ଶାସନରେ ଗଣେଶ ପୂଜା ପାଇଁ ୫୦ ହଜାର ଟଙ୍କା ଚାନ୍ଦା ସମ୍ପୃକ୍ତ ସଂସ୍ଥାକୁ ମାଗିଥିଲେ। ମାତ୍ର ଟଙ୍କା ନ ଦେବାରୁ ପୂଜା କମିଟିର ସଦସ୍ୟମାନେ ରାସ୍ତା କାମ ପରେ ତାଡ଼ି ଦେଇଛନ୍ତି। ଏଥିସହ ପୂର୍ତ୍ତ ବିଭାଗ ଓ ଠିକାସଂସ୍ଥାକୁ ବଦନାମ କରୁଛନ୍ତି। ଏନେଇ ବିଭାଗ ଓ ଠିକାସଂସ୍ଥା ପୋଲିସର ସହାୟତା ନେବାକୁ ଯନ୍ତ୍ରୀ ସାହୁ କହିଛନ୍ତି।



ରାସ୍ତାରେ ପିଚୁ ମରାମତି କରିବାକୁ ଆସିଥିବା ମେଶିନ।


**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.

The Tender document is available at ICAI website **www.icai.org, www.eirc-icai.org** & **www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**

**Secretary, ICAI**



**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**

Axis Bank Ltd. ........................Appellant
- Versus -
Seema Rohidas & Another .................. Respondents

To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the applicant will be heard and determined in their absence.

Given under my hand seal of this Commission on this **11th day of August, 2025.**
**Date: 15.09.2025** Sd/- Secretary



**GOVERNMENT OF ORISSA** No.O-780
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025

**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**

1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in

Sd./- Executive Engineer
R.W. Division, Karanjia
OIPR-25086/11/0025/2526



**GOVERNMENT OF ODISHA** No.C-1065
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

**The technical bid shall be opened on dt.10.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**
OIPR-13004/11/0023/2526 Sd./- Chief Engineer (PH)



**GOVERNMENT OF ODISHA** No.C-1052
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | **Procurement & Installation of DG set for ESR & OGR site at Katikia Sahi, Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 8.38 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |
| 2. | **Procurement & Installation of DG set for Intake Site at Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 9.13 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "**https://www.tendersorissa.gov.in**".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**Sd./- EXECUTIVE ENGINEER, P.H. DIVISION, RAYAGADA**
OIPR-13052/11/0036/2526

## ସଂକ୍ଷେପରେ

### ପତ୍ନୀଙ୍କ ଭିଡିଓ ଭାଇରାଲ୍, ସ୍ୱାମୀ ଗିରଫ

ସାକ୍ଷୀଗୋପାଳ,୧୫।୯(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ଥାନା ସୁକଳ ମାର୍କଣ୍ଡପଡ଼ା ଗ୍ରାମର ସିଦ୍ଧାର୍ଥ ସେନାପତି(୩୦) ପତ୍ନୀଙ୍କ ଉପରେ ଉତ୍କ୍ଷିପ୍ତ ହୋଇ ପତିପତ୍ନୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଓ ଭିଡିଓ ନିଜ ଫେସ୍‌ବୁକ୍‌ରେ ଭାଇରାଲ୍ କରି ଗିରଫ ହୋଇଛନ୍ତି। ସିଦ୍ଧାର୍ଥଙ୍କ ପତ୍ନୀ ସତ୍ୟବାଦୀ ଥାନାରେ ଏନେଇ ଅଭିଯୋଗ କରିବାପରେ କେସ୍ ନଂ.୨୮୭/୨୫ରେ ପୋଲିସ ମାମଲା ରୁଜୁ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ରାଜ୍ୟ ବାହାର ପୋଲିସର ସହଯୋଗ ନେଇ ସୋମବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରାଯାଇଥିଲା। ଭାଇରାଲ୍ କରିଥିବା ମୋବାଇଲକୁ ତାଙ୍କ ପାଖରୁ ଜବତ କରାଯାଇ କୋର୍ଟରେ ଦାଖଲ କରିବାପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ନିକଟବର୍ତ୍ତୀ ଅଞ୍ଚଳର ଜଣେ ୨୪ ବର୍ଷର ଯୁବତୀଙ୍କୁ ଭଲ ପାଇ ଗତବର୍ଷ ସ୍ଥାନୀୟ ଏକ ମନ୍ଦିରରେ ବିବାହ ହୋଇଥିଲେ। ସିଦ୍ଧାର୍ଥ ବାପା ଓ ମା'ଙ୍କ ପ୍ରରୋଚନାରେ ପତ୍ନୀଙ୍କୁ ଯୌତୁକ ଆଣିବାକୁ ବାଧ୍ୟ କରିଥିଲେ। ମାତ୍ର ପ୍ରେମ ବିବାହ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ସେମାନେ ଉକ୍ତ ମହିଳାଙ୍କୁ ଅତ୍ୟାଚାର ଦେଇ ଚାଲିଥିଲେ। କିନ୍ତୁ ସେ ନିର୍ଯାତନା ସହି ନ ପାରି ତାଙ୍କ ବାପଘରକୁ ଚାଲିଯାଇଥିଲେ।

### 'ନକଲି ଟବାକୋ, ପୁରୁଣା ଷ୍ଟକ୍ ଉପରେ ସତର୍କ ରୁହ'

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ମଣିଷକୁ ରୋଗ ବିକୁଥିବା ଟବାକୋ ଓ କୋଲ୍ଡ ଡ୍ରିଙ୍କ୍ସ ଉପରେ କେନ୍ଦ୍ର ସରକାର ସର୍ବାଧିକ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରିଥିବାରୁ ତାହାକୁ ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ମିଶନ ଓଡ଼ିଶା ସ୍ୱାଗତ କରିଛି। ଆଗାମୀ ୨୨ତାରିଖରୁ ନୂଆଦର ଲାଗୁ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଟବାକୋମୁକ୍ତ ଭାରତବର୍ଷ ପାଇଁ ୧୨ବର୍ଷ ଧରି ଚାଲିଥିବା ଆନ୍ଦୋଳନରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର କହିଛନ୍ତି। ତେବେ ଜିଏସ୍‌ଟି ବୃଦ୍ଧିର ସୁଯୋଗ ନେଇ ଓଡ଼ିଶାରେ ନକଲି ଟବାକୋ ଓ କୋଲ୍ଡଡ୍ରିଙ୍କ୍ ପ୍ରସ୍ତୁତିର ଯଥେଷ୍ଟ ସମ୍ଭାବନା ଥିବାରୁ ରାଜ୍ୟ ସରକାର ନକଲି ଉତ୍ପାଦ ରୋକିବା ପାଇଁ ଏବେଠାରୁ ପ୍ରସ୍ତୁତ ରହିବା ଉଚିତ। ସେହିପରି ଜିଏସ୍‌ଟି ନ ଥିବା କ୍ଷୁଦ୍ର ବ୍ୟବସାୟୀମାନେ ପୁରୁଣା ଷ୍ଟକ୍ ଉପରେ ନୂଆଦର ଗ୍ରାହକଙ୍କଠାରୁ ନେବାର ଯଥେଷ୍ଟ ସମ୍ଭାବନା ଥିବାରୁ ଫୁଡ୍ ଇନ୍‌ସ୍ପେକ୍ଟର ଏଦିଗରେ ଚଢ଼ାଉ ପାଇଁ ପ୍ରସ୍ତୁତ ହେବାକୁ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଦସ୍ୟ ବଦ୍ରି ମିଶ୍ର ମତବ୍ୟକ୍ତ କରିଛନ୍ତି।

# ୧୪୧ ଅଭିଯୋଗରୁ ୧୫ ସମାଧାନ

ଡେଲାଙ୍ଗ,୧୫।୯(ରଶ୍ମିରଞ୍ଜନ ପ୍ରଧାନ)



ଜନଶୁଣାଣି ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅଧିକାରୀମାନେ ।

**ଡେଲାଙ୍ଗରେ ପୁରୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

ଜନସାଧାରଣଙ୍କ ସମସ୍ୟାର ପ୍ରତିକାର ଲକ୍ଷ୍ୟ ନେଇ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେଲାଙ୍ଗ ବ୍ଲକ୍ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୋଟ ୧୪୧ଟି ଅଭିଯୋଗ ବିଚାର ପାଇଁ ପ୍ରାପ୍ତ ହୋଇଥିଲା। ସେଥିରୁ ୧୦୬ଟି ବ୍ୟକ୍ତିଗତ ସମସ୍ୟା ହୋଇଥିଲାବେଳେ ୩୫ଟି ଅଭିଯୋଗ ଥିଲା ସାମୂହିକ ସମସ୍ୟାସମ୍ବଳିତ। ତତ୍‌କ୍ଷଣାତ୍ ୧୫ଟି ଅଭିଯୋଗର ସମାଧାନ କରାଯାଇଥିଲା।

ଅଭିଯୋଗ ଶୁଣାଣିରେ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର, ଡେଲାଙ୍ଗ ବିଡିଓ କ୍ଷିତିଶ ବେହେରା, ଡେଲାଙ୍ଗ ତହସିଲ୍‌ଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ତଥା ସହକାରୀ ଜିଲାପାଳ ପଞ୍ଚାନନ ପରିଜା ଓ ଜିଲା ଶିକ୍ଷାଧିକାରୀ, ଜିଲା ଶ୍ରମ ଅଧିକାରୀ, ଜଳସମ୍ପଦ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜ କିଶୋର ରାଉତଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶାନ୍ତନୁ ଜେନା, କୃଷି ଅଧିକାରୀ ମାନସୀ ମୃଦୁଭାଷିଣୀ ପଶାୟତ, ଜଳ ଓ ପରିମଳ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ ଓ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର, ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଡେଲାଙ୍ଗ କୋଠବାଡ଼ ପଞ୍ଚାୟତରେ ଦୀର୍ଘଦିନ ହେଲା ସ୍ଥାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଡେଲାଙ୍ଗ-କଣାସ ସଡ଼କର ବେନୁପଡ଼ା ଠାରୁ ବଡ଼ଆଙ୍କୁଲା ପର୍ଯ୍ୟନ୍ତ ସଡ଼କ ଦୁଇପାର୍ଶ୍ୱ ଜମିରୁ ଜଳ ନିଷ୍କାସନ ସୁବିଧା କରିବା ପାଇଁ ସରପଞ୍ଚ ଦୀପକ କୁମାର ସାହୁ ଅଭିଯୋଗ କରିଥିଲେ। ଧାନକେରା ପଞ୍ଚାୟତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାକ୍ତର ନ ଥିବା ଯୋଗୁ ସ୍ଥାନୀୟ ଲୋକେ ହଇରାଣ ହେଉଥିବା, ପ୍ରାଣୀ ଚିକିତ୍ସା ସହାୟତା କେନ୍ଦ୍ର ଗୃହ ଅଧାପନ୍ତରିଆ ରହିଥିବା, କଲ୍ୟାଣ ମଣ୍ଡପ ନିର୍ମାଣ ଶୈଳୀ ତ୍ରୁଟିପୂର୍ଣ୍ଣ ରହିଥିବା ନେଇ ରାମଚନ୍ଦ୍ର ମହାରଣା ଅଭିଯୋଗ କରିଥିଲେ। ରେଙ୍ଗଳ, ବରପଦା, ଇଚ୍ଛାପୁର, ଅରାଗଡ଼, ଯମୁନା ଝାରପଡ଼ା, ହରିପୁର ଆଦି ଅଞ୍ଚଳରୁ ବେଆଇନ ପଥର ଖୋଳା ବନ୍ଦ କରିବାକୁ କିଷାନ ପଟ୍ଟନାୟକ ଜିଲାପାଳଙ୍କୁ ନିବେଦନ କରିଥିଲେ।

# ଆପରାଧିକ କାର୍ଯ୍ୟକଳାପ ସହ ନିଶା କାରବାର: ୬ ଗିରଫ

ପୁରୀ,୧୫।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାକୁ ଅପରାଧମୁକ୍ତ, ନିଶା କାରବାର ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସୋମବାର ବିଭିନ୍ନ ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର, ବେଆଇନ ନିଶା କାରବାର, ଦାଦାବଟି ଆଦାୟ ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ସୋମବାର ଟାଉନ ଥାନାରେ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ ସୂଚନା ଦେଇ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅପରେଶନ ଚକ୍ର ମାଧ୍ୟମରେ ଧରପଗଡ଼ କରାଯାଉଛି। ଏହି ଅଭିଯାନରେ ଭୂଦାନ ଜଙ୍ଗଲରେ ବ୍ରାଉନସୁଗାର କାରବାର ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ୧୧ଗ୍ରାମ ବ୍ରାଉନ ସୁଗାର, ଓଡି ୧୩ଓ୍ୱାଇ ୨୫୭୨ ନମ୍ବର ବିଶିଷ୍ଟ ବାଇକ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସିଦ୍ଧମହାବୀର ଚମାରସାହିର ସିଲୁ ଓରଫ ମନୋଜ ବେହେରା ଏବଂ ପିକେଆର୍‌ଆଇଟି କଲୋନରେ ରହୁଥିବା ଗଡ଼ିଶାଗୋଦା ଅଞ୍ଚଳର ଜଗନ ଓରଫ ଶାନ୍ତନୁ କୁମାର ସ୍ୱାଇଁ। ସେହିପରି ବଟିଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ୍ ୱାଟର ୱାର୍କ୍ସ ରୋଡ ସାଲବେଗ ସାହିର ଗୁଡୁ ଜାଲିଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରାଯାଇଛି। ବଡଶଙ୍ଖ ପରିବା ମାର୍କେଟରେ ବଟି ଆଦାୟ ଅଭିଯୋରେ କୁମ୍ଭାରପଡ଼ା ଥାନା ପୋଲିସ ରାମଚଣ୍ଡୀ ସାହି ବାଲିଉପରର ପିଣ୍ଟୁ ଓରଫ ସରୋଜ ପ୍ରଧାନଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨ଟି ଖଣ୍ଡା, ୧୫୦ଟଙ୍କା ଜବତ ହୋଇଛି। ବେଆଇନ କଫସିରଫ କାରବାର ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ୪୯ଟି କଫସିରଫ ବୋତଲ, ୧୩୫୦ ଟଙ୍କା, ଏକ ସ୍କୁଟି ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସିଦ୍ଧାମହାବୀରର ପ୍ରକାଶ ମହାନ୍ତି ଓ ରାମଚଣ୍ଡୀ ସାହି ବାଲିଉପରର ସୁନୀଲ ରେଡ୍ଡୀ ବୋଲି ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡା ଥାନା ଆଇଆଇସି ସୁଶାନ୍ତ ସାହୁ, ବଳିଆପଣ୍ଡା ଥାନା ଆଇଆଇସି ସଙ୍ଗୀତା ଦାସ, ତାଳବଣିଆ ଥାନା ଆଇଆଇସି ଗୀତାଞ୍ଜଳି ନାୟକ ଉପସ୍ଥିତ ଥିଲେ ।

# ନୀତି ସବ୍‌କମିଟି ଗଠିତ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୩ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଥିଲା। ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ପ୍ରକାର ନୀତିକାନ୍ତି, ପୂଜା ପାର୍ବଣ ଏବଂ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟର ସୁପରିଚାଳନା ପାଇଁ ୧୪ଟି ସବ୍‌କମିଟି ଗଠନ କରାଯାଇଥିଲା। ଏହି ସବ୍‌କମିଟି ମଧ୍ୟରୁ ନୀତି ସବ୍‌କମିଟି ଅନ୍ୟତମ। ଶ୍ରୀମନ୍ଦିରର ଦୈନନ୍ଦିନ ନୀତିକାନ୍ତି ସୁରୁଖୁରୁରେ ପରିଚାଳନା ପାଇଁ ସୋମବାର ନୀତି ସବ୍‌କମିଟି ଗଠନ କରାଯାଇଛି। ଏହି କମିଟିରେ ସୋମବାର ୧୮ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ପଦପଦବୀ ପାଇଁ ଚୟନ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ସବ୍‌କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଡ. ସିଦ୍ଧେଶ୍ୱର ମହାପାତ୍ର ଏବଂ ଜଗନ୍ନାଥ ପୂଜାପଣ୍ଡା ସଭ୍ୟ ଭାବେ ମନୋନିତ ହୋଇଛନ୍ତି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଏବଂ ଆରକ୍ଷୀ ଅଧୀକ୍ଷକ, ପୁରୀ ସ୍ୱତନ୍ତ୍ର ନିମନ୍ତ୍ରିତ ପଦ ପ୍ରଯୁକ୍ତ ସଭ୍ୟ, କୃଷ୍ଣଚନ୍ଦ୍ର ସାମନ୍ତରା, ମଧୁସୂଦନ ସିଂହାରୀ, ଗଣେଶ ଦାସ ମହାପାତ୍ର, ରାମ ନାରାୟଣ ଗୋଚ୍ଛିକାର ଏବଂ ରଘୁବୀର ଦାସମହାରାଜ, ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ର, ତଳୁଛ ନୀଳକଣ୍ଠ ମହାପାତ୍ର, ନାରାୟଣ ମହାସୁଆର, ରାମଚନ୍ଦ୍ର ଦାସ ମହାପାତ୍ର, ଜଗନ୍ନାଥ କର ଏବଂ ଅନନ୍ତ ତିଆଡ଼ିଙ୍କ ସହ ମନୋନିତ ସଭ୍ୟଭାବେ କମିଟିରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଏହି ସବ୍‌କମିଟିର ପଦ ପ୍ରଯୁକ୍ତ ଆବାହକଭାବେ ରହିଥିବା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଦୋକାନରେ କଳା କନା ବୁଲାଇଲେ

ପିପିଲି,୧୫।୯(ପ୍ରଭାତ କୁମାର ମହାପାତ୍ର)

ପିପିଲି ଜଇସପାଟଣା ଛକସ୍ଥିତ ଏମ୍‌ଏସ କଲର ପ୍ଲସ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଲୁଟେରାମାନେ କଳାକନା ବୁଲାଇଛନ୍ତି। ଲୁଟ୍ ସମୟର ଭିଡିଓ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ବେଳେ ଏନେଇ ଏମ୍‌ଏସ କଲର ପ୍ଲସ ଦୋକାନ ମାଲିକ ଦୀପକ କୁମାର ଦେବଦାସ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଲୁଟ୍‌ରେ ବ୍ୟବହାର ହୋଇଥିବା ମହିନ୍ଦ୍ରା ପିକ୍‌ଅପ (ଓଡି-୨୫-୪୯୯୫) ଗାଡ଼ିରେ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରଙ୍ଗ ସାମଗ୍ରୀ ଲୁଟ ହୋଇଥିବା ଦୋକାନ ମାଲିକ ଦେବଦାସ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ସିସିଟିଭି ଭିଡିଓ ଆଧାରରେ ପିପିଲି ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଚୋରିରେ ବ୍ୟବହାର ହୋଇଥିବା ଗାଡ଼ିଟି ପିପିଲି ଅଞ୍ଚଳର ଅଶୋକ ପ୍ରଧାନଙ୍କ ଗାଡ଼ି ବୋଲି ଜଣାପଡ଼ିଛି। ଗତ ୧୦ତାରିଖ ଦିନ ଭୁବନେଶ୍ୱରରୁ ଉକ୍ତ ଗାଡ଼ି ଚୋରି ହୋଇଥିବା ସେ ବରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ପୋଲିସ ଉକ୍ତ ଚୋରା ଗାଡ଼ି କିମ୍ବା ଲୁଟେରାଙ୍କ ଟେର୍ ପାଉନଥିବା ବେଳେ ଥାନା କେସ୍ ନମ୍ବର ୫୬୦/୨୫ରେ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିବା ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ଲିଖିତ ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି ଏମ୍‌ଏସ କଲର ପ୍ଲସ ଦୋକାନ ମାଲିକ ଦୀପକ କୁମାର ଦେବଦାସ ୧୩ତାରିଖ ଦିନ ରାତିରେ ଦୋକାନ ବନ୍ଦ କରି ପରଦିନ ଅର୍ଥାତ ୧୪ତାରିଖ ଦିନ ସକାଳୁ ଦୋକାନ ଦେଖିବା ବେଳେ ଦୋକାନ ତାଲା ଭାଙ୍ଗି ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଚାକିରି କରାଇଦେବାକୁ କହି ଟଙ୍କା ଠକେଇ, ଠକ ଗିରଫ

ନିମାପଡ଼ା,୧୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଅନ୍ଧୁଆର ପଞ୍ଚାୟତ ମାଗୁଣିଛନ୍ଦା ଗ୍ରାମର ରଶ୍ମିରଞ୍ଜନ ସ୍ୱାଇଁ ନାମକ ଜଣେ ଯୁବକଙ୍କଠାରୁ ବର୍ଷେ ତଳେ ଜଣେ ବ୍ୟକ୍ତି ୩ଲକ୍ଷ ୫୦ ହଜାର ଟଙ୍କା ଠକିନେଇଥିବା ନେଇ ରଶ୍ମିରଞ୍ଜନ ରବିବାର ଥାନାରେ ଅଭିଯୋଗ କରିଥିଲେ। ଠକ ଜଣଙ୍କ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତ ଛବାଟିଆ ଗ୍ରାମର ଆଲୋକ କୁମାର ସ୍ୱାଇଁ(୩୦)। ରଶ୍ମିରଞ୍ଜନଙ୍କୁ ସରକାରୀ ଚାକିରି କରାଇଦେବାକୁ କହି ତାଙ୍କ ମନରେ ବିଶ୍ୱାସ ଜନ୍ମାଇ ମିଥ୍ୟା ପ୍ରତିଶ୍ରୁତି ଦେଇ ଆଲୋକ ତାଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ରଶ୍ମିରଞ୍ଜନ ବାରମ୍ବାର ଟଙ୍କା ମାଗିବାରୁ ଆଲୋକ ଟଙ୍କା ନ ଫେରାଇ କାଳକ୍ଷେପଣ ନୀତି ଅବଲମ୍ବନକରି ଦୀର୍ଘଦିନ ହେଲା ଠକି ଚାଲିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ କେସ୍ ନଂ. ୨୮୭/୨୫ରେ ସଙ୍ଗିନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସୋମବାର ପିପିଲି ଅଞ୍ଚଳରୁ ଠକ ଆଲୋକ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଠକ ଜଣଙ୍କ ଗିରଫ ହେବାପରେ ଅଭିଯୋଗକାରୀ ରଶ୍ମିରଞ୍ଜନ ଆଶ୍ୱସ୍ତି ଲାଭ କରିଥିବାବେଳେ ନିମାପଡ଼ା ପୋଲିସକୁ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ସମବାୟ ସମିତିର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ

ଚାରିଛକ,୧୫।୯(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ କନ୍ତିଆ କାନପୁରଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୪ଟି ସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ୧ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟରେ ତୁଳସୀପୁର ପ୍ରାଥମିକ କୃଷି ସେବା ସମବାୟ ସମିତି, ଅଂଶାଲୋ ପ୍ରାଥମିକ କୃଷି ସେବା ସମବାୟ ସମିତି, କନ୍ତିଆ କାନପୁର ପ୍ରାଥମିକ କୃଷି ସେବା ସମବାୟ ସମିତି, ବିଷ୍ଣୁପୁର ପ୍ରାଥମିକ କୃଷିସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏସବୁ କାର୍ଯ୍ୟ ବର୍ଷକ ମଧ୍ୟରେ ଶେଷ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରିବାକୁ ପରାମର୍ଶ ଦେଇଛନ୍ତି।

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website **www.icai.org, www.eirc-icai.org & www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**
Secretary, ICAI

**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**
Axis Bank Ltd. ........................Appellant
- Versus -
Seema Rohidas & Another .................. Respondents
To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.
Take notice that in case of default, the applicant will be heard and determined in their absence.
Given under my hand seal of this Commission on this **11th day of August, 2025.**
Date: 15.09.2025 Sd/- Secretary

# ସିନିୟର ଆନ୍ତଃ ଜିଲା ସିପକ୍‌ଟାକ୍ରୋ ଚାମ୍ପିୟନଶିପ୍

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସିପକ୍‌ଟାକ୍ରୋ ଆସୋସିଏଶନ ପକ୍ଷରୁ ୨୪ତମ ସିନିୟର ଆନ୍ତଃଜିଲା ସିପକ୍‌ଟାକ୍ରୋ ଚାମ୍ପିୟନଶିପ୍ ଏବଂ ୨୩ତମ ସବ୍‌ଜୁନିୟର -୨୦୨୫ ଆନ୍ତଃଜିଲା ସିପକ୍‌ଟାକ୍ରୋ ଚାମ୍ପିୟନଶିପ୍ ରବିବାର ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଆନ୍ତଃଜିଲା ସିପକ୍‌ଟାକ୍ରୋ ଚାମ୍ପିୟନଶିପ୍‌ରେ ବିଭିନ୍ନ ଜିଲାରୁ ୨୦ଟି ପୁରୁଷ ଦଳ ଓ ୧୨ଟି ମହିଳା ଦଳ ଭାଗନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଓ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଯୋଗଦେଇ ଖେଳାଳିମାନଙ୍କୁ ଖେଳୁଆଡ଼ ମନୋଭାବ ରଖି ଉତ୍ତମ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ଦିନ ପୁରୁଷ ବିଭାଗରେ ୪ଟି ମ୍ୟାଚ ଓ ମହିଳା ବିଭାଗରେ ୨ଟି ମ୍ୟାଚ ଖେଳାଯାଇଥିଲା। ଓଡ଼ିଶା ସିପକ୍‌ଟାକ୍ରୋ ଆସୋସିଏଶନ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପସଭାପତି ପ୍ରଭାସ ପ୍ରିୟଦର୍ଶିନ ମହାନ୍ତି, ଅଲିମ୍ପିକ ଆସୋସିଏଶନ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ଜିଲା ସିପକ୍‌ଟାକ୍ରୋ ଆସୋସିଏଶନ ଉପସଭାପତି ସୁଦର୍ଶନ ସାହୁ, ସାଧାରଣ ସମ୍ପାଦକ ରାମଚନ୍ଦ୍ର ବାରିକ ଏବଂ ଯୁଗ୍ମସାଧାରଣ ସମ୍ପାଦକ ଅଶ୍ୱିନ କୁମାର ପଟ୍ଟନାୟକ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଏହି ଚାମ୍ପିୟନଶିପ୍ ୩ଦିନ ଧରି ଚାଲିବ।

**GOVERNMENT OF ORISSA** No.O-780
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025
**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**
1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in
Sd./- Executive Engineer
R.W. Division, Karanjia
OIPR-25086/11/0025/2526

# ଐତିହ୍ୟ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର, ପଦଯାତ୍ରୀ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

**୧୩ଦଶ ଐତିହ୍ୟ ପଦଯାତ୍ରା**

ତ୍ରୟୋଦଶ ପୁରୀ ଐତିହ୍ୟ ପଦଯାତ୍ରା ରବିବାର ସମ୍ପନ୍ନ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଐତିହ୍ୟପ୍ରେମୀ ସାମିଲ ଥିଲେ। ପ୍ରଥମ ପର୍ଯ୍ୟାୟରେ 'ସ୍ୱାସ୍ଥ୍ୟସେବାରେ ଆମର ପ୍ରାଚୀନ ଆୟୁର୍ବେଦର ବ୍ୟବହାର' ନେଇ ବିଭିନ୍ନ ପ୍ରଣାଳୀ ଉପରେ ଆଲୋଚନା ହୋଇଥିଲା। ପ୍ରାଚୀନ ଚିକିତ୍ସା ପଦ୍ଧତି ସଞ୍ଜିବନୀ ସଦୃଶ। ଅନେକ ଦୁରାରୋଗ୍ୟ ପୀଡ଼ିତ ରୋଗୀ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଆୟୁର୍ବେଦ ଦ୍ୱାରା ନିରୋଗ ହେଉଛନ୍ତି। ଦ୍ରବ୍ୟଗୁଣ, ରସଶାସ୍ତ୍ର, ଶଲ୍ୟ ଚିକିତ୍ସା, ପଞ୍ଚତତ୍ତ୍ୱ, ସ୍ୱର୍ଣ୍ଣପ୍ରାଶନ ଭଳି ବିଭିନ୍ନ ଆୟୁର୍ବେଦ ଚିକିତ୍ସା ପଦ୍ଧତିର ଅମୂଲ୍ୟ ଭଣ୍ଡାରକୁ ଓଡ଼ିଶାର ଏହି ପ୍ରଥମ ଆୟୁର୍ବେଦ ମହାବିଦ୍ୟାଳୟ ସାଇତି ରଖିଛି। ୧୯୪୯ରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ଇତିମଧ୍ୟରେ ଐତିହ୍ୟ ଅନୁଷ୍ଠାନରେ ପରିଣତ ହୋଇଛି। ପଦଯାତ୍ରୀମାନେ ଆୟୁର୍ବେଦ ମହାବିଦ୍ୟାଳୟ ଓ ଔଷଧୀୟ ବଗିଚା ଆଦି ବୁଲି ଦେଖିବା ସହ ବିଭିନ୍ନ ଚିକିତ୍ସା ପ୍ରଣାଳୀ ବିଷୟରେ ବୁଝିଥିଲେ। ଏହି ଅବସରରେ ଡ. ସୋନାଲିକା ଜେନା, ଡ. ରାଜୀବ କିଶୋର ଜେନା, ଡ. ପଦ୍ମଲୋଚନ ନାୟକ ଏବଂ ଡ. ସ୍ୱର୍ଣ୍ଣକାନ୍ତ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଚୀନ ଭାରତର ମହାନ ଚିକିତ୍ସକ ମହର୍ଷି ସୁଶ୍ରୁତ ଓ ଚରକଙ୍କ ବିଭିନ୍ନ ସିଦ୍ଧାନ୍ତ ବିଷୟରେ ସଦସ୍ୟମାନେ ଆଲୋଚନା କରିଥିଲେ। ପରେ କ୍ଲାର୍କରୋଡ୍‌ସ୍ଥିତ ସିଦ୍ଧ ବ୍ରହ୍ମଚାରୀ ମଠ ବୁଲିବା ସହ ପ୍ରଭୁ ରାସେଶ୍ୱରଙ୍କୁ ଦର୍ଶନ କରି ୧୪୨୮ ମସିହାରେ ସ୍ଥାପିତ ଏହି ମଠର ଇତିହାସ ବିଷୟରେ ପୂଜକଙ୍କ ସହ ଆଲୋଚନା କରିଥିଲେ। ସଦସ୍ୟମାନେ ଗନ୍ଧର୍ବ ମଠ ପରିସର ବୁଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସାଧନା ଓ ପୋଥିଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଏବଂ ଐତିହ୍ୟ ଗବେଷକ ତଥା ପଦଯାତ୍ରାର ଉପଦେଷ୍ଟା ଦେବୀପ୍ରସନ୍ନ ନନ୍ଦ ସଦସ୍ୟମାନଙ୍କୁ ପଞ୍ଚସଖା ଓ ସେମାନଙ୍କ କୃତିଗୁଡ଼ିକ ବିଷୟରେ ବୁଝାଇଥିଲେ। ଡ. ମିଶ୍ର ଶ୍ରୀକ୍ଷେତ୍ରରେ ଥିବା ସାତଟି ଐତିହ୍ୟ ବଟବୃକ୍ଷ ମଧ୍ୟରୁ ଗନ୍ଧର୍ବ ମଠ ପରିସରସ୍ଥ ଗୋଚ୍ଛନ୍ଦ ବଟ ଅନ୍ୟତମ ବୋଲି ସୂଚନା ଦେଇଥିଲେ। ଷୋଡ଼ଶ ଶତାବ୍ଦୀର ମହାପୁରୁଷ ତଥା ଶୂନ୍ୟବାଦ ଦର୍ଶନର ପ୍ରବର୍ତ୍ତକ ଅଚ୍ୟୁତାନନ୍ଦଙ୍କ ସାଧନାପୀଠ ରୂପେ ପ୍ରସିଦ୍ଧ ଏହି ମଠରେ ଦିବ୍ୟତା ଏବେ ବି ଅନୁଭୂତ ହୁଏ। ତାଙ୍କ ରଚିତ ବିଭିନ୍ନ ପୋଥିର ପାଠ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉଦ୍ଧାର ହୋଇପାରିନାହିଁ ଏବଂ ମଠ ପରିସରସ୍ଥ ଶୂନ୍ୟବାମ୍ପିର ରହସ୍ୟ ଉଦ୍‌ଘାଟିତ ହୋଇନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶେଷରେ ମା' ଝାଡ଼େଶ୍ୱରୀଙ୍କୁ ଦର୍ଶନ ସହ ପଦଯାତ୍ରା ସମାପ୍ତ ହୋଇଥିଲା। ପଦଯାତ୍ରାର ଆବାହକ ବୃନ୍ଦ ବିଶ୍ୱରଞ୍ଜନ ଦେହୁରୀ, ଡ. କୁମାର ଅରୋଜ୍ୟୋତି, ସହଆବାହକ ଅଶୋକା ମଞ୍ଜରୀ ନାୟକ ଯାତ୍ରା ସଂଚାଳନା କରିଥିଲେ। ରାଜଶ୍ରୀ ସାହୁ, ପ୍ରିୟଙ୍କା ମହାରଣା, ଜ୍ୟୋତ୍ସ୍ନା ମହାପାତ୍ର, ଦେବାଶିଷ ମିଶ୍ର, ଶର୍ମିଷ୍ଠା ମହାନ୍ତି, ଶ୍ରୀକାନ୍ତ ମିଶ୍ର, ବିଶ୍ୱମୋହନ ସାହୁ, ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ସଦସ୍ୟ ଏବଂ ଓଡ଼ିଆ ବ୍ଲଗିଂ ପ୍ଲାଟଫର୍ମ ସୃଜନୀର ସ୍ଥାପକ ଅନୁରାଗ ବେହେରା ଓ ବିଶ୍ୱଜିତ୍ ଦାସ ଉପସ୍ଥିତ ଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ବୁର୍ଲା ବିଶ୍ୱବିଦ୍ୟାଳୟ ଏବଂ ପୁରୀ ଏସ୍‌ସିଏସ୍ କଲେଜର ଛାତ୍ରୀଛାତ୍ର ଉକ୍ତ ଯାତ୍ରାରେ ସାମିଲ ହୋଇଥିଲେ।




ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିବା ଐତିହ୍ୟପ୍ରେମୀମାନେ ।

**GOVERNMENT OF ODISHA** No.C-1065
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

The technical bid shall be opened on dt.10.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0023/2526 Sd./- Chief Engineer (PH)

**GOVERNMENT OF ODISHA** No.C-1052
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Procurement & Installation of DG set for ESR & OGR site at Katikia Sahi, Kashinagar | EEPHDRAYAGADA - 21/2025-26 Dtd.09.09.2025 | 8.38 | 02 (Two Months) | 18.09.2025 (11.00 Hr) | 03.10.2025 (17.00 Hr) |
| 2. | Procurement & Installation of DG set for Intake Site at Kashinagar | EEPHDRAYAGADA - 21/2025-26 Dtd.09.09.2025 | 9.13 | 02 (Two Months) | 18.09.2025 (11.00 Hr) | 03.10.2025 (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

Sd./- EXECUTIVE ENGINEER, P.H. DIVISION, RAYAGADA
OIPR-13052/11/0036/2526

# ଗାଡ଼ି ଚଲାଇ ରିଲ୍ସ କଲେ ଜରିମାନା

ଭୁବନେଶ୍ୱର/କଟକ,୧୫।୯ (ସୁନିତ ମିଶ୍ର/କାର୍ତ୍ତିକ ସାହୁ)

## ସତର୍କ କରାଇଲା ରାଜ୍ୟ ପରିବହନ ପ୍ରାଧିକରଣ

- ବିପଦପୂର୍ଣ୍ଣଭାବେ ଗାଡ଼ି ଚଲାଇଲେ କଠୋର କାର୍ଯ୍ୟାନୁଷ୍ଠାନ
- ପଦକ୍ଷେପ ନେବାକୁ ସମସ୍ତ ଆର୍‌ଟିଓଙ୍କୁ ଏସ୍‌ଟିଏର ନିର୍ଦ୍ଦେଶ

ବିପଦପୂର୍ଣ୍ଣ ଗାଡ଼ିଚାଳନା ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ। ରିଲ୍ସ ବା ଭିଡିଓ କରିବା ନାଁରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ଉପରେ ରହିବ ବିଶେଷ ନଜର। ରାସ୍ତାରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବେପରୁଆ ଗାଡ଼ିଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ଗାଡ଼ିଚାଳକଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯିବା ସହ ଚାଳକମାନଙ୍କୁ ସତର୍କ କରାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ଏକ ବାଇକରେ ଯୁବତୀ-ଯୁବକଙ୍କ ବିପଦପୂର୍ଣ୍ଣ ଗାଡ଼ିଚାଳନାର ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହି ଘଟଣାରେ ଭୁବନେଶ୍ୱର-୨ ଆର୍‌ଟିଓ ଗାଡ଼ି ଅଟକ ରଖିଥିବାବେଳେ ଜରିମାନା, ଲାଇସେନ୍ସ ନିଲମ୍ବନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ପୁରୀରେ ମଧ୍ୟ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନା ଘଟଣାରେ ଆର୍‌ଟିଓଙ୍କ ପକ୍ଷରୁ ମୋଟରଯାନ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରି ଗାଡ଼ିକୁ ଅଟକ ରଖି ଜରିମାନା କରାଯାଇଛି।

ରିଲ୍ସ ତଥା ସୋସିଆଲ ମିଡିଆ ଭିୟୁ ପାଇଁ ଯୁବପିଢ଼ି ବିପଦପୂର୍ଣ୍ଣ ଗାଡ଼ି ଚଲାଉଥିବାର ଭିଡିଓ ନିୟମିତ ଭାବେ ସାମ୍ନାକୁ ଆସୁଛି। ଯାହାପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କେବଳ ଉକ୍ତ ଗାଡ଼ିଚାଳକ ନୁହେଁ, ଏହା ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ବିପଦର କାରଣ ପାଲଟୁଛି। ନିୟମ ଉଲ୍ଲଂଘନର ଏଭଳି ଦୃଶ୍ୟ ଉପରେ ନିୟନ୍ତ୍ରଣ ପାଇଁ ସଡ଼କରେ ଏନ୍‌ଫୋର୍ସମେଣ୍ଟ ସହ ସୋସିଆଲ ମିଡିଆ ଉପରେ ମଧ୍ୟ ଏଭଳି ଘଟଣା ଉପରେ ଦୃଷ୍ଟି ରଖିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ଉଭୟ ମୋଟର ଯାନ ଆଇନ ଏବଂ ଭାରତୀୟ ନ୍ୟାୟସଂହିତାରେ ଏଭଳି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାବଧାନ ରହିଛି। ତେଣୁ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନାରୁ ଦୂରେଇ ରହିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।

ଅପରପକ୍ଷରେ, କୋରାପୁଟ ଜିଲା ଜୟପୁର ଉପକଣ୍ଠ ବାରିଣିପୁଟଠାରେ ଜାତୀୟ ରାଜପଥରେ ମାଲବାହୀ ଟ୍ରକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଦୋକାନ ଉପରେ ମାଡ଼ିଯିବା ଏବଂ ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମୋଟରଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚାଳକ ଜଣକ ନିଶା ସେବନ କରି ଗାଡ଼ି ଚଲାଉଥିବା ଜଣାପଡ଼ିଛି। ଗାଡ଼ିକୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନିଲମ୍ବନ ପାଇଁ ପଦକ୍ଷେପ ନିଆଯାଇଛି। ସେହିଭଳି ଖୋର୍ଦ୍ଧା ଜିଲା ହଳଦିଆର ଏକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଚଳନ୍ତା ଚାରିଚକିଆ ଗାଡ଼ିରେ ଡ୍ରାଇଭର ଷ୍ଟିଅରିଂ ଛାଡ଼ି ରିଲ୍ସ କରୁଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ ପୋଲିସ, ଜଗତ୍‌ସିଂହପୁର ଓ ଭୁବନେଶ୍ୱର-୧ ଆର୍‌ଟିଓଙ୍କ ସହଯୋଗରେ ଗାଡ଼ିକୁ ଜବତ କରିଛନ୍ତି। ଜରିମାନା ସହ ଡ୍ରାଇଭିଂ ଲାଇସେନ୍ସ ଓ ପଞ୍ଜୀକରଣ ସାର୍ଟିଫିକେଟ ରଦ୍ଦ ପାଇଁ ପଦକ୍ଷେପ ନେଇଛନ୍ତି।




ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୨ତମ ପ୍ରତିଷ୍ଠା ଦିବସ ସମାରୋହରେ ପ୍ରକୃତି ସଂରକ୍ଷଣ ଏବଂ ସବୁଜ ଉଦ୍ୟୋଗୀ ଭାବେ ଜଣେ ସଫଳ ମହିଳାଙ୍କୁ ସମ୍ମାନ ପ୍ରଦାନ ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସହ ଅତିଥିମାନେ।

# ବରିଷ୍ଠ ଶିକ୍ଷକଙ୍କ ବଦଳି ନେଇ ଆଜି ବସିବ ବୈଠକ

ଭୁବନେଶ୍ୱର,୧୫।୯ (ସୁଚିସ୍ମିତା ସାହୁ)

ବରିଷ୍ଠ ଶିକ୍ଷକ (ସିନିୟର ଏସ୍‌ଇଏସ୍) ଏବଂ ସହ ଶିକ୍ଷକଙ୍କ ଜିଲା ତଥା ଆନ୍ତଃ ଜିଲାସ୍ତରରେ ବଦଳି ନେଇ ମଙ୍ଗଳବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହେବ। ସୋମବାର ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ରାଜ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା)ଙ୍କୁ ପତ୍ର ଲେଖି ଉପସ୍ଥିତ ରହିବାକୁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରରେ ଦର୍ଶାଯାଇଛି ଯେ, ଅନ୍‌ଲାଇନ ଜରିଆରେ ଆବେଦନ କରିଥିବା ଶିକ୍ଷକଙ୍କ ଯାଞ୍ଚ କରାଯିବା ସହିତ ଯେଉଁମାନେ ସରକାରଙ୍କ ନିର୍ଦ୍ଧାରିତ ନିର୍ଦ୍ଦେଶ ଅନୁଯାୟୀ ଯୋଗ୍ୟ ହେବେ ସେମାନଙ୍କ ତାଲିକା ଜାରି ହେବ।

# ଆଇନଜୀବୀଙ୍କ ଲାଇସେନ୍ସ ୨ ବର୍ଷ ପାଇଁ ସସ୍‌ପେଣ୍ଡ

କଟକ,୧୫।୯(କାର୍ତ୍ତିକ ସାହୁ)

## ବିଚାର ବିଭାଗୀୟ ଅଫିସର ଓ ନ୍ୟାୟପାଳିକା ବିରୋଧରେ ଫେସ୍‌ବୁକ୍‌ରେ ଲେଖିବା ଅଭିଯୋଗ

ବିଚାର ବିଭାଗୀୟ ଅଫିସର, ନ୍ୟାୟପାଳିକା ଏବଂ ରାଜ୍ୟ ବାର୍ କାଉନସିଲ୍ ବିରୋଧରେ ଫେସ୍‌ବୁକରେ ନିଜ ନାମକୁ ସାମାନ୍ୟ ବଦଳାଇ କ୍ରମାଗତ ଲେଖିଆସୁଥିବା ଭଦ୍ରକର ଆଇନଜୀବୀ ହେମନ୍ତ କୁମାର ନାୟକଙ୍କ ଲାଇସେନ୍ସକୁ ରାଜ୍ୟ ବାର୍ କାଉନସିଲର ଶୃଙ୍ଖଳାଗତ କମିଟି ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ଏହି ୨ ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନଜୀବୀଙ୍କୁ ମଧ୍ୟ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନ୍‌ସିଲର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓକିଲ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ (ଚାଣକ୍ୟ) ନାମରେ ଫେସ୍‌ବୁକ ଆକାଉଣ୍ଟ ଖୋଲି ଗତ କିଛି ବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଲେଖି ଆସୁଥିଲେ। ବିଚାର ବିଭାଗୀୟ ଅଫିସରଙ୍କ ଦୈନନ୍ଦିନ କୋର୍ଟରେ ହେଉଥିବା ମାମଲାର ବିଚାରକୁ ମଧ୍ୟ ତାଚ୍ଛଲ୍ୟ କରି ଲେଖିବାକୁ ବାର୍ କାଉନସିଲ ଗୁରୁତର ସହ ଗ୍ରହଣ କରି ରାଜ୍ୟ ପରିଷଦ ଅଧିବେଶନରେ ଗତ ଏପ୍ରିଲରେ ନିଜଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ବାର୍ କାଉନସିଲ ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ତପନ ବିଶ୍ୱାଳ ଓ ଫଣୀଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ୩ଜଣିଆ କମିଟି ଏହାର ବିଚାର ପାଇଁ ଓକିଲ ନାୟକଙ୍କୁ ଏଭଳି ଅଭିଯୋଗ ସମ୍ପର୍କରେ କାରଣ ଦର୍ଶାଇବା ପାଇଁ ବାରମ୍ବାର ନୋଟିସ୍ ଦେଇଥିଲେ। ଏହାପରେ ଆହୁରି ଉତ୍‌କ୍ଷିପ୍ତ ହୋଇ ଆଇନଜୀବୀ ନାୟକ ଫେସ୍‌ବୁକ୍ ଆକାଉଣ୍ଟରେ ବାର୍ କାଉନସିଲ୍‌ର କ୍ଷମତା ସମ୍ପର୍କରେ ପ୍ରଶ୍ନ ଉଠାଇ ଶୃଙ୍ଖଳାଗତ କମିଟିରେ ହାଜର ହୋଇ ନ ଥିଲେ। ସେ ମଧ୍ୟ ହାଇକୋର୍ଟର ବିଭିନ୍ନ ବେଞ୍ଚରେ ଚାଲିଥିବା ମାମଲାଗୁଡ଼ିକରେ ବିଚାରପତିମାନେ ଦେଇଥିବା ଆଦେଶ ସମ୍ପର୍କରେ ତାଚ୍ଛଲ୍ୟକର ବିବୃତି ଫେସ୍‌ବୁକରେ ପୋଷ୍ଟ କରି ଆସୁଥିଲେ।

# ଇଭି, ସୋଲାର ବ୍ୟବହାର ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୧୫।୯(ବନ୍ଦନା ସେଠୀ)

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୨ତମ ପ୍ରତିଷ୍ଠା ଦିବସ

ପ୍ରଦୂଷଣ ସ୍ୱାସ୍ଥ୍ୟ, ଜୀବିକା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ଗୁରୁତର ବିପଦ। ଏଥିରୁ ରକ୍ଷା ପାଇବା ପାଇଁ ସାମ୍ପ୍ରତିକ ସମୟରେ ରାଜ୍ୟରେ ଦ୍ରୁତ ଗତିରେ ବଢୁଥିବା ସହରଗୁଡ଼ିକରେ ବିଦ୍ୟୁତ୍ ଯାନ(ଇଭି)ର ବ୍ୟାପକ ବ୍ୟବହାର ଆବଶ୍ୟକ। ରାଜଭବନର ସରକାରୀ କାର୍‌କେଡ୍‌କୁ ଇଭିରେ ରୂପାନ୍ତରିତ କରାଯାଇଛି। ଫଳରେ ଏହା କାର୍ବନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରି ଉଦାହରଣ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ସୋମବାର ସ୍ଥାନୀୟ ଏକ ହୋଟେଲରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୨ତମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଘରେଘରେ ସୋଲାର ସିଷ୍ଟମ୍ ସ୍ଥାପନ କରିବାକୁ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ। ଏପରି ପଦକ୍ଷେପ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ସହ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବ। ଏଥିପାଇଁ ନାଗରିକମାନେ ସମ୍ପୃକ୍ତ ଯୋଜନା ଅନୁଯାୟୀ ସରକାରୀ ସବ୍‌ସିଡିର ଲାଭ ମଧ୍ୟ ପାଇପାରିବେ। ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଇ-ଆବର୍ଜନା ପରିଚାଳନା, ଜଳ ସଂରକ୍ଷଣ, ଗଛ ଲଗାଇବା ଏବଂ ନବୀକରଣୀୟ ଶକ୍ତିର ଉପଯୋଗ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଥିସହ ଦ୍ରୁତ ଶିଳ୍ପାୟନ ଏବଂ ପରିବେଶଗତ ଦାୟିତ୍ୱକୁ ସନ୍ତୁଳିତ କରିବାରେ ଏକ ନିୟାମକ, ମାର୍ଗଦର୍ଶକ ଏବଂ ଅଂଶୀଦାର ଭାବରେ କାର୍ଯ୍ୟ କରୁଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କାର୍ଯ୍ୟଧାରାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଏହି ଅବସରରେ ରାଜ୍ୟପାଳ ବୋର୍ଡର ୩ ୱେବ୍‌ସାଇଟ ଏବଂ ପ୍ରକାଶନ ଉନ୍ମୋଚନ କରିଥିଲେ। ସେହିପରି ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କୁ ସମ୍ମାନିତ କରାଯିବା ସହ କୃତୀ ସଂସ୍ଥାଗୁଡ଼ିକୁ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ଏବଂ ପ୍ରଶଂସା ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ ପ୍ରକୃତି ସଂରକ୍ଷଣ ଏବଂ ସବୁଜ ଉଦ୍ୟୋଗୀ ଭାବେ ମହିଳାମାନେ ସେମାନଙ୍କ ସଫଳତା ପାଇଁ ସମ୍ମାନିତ ହୋଇଥିଲେ।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ପ୍ରଦୂଷଣ ରୋକିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ତଥା ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ ଏବଂ ପିସିସିଏଫ୍ ପ୍ରେମ୍ କୁମାର ଝାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ମେମ୍ବର ସେକ୍ରେଟାରୀ ଉମା ନାନ୍ଦୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ପରିବେଶ ଇଞ୍ଜିନିୟର ଡ. ନୀହାର ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ କୁନାଲ



@ ସତ୍ୟବ୍ରତ



@ ତୃପ୍ତିମୟୀ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଷ୍ଟ କରାଗଲା ଜବତ ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀର

ଖୁଣ୍ଟୁଣୀ,୧୫।୯(ସଚ୍ଚିଦାନନ୍ଦ ପଣ୍ଡା)

## ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ପଦକ୍ଷେପ




କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଏକ ଢାବା ପଛପଟୁ ଜବତ ହୋଇଥିବା ୨୮ ହଜାର ଅପମିଶ୍ରିତ କ୍ଷୀରକୁ ସୋମବାର ପୋଲିସ ନଷ୍ଟ କରିଦେଇଛି। ଆଠଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ କ୍ରମେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ନଷ୍ଟ କ୍ଷୀରର ଆନୁମାନିକ ମୂଲ୍ୟ ୮ରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ହେବ ବୋଲି ପୋଲିସ ଅନୁମାନ କରିଛି। ଗତ ବୁଧବାର ଭୋର ସମୟରେ ଉକ୍ତ ଢାବା ପଛପଟେ ଏକ କ୍ଷୀର ଟ୍ୟାଙ୍କରରେ କ୍ଷୀର ଅପମିଶ୍ରଣ କରାଯାଉଥିବା ଅଭିଯୋଗ ପରେ ତାହାକୁ ପୋଲିସ ଜବତ କରିଥିଲା।

ସୂଚନା ଅନୁଯାୟୀ, ଗୁରୁଡ଼ିଝାଟିଆ ଅଞ୍ଚଳର କୁଷ୍ମିଙ୍ଗି କ୍ରିଷ୍ଣା ଢାବା ପଛପଟେ କ୍ଷୀର ଟ୍ୟାଙ୍କରରେ କ୍ଷୀର ଅପମିଶ୍ରଣ କରାଯାଉଥିବା ନେଇ ଚୌଦ୍ୱାର ଅଞ୍ଚଳର ଜଣେ ଖବରଦାତା ଗୁରୁଡ଼ିଝାଟିଆ ଥାନା ଏସ୍‌ଆଇ ତନୁଶ୍ରୀ ସାହୁଙ୍କୁ ଖବର ଦେଇଥିଲେ। ସେଠାରେ ଏକ ପୋଲିସ ଟିମ୍ ପହଞ୍ଚି ଚଢାଉ କରି କ୍ଷୀର ଟ୍ୟାଙ୍କର, ଏକ ଟାଟା ଏସିଇ ଓ କ୍ଷୀର ସହିତ ଅପମିଶ୍ରଣ ସାମଗ୍ରୀ ଜବତ କରିଥିଲେ। ଜବତ କ୍ଷୀର ଓ ରାସାୟନିକ ପଦାର୍ଥକୁ ପୋଲିସ ପରୀକ୍ଷାଗାରକୁ ପଠାଇଥିଲା। ତାହାର ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇ ନ ଥିବାବେଳେ ଆଠଗଡ଼ ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ କ୍ରମେ ଜବତ ୨୮ହଜାର ଲିଟର କ୍ଷୀରକୁ ସୋମବାର ଅପରାହ୍ନରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ତନୁଶ୍ରୀ ସାହୁ, ଆଇଆଇସି ତପନ କୁମାର ପତ୍ରୀ ଓ ସାଇଣ୍ଟିଫିକ ଟିମ୍‌ଙ୍କ ଉପସ୍ଥିତିରେ ନିକଟସ୍ଥ ସାଉରିଆ ଗ୍ରାମ ପାର୍ଶ୍ୱରେ ଥିବା ଏକ ବନ୍ଦ ପଥର ଖାଦାନରେ ଢାଳିଦିଆଯାଇଛି। କାଳେ ଏହି କ୍ଷୀରକୁ କେହି ଜୀବଜନ୍ତୁ ଖାଇବେ, ସେଥିପାଇଁ କ୍ଷୀର ଢଳାଯିବା ପରେ ଟ୍ରାକ୍ଟର ଦ୍ୱାରା ତା' ଉପରେ ମାଟି ମୋରମ ପକାଇ ଘୋଡ଼ାଇ ଦିଆଯାଇଛି। ଏହି ଘଟଣାରେ ସେତେବେଳେ ଟ୍ୟାଙ୍କର ଚାଳକଙ୍କ ସମେତ ଢାବା ମାଲିକ ସ୍ଥାନୀୟ ନୂଆପାଟଣା ଗ୍ରାମର ପ୍ରକାଶ ଖୁଣ୍ଟିଆଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଠାରେ ବର୍ଷବର୍ଷ ଧରି କ୍ଷୀର ଅପମିଶ୍ରଣ ଚାଲିଥିଲାବେଳେ ପୋଲିସ କିମ୍ବା ମିଲ୍କ ପ୍ରୋସେସିଂ କାମ୍ପାନୀ କେହି କିପରି ଜାଣିପାରୁ ନ ଥିଲେ ତାହା ସାଧାରଣରେ ପ୍ରଶ୍ନ ହୋଇଛି। ଏଥିରେ ଅନେକ ମାଷ୍ଟର ମାଇଣ୍ଡ ଓ ସ୍ଥାନୀୟ ପ୍ରଭାବଶାଳୀ ଲୋକଙ୍କ ହାତ ଥିବା ଶୁଣିବାକୁ ମିଳୁଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବିଜୋର ଧରିଛି।

## ଶ୍ରୀମନ୍ଦିର ବାଇଶି ପାହାଚରେ ଟଳିପଡ଼ିଲେ ମହିଳା

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସି ଶ୍ରୀମନ୍ଦିର ବାଇଶି ପାହାଚରେ ଟଳିପଡ଼ିଲେ ଜଣେ ଶ୍ରଦ୍ଧାଳୁ। ଦାରୁଦିଅଁଙ୍କ ଦର୍ଶନ ତାଙ୍କ ପାଇଁ ଶେଷ ଦର୍ଶନ ପାଲଟିଲା। ମୃତକ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ାର ମନ୍ଦାକିନୀ ସାହୁ (୬୫)। ସୂଚନା ଅନୁଯାୟୀ, ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ପାଇଁ ପରିବାର ସଦସ୍ୟଙ୍କ ସହିତ ମନ୍ଦାକିନୀ ସୋମବାର ପୁରୀ ଆସିଥିଲେ। ସେମାନେ ପିଣ୍ଡଦାନ କର୍ମ ସାରିବା ପରେ ଅପରାହ୍ନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଯାଉଥିଲେ। ବାଇଶି ପାହାଚ ଚଢ଼ି ଯାଉଥିବାବେଳେ ମନ୍ଦାକିନୀ ହଠାତ୍ ଅସୁସ୍ଥ ହେବା ସହ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବାବେଳେ ବ୍ୟବଚ୍ଛେଦ ପରେ ତାହା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଏସିଏସ୍‌ଙ୍କ 'ମା' ପାଇଁ ଗଛଟିଏ' ଗୀତ ହୃଦୟ ଜିଣୁଛି

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିନକୁ ସ୍ମରଣୀୟ କରିବା ତଥା ପରିବେଶକୁ ସୁସ୍ଥ ରଖିବା ଲକ୍ଷ୍ୟ ନେଇ ୭୫ଲକ୍ଷ ଚାରା ରୋପଣ କରିବାର ଏକ ମହତ୍ ପରିକଳ୍ପନା କରିଛନ୍ତି। ଏହିକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ନେଇଛି ଗୁରୁ ଦାୟିତ୍ୱ। ରାଜ୍ୟରେ କିଭଳି ଏବଂ କେଉଁ ଅଞ୍ଚଳରେ ଏହି ସଂଖ୍ୟକ ଗଛ ଲାଗିବ ସେଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ତୁହାକୁ ତୁହା ବୈଠକ ବସୁଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଲାଗି ମୁଖ୍ୟମନ୍ତ୍ରୀ ଦେଇଥିବା ଆହ୍ୱାନକୁ କିଭଳି ସୁଚାରୁ ରୂପେ ନିର୍ବାହ କରାଯିବ ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ(ଏସିଏସ୍) ସଚିବ ସତ୍ୟବ୍ରତ ସାହୁ ଏକ ନିଆରା ଉପାୟ ଆପଣାଇଛନ୍ତି। ସାହିତ୍ୟ ପ୍ରେମୀଙ୍କ ସହିତ ସବୁ ବର୍ଗଙ୍କୁ ଗଛ ଲଗାଇବା ପାଇଁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ସେ ଅରୁଣ ମନ୍ତ୍ରୀଙ୍କ ଗୀତ ଓ ଗୁରୁ ବିଜୟ କୁମାର ଜେନା ସଙ୍ଗୀତରେ ଆଧାରିତ 'ମା' ପାଇଁ ଗଛ ଟିଏ' ଗୀତ ଗାଇଛନ୍ତି। ଯାହାକି ୧୫ହଜାର ବ୍ୟକ୍ତି ଦେଖିବା ସହିତ ବହୁ ପ୍ରଶଂସା ମିଳିଛି।



'ମା' ପାଇଁ ଗଛ ଟିଏ' ଗୀତକୁ ନେଇ ପ୍ରସ୍ତୁତ ଭିଡ଼ିଓର ଏକ ଦୃଶ୍ୟ।

ଏସିଏସ୍‌ଙ୍କ ଏହି ଗୀତରେ ରହିଛି ମା' ଓ ଗଛର ତୁଳନାତ୍ମକ ଚିତ୍ର। ମା' ଯେପରି ପିଲାଟି ଦିନରୁ ସବୁ ପ୍ରକାର ଝଡ଼ଝଞ୍ଜା ସହି ତା'ର ଛୁଆକୁ ଭଲ ମଣିଷଟିଏ ଗଢ଼ି ତୋଳିବାର ସାହସ ରଖୁଛି। ଠିକ୍ ଅନୁରୂପ ଭାବେ ଗଛଟିଏ ମଧ୍ୟ ଆମ ପାଇଁ ସମାନ ଭୂମିକା ନିର୍ବାହ କରୁଛି। ପ୍ରକୃତିର ବରଦାନ ଗଛ କେବଳ ଯେ, ଫୁଲ ଓ ଫଳ ମଣିଷ ସମାଜକୁ ଦେଉଛି ତାହା ନୁହେଁ, ଗଛର ଶୀତଳ ଛାଇ ଓ ସୁଲୁସୁଲୁ ପବନ ବାତାନୁକୂଳ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର(ଏସି)ଠାରୁ ମଧ୍ୟ ଅଧିକ ଆନନ୍ଦ ଦେଉଛି। ଏହାସହିତ ପରିବେଶକୁ ସୁସ୍ଥ ରଖିବାରେ ଅଙ୍ଗାରକାମ୍ଳ ନେବା ଏବଂ ଅମ୍ଳଜାନ ଛାଡିବା ମଣିଷ ଜଗତ ପାଇଁ ବରଦାନ ସଦୃଶ ସାବ୍ୟସ୍ତ ହୋଇଛି।

ସେ କହିଛନ୍ତି ଯେ, ମା' କେବଳ ଗୋଟିଏ ଶବ୍ଦ ନୁହେଁ, ଏହା ଏକ ଅଭିଧାନ। ଆମ ସମସ୍ତଙ୍କ ଜୀବନର ପ୍ରେରଣାର ଉତ୍ସ ହେଉଛି ମା'। ସେହିପରି ଧରିତ୍ରୀ ମଧ୍ୟ ଆମର ମା'। ପରିବେଶ ଏହାର ମୂଳ ଆଧାର। ଆସନ୍ତୁ, 'ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନରେ ସାମିଲ ହେବା, ଚଳିତମାସ ୧୭ରେ ଗଛଟିଏ ନିଶ୍ଚୟ ଲଗାଇବା ଲାଗି ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ଗଛ ଲଗାଇ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରନ୍ତୁ: ମୁଖ୍ୟମନ୍ତ୍ରୀ

## ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମ ସଫଳ କରିବାକୁ ସମୀକ୍ଷା ବୈଠକ



ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଯାଉଛି। ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭକରି ବେସରକାରୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ମହିଳା ଓ ଯୁବବର୍ଗ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ। ସାଧାରଣ ଜନତାଙ୍କ ସମ୍ପୂର୍ଣ୍ଣ ଭାଗୀଦାରିରେ ଏହି ବୃହତ୍ ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନଠାରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଜିଲାପାଳମାନଙ୍କ ସହ ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାପାଳମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହ ଯୋଗାଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ମନିଟରିଂ କରିବେ। ସମସ୍ତେ ଗଛ ଲଗାଇ ସେଲ୍ଫି ଉଠାନ୍ତୁ ଏବଂ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରନ୍ତୁ। ପଞ୍ଚଦଶକର ରାଜନୈତିକ ଜୀବନ ସମଗ୍ର ଦେଶକୁ ପ୍ରଭାବିତ କରିଛି। ଏକ ସଶକ୍ତ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ। ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତ ବର୍ଷଠାରୁ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି। ଗତ ବର୍ଷ ଓଡ଼ିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଓଡିଶାରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୪.୬୫ କୋଟି ଗଛ ଲଗାଯାଇସାରିଛି। ତେବେ ଦିନକରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ତେଣୁ ଏଥିରେ ସମସ୍ତ ବିଭାଗ ଏବଂ ସମସ୍ତ ବର୍ଗର ଲୋକ ସାମିଲ ହେବା ଆବଶ୍ୟକ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ୭୫ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ନିଶ୍ଚିତ ପୂରଣ ହେବ। ତେବେ ଗଛଗୁଡିକ ଯେପରି ବଞ୍ଚି ରହିବ ସେଥିପାଇଁ ଏହାର ନିୟମିତ ମନିଟରିଂ ଆବଶ୍ୟକ। କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଆସନ୍ତା ୧୭ରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରା ରୋପଣ କରାଯିବ। ଇଲେକସନ୍ ମୋଡ୍‌ରେ ଏହି କାର୍ଯ୍ୟକ୍ରମ ମନିଟରିଂ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଞ୍ଚାୟତିରାଜ ବିଭାଗ ୩୪ ଲକ୍ଷ, ଶିଳ୍ପ ବିଭାଗ ୧୫ ଲକ୍ଷ, କୃଷି ବିଭାଗ ୨୩ ଲକ୍ଷ, ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସେସ ୨.୨ ଲକ୍ଷ, ରାଜ୍ୟ ପୋଲିସ ୩ ଲକ୍ଷ ଓ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଗୁଡ଼ିକ ୨ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ୨ ଲକ୍ଷ ସ୍କୁଲ ଶିକ୍ଷକ, ୧୫ ଲକ୍ଷ ସ୍କୁଲ ଛାତ୍ରୀଛାତ୍ର, ୭୬ ହଜାର ଅଙ୍ଗନୱାଡ଼ି କର୍ମୀ, ୧୭ ହଜାର ଆଶାକର୍ମୀ, ୧୦ ହଜାର ଇକୋ କ୍ଲବ୍, ୧୭,୫୦୦ ବନ ସଂରକ୍ଷଣ ସମିତି, ଏକ ଲକ୍ଷ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ୧୬,୫୦୦ ମାଇଁ ଭାରତ ଭଲ୍ୟୁଣ୍ଟିୟର୍ସ ସହିତ ହଜାର ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ, ସରକାରୀ ଉଦ୍ୟୋଗ, ଶିଳ୍ପ ସଂସ୍ଥା, ଏବଂ ଅନ୍ୟାନ୍ୟ ବେସରକାରୀ ସଂସ୍ଥା– ସମସ୍ତେ ସାମିଲହେବା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମ ପାଇଁ ମେରି ଲାଇଫ୍ ପୋର୍ଟାଲରେ ଓଡ଼ିଶାର ଏକଦିବସୀୟ ଚାରାରୋପଣ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ସ୍ଥାନିତ କରାଯାଇଛି। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମେରି ଲାଇଫ୍ ପୋର୍ଟାଲରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସବୁ ବିଭାଗଠାରୁ ସରକାର ଲୋଡ଼ିଲେ ବାସ୍ତବ ଚିତ୍ର

## ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୫।୯(ରବିନାରାୟଣ ଜେନା)

ରାଜ୍ୟରେ ଅର୍ଥନୈତିକ ବିକାଶ କେତେଦୂର ଅଗ୍ରଗତି ହୋଇଛି ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫–୨୬ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ସରକାରଙ୍କ ପକ୍ଷରୁ କେବଳ ଯେ ବିକାଶର ଚିତ୍ର ପ୍ରତିଫଳିତ ହେବ ତାହା ନୁହେଁ, କେଉଁ କ୍ଷେତ୍ରରେ ରାଜ୍ୟ କେତେ ପ୍ରଗତି କରିଛି ଏବଂ କେଉଁସବୁ ଆହ୍ୱାନ ରହିଛି ତାହା ଜଣାପଡ଼ିବ। ଏହାସହିତ ରାଜ୍ୟରେ କେତେ ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, କେତେ ନୂତନ ଯୋଜନା କାର୍ଯ୍ୟକାରୀ ହେବା ସହିତ ଏହାର ସୁଫଳ କେତେ ମିଳିଛି ସେସବୁ ଲୋକଲୋଚନକୁ ଆସିବ। ଏନେଇ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଭାଗୀୟ ମୁଖ୍ୟମାନେ ତାଙ୍କର ବିକାଶର ବାସ୍ତବ ସ୍ଥିତି ସମ୍ପର୍କରେ ତୁରନ୍ତ ଜଣାଇବା ଲାଗି ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଉନ୍ନୟନ ଆୟୁକ୍ତ ଚଳିତମାସ ୨ ତାରିଖରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ଅର୍ଥନୈତିକ ବିକାଶ ଚିତ୍ର ହିଁ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରତିଫଳିତ ହୋଇଥାଏ। ଏହାବାଦ୍ କେଉଁସବୁ କ୍ଷେତ୍ରରେ ରାଜ୍ୟର ବିକାଶ ହୋଇଛି ତଥା ସୁଯୋଗ ରହିଛି ଏବଂ କେଉଁସବୁ କ୍ଷେତ୍ରରେ ଏବେ ବି ଆହ୍ୱାନ ରହିଛି ତାହା ମଧ୍ୟ ଦର୍ଶାଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନୂତନ ନୀତି ସମ୍ପନ୍ନ ହୋଇଥାଏ ; ଯାହାଦ୍ୱାରା ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଅନୁ ଗର୍ଗ ଦର୍ଶାଇଛନ୍ତି, ଏହି ସର୍ଭେ ପାଇଁ ପ୍ରତ୍ୟେକ ବିଭାଗରେ ଜଣେ ଲେଖାଏ କ୍ଷେତ୍ରୀୟ ଅଧିକାରୀ (ନୋଡାଲ ଅଫିସର) ମନୋନୀତ ହେବା ଆବଶ୍ୟକ; ଯଦ୍ୱାରା ସେମାନଙ୍କଠାରୁ ବିଭାଗର ସମସ୍ତ ତଥ୍ୟ ତୁରନ୍ତ ମିଳିପାରିବ। ତେବେ ଅର୍ଥନୈତିକ ସର୍ଭେ ରିପୋର୍ଟ ହେଉଛି ସବୁ ବିଭାଗର ସାମୂହିକ ପ୍ରୟାସ। ଏହାକୁ ଦୃଷ୍ଟିରେ ରଖି ବିଭାଗର ସଫଳତା, ଲୋକାଭିମୁଖୀ ଯୋଜନା ଓ ଏହାର କାର୍ଯ୍ୟକାରିତା ଏବଂ ନୂତନ ନୀତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବାକୁ ହେବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଉଁଳି ତଥ୍ୟ ସରକାରଙ୍କୁ ମିଳିବ ସେନେଇ ଉନ୍ନୟନ ଆୟୁକ୍ତ ପତ୍ରରେ ଦର୍ଶାଇଛନ୍ତି।


## ODISHA JOINT ENTRANCE EXAMINATION-2025 (OJEE - 2025)

No.OJEE/515 Date:15.09.2025

### NOTICE

**COUNSELLING FOR B.PHARM/LE.PHARM/ M.PHARM FOR THE SESSION 2025-26**

No.h-09:This is for the information of all the candidates who have qualified in OJEE-2025/NEET UG 2025/JEE(MAIN)-2025 examinations and are interested to take admission into **B.PHARM** courses offered by various institutes in Odisha for the session 2025-26, that the process of choice filling and locking is scheduled to start from 18th September 2025, 5.00 PM. Same schedule is also applicable for candidates who have qualified in PGAT/OJEE-2025 for **M.PHARM** and OJEE 2025 for **Lateral Entry to B.PHARM** examinations and are interested to apply for admission in M. PHARM/Lateral Entry to B.PHARM Course. Candidates are advised to visit OJEE website and carefully read the "Counselling Brochure – 2025", 'Step-by- Step' and also see the complete "Counselling Schedule" available in OJEE website: http//ojee.nic.in

OIPR-14020/11/0010/2526 Sd/- Chairman, OJEE

---

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Office Order No. 4139/Date 15.09.2025

**No.O-790** : The tender for the works invited vide this office N.I.T. No. Tender-Online-C.C.12 of 2025 Dt-02.05.2025 issued vide this office Lr.No.2270 Dt-02.05.2025 is hereby cancelled due to some technical issues.

Sd./- Chief Construction Engineer
Central Rural Works Circle,
Bhubaneswar
OIPR-25082/11/0011/2526

---

CHILIKA DEVELOPMENT AUTHORITY
Address : Plot No. - 493 (P), Palashpalli, Pokhariput Road, Bhubaneswar - 751020

**Tender Call Notice**

Advertisement No. 1399/CDA
Dated : 15.09.2025

**No.CAD-1783** : Sealed tenders are invited for supply of instruments at CDA. The detailed terms and conditions of tender call can be downloaded from CDA website under Tender section https://www.chilika.com/Tender.php. Interested firms should submit their bid on or before 08.10.2025 by 2:30 P.M.

Sd./- Chief Executive
Chilika Development Authority
OIPR-08138/11/0005/2526

---

GOVERNMENT OF ODISHA No.MM-192
OFFICE OF THE DIVISIONAL FOREST OFFICER SUNDARGARH FOREST DIVISION
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.04/2025-26
**Tender Notice for Soil Moisture Conservation Work**
Letter No.5326 Date:13.09.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Soil Moisture Conservation Work |
| 3 | Type of Works | :- | 1.Construction staggered Trenches (0-30 Degree Slope). 2.Construction of Loose Boulder Check Dam (LBCD) 3.Construction of Wire Mesh Loose Boulder Check Dam (WMLBCD), 4.Construction of Graded Bund(GB) |
| 4 | Tender Cost | :- | Rs.4000/- 6000/- & 10000/- |
| 5 | Class of Contractor | :- | "D", "C" & "B" Class Contractor |
| 6 | Availability of bid document in the Sundargarh portal i.e. https://sundargarh.odisha.gov.in | :- | From 10.00 AM of Dt.17.09.2025 to 5.00 P.M. of Dt.30.09.2025. |
| 7 | Date of Opening of Bid | :- | At 11.00 A.M. of Dt.03.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer
Sundargarh Forest Division
OIPR-08034/11/0016/2526

---

No.CAD-1781
GOVERNMENT OF ODISHA
ROURKELA DEVELOPMENT AUTHORITY, ROURKELA
Phone No. : (0661)-2500224, Email ID : secretaryrda@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. 02/Rkl. RDA/2025-26 Dt.15.09.2025

01. Name of the Work : 1 No. work
02. Estimated Cost : 36.86 Lakhs
03. Period of Completion : 15 (Fifteen) days
04. Date & Time of availability of bid document in the Portal : From 11.00 AM of dt.16.09.25 to 5.00 PM of 23.09.25
05. Last date / time of receipt of bids in the Portal : 5.00 PM of 23.09.25
06. Date & Time of opening of Bids : At 11.00 AM of 24.09.25
07. Name and Address of the Officer Inviting Bid : Secretary, Rourkela Development Authority, Uditnagar, Rourkela-769012

Further details can be seen from the website www.tendersodisha.gov.in

Sd./- Secretary,
Rourkela Development Authority, Rourkela
OIPR-13250/11/0103/2526

---

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR
E-mail id : sidsambalpur@gmail.com
e-Procurement Notice No. SESID-04/2025-26
Bid Identification No. SESID-04(01-10)/2025-26
No./4012 /Date. 10.09.2025

**No.A-609** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Flood Works |
| 2 | Nos. of Works | : | 10 Nos. |
| 3 | Bid Identification No. | : | SESID-04(01-10)/2025-26 |
| 4 | Estimated Cost | : | 11.26 to 42.36 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 24.09.2025 at 11.00 AM to Dt : 08.10.2025 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.10.2025 upto 17.00 PM |
| 10 | Date of Bid Opening | : | Dt : 09.10.2025 at 11.00 AM |
| 11 | Clarification seeking Date | : | Dt : 24.09.2025 at 11.00 AM to Dt : 08.10.2025 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur
OIPR-32530/11/0013/2526

---

OFFICE OF THE NOTIFIED AREA COUNCIL, DHARMAGARH
DIST - KALAHANDI, PIN - 766015
'e'-Procurement NOTICE
Bid Identification No. DHM / 02 / 2025-26

**No.C-1075** : The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **11 (Eleven) numbers**
2. Estimated Costs : **1.35 Lakh to 16.52 Lakh**
3. Period of Completion ; **As per NIT**
4. Date and time of availability of the bid documents in the Portal : **From 03.00 P.M. of 13.09.2025 to 05.00 PM of 24.09.2025**
5. Last Date/Time for rceceipt of bids in the Portal : **05.00 PM of 24.09.2025**
6. Bids will be opened on : **11.00 AM of Dt.25.09.2025**
7. Name and address of the Officer Inviting Bid : **Executive Officer, Dharmagarh NAC**

Sd./- Executive Officer
Dharmagarh NAC
OIPR-13163/11/0015/2526

---

OFFICE OF THE SUPERINTENDING ENGINEER R.W.S.&S. DIVISION, NUAPADA
E-mail:eerwssnpd@rediffmail.com
1st Corrigendum to Bid Identification No. RWS&S_14/2025-26

No.O-786: Remaining unaltered of all terms and conditions, the following changes are hereby made to Bid Identification No.RWS&S_14/2025-26 of the Superintending Engineer, RWS&S Division, Nuapada by virtue of this corrigendum as mention below:

| As per Original NIT | As per Corrigendum |
|---|---|
| Work Sl.No. 02, Estimate Amount-9.85 Lakh, Paper Cost- 6000.00 | Work Sl.No. 02, Estimate Amount- 9.90 Lakh, Paper Cost-4000.00 |
| Last date/Time for receipt of bids in the portal: 21.09.2023 upto 5.00 P.M. | Last date/Time for receipt of bids in the portal: 22.09.2025 upto 5.00 P.M. |
| Date of Opening of bid: 22.09.2025 at 11.00 A.M. | Date of Opening of bid: 23.09.2025 at 11.00 A.M. |

Sd./- (Er. P. Sahu)
Superintending Engineer
RWSS Division, Nuapada
OIPR-25043/11/0010/2526

---

OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523
INVITATIONS FOR BIDS (IFB)
File No.-B-I-H.T.&H.-01/2025 Lr. No. 35261 Bhubaneswar, the 10th Sept., 2025
No.B-515 Invitations for Bids
Bid Identification No. C.E.(B) - 25/2025-26

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, **(1) "Construction of Academic Block-A (G+4) at BOSE, Cuttack", (2) "Construction of CHC Building at S.Bolang CHC under NHM PIP in the district of Sundargarh for the year 2024-25" & (3) Infrastructure Development of Bunakar Haat at Behera (Balijuri), Bargarh"** as detailed below. | | |
| 2. | **Nature of work** | : | **Building works** |
| 3. | **No. of work** | : | **03 Nos.** |
| 4. | **Bid Cost** | : | **10,000/- (each)** |
| 5. | **Class of Contractor** | : | **'A' / Special / Super Class** |
| 6. | **Availability of Bid Documents in the website** | : | **From dt.19.09.2025 to 17.00 Hours of dt.04.10.2025** |
| 7. | **Date of Opening of Bid** | : | **Dt.06.10.2025 at 11:30 AM** |
| 8. | **The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | | |

Sd./- Chief Engineer (Buildings-I),
Odisha,
OIPR-34117/11/0139/2526

---

ODISHA POLICE STATE HEADQUARTERS Cuttack
Odisha Police
Office of the D.G. & I.G. of Police, Odisha, Cuttack
Tel. : 0671-2304001, Website : www.odishapolice.gov.in,
Email : igops.orpol@od.gov.in

**No.D-216** : Online Bids through e-Tender Portal https://tendersodisha.gov.in are invited from the eligible bidders of Optical Fiberscope for Operation Wing, Bhubaneswar during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | **16-RFP-Optical Fiberscope-2025-26** | 04 Nos |

| Events | Date |
|---|---|
| RFP Issue Date | **15.09.2025** |
| RFP Publication of corrigendum (if any) and Submission Start Date & Time | |
| RFP Submission Due Date and time | **08.10.2025** |
| Date & Time of Opening of Technical Bids | **09.10.2025** |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | {Non-refundable Rs.590/- (Rs.500/- + 18% GST (Rs.90/-)} In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 72000/- in favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12029/11/0107/2526

---

GOVERNMENT OF ODISHA No.C-1077
OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com
NATIONAL COMPETITIVE BIDDING THROUGH e-Procurement
Identification No. ACEPH-BHPT-27 of 2025-26/Dt.12.09.2025
e-Procurement Notice

01. Name of the Work : 1No. Work
02. Type of Bid : Single Bid System
03. Approx. Estimated Cost : Rs.24.63 Lakh
04. Period of Completion : 02 (Two) Calendar Months
05. Date & Time of availability of bid document in the Portal : From 11.00 AM of dt. 16.09.2025 to 5.00 PM of 25.09.2025
06. Last date / time of receipt of bids in the Portal : 5.00 PM of 25.09.2025
07. Date & Time of opening of technical Bids : At 11.30 AM of 26.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/PO - Parmanandpur, 766002, Dist - Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer,
P.H. Division, Bhawanipatna
OIPR-13059/11/0043/2526

---

ODISHA POLICE STATE HEADQUARTERS Cuttack
Odisha Police
Office of the D.G. & I.G. of Police, Odisha, Cuttack
Tel. : 0671-2304001, Website : www.odishapolice.gov.in,
Email : aig-prov.odpol@od.gov.in

**No.D-210** : Online Bids through e-Tender Portal https://tendersodisha.gov.in are invited from the eligible bidders of RFP for Selection of a Consultancy Firm for establishing of Technical Assistance and Support Unit (TASU) for Odisha Police Department during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date |
|---|---|---|
| 1. | Selection of a Consultancy Firm for establishing of Technical Assistance and Support Unit (TASU) for Odisha Police Department | **18-RFP-TASU-2025-26** Date : 13.09.2025 |

| Sl. No. | Particulars | Details |
|---|---|---|
| 1 | **Name of the Organization** | **Odisha Police Department** |
| 2 | **Method of Selection & Proposal Validity** | **Quality cum Cost Based Selection (QCBS) & 180 Day's proposal validity** |
| 3 | **Date of Issue of RFP** | **13.09.2025** |
| 4 | **Deadline for Submission of Pre-Proposal / Pre-Bid Queries** | **17.09.2025** |
| 5 | **Issue of Pre-proposal Clarifications** | **18.09.2025** |
| 6 | **Proposal Due Date** | **25.09.2025 till 12.30 PM** |
| 7 | **Date of opening of Technical and Qualification Proposal** | **26.09.2025 till 12.30 PM** |
| 8 | **Date of Presentation** | **To be informed later** |
| 9 | **Date of opening of Financial Proposal** | **To be informed technically qualified after bidders** |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12029/11/0105/2526

---

ODISHA POLICE STATE HEADQUARTERS Cuttack
Odisha Police
Office of the D.G. & I.G. of Police, Odisha, Cuttack
Tel. : 0671-2304001, Website : www.odishapolice.gov.in,
Email : igops.orpol@od.gov.in

**No.D-215** : Online Bids through e-Tender Portal https://tendersodisha.gov.in are invited from the eligible bidders of Night Sight for Sniper Rifle (Thermal Imager) for Operation Wing, Bhubaneswar during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 15-RFP-Night Sight for Sniper Rifle (Thermal Imager)-2025-26 | 06 Nos |

| Events | Date |
|---|---|
| RFP Issue Date | **15.09.2025** |
| RFP Submission Due Date and time | **08.10.2025** |
| Date & Time of Opening of Technical Bids | **09.10.2025** |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | {Non-refundable Rs.590/- (Rs.500/- + 18% GST (Rs.90/-)} In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 10800/- In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12029/11/0108/2526

---

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR
No.A-624
Email Address:cemech.eicwr.od@gmail.com
e-Procurement Notice
Bid Identification No.CEM/MDC-17/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates.
4. Bid Identification No. : CEM/MDC-17/2025-26
5. Estimated Cost : Rs.77,86,340.00
6. Period of Completion : 3 (Three) Calendar Months
7. Date & Time of availability of bid documents in the Portal : From dt.17.09.2025 (10.00 AM) to dt.03.10.2025 (5.30 PM)
8. Last date/time for receipt of bid in the Portal : Dt.03.10.2025 (upto 5.30 PM)
9. Date and Place of Opening of Technical Bid : Dt.04.10.2025 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o the E.I.C.,Water Resources, Odisha, Bhubaneswar.

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
Secha Sadan, Bhubaneswar
OIPR-32520/11/0075/2526

---

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ

ବିଜ୍ଞପ୍ତି

No.g-୪୨:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ଶିଶୁଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି । ଉକ୍ତ ଶିଶୁଜଣଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ, ଫୋନ ନଂ.06792-255562 କିମ୍ବା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ଫୋନ ନଂ.06792-262246କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଜଣଙ୍କୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୨୨ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

ଶିଶୁର ନାମ–ଲକ୍ଷ୍ମୀ
ଲିଙ୍ଗ–ଝିଅ
ଜନ୍ମ ତାରିଖ– ୨୯.୦୪.୨୦୨୫
ଉଦ୍ଧାର ହୋଇଥିବା ସ୍ଥାନ: ବଡଦୁନ୍ଦୁ, ବହଳଦା, ମୟୂରଭଞ୍ଜ



ସ୍ୱା./–
ଜିଲ୍ଲାପାଳ, ମୟୂରଭଞ୍ଜ
OIPR-33021/11/0018/2526

---

See Career Appointment on every Wednesday & Saturday

# ଓଜୋନ୍ ସ୍ତରର ସୁରକ୍ଷା ଜରୁରୀ ହୋଇପଡ଼ିଛି



**ଆଜି ବିଶ୍ୱ ଓଜୋନ୍ ଦିବସ**

ଭୂପୃଷ୍ଠରୁ ପ୍ରାୟ ୧୫ରୁ ୩୫ କି.ମି. ଉଚ୍ଚତାରେ ଆମ ବାୟୁମଣ୍ଡଳର ନିମ୍ନ ଷ୍ଟ୍ରାଟୋମଣ୍ଡଳରେ ଓଜୋନ୍ ମଣ୍ଡଳ ଅବସ୍ଥିତ, ଯାହା ଓଜୋନ୍ ଗ୍ୟାସ୍‌ରେ ଗଢ଼ା। ଏହାର ହାରାହାରି ମୋଟେଇ ଡବ୍‌ସନ ମାପକ ପଦ୍ଧତିରେ ମାତ୍ର ୩ ମିଲିମିଟର। ଏହି ମୂଲ୍ୟ ସର୍ବଦା ସ୍ଥିର ନ ରହି ଋତୁ ଅନୁସାରେ କମ୍ ବେଶି ହୋଇଥାଏ। ମହାକାଶରୁ ସମୁଦାୟ ୩ ପ୍ରକାର ଅତିବାଇଗଣି ରଶ୍ମି ପୃଥିବୀରେ ଅନବରତ ବର୍ଷଣ ହେଉଛି। ସେଥିମଧ୍ୟରୁ ସବୁଠାରୁ ମାରାତ୍ମକ ରଶ୍ମି ହେଉଛି ଅତିବାଇଗଣି ରଶ୍ମି 'ଖ'। ଏହା ପ୍ରାଣୀ ଶରୀରର ଜୀବନ୍ତ କୋଷର ଡିଏନ୍‌ଏକୁ ନଷ୍ଟ କରିଦେବା ସହ ଚର୍ମରେ 'ମେଲାନୋମା' କର୍କଟ ରୋଗ ଏବଂ ଚକ୍ଷୁରେ ମୋତିଆବିନ୍ଦୁ ରୋଗ ସୃଷ୍ଟି କରିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ଦୁର୍ବଳ କରିଦିଏ। ଏହା ମଧ୍ୟ ଉଦ୍ଭିଦରେ ଅଭିବୃଦ୍ଧି ହାର ତଥା ଫୁଲ ଓ ଫଳ ଧରିବାର ଧାରାକୁ ଗୁରୁତର ପ୍ରଭାବିତ କରିଥାଏ। ଏହାର କୁପ୍ରଭାବ କେବଳ ସ୍ଥଳଭାଗରେ ସୀମିତ ନୁହେଁ, ଏହା ସମୁଦ୍ରରେ ସାମୁଦ୍ରିକ ଖାଦ୍ୟଶୃଙ୍ଖଳର ମୂଳାଧାର ଫାଇଟୋପ୍ଲାଙ୍କଟନ ଅଣୁଜୀବକୁ ମଧ୍ୟ ନଷ୍ଟ କରିଥାଏ ଯାହା ଫଳରେ ସାରା ସାମୁଦ୍ରିକ ଜୀବନ ଗୁରୁତର ପ୍ରଭାବିତ ହୋଇଥାଏ। ମାତ୍ର ଆମ ବାୟୁମଣ୍ଡଳରେ ଥିବା ଓଜୋନ୍ ସ୍ତର ଏହି କ୍ଷତିକାରକ ରଶ୍ମିକୁ ଶୋଷିନେଇ ସମଗ୍ର ଜୀବଜଗତକୁ ରକ୍ଷା କରିଥାଏ। ତେବେ କିଛି ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଆମର ଏହି ରକ୍ଷାକାରୀ କବଚ ଓଜୋନ୍ ମଣ୍ଡଳ ଏବେ କ୍ଷତିଗ୍ରସ୍ତ ହୋଇ ଏହାର ବିସ୍ତୀର୍ଣ୍ଣ ଅଞ୍ଚଳରେ ଓଜୋନ୍ ନଷ୍ଟହୋଇଗଲାଣି କିମ୍ବା ଓଜୋନ୍ ସ୍ତର ପତଳା ହୋଇଗଲାଣି।

ଓଜୋନ୍ ସ୍ତରର ଏଭଳି ଅବକ୍ଷୟରେ ଘୋର ଉଦ୍‌ବେଗ ପ୍ରକାଶକରି ୧୯୮୭ ମସିହାରେ ବିଶ୍ୱର ତୁଙ୍ଗ ଜନନେତାମାନେ କାନାଡାର ମଣ୍ଟ୍ରିଲଠାରେ ଏକ ଶିଖର ସମ୍ମିଳନୀରେ ମିଳିତ ହୋଇଥିଲେ। ସେମାନେ ଏକ ରାଜିନାମା ସ୍ୱାକ୍ଷରକରି ବିଶ୍ୱରେ ସମସ୍ତ ଓଜୋନ୍ ନଷ୍ଟକାରୀ ପଦାର୍ଥର ଉତ୍ପାଦନ,ବ୍ୟବହାର ତଥା ଆମଦାନୀକୁ ନିଷିଦ୍ଧ କରିବା ସହ ସେସବୁ ପଦାର୍ଥକୁ ବାୟୁମଣ୍ଡଳରେ ଜମାକରିବାର ସମସ୍ତ ମନୁଷ୍ୟକୃତ କାର୍ଯ୍ୟକଳାପକୁ ବାରଣ କରିଛନ୍ତି।

ଆମର ଏହି ପ୍ରାକୃତିକ ରକ୍ଷାକବଚ ଓଜୋନ୍ ସ୍ତର ସୁରକ୍ଷା ନିମନ୍ତେ ଆମକୁ ଦୈନନ୍ଦିନ ଜୀବନରେ ଓଜୋନ୍ ନଷ୍ଟକାରୀ ପଦାର୍ଥର ବ୍ୟବହାରକୁ ହ୍ରାସକରିବା ସହ ବ୍ୟବହୃତ ହେଉଥିବା ଫ୍ରିଜ୍, ଏସି, ବଡି ସ୍ପ୍ରେ ଭଳି ଆରାମଦାୟକ ତଥା ବିଳାସପୂର୍ଣ୍ଣ ଉପକରଣ ଓ ସାମଗ୍ରୀର ବ୍ୟବହାରକୁ ମଧ୍ୟ ସୀମିତ କରିବାକୁ ପଡ଼ିବ।

ଓଜୋନ୍ ସ୍ତରର ନିର୍ମାଣ ଦିଗରେ ସଚେତନତା ସୃଷ୍ଟିନିମନ୍ତେ ସେପ୍ଟେମ୍ବର ୧୬ ତାରିଖକୁ ବିଶ୍ୱ ଓଜୋନ୍‌ଦିବସ ରୂପେ ପାଳନ କରାଯାଉଛି। ଚଳିତ ବର୍ଷର ବିଶ୍ୱ ଓଜୋନ୍ ଦିବସ ପାଳନର ବିଷୟ ହେଉଛି 'ବିଜ୍ଞାନରୁ ବୈଶ୍ୱିକ କର୍ମପନ୍ଥା'। ତେବେ ଆମ ଗ୍ରହରେ ଜୀବନ ବଞ୍ଚିବାର ମୂଳଦୁଆକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ଜନମାନସରେ ପ୍ରତିବିମ୍ବିତ କରିବା ଏହି ବର୍ଷର ବିଶ୍ୱ ଓଜୋନ୍ ଦିବସ ପାଳନର ମୂଳ ଲକ୍ଷ୍ୟ।

– ନିକୁଞ୍ଜ ବିହାରୀ ସାହୁ
ମୋ : ୮୯୧୭୬୩୭୯୭୪

# ଇନ୍ଦିରା, ନନ୍ଦିନୀ ଥିଲେ ନାରୀ ଶକ୍ତିର ସବୁଠୁ ବଡ଼ ପ୍ରତୀକ: ମହିଳା କଂଗ୍ରେସ

**ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)**

ଭାରତରେ ନାରୀ ଶକ୍ତିର ସବୁଠୁ ବଡ ପ୍ରତୀକ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ। ତାଙ୍କ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକ୍ରମ ଦେଶରେ ନାରୀ ସଶକ୍ତୀକରଣର ସୂତ୍ରପାତ କରିଥିଲା। ସେହିପରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ ଥିଲେ ମହିଳାଙ୍କ ଅଗ୍ରଦୂତ। ଘର କୋଣରେ ରହୁଥିବା ମହିଳାଙ୍କୁ ଆଣି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ତାଙ୍କର ବଡ଼ ଭୂମିକା ଥିଲା ବୋଲି ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସୋମବାର କଂଗ୍ରେସ ଭବନରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଭାରତୀୟ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ୧୯୭୧ ଯୁଦ୍ଧରେ ପାକିସ୍ତାନଠାରୁ ବାଂଲାଦେଶକୁ ଅଲଗା କରିଦେଇଥିବା ଇନ୍ଦିରା ଗାନ୍ଧୀଙ୍କ ଲଢ଼େଇ ଓ ସଙ୍ଗଠନ ନିର୍ମାଣର ସଂକଳ୍ପ ଯୋଗୁ ମହିଳାଙ୍କ ମଞ୍ଚମଣ୍ଡନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେ କହିଥିଲେ, ଭୁବନେଶ୍ୱରରେ ୫ ହଜାର ମହିଳା ସଙ୍ଗଠିତ ହେବା ସହ ଯଦି ନାରୀ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ୨୦ ହଜାର ମହିଳା ଘେରିବା ସାମର୍ଥ୍ୟ ରଖିବେ, ସେଦିନ ମହିଳା କଂଗ୍ରେସ ଗଠନର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଭକ୍ତ କହିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ରାଜୀବ ଗାନ୍ଧୀ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱ କରାଇ ସେମାନଙ୍କ ସଶକ୍ତୀକରଣର ମାର୍ଗ ପ୍ରଶସ୍ତ କରିଥିଲେ। 'ଲଡ଼କି ହୋ, ଲଡ୍ ଶକ୍ତି ହୋ' ସ୍ଲୋଗାନ ଦେଇ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶାରେ ମହିଳା ପ୍ରସଙ୍ଗରେ ୧୪ ବିଧାୟକ ନିଲମ୍ବନ ହେବା ପ୍ରମାଣ କରୁଛି ଯେ କଂଗ୍ରେସ ମହିଳାଙ୍କ ସାଙ୍ଗରେ ଅଛି ବୋଲି ସେ କହିଥିଲେ।

ପୂର୍ବତନ ଲୋକ ସଭା ସଦସ୍ୟା ସୁଶୀଳା ତିରିଆ କହିଥିଲେ, ମହିଳା ବିଲ୍ କେମିତି ଲାଗୁ ହୋଇ ମହିଳା ସଶକ୍ତୀକରଣ କରାଯିବ, ତାହା ଉପରେ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ସରସ୍ୱତୀ ହେମ୍ବ୍ରମ କହିଥିଲେ, ୧୯୭୫ ମସିହାରେ ରାଜନୀତିରେ ପାଦ ଥାପିବା ବେଳେ ପରିବାରରେ ବିବାଦ ଦେଖାଦେଇଥିଲା। ଇନ୍ଦିରା ଗାନ୍ଧୀଙ୍କ ପ୍ରେରଣାରେ ଆମେ ରାଜନୀତିକୁ ଆସିଥିଲୁ, ନନ୍ଦିନୀ ଶତପଥୀ ମଧ୍ୟ ସହଯୋଗ କରିଛନ୍ତି। ମହିଳାଙ୍କୁ ଆଗକୁ ଆଣିବାରେ ନନ୍ଦିନୀ ଦେବୀଙ୍କ ଭୂମିକା ଅତୁଳନୀୟ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମହିଳା କଂଗ୍ରେସର ନେତ୍ରୀ ପ୍ରଣତି ମିଶ୍ର ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିବାବେଳେ ପିସିସି ଉପସଭାପତି ସସ୍ମିତା ବେହେରା ତୃଣମୂଳସ୍ତରରେ କଂଗ୍ରେସକୁ ଶକ୍ତିଶାଳୀ କରିବା ନେଇ ମତ ରଖିଥିଲେ। ଏହି ଅବସରରେ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଲେ, ଆଜି ଦିନରେ ମହିଳା କଂଗ୍ରେସର ଜନ୍ମ। ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ଯୋଗୁ ମହିଳାମାନେ ସମାଜର ମୁଖ୍ୟସ୍ରୋତକୁ ଆସିପାରିଛନ୍ତି। ଆଗାମୀ ଦିନରେ ତାଙ୍କ ପ୍ରେରଣା ଆମକୁ ସୁସଙ୍ଗଠିତ କରିବାରେ ବିଶେଷ ସହାୟକ ହେବ।




ଭାରତୀୟ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ଜଳ ଜଙ୍ଗଲ ଜମି ପାଇଁ ଏକତ୍ର ହେଲେ ୨ ବ୍ଲକର ଶତାଧିକ ଗ୍ରାମବାସୀ

**ପଟ୍ଟାଙ୍ଗୀ,୧୫।୯(ଶରତ କୁମାର ଧଳ)**

**ନାଲ୍‌କୋ ସହ ହୋଇଥିବା ଏମ୍‌ଓୟୁ ବାତିଲ ଦାବି**

ସେଉନ୍ଦ୍ର ବକ୍ସାଇଟ୍ ଖଣି ପାହାଡ଼କୁ ନେଇ ହୋଇଥିବା ଏମ୍‌ଓୟୁ ବାତିଲ କରିବା ଦାବିରେ କୋରାପୁଟ ଜିଲା ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ପରିସରରେ ସେଉନ୍ଦ୍ର ସୁରକ୍ଷା ସମିତି ପକ୍ଷରୁ ସୋମବାର ଶୋଭାଯାତ୍ରା କରାଯାଇଛି। 'ଜଳ, ଜଙ୍ଗଲ ଜମିକୁ ମରିବୁ ପଛେ ହାତଛଡ଼ା କରିବୁ ନାହିଁ' ସ୍ଲୋଗାନ ଦେଇ ବ୍ଲକ୍ ପରିକ୍ରମା କରାଯାଇଥିଲା। ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସରକାର ଓ ନାଲ୍‌କୋ ମଧ୍ୟରେ ହୋଇଥିବା ଏମ୍‌ଓୟୁ ବାତିଲ କରିବାକୁ ୩ ପୃଷ୍ଠା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାର ବେଦେନ୍ଦ୍ର ବାହାଦୁର ସିଂ ଧାମୁଆଙ୍କୁ ପ୍ରଦାନ କରାଯାଇଛି। ସେଉନ୍ଦ୍ର ସୁରକ୍ଷା ସମିତି ସଭାପତି ରବି ଖରାଙ୍କ ଆହ୍ୱାନକ୍ରମେ ସେମିଳିଗୁଡ଼ା ବ୍ଲକର ସୋରିଷପଦର ଓ ଖୁଡ଼ି ପଞ୍ଚାୟତ ସମେତ ପଟ୍ଟାଙ୍ଗୀ ବ୍ଲକର ମାଳିପୁଟ, ନୂଆଗାଁ, କୋଟିଆ ଏବଂ ପଟ୍ଟାଙ୍ଗୀ ଆଦି ୬ ପଞ୍ଚାୟତର ୬୮ ଗ୍ରାମବାସୀ କାତ୍ରାଗୁଡ଼ା ଗାଁ ଛକ ନିକଟରେ ଏକତ୍ର ହୋଇଥିଲେ। ଗ୍ରାମବାସୀ ହାତରେ ପ୍ଲା କାର୍ଡ ଧରି ଆଦିବାସୀ ଏକତା ଜିନ୍ଦାବାଦ, ନାଲ୍‌କୋ ସହ ହୋଇଥିବା ଏମ୍‌ଓୟୁ ବାତିଲ ଆମର ଦାବି ନାରା ଦେଇଥିଲେ। ଉକ୍ତ ରାଲିରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଜଗନ୍ନାଥ ପାଙ୍ଗୀ, ବର୍ତ୍ତମାନର ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜୋନ୍ ୧ ଜିଲା ପରିଷଦ ସଭ୍ୟା କିରାଇ ଗେମେଲ, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସ୍ଥାନୀୟ ବ୍ଲକର ନୂଆଗାଁ ପଞ୍ଚାୟତ ସରପଞ୍ଚ ସୁବାସ ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, କୋଟିଆ ସରପଞ୍ଚ ଲିୟୁ ଗେମେଲ୍ ଓ ପଟ୍ଟାଙ୍ଗୀ ସରପଞ୍ଚ ଆଲମେ ଫୁଲ ପ୍ରମୁଖ ଯୋଗଦେଇଥିଲେ।

# ସରକାର ପାଳିବେ 'ପିଏମ୍ ଆବାସ ସହେରୀ ମେଳା'

**ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ଆବାସ କିଭଳି ସହରାଞ୍ଚଳରେ ତ୍ୱରାନ୍ୱିତ ହୋଇପାରିବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ସୋମବାର ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସବୁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ନଗର ଓ ସହର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ତ୍ୱରାନ୍ୱିତ କରିବାପାଇଁ ଅଙ୍ଗୀକାର-୨୦୨୫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ଚଳିତମାସ ୧୭ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ମେଳା-ସହେରୀ କାର୍ଯ୍ୟକ୍ରମ ଜିଲାସ୍ତରରେ କରାଯିବାକୁ ରହିଛି।

ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୧୭ରେ ଜିଲାସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ମେଳା-ସହେରୀ ଆୟୋଜନ କରାଯିବ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ପ୍ରତ୍ୟେକ ପୌରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ରେ ୱାର୍ଡସ୍ତରୀୟ କ୍ୟାମ୍ପ ଆୟୋଜନ କରାଯିବ। ଏହାପରେ ଅକ୍ଟୋବର ୧୭ରୁ ୩୧ ମଧ୍ୟରେ ଏକ ଉପଯୁକ୍ତ ଦିନରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆବାସ ମେଳା-ସେହେରୀ ଜିଲାରେ ଆୟୋଜନ କରାଯିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱୀକୃତ ନିର୍ମାଣାଧୀନ ଘରଗୁଡ଼ିକର ଶୀଘ୍ର ନିର୍ମାଣ ସୁନିଶ୍ଚିତ କରିବା, ପିଏମ୍‌ଏୱାଇ-ୟୁ ହିତାଧିକାରୀଙ୍କୁ ବ୍ୟାଙ୍କ ମାଧ୍ୟମରେ ଗୃହଋଣ ସୁବିଧା ପ୍ରଦାନ, ବ୍ୟାଙ୍କ ସବ୍‌ସିଡି ଯୋଜନା (ଆଇଏସ୍‌ଏସ୍) ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରିବା। ଏହାସହିତ ସେମାନଙ୍କୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର, ପ୍ରଧାନମନ୍ତ୍ରୀ ସ୍ୱନିଧି, ଆୟୁଷ୍ମାନ ଭାରତ ଆଦି ଅନ୍ୟ ସରକାରୀ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରହିଛି।

ଓଡ଼ିଶାରେ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ଆବାସ ମେଳା-୨ର ଶିବିରମାନ କରାଯିବ। ମାତ୍ର ୧୭ ଅକ୍ଟୋବରରୁ ୩୧ ପର୍ଯ୍ୟନ୍ତ ଆବାସ ମେଳା କରାଯିବ। ଏହାଦ୍ୱାରା କିପରି ଆବାସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ସେଦିଗରେ ଧ୍ୟାନଦେବାକୁ ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ପ୍ରେମିକ ସମ୍ମୁଖରେ ପ୍ରେମିକାଙ୍କୁ ବଳାତ୍କାର: ୩ ଅଟକ

**ପୁରୀ,୧୫।୯(ଅଜିତ କୁମାର ମହାନ୍ତି)**

ବାଲିହରଚଣ୍ଡୀ ସମୁଦ୍ରକୂଳରେ ପ୍ରେମିକଙ୍କ ସମ୍ମୁଖରେ ପ୍ରେମିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ପ୍ରେମିକଙ୍କ ସହ ଯୁବତୀ ଜଣକ ବାଲିହରଚଣ୍ଡୀ ସମୁଦ୍ରକୂଳକୁ ବୁଲିବାକୁ ଯାଇଥିଲେ। ସେଠାରେ ପ୍ରେମିକଙ୍କ ହାତଗୋଡ଼ ବାନ୍ଧି ସମ୍ପୃକ୍ତ ଯୁବତୀଙ୍କୁ ୪ଜଣ ଯୁବକ ବଳାତ୍କାର କରିଥିଲେ। ଏ ନେଇ ପୁରୀ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ୍ (ନଂ.୫୫୨/୨୫) ରୁଜୁକରି ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

# ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୁରକ୍ଷିତ ନୁହେଁ: ବିଜେଡି

**ଭୁବନେଶ୍ୱର,୧୫।୯(ସୁନୀତ୍ ମିଶ୍ର)**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୁରକ୍ଷିତ ନୁହେଁ ବୋଲି ବିଜେଡି ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୨ ଦିନ ତଳେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ବାଲିହରଚଣ୍ଡୀ ପୀଠରେ ଜଣେ ଛାତ୍ରୀକୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ରବିବାର ଏହି ଘଟଣା ଗଣମାଧ୍ୟମରେ ଆସିଲା। ଏହାକୁ ଅନୁସନ୍ଧାନ କଲେ ଜଣାଯାଇଛି, ରାଜ୍ୟରେ ମହିଳା ଅସୁରକ୍ଷିତ। ପୀଡ଼ିତା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ବୃତ୍ତଙ୍କୁ ଏବେ ପର୍ଯ୍ୟନ୍ତ ପୋଲିସ ଧରିପାରିନି। ବାଲିହରଚଣ୍ଡୀ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ହୋଇଥିଲେ ମଧ୍ୟ ସୁରକ୍ଷିତ ନୁହେଁ। ସେଠାରେ ଏକ ପୋଲିସ ଆଉଟ ପୋଷ୍ଟ ବା ଫାଣ୍ଡି ପ୍ରସ୍ତୁତ କରାଯାଉ ବୋଲି ସଞ୍ଜୟ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ରହିବ ଯେ, କେବଳ ପୁରୀ ଜିଲା ନୁହେଁ, ବରଂ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ସୁରକ୍ଷିତ ରଖାଯାଉ। ନୂତନ ସରକାର ଆସିବା ପରେ ରାଜ୍ୟରେ ନାରୀ ନିର୍ଯ୍ୟାତନା ବଢ଼ୁଛି ବୋଲି ସଞ୍ଜୟ କହିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ

# ଗହଳିକୁ ମାଡ଼ିଗଲା ଟ୍ରକ୍: ୨ ମୃତ, ୮ ଆହତ

**ଭୋପାଳ,୧୫।୯**

ଇନ୍ଦୋର ଏୟାରପୋର୍ଟ ରୋଡ୍‌ରେ ସୋମବାର ସନ୍ଧ୍ୟାରେ ଏକ ଟ୍ରକ୍ ଗହଳି ମଧ୍ୟକୁ ମାଡ଼ିଯିବା ସହ କେତେକ ଗାଡ଼ିକୁ ଧକ୍କା ଦେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗାଡ଼ିଗୁଡ଼ିକ ସହ ଧକ୍କା ଲାଗିବା ପରେ ଟ୍ରକ୍‌ରେ ନିଆଁ ଲାଗି ଜଳିଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌ରେ ନିଆଁ ଲଗାଇଦେଇଥିବା ଅନ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି। ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରକ୍ ଡ୍ରାଇଭରଙ୍କୁ ଅଟକ ରଖାଯିବା ସହ ମାଲିକଙ୍କ ନାଁରେ ମାମଲା ରୁଜୁ ହୋଇଛି। ନୋ-ଏଣ୍ଟ୍ରି ଏରିଆରେ ଟ୍ରକ୍ କିପରି ପ୍ରବେଶ କଲା, ତାହାର ତଦନ୍ତ କରାଯାଉଛି। ଡ୍ରାଇଭର ସମ୍ଭବତଃ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିଲେ। ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଛି।

# ଆପତ୍ତିଜନକ ପୋଷ୍ଟକୁ ନେଇ ଶାହଜହାଁପୁରରେ ସାମ୍ପ୍ରଦାୟିକ ଉତ୍ତେଜନା

**ଶାହଜହାଁପୁର, ୧୫।୯**

**୨୦୦ ଜଣଙ୍କ ନାଁରେ ମାମଲା**

ଉତ୍ତରପ୍ରଦେଶର ଶାହଜହାଁପୁରରେ ପ୍ରଫେଟ ମହମ୍ମଦ ଓ କୋରାନକୁ ନେଇ ହୋଇଥିବା ଏକ ଆପତ୍ତିଜନକ ସୋସିଆଲ ମିଡିଆ ପୋଷ୍ଟରୁ ସାମ୍ପ୍ରଦାୟିକ ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ଶାହଜହାଁପୁର ପୋଲିସ ଇସ୍‌ଲାମ ଧର୍ମକୁ ନେଇ ଆପତ୍ତିଜନକ ପୋଷ୍ଟ କରିଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେଜଣ ଲୋକ ସ୍ଥାନୀୟ ଲାଲ୍ ଇମଲି ଥାନାରେ ଜୋର୍ ଜବରଦସ୍ତ ଧସେଇ ପଶିବା ସହ ସେମାନେ ସେଠାରେ ଭଙ୍ଗାରୁଜା କରିଥିଲେ। ଥାନା ପରିସର ମଧ୍ୟରେ ଥିବା ୨ଟି ୨ ଚକିଆ ଯାନରେ ସେମାନେ ନିଆଁ ଲଗାଇ ଦେଇଥିଲେ। ସ୍ଥିତି ସମ୍ଭାଳିବା ପାଇଁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଘଟଣାକୁ ନେଇ ଶାହଜହାଁପୁର ପୋଲିସ ୨୦୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶିଖ୍ ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ଲଣ୍ଡନ, ୧୫।୯**

ବ୍ରିଟେନ୍‌ର ଓଲ୍‌ଡବୁରି ସହରରେ ଶନିବାର ଜଣେ ୨୦ ବର୍ଷୀୟା ବ୍ରିଟିଶ୍ ଜନ୍ମିତ ଶିଖ୍ ମହିଳାଙ୍କୁ ୨ ଜଣ ଲୋକ ବଳାତ୍କାର କରିବା ସହ ତାଙ୍କ ଜାତୀୟତାକୁ ନେଇ ଗାଳିଗୁଲଜ କରିଥିଲେ। ମହିଳାଙ୍କୁ ତାଙ୍କ ଦେଶକୁ ଫେରିଯିବା ପାଇଁ ସେମାନେ କହିଥିଲେ। ସୋମବାର ଏହି ମାମଲାରେ ବ୍ରିଟେନ୍‌ର ୱେଷ୍ଟ ମିଡ୍‌ଲାଣ୍ଡ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାକୁ ନେଇ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି। ମାମଲାର ତଦନ୍ତ ଜାରି ରହିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।




ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଟ୍ରାକ୍ଟର ଯୋଗେ ପଞ୍ଜାବର ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

# ବିହାରକୁ ୩୬ ହଜାର କୋଟିର ପ୍ରକଳ୍ପ ଭେଟି

**ପୂର୍ଣ୍ଣିଆ,୧୫।୯(ପି.ଟି.)**

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୩୬,୦୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପୂର୍ଣ୍ଣିଆ ବିମାନବନ୍ଦରରେ ଏକ ବିକଶିତ ଟର୍ମିନାଲ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ସହ ପୂର୍ଣ୍ଣିଆରୁ କୋଲକାତା ରୁଟ୍‌ରେ ପ୍ରଥମ ବିମାନ ଚଳାଚଳକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀଗଣ, ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଥିଲେ। ଭାଗଲପୁରର ପୀରପୈଣ୍ଟିରେ ୨୫,୦୦୦ କୋଟି ଟଙ୍କାରେ ତାପଜ ବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଘରୋଇ ସେକ୍ଟର ନିବେଶରେ ଏହା ରାଜ୍ୟର ସର୍ବବୃହତ୍ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ୨,୬୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କୋଶି-ମେଚି ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨,୧୭୦ କୋଟି ଟଙ୍କା ବ୍ୟୟରେ ବିକ୍ରମଶିଳା-କଟାରିଆ ରେଳଲାଇନର ଶିଳାନ୍ୟାସ କରାଯିବା ସହ ଅରାରିଆ ଏବଂ ଗଲଗଲିଆ ମଧ୍ୟରେ ୪,୪୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂଆ ରେଳଲାଇନ୍‌ର ଉଦ୍‌ଘାଟନ କରାଯାଇଛି।



ପୂର୍ଣ୍ଣିଆରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି କହିଥିଲେ, ସେମାନେ ବେଆଇନ ଆପ୍ରବାସୀଙ୍କୁ ସୁରକ୍ଷା ଦେବା ସହ ଅନୁପ୍ରବେଶକୁ ସୁଯୋଗ ଦେଇଥିବାରୁ ବିହାର, ଆସାମ, ପଶ୍ଚିମବଙ୍ଗ ଭଳି ପୂର୍ବ ଭାରତୀୟ ରାଜ୍ୟରେ ଜନସାଂଖ୍ୟିକ ସଙ୍କଟ ସୃଷ୍ଟି ହୋଇଥିଲା। ବିହାର ଲୋକଙ୍କୁ ବିଡ଼ି ସହ ତୁଳନା କରି ସେମାନଙ୍କୁ ଅପମାନିତ କରିଥିବା କଂଗ୍ରେସକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିଛନ୍ତି। ଆର୍‌ଜେଡି ଓ କଂଗ୍ରେସ ସହ ତାଙ୍କ ଦଳର ସଂକ୍ଷିପ୍ତ ମେଣ୍ଟ ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦୁଃଖ ପ୍ରକାଶ କରିବା ସହ ଆଉ ଏନ୍‌ଡିଏ ଛାଡ଼ି କୁଆଡ଼େ ଯିବେନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# କୁକି ନେତାଙ୍କ ଘର ଜାଳିଦେଲେ

**ଚୁରାଚାନ୍ଦପୁର, ୧୫।୯**

ମଣିପୁରର ଚୁରାଚାନ୍ଦପୁର ଜିଲାରେ ରବିବାର ରାତିରେ ହିଂସା ସ୍ଥିତି ସୃଷ୍ଟି ହୋଇଛି। କେତେଜଣ ଅସାମାଜିକ ବ୍ୟକ୍ତି କୁକି ସମୁଦାୟର ଜଣେ ବଡ଼ ନେତାଙ୍କ ଘରେ ନିଆଁ ଲଗାଇଦେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, କୁକି ନ୍ୟାଶନାଲ ଅର୍ଗାନାଇଜେଶନ (କେଏନ୍‌ଓ) ନେତା କାଲ୍‌ଭିନ୍ ଏକଥାଙ୍ଗଙ୍କ ଘରକୁ କିଛି ଅସାମଜିକ ବ୍ୟକ୍ତି ଜାଳି ଦେଇଛନ୍ତି। ସେମାନେ କୁକି ସମୁଦାୟର ଅନ୍ୟଜଣେ ନେତା ତଥା କୁକି ଜୋ କାଉସିଲର (କେଜେଡ୍‌ସି)ର ମୁଖପାତ୍ର ଗିଞ୍ଜା ବୁଆଲଜୋଙ୍ଗଙ୍କୁ ଘରକୁ ମଧ୍ୟ ଜାଳିବା ପାଇଁ ପ୍ରୟାସ କରିଥିବା ବେଳେ ଠିକଣା ସମୟରେ ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଥିଲା। ଗତ ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁରାଚାନ୍ଦପୁର ଗସ୍ତ କରି ମଣିପୁର ହିଂସାରେ ବିସ୍ଥାପିତ ହୋଇଥିବା ପରିବାରକୁ ଭେଟିଥିଲେ।

# ଆମେରିକା-ଚାଇନା ଟିକ୍‌ଟକ୍ ଡିଲ୍ ନେଇ ଟ୍ରମ୍ପଙ୍କ ସଙ୍କେତ

**ୱାଶିଂଟନ୍, ୧୫।୯**

ଆମେରିକାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌କୁ ଆଇନଗତ ଭାବେ ନିଷିଦ୍ଧ କରାଯିବା ନେଇ ଗତ ଜାନୁଆରୀ ୧୯ରେ ଘୋଷଣା ହୋଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିବନ୍ଧକ କାର୍ଯ୍ୟକାରୀ ହୋଇନାହିଁ ଏବଂ ଆମେରିକାର ଯୁବପିଢ଼ି ଟିକ୍‌ଟକ୍‌କୁ ବ୍ୟବହାର କରିପାରୁଛନ୍ତି। ସେପ୍ଟେମ୍ବର ୧୭ ସୁଦ୍ଧା ଟିକ୍‌ଟକ୍‌କୁ ବିକଶିତ କରିଥିବା ଚାଇନାର ପ୍ରଯୁକ୍ତି କମ୍ପାନୀ ବାଇଟ୍ ଡ୍ୟାନ୍ସର ଆମେରିକାରେ ଟିକ୍‌ଟକ୍‌ର ଅଂଶଧନକୁ ଦେଶର ନିୟନ୍ତ୍ରଣରେ ଥିବା କୌଣସି ସଂସ୍ଥାକୁ ବିକ୍ରି ନ କଲେ, ଟିକ୍‌ଟକ୍ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଜାରି କରାଯିବ ବୋଲି ଆମେରିକା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ସୋମବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ପୋଷ୍ଟକରି ଆସନ୍ତା ୧୭ ପରେ ମଧ୍ୟ ଦେଶରେ ଟିକ୍‌ଟକ୍ ଆପ୍ କାର୍ଯ୍ୟକ୍ଷମ ରହିବ ବୋଲି ସଙ୍କେତ ଦେଇଛନ୍ତି। ସେ ଲେଖିଛନ୍ତି, ୟୁରୋପରେ ଆମେରିକା ଏବଂ ଚାଇନା ମଧ୍ୟରେ ହୋଇଥିବା ବାଣିଜ୍ୟିକ ବୈଠକ ସଫଳ ହୋଇଛି।




ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ନେଇ ୨ ଦେଶ ଏକ ସହମତିରେ ପହଞ୍ଚିଛନ୍ତି, ଯାହାକୁ ବଞ୍ଚାଇବାକୁ ଆମେରିକୀୟ ଯୁବପିଢ଼ି ଆଗ୍ରହୀ ଥିଲେ। ଏବେ ସେମାନେ ନିଶ୍ଚିତ ଖୁସି ହେବେ। ଶୁକ୍ରବାର ଏନେଇ ସେ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହ ଆଲୋଚନା କରିବେ ବୋଲି ଟ୍ରମ୍ପ ନିଜ ପୋଷ୍ଟରେ ସୂଚନା ଦେଇଛନ୍ତି।

# ଏଆଇ ବ୍ୟବହାର ବୃଦ୍ଧି ୨୦୩୫ ସୁଦ୍ଧା ଜିଡିପିକୁ ୬୦୦ ବିଲିୟନ ଡଲାର ବଢ଼ାଇବ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

ଦେଶର ଶିଳ୍ପସଂସ୍ଥାଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଗ୍ରହଣୀୟତା ବଢ଼ିଥିବାରୁ ୨୦୩୫ ସୁଦ୍ଧା ଏହା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୫୦୦ରୁ ୬୦୦ ବିଲିୟନ ଡଲାର ଯୋଡ଼ିବ ବୋଲି ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି। ଏଆଇର ଅଧିକ ବ୍ୟବହାର ଫଳରେ ଉତ୍ପାଦନ ବୃଦ୍ଧି ପାଇବା ସହ ଶ୍ରମଶକ୍ତି ସାମର୍ଥ୍ୟ ବଢ଼ିବ। 'ଏଆଇ ଫର୍ ବିକଶିତ ଭାରତ: ଦ ଅପର୍ଚୁନିଟି ଫର୍ ଆକସେଲେରେଟେଡ୍ ଇକୋନୋମିକ୍ ଗ୍ରୋଥ୍' ରିପୋର୍ଟରେ ଆହୁରି କୁହାଯାଇଛି, ଆଗାମୀ ଦଶକରେ ବିଭିନ୍ନ ସେକ୍ଟରରେ ଏଆଇ ଗ୍ରହଣୀୟତା ବଢ଼ିବା ସହ ବୈଶ୍ୱିକ ଅର୍ଥନୀତିରେ ୧୭ରୁ ୨୬ ଟ୍ରିଲିୟନ ଡଲାର ଯୋଡ଼ିହେବ।

## ଜେଲ ଫେରନ୍ତାଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

**ବଣାଇଁ,(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା କେନ୍ଦୁଘାଟି ଅଞ୍ଚଳରେ ଜେଲ ଫେରନ୍ତା ସୁଲେମାନ ଟପ୍ପୋଙ୍କୁ ରବିବାର ଟାଙ୍ଗିଆରେ ହାଣି ହତ୍ୟା କରିବା ଘଟଣାରେ ପୋଲିସ ରାଇମୋହନ ଟପ୍ପୋଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁଲେମାନ ହତ୍ୟା ଅଭିଯୋଗରେ ଦୀର୍ଘବର୍ଷ ଧରି ଜେଲରେ ରହି ୨ ମାସ ତଳେ ଗାଁକୁ ଫେରିଥିଲେ। ନିଜକୁ ଡନ୍ କହି ଅଞ୍ଚଳରେ ବୁଲୁଥିଲେ। ରବିବାର ସୁଲେମାନ ହାତୀଅଡା ଗ୍ରାମର ରାଇମୋହନଙ୍କୁ ଧମକ ଦେଇଥିଲେ। ଏଥିରେ ରାଇମୋହନ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ।

# ରାତିଅଧରେ ଦୋକାନରେ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ

- ବର୍ତ୍ତିଗଲେ ଦୁଇ ଦୋକାନ ମାଲିକ, ଅଭିଯୁକ୍ତ ଗିରଫ
- ଜେସିବି, ମୋଟର ସାଇକେଲ ଜବତ

ଗୋପ,୧୫।୯
(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ମଦରଙ୍ଗ ବଜାରରେ ଏକ ଘର ସମ୍ମୁଖରେ ଥିବା ୨ ଦୋକାନ ଉପରେ ରବିବାର ବିଳମ୍ବିତ ରାତିରେ ଜେସିବି ଚଢ଼ାଇ ଭାଙ୍ଗି ଦିଆଯିବା ସହ ଦୋକାନୀଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଏଥିରେ ଦୋକାନ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଏହା ଭିତରେ ଥିବା ନାଗପୁର ଗ୍ରାମର ମିଠା ଦୋକାନ ମାଲିକ ପ୍ରହ୍ଲାଦ ସାହୁ(୬୫) ଏବଂ ବନ୍ତଳିଗ୍ରାମ ଗ୍ରାମର ସାଇକେଲ ଦୋକାନ ମାଲିକ ଜଟାଧାରୀ ସାହୁ (୮୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ୨ଟି ମାମଲା(ନଂ.୩୦୫/୨୫ ଏବଂ ୩୦୬/୨୫) ରୁଜୁ କରି ଅଭିଯୁକ୍ତ କେଦାର ରାଉତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଜେସିବି ଏବଂ ଏକ ମୋଟର ସାଇକେଲକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଦରଙ୍ଗ ବଜାରରେ ଅଭିଯୁକ୍ତ କେଦାରଙ୍କ ଘର ସମ୍ମୁଖରେ ଦୀର୍ଘ ବର୍ଷ ଧରି ପ୍ରହ୍ଲାଦ ଏବଂ ଜଟାଧାରୀ ମିଠା ଏବଂ ସାଇକେଲ ଦୋକାନ କରି ବ୍ୟବସାୟ କରି ଆସୁଛନ୍ତି। ଦୋକାନ ପଛରେ କେଦାରଙ୍କ ଘର ରହିଥିବାରୁ ଗତ କିଛି ଦିନ ଧରି ଦୁଇ ଦୋକାନ ମାଲିକଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ଏହାକୁ ନେଇ ଅଭିଯୁକ୍ତ କେଦାର ତାଙ୍କର କେତେଜଣ ସହଯୋଗୀଙ୍କ ସହ ମିଶି ରାତି ଅଧରେ ଜେସିବି ଦ୍ୱାରା ଦୁଇଗୋଟି ଦୋକାନକୁ


ଗିରଫ କେଦାର ରାଉତ।

ଭାଙ୍ଗିଥିଲେ। ଦୋକାନ ମଧ୍ୟରେ ଶୋଇଥିବା ଜଟାଧାରୀ ଏବଂ ପ୍ରହ୍ଲାଦଙ୍କ ଉପରେ ଇଟା, ପଥର ସହିତ କାଠପଡ଼ିବା ପରେ ସେମାନେ ଜୀବନ ବଞ୍ଚାଇବା ଲାଗି ବାହାରକୁ ପଳାଇ ଆସିଥିଲେ। ଦୋକାନ କାହିଁକି ଭାଙ୍ଗୁଛ ବୋଲି ପଚାରିବାରେ କେଦାର ଏବଂ ତାଙ୍କ ସହଯୋଗୀ ମାନେ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। କିଛି ସମୟପରେ ଦୋକାନ ମାଲିକଙ୍କ ପରିବାର ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ପଥର, ଇଟା ଓ କାଠ ପଡ଼ି ଗୁରୁତର ହୋଇଥିବା ଜଟାଧାରୀ ଏବଂ ପ୍ରହ୍ଲାଦଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ଥାନା ମହିଳା ଏସ୍ଆଇ ଦେବସ୍ମିତା ସିଂ, ଏଏସ୍ଆଇ ବୁଲୁ ସେଠୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କେଦାରଙ୍କୁ ଗିରଫ କରିବାବେଳେ ପୋଲିସ ସହ ଠେଲାପେଲା ହୋଇଥିଲା। ଏହାର ସୁଯୋଗ ନେଇ ଅନ୍ୟ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇ ଥିଲେ। ଶେଷରେ ପୋଲିସ କେଦାରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜେସିବି ଚଢ଼ାଇ ଦୋକାନ ଭାଙ୍ଗି ଦେବା ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ମାମଲାର ତଦନ୍ତ ଏଏସ୍ଆଇ ବୁଲୁ ସେଠୀ କରୁଥିବାବେଳେ ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜାଲ ସାର୍ଟିଫିକେଟ ଦେଇ ଚାକିରି: ଅଧ୍ୟାପକ ବହିଷ୍କୃତ

ବାଲିକୁଦା,୧୫।୯(ତାପସ ସ୍ୱାଇଁ)

ନିଯୁକ୍ତି ସମୟରେ ଜାଲ ସାର୍ଟିଫିକେଟ ଦେବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ଶତପଥୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ବାଲିକୁଦା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ପରିଚାଳନା ପରିଷଦ ମନୋନୟନ କ୍ରମେ ୨୦୧୯ରେ ସନ୍ତୋଷଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ସେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ପାଇଥିବା ନେଇ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ଏହାପରେ ସନ୍ତୋଷଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ତାହା ଜାଲ୍ ବୋଲି ଜଣା ପଡ଼ିବା ପରେ ସୋମବାର ଉପଜିଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର କରିଥିଲେ। ସନ୍ତୋଷ ପାଇଥିବା ଶିକ୍ଷାଗତ ପ୍ରମାଣପତ୍ର (ସାର୍ଟିଫିକେଟ) ଉତ୍କଳ ବିଶ୍ୱବିଦ୍ୟାଳୟ ସହ ସମାନ ନଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ସେହିପରି ସନ୍ତୋଷ ୨୦୧୪ରେ ସିକିମ୍ ୟୁନିଭରସିଟିର ନକଲି ସାର୍ଟିଫିକେଟ୍ ଆଣିଥିଲେ ବୋଲି କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଚିଠିରେ ଉପଜିଲାପାଳ ଉଲ୍ଲେଖ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ସୋମବାର ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋବିନ୍ଦପୁର ଗ୍ରାମର ଗୋପୀନାଥ ରଣା(୨୭)। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ପଡିଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୋପୀନାଥ ତାରାତାରିଣୀ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରନ୍ତି। ସୋମବାର ସେ ଘରେ ଶ୍ରାଦ୍ଧ କାମ ସାରି ଆସିବା ବେଳେ ଗ୍ରାମ ଛକ ନିକଟରେ ୪ରୁ ଊର୍ଦ୍ଧ୍ୱ ଯୁବକ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଗୋପୀନାଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନାଲ୍‌କୋରେ ଚାକିରି ଦେବା ଆଳରେ ୧୮ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

ଭୁବନେଶ୍ୱର,୧୫।୯(ସତ୍ୟଜିତ୍ ରାଉତ)

ନାଲ୍‌କୋରେ ଚାକିରି କରାଇଦେବା ଆଳରେ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବଡ଼ଗଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଗତି ବିହାରର ନରେଶ ବାରିକ ଓରଫ ବୁଟୁ (୫୫)। ତାଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସର୍ବେଶ୍ୱରଙ୍କ ସହଯୋଗୀ ଦିଲ୍ଲୀପ ଭଞ୍ଜ ଫେରାରଥିବା ବେଳେ ତାଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।


ନରେଶ ବାରିକ

ପ୍ରକାଶ ଯେ, ବଡ଼ଗଡ ଥାନା ଅଞ୍ଚଳର ଅଭିଯୋଗକାରୀ ସର୍ବେଶ୍ୱର ସାମଲ ୨୦୨୧ରେ ନରେଶଙ୍କ ସଂସ୍ପର୍ଶରେ ଆସିଥିଲେ। ନରେଶ ତାଙ୍କୁ ନାଲ୍‌କୋର ଏଜିଏମ୍ ଭାବରେ ପରିଚୟ ଦେଇ ଫସାଇଥିଲେ। ସେ ଦିଲ୍ଲୀପଙ୍କ ଜରିଆରେ ସର୍ବେଶ୍ୱରଙ୍କ ପୁଅଙ୍କ ପାଇଁ ନାଲ୍‌କୋରେ ଚାକିରି ବୁଝିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଟଙ୍କା ଦେବାକୁ ହେବ ବୋଲି ନରେଶ କହିଥିଲେ। ତାଙ୍କୁ ବିଶ୍ୱାସ କରି ସର୍ବେଶ୍ୱର ଅନଲାଇନ୍ ଓ ନଗଦ ଆକାରରେ ମୋଟ୍ ୧୮ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ନରେଶ ନକଲି ନିଯୁକ୍ତି ପତ୍ର, ପରିଚୟପତ୍ର, ଗେଟ୍ ପାସ୍ ଏବଂ ଡାକ୍ତରୀ ଫିଟନେସ୍ ସାର୍ଟିଫିକେଟ୍ ଆଦି ସର୍ବେଶ୍ୱରଙ୍କ ପୁଅଙ୍କୁ ଦେଇଥିଲେ। ୨୦୨୫ ମାର୍ଚ୍ଚ ୧୯ରେ ସର୍ବେଶ୍ୱରଙ୍କ ପୁଅ ନାଲ୍‌କୋ ଅଫିସରେ ରିପୋର୍ଟ କରିବାକୁ ଯିବାବେଳେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ସର୍ବେଶ୍ୱରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୨୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଏଭଳି ଅନ୍ୟ ଚାକିରି ଆଶାୟୀଙ୍କୁ ମଧ୍ୟ ଠକେଇ କରିଥିବା ପୋଲିସ ସୂଚନା ପାଇଛି। ଏନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

# ସାଇବର ଠକେଇ: ପେମେଣ୍ଟ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୩ ଗିରଫ

**କଟକ,୧୫।୯(କାର୍ତ୍ତିକ ସାହୁ):** କଟକ ସାଇବର ଥାନା ପୋଲିସ ଏକ ସାଇବର ଠକେଇ ମାମଲାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ରାଉରକେଲାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋଷ ବସ୍ତିର ପ୍ରତୀକ ଚୌରାସିଆ ଓରଫ ସିଦ୍ଧାର୍ଥ(୨୧)। ଅବିନାଶ ପେଟିଏମ୍ ଓ ଏନ୍‌ଏସ୍‌ଡିଏଲ୍, ଜଗନ ଏୟାରଟେଲ ଓ ଜିଓ ପେମେଣ୍ଟ ବ୍ୟାଙ୍କର କର୍ମଚାରୀ ହୋଇଥିବାବେଳେ ପ୍ରତୀକ ଏୟାରଟେଲ ସିମ୍‌କାର୍ଡ ବିକ୍ରି କରନ୍ତି। ପ୍ରତୀକ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୂର୍ବରୁ ଆକ୍ଟିଭ ହୋଇଥିବା ସିମ୍‌କାର୍ଡ ଯୋଗାନ୍ତି। ସେମାନଙ୍କ ନିକଟରୁ ୩ଟି ଆଧାର କାର୍ଡ, ୬ଟି ମୋବାଇଲ ଫୋନ୍, ୩ଟି ଚେକ୍‌ବହି, ୧୦ଟି ପାସ୍‌ବହି ଜବତ ହୋଇଛି। ଏଥିସହ ୩୯ଟି ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ ଥିବା ୨ ଲକ୍ଷ ଟଙ୍କାକୁ ଅଚଳ କରିଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁସାରେ, ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। କଟକ ସାଇବର ଥାନାରେ ସେ କରିଥିବା ଅଭିଯୋଗ ଅନୁଯାୟୀ, ନିଶା ସିଂହ ନାମକ ବ୍ୟକ୍ତି ଟେଲିଗ୍ରାମ୍ ଜରିଆରେ ତାଙ୍କୁ ଏକ ଲିଙ୍କ୍ ଶେୟାର କରିଥିଲେ। କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କଲେ ୨ଗୁଣା ଲାଭ ପାଇବାର ଲୋଭ ସେ ଦେଖାଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ୨୦୨୫ ମେ ୧୬ରୁ ୨୯ ତାରିଖ ମଧ୍ୟରେ ୧୩,୭୨,୦୭୦ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ।

# ୨ ମାସରେ ତଦନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ସାମାଜିକ କର୍ମୀ ରୋଜାଲିନ୍ ସାହୁ ହତ୍ୟା ମାମଲା

କେନ୍ଦୁଝର,୧୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରର ସାମାଜିକ କର୍ମୀ ରୋଜାଲିନ ସାହୁଙ୍କ ହତ୍ୟା ମାମଲାରେ ହାଇକୋର୍ଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ବିଚାରପତି ଚିତ୍ତରଞ୍ଜନ ଦାଶ ମାମଲା ଶୁଣାଣିକରି କେନ୍ଦୁଝର ପୋଲିସକୁ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିବାରୁ କୋର୍ଟ ସେପ୍ଟେମ୍ବର ୧୦ରେ ଶୁଣାଣି ସମୟରେ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

ସୂଚନାଯୋଗ୍ୟ, ରୋଜାଲିନ୍ ସାହୁଙ୍କ ମୃତ୍ୟୁ ହେବାର ଅଢ଼େଇ ବର୍ଷ ବିତିସାରିଲାଣି। କେନ୍ଦୁଝର ଘଟଗାଁ ଥାନା ପକ୍ଷରୁ ଏକ ସଂଘବଦ୍ଧ ନରହତ୍ୟା ମାମଲା ରୁଜୁ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଚୁପ୍ ବସିଥିବା ରୋଜାଲିନ୍‌ଙ୍କ ମାଆ ରେବତୀ ସାହୁ ଅଭିଯୋଗ କରିଥିଲେ। ଏକମାତ୍ର ଝିଅକୁ ପ୍ରକାଶ ମଲ୍ଲିକ ନାମକ ଯୁବକ ଘରୁ ନିଜ ଗାଡ଼ିରେ ଡାକିନେଇ ହତ୍ୟା କରିଥିବା ନେଇ ସିଧା ଅଭିଯୋଗ କରିଥିଲେ। ତେଣୁ ପୋଲିସ ବାଧ୍ୟ ହୋଇ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି। ପ୍ରଥମେ ଝିଅ ଏକ ବାଇକ୍‌ରେ ଯାଇ ପଡ଼ିଯାଇଥିବା ପୋଲିସ କହିଥିଲା। ପରେ ଘଟଣାର ୨ ବର୍ଷ ପରେ ଏକ ଧଳା ସ୍କର୍ପିଓ ଜବତ କରିଥିଲା। ତେବେ ପୋଲିସ ଅପରାଧୀଙ୍କୁ ଗିରଫକରି ଚାର୍ଜଶିଟ ଦେଉ ନ ଥିବାରୁ ରେବତୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ ଶୁଣାଣିରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଫିସ ଚିଠିକୁ ପୋଲିସ ମାନିଲା ନାହିଁ କି ତଦନ୍ତ କଲାନାହିଁ। ବାରମ୍ବାର ନିରାଶ ହୋଇ ସେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଚିତ୍ତରଞ୍ଜନ ଦାଶ କେନ୍ଦୁଝର ପୋଲିସ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ମଧ୍ୟ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିଲା। ତେଣୁ ଘଟଣା ବିଭ୍ରାନ୍ତି ଆଡ଼କୁ ଯାଉଥିବାରୁ ଏତେ ଦିନ ଯାଏ ଚାର୍ଜଶିଟ ନ ହେବାରୁ କୋର୍ଟ ଶୁଣାଣି କରି ଦୁର୍ଭାଗ୍ୟଜନକ କହିଛନ୍ତି। ନିର୍ଦ୍ଦେଶନାମା ଆସିବା ପରେ ରୋଜାଲିନ ସାହୁଙ୍କ ମାଆ ଅପରାଧୀ ଏବେ ଗିରଫ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେତେ ବଡ଼ ଲୋକଙ୍କ ସହ ଫଟୋ ଉଠେଇ ଅପରାଧୀମାନେ ବର୍ତ୍ତିଯିବାକୁ ମସୁଧା କରୁଥିଲେ ମଧ୍ୟ ମୁକୁଳିପାରିବେନାହିଁ। ଏଥିସହ ହତ୍ୟା ଅପରାଧୀଙ୍କୁ ରାଜନୈତିକ ଶରଣ ନ ଦେବାକୁ ସେ ରାଜନୈତିକ ଦଳ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଖେଳ ଖବର

# ଚାମ୍ପିୟନ ଦଳକୁ ୫୦, ରନରଅପକୁ ୨୫ ଲକ୍ଷ


ଆୟୋଜକମାନେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

କଟକ,୧୫।୯(କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୭ରୁ ଆରମ୍ଭ ହେବ ଓଡ଼ିଶା ପ୍ରୋ ଟି୨୦ ଲିଗ୍। ଏହି ଲିଗ୍‌କୁ ବହୁଳ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଷ୍ଟାର ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନ୍ କୋଡ୍‌ରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ୬ଟି ଦଳକୁ ନେଇ ହେବାକୁ ଥିବା ଏହି ଲିଗ୍‌ରେ ଟ୍ରଫି ସହ ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ରାଶି ୫୦ ଲକ୍ଷ ଓ ରନରଅପ ଦଳକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ୧୦ ହଜାର, ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ୧ ଲକ୍ଷ, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ଦେଇ କହିଲେ, ବଲିଉଡ କଳାକାର ଚିତ୍ରାଙ୍ଗଦା ସିଂ, ନକ୍ସ ଅଜିଜ, ଋତୁରାଜ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ। ଏଥିରେ ସମ୍ବଲପୁରୀ, ମାଲଖମ୍ବ ନୃତ୍ୟ ପରିବେଷଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଗକୁ ଉଦ୍‌ଘାଟନ କରିବେ। ସେହିପରି ବ୍ରେଟ୍ ଲି ଓ ଅନ୍ତର୍ଜାତୀୟ ଓଡ଼ିଆ କ୍ରିକେଟର ଦେବାଶିଷ ମହାନ୍ତି ବ୍ରାଣ୍ଡଆମ୍ବାସଡର ରହିବେ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ବ୍ରେଟ୍ ଲି ବାଦ୍ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଇର୍ଫାନ ପଠାନ୍‌ଙ୍କୁ ବ୍ରାଣ୍ଡଆମ୍ବାସାଡ଼ର ରଖାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ସଞ୍ଜୟ ରାଉଳ ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ଗ୍ୟାଲେରୀ ନଂ-୧, ୩, ୫ ଏବଂ ୬ ଦର୍ଶକମାନଙ୍କ ପାଇଁ ଖୋଲା ରହିବ। ବିନା ମୂଲ୍ୟରେ ଟିକଟ ଜେନି ମୋବାଇଲ ଆପ୍ଲିକେସନରେ ଦର୍ଶକ ଟିକଟ ବୁକିଂ କରିପାରିବେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆରିଭା ସ୍ପୋର୍ଟସର ହେଡ୍ ଅଫ ଅପରେସନ୍ ସଲମାନ ଖାନ୍ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଓଡ଼ିଶା ଓପନ ପିକଲ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୯ (ତପନ ସ୍ୱାଇଁ)


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ଓପନ ପିକଲ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ହାଇୱେ ହୋଣ୍ଡା ପରିସରରେ ଉଦ୍‌ଯାପିତ ହୋଇଛି। ପିକଲ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ସର୍ବଭାରତୀୟ ପିକଲ୍‌ବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକରୁ ଆରମ୍ଭ କରି ୬୦+ ଭେଟେରାନ ପୁରୁଷ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପୁରୁଷ ବର୍ଗରେ ଯଶରାଜ ନାୟକ ସ୍ୱର୍ଣ୍ଣ, ଅଂଶୁମାନ ବାବୁ ରୌପ୍ୟ ଓ ସୁମିତ ପଣ୍ଡା ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୩୫+ ପୁରୁଷ ସିଙ୍ଗଲ୍ସରେ ରାଜେଶ ପ୍ରଧାନ, ସୁନୀଲ ସାହୁ ଓ ମନମୀତ ମହାନ୍ତି, ପୁରୁଷ ଓପନ ଡବଲ୍ସରେ ରାଜେଶ ପ୍ରଧାନ-ରୋଶନ ମିଶ୍ର, ସୁମିତ ପଣ୍ଡା-ଅଂଶୁମାନ ବାବୁ ଓ ଯଶରାଜ ନାୟକ-ୟୁରେକା ଅପ୍‌ତା, ୩୫+ ପୁରୁଷ ଡବଲ୍ସରେ ରାଜେଶ ପ୍ରଧାନ-ଲଗ୍ନଜିତ ପଟ୍ଟନାୟକ, ମନମୀତ ମହାନ୍ତି-ସୁନୀଲ ସାହୁ ଓ ସନ୍ତୋଷ ଜେନା-ଅଜୟ ନିଶଙ୍କ, ୫୦+ ପୁରୁଷ ଡବଲ୍ସରେ ସନ୍ତୋଷ ଜେନା-ଶିବ ଜେନା, ପ୍ରଦୀପ ସିଂ-ଉଦୀପ ଦାସ ଓ ସଂଗ୍ରାମ ବେହେରା-ଗୋଲକ ରାଉତ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୬୦+ ପୁରୁଷ ଡବଲ୍ସରେ ପ୍ରଦୀପ ସିଂ-ଉଦୀପ ଦାସ, ଏମ.ଏନ. ବିଶ୍ୱାଳ-ଆର.କେ. ଦାସ ଓ ବିଜୟ ମିଶ୍ର-ଅରୁଣ ଦାସ ଯୋଡ଼ି ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦ୍ଦାର ସ୍ୱର୍ଣ୍ଣ, ଆରାଧ୍ୟା ବର୍ମା ରୌପ୍ୟ ଓ ସାକ୍ଷୀ ଅଗ୍ରୱାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍ସରେ ପ୍ରସିଦ୍ଧି ପୋଦ୍ଦାର-ସ୍ନେହା ଗର୍ଗ, ଅନୁସ୍କା ଆଲିସେ-ଶୁଭଶ୍ରୀ ଓ ଅନିଶା-ଜୋହାନା ଏବଂ ମିକ୍ସଡ ଡବଲ୍ସରେ ଏକଲବ୍ୟ ମହାପାତ୍ର-ପ୍ରସିଦ୍ଧି ପୋଦ୍ଦାର, ଅନିଶା ପାଣିଗ୍ରାହୀ-ରୋଶନ ମିଶ୍ର ଓ ଅନମୋଲ ଦାସ-ସାକ୍ଷୀ ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ବିଗ୍‌ନର୍ସ ସିଙ୍ଗଲ୍ସ ବର୍ଗରେ ଆଦିତ୍ୟ ଶତପଥୀ ସ୍ୱର୍ଣ୍ଣ, ସୁମିତ ପଟେଲ ରୌପ୍ୟ ଓ ଆଶୁତୋଷ ପାଢ଼ୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଗ୍ରୁପ୍-ଜି ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ, ପୂର୍ବତନ ଓଡ଼ିଶା ରଣଜୀ କ୍ରିକେଟର ସୌମିତ୍ର ଚୌଧାରୀ, ପିକଲବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ବିଜୟ କେତନ ମିଶ୍ର, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏକଲବ୍ୟ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ୧୪ଥର ବିଶ୍ୱ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ



ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ

ଟୋକିଓ, ୧୫।୯ (ଏପି)

ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ୧୪ତମ ଥର ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ସୋମବାର ରାତିରେ ସେ ତୃତୀୟ ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ୬.୩୦ ମିଟର କ୍ଲିଅର କରିଛନ୍ତି। ସୁଇଡେନରେ ଜନ୍ମ ଗ୍ରହଣ କରିଥିବା ଡୁପ୍ଲାଣ୍ଟିସ ଲୋଇସିଆନାରେ ଲାଳିତପାଳିତ ହୋଇଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ୪୯ତମ ମିଟ୍ ବିଜୟ ଏବଂ ଅଲିମ୍ପିକ୍ସ ସମେତ କ୍ରମାଗତ ୬ଷ୍ଠ ପ୍ରମୁଖ ଟାଇଟଲ। ତାଙ୍କର ଆଉ ଏକ ରେକର୍ଡ ଦେଖିବା ଲାଗି ଦର୍ଶକମାନଙ୍କୁ ଅତିରିକ୍ତ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ସେ ତାଙ୍କ ତୃତୀୟ ତଥା ଫାଇନାଲ ପ୍ରଚେଷ୍ଟାରେ ଉଚ୍ଚତାକୁ ଡେଇଁ ଥିଲେ। ଗ୍ରୀକ୍ ପୋଲ୍‌ଭଲ୍ଟର ଏମାନୋଲ୍ କାରାଲିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିଲେ। ପୁରସ୍କାର ବାବଦରେ ଡୁପ୍ଲାଣ୍ଟିସ ୭୦,୦୦୦ ଡଲାର ଏବଂ ରେକର୍ଡ ପ୍ରତିଷ୍ଠା ପାଇଁ ବୋନସ ବାବଦରେ ଅତିରିକ୍ତ ୧୦୦,୦୦୦ ଡଲାର ପକେଟସ୍ଥ କରିଛନ୍ତି।

# ପୁରୁଷ ବିଭାଗରେ ଝାଡ଼ଖଣ୍ଡ ଚାମ୍ପିୟନ, ଓଡ଼ିଶା ରନରଅପ

ପୁରୀ ୧୫।୯
(ଅଜିତ୍ କୁମାର ମହାନ୍ତି)

## ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ

ଟେନିସ ବଲ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛ। ବର୍ଷା କାରଣରୁ ବିଳମ୍ବିତ ରାତିରେ ପୁରୁଷ ବର୍ଗ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ଚାମ୍ପିୟନ ଏବଂ ଓଡ଼ିଶା ଦଳ ରନରଅପ୍ ହୋଇଥିଲା। ଲକ୍ଷ୍ନୌ ଏବଂ ଗୋଆ ପରେ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇ ସର୍ବଭାରତୀୟ ସ୍ତରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ରନରଅପ୍ ହୋଇ ଭଲ ସ୍ମୃତି ସାଉଁଟିଛି। ପୁରୁଷ ବର୍ଗର ପ୍ରଥମ ସେମିଫାଇନ ଏଆଇଆଇବି ଏବଂ ଝାଡଖଣ୍ଡ ମଧ୍ୟରେ ହୋଇଥିଲା। ଏଥିରେ ଝାଡଖଣ୍ଡ ୭ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏହି ଅବସରରେ ବର୍ଷାଯୋଗୁ ସମସ୍ୟା ଉପୁଜିବାରୁ ଓଡ଼ିଶା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ବର୍ଷା କାରଣରୁ ଓଡ଼ିଶା-ଝାଡ଼ଖଣ୍ଡ ଫାଇନାଲ ସୋମବାର ଭୋର ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୭୬ ରନ କରିଥିଲା। ୭୭ ରନର ବିଜୟ ଲକ୍ଷ୍ୟକୁ ଝାଡଖଣ୍ଡ ୬.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଝାଡ଼ଖଣ୍ଡର ଛୋଟୁ ଖାଁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଓଡ଼ିଶାର ବିଶାଲ ଜେନା ପ୍ଲେୟର ଅଫ୍ ଦି ସିରିଜ, କିରଣ ସାହା ଶ୍ରେଷ୍ଠ ବ୍ୟାଟର, ମୁକ୍ତିକାନ୍ତ ପାତ୍ର ଶ୍ରେଷ୍ଠ ବୋଲର, ନିରଞ୍ଜନ ପ୍ରଧାନ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଟିବିସିଏଆଇର ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସଂପାଦକ ସନ୍ତୋଷ କୁମାର ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ପଦକ ପ୍ରଦାନ କରିଥିଲେ।


ରନରଅପ୍ ଓଡ଼ିଶା ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ଜଜ୍ଞେଶ୍ୱର ମହାନ୍ତି)

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି

**ଭୁବନେଶ୍ୱର,୧୫।୯**

ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ତଥ୍ୟ ଅନୁସାରେ ଅଗଷ୍ଟ ମାସରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁଲାଇର ୦.୫୮ ପ୍ରତିଶତରୁ ବୃଦ୍ଧି ପାଇ ୦.୫୨ ପ୍ରତିଶତକୁ ପହଞ୍ଚିଛି। ଖାଦ୍ୟ ଓ ପାନୀୟ, ଉତ୍ପାଦିତ ଦ୍ରବ୍ୟ, ଅଣ ଖାଦ୍ୟ ପଦାର୍ଥ, ଅଣ ଧାତବ ଖଣିଜ ଉତ୍ପାଦ ଏବଂ ପରିବହନ ଉପକରଣର ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହି ଜିନିଷର ମୂଲ୍ୟ ବୃଦ୍ଧି ହେତୁ ପ୍ରାଥମିକ ଦ୍ରବ୍ୟର ସୂଚକାଙ୍କରେ ୧.୬୦ ପ୍ରତିଶତର ବୃଦ୍ଧି ଦେଖାଦେଇଛି। ୨୦୨୫ ଜୁଲାଇରେ ଏହା ୧୮୮.୦ ଥିବାବେଳେ ଅଗଷ୍ଟରେ ୧୯୧.୦କୁ ବୃଦ୍ଧି ପାଇଛି। ଅଣ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ୨.୯୨ ପ୍ରତିଶତ, ଖଣିଜ ପଦାର୍ଥର ମୂଲ୍ୟ ୨.୬୬ ପ୍ରତିଶତ ଏବଂ ଖାଦ୍ୟ ପଦାର୍ଥର ମୂଲ୍ୟ ୧.୪୫ ପ୍ରତିଶତ ବୃଦ୍ଧି ପାଇଛି। ଉତ୍ପାଦିତ ଦ୍ରବ୍ୟ ଡବ୍ଲ୍ୟୁପିଆଇ ବାସ୍କେଟ୍‌ର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାବେଳେ ଏହାର ମୂଲ୍ୟ ଜୁଲାଇ ତୁଳନାରେ ଅଗଷ୍ଟରେ ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। କାରଖାନାରେ ଉତ୍ପାଦିତ ଦ୍ରବ୍ୟର ଦର ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହା ସହ ଖାଦ୍ୟ ଉତ୍ପାଦ, ବସ୍ତ୍ର, ବିଦ୍ୟୁତ୍ ଉପକରଣ, ଅନ୍ୟାନ୍ୟ ପରିବହନ ଉପକରଣ ଏବଂ ଯନ୍ତ୍ରପାତିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଇନ୍ଧନ ଓ ବିଦ୍ୟୁତ୍ ମୁଦ୍ରାସ୍ଫୀତି ୦.୬୯ ପ୍ରତିଶତ ହ୍ରାସ ପାଇ ଅଗଷ୍ଟରେ ୧୪୩.୬କୁ ହ୍ରାସ ପାଇଛି। ଗତ ମାସରେ ଏହା ୧୪୪.୬ ଥିଲା। ବିଦ୍ୟୁତ୍‌ର ମୂଲ୍ୟ ୨.୯୧ ପ୍ରତିଶତ ଏବଂ ଖଣିଜ ତୈଳର ମୂଲ୍ୟ ୦.୦୭ ପ୍ରତିଶତ ହ୍ରାସ ପାଇଛି। ଜୁଲାଇ ତୁଳନାରେ କୋଇଲାର ମୂଲ୍ୟ ସ୍ଥିର ରହିଛି। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ମୁଦ୍ରାସ୍ଫୀତି ହାର ଅଗଷ୍ଟରେ ୦.୪୩ ପ୍ରତିଶତ ରହିଛି। ଏହା ବ୍ୟତୀତ କମ୍ପ୍ୟୁଟର, ଇଲେକ୍ଟ୍ରୋନିକ୍ସ ଓ ଅପ୍ଟିକାଲ ଉତ୍ପାଦ, ପୋଷାକ, କାଠ ଉତ୍ପାଦ ଏବଂ ଆସବାବପତ୍ରର ମୂଲ୍ୟ ହ୍ରାସ ପାଇଛି। ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧.୫୫ ପ୍ରତିଶତରୁ ବୃଦ୍ଧି ପାଇ ୨.୦୭ ପ୍ରତିଶତରେ ପହଞ୍ଚିଛି। ଏବେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଅର୍ଥାତ୍ ଉଭୟ ଖୁଚୁରା ଓ ପାଇକାରୀ ବଜାରରେ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହା ସୂଚାଇ ଦେଉଛି, କିଛି ନିର୍ଦ୍ଦିଷ୍ଟ ସେଗ୍‌ମେଣ୍ଟରେ ଦରଦାମ କମିଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଅନ୍ୟାନ୍ୟ ସାମଗ୍ରୀ ମହଙ୍ଗା ହୋଇଛି।

# ଜିଏସ୍‌ଟି ହ୍ରାସ ଲାଭ ପାଇବେ ଏଚ୍‌ଏମ୍‌ଏସ୍‌ଆଇ ଗ୍ରାହକ

**ଭୁବନେଶ୍ୱର,୧୫।୯**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଜିଏସ୍‌ଟି ହାର ହ୍ରାସର ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ସମସ୍ତ ଉତ୍ପାଦ ଶ୍ରେଣୀରେ ପ୍ରଦାନ କରାଯିବ। ଏନେଇ କମ୍ପାନୀ ବିଚାର କରୁଥିବାବେଳେ ସ୍କୁଟର ଏବଂ ୩୫୦ ସିସି ପର୍ଯ୍ୟନ୍ତ ମୋଟରସାଇକେଲ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଜିଏସ୍‌ଟି ପରିଷଦର ଦୁଇ ଚକିଆ ଯାନରେ ଜିଏସ୍‌ଟି ହାର ୨୮%ରୁ ୧୮%କୁ ହ୍ରାସ କରିବା ନିଷ୍ପତ୍ତି ପରେ ଏଚ୍‌ଏମ୍‌ଏସ୍‌ଆଇ ଗ୍ରାହକମାନେ ଏବେ ମଡେଲ ଅନୁଯାୟୀ ଏକ୍ସ-ଶୋ'ରୁମ ମୂଲ୍ୟରେ ୧୮,୮୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପାଇବେ। ଦୁଇ ଚକିଆ ଯାନ ଏବଂ ଖୁଚୁରା ଯନ୍ତ୍ରାଂଶରେ ଜିଏସ୍‌ଟି ହ୍ରାସ ଯାନଗୁଡ଼ିକୁ ଅଧିକ ସୁଲଭ କରିବ ଏବଂ ସମଗ୍ର ଇକୋସିଷ୍ଟମକୁ ମଜଭୁତ କରିବ ବୋଲି ଆଶା କରାଯାଉଛି। ପାର୍ବଣଋତୁରେ ସହରୀ ଓ ଗ୍ରାମାଞ୍ଚଳ ବଜାରରେ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବ । ହୋଣ୍ଡା ପକ୍ଷରୁ ମିଳିଥିବା ସୂଚନାନୁସାରେ, ପ୍ରିମିୟମ ମୋଟରସାଇକେଲ ଉପରେ ନୂଆ ୪୦% ଜିଏସ୍‌ଟି ସ୍ଲାବର ପ୍ରଭାବକୁ ମୂଲ୍ୟାଙ୍କନ କରାଯାଉଛି। ହୋଣ୍ଡାର ପ୍ରତ୍ୟେକ ମଡେଲରେ ମୂଲ୍ୟ ହ୍ରାସର ଠିକ ବିବରଣୀ ପାଇଁ ଗ୍ରାହକମାନେ ନିକଟସ୍ଥ ଅଧିକୃତ ହୋଣ୍ଡା ଡିଲରଶିପକୁ ଯାଇ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

## ବନ୍‌ତାରାର ପଶୁ କଲ୍ୟାଣ ମିଶନକୁ ସୁପ୍ରିମ କୋର୍ଟଙ୍କ କ୍ଲିନ୍‌ଚିଟ୍

**ଭୁବନେଶ୍ୱର,୧୫।୯**

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ନିଷ୍କର୍ଷକୁ ବନ୍‌ତାରା ପକ୍ଷରୁ ସ୍ୱାଗତ କରାଯାଇଛି। ବନ୍‌ତାରା ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ଏସ୍‌ଆଇଟିର ରିପୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ କରିଛି ଯେ ବନ୍‌ତାରାର ପ୍ରାଣୀ କଲ୍ୟାଣ ମିଶନ ବିରୋଧରେ ଉଠାଯାଇଥିବା ସନ୍ଦେହ ଏବଂ ଅଭିଯୋଗ କୌଣସି ଭିତ୍ତିହୀନ ଥିଲା। ଏସ୍‌ଆଇଟିର ସଦସ୍ୟଙ୍କ ଦ୍ୱାରା ସତ୍ୟର ପ୍ରମାଣୀକରଣ ବନ୍‌ତାରାର ସମସ୍ତଙ୍କ ପାଇଁ କେବଳ ଆଶ୍ୱସ୍ତିକର ନୁହେଁ ବରଂ ଏକ ଆଶୀର୍ବାଦ ମଧ୍ୟ। କାରଣ ଏହା ଆମର କାର୍ଯ୍ୟକୁ ନିଜ ପକ୍ଷରେ କହିବାକୁ ଅନୁମତି ଦିଏ।


SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ 'ଷ୍ଟାର ଏମ୍ପ୍ଲୟର' ପୁରସ୍କାର

**ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)**

ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ରୋଜଗାର ସୃଷ୍ଟିରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଷ୍ଟାର ଏମ୍ପ୍ଲୟର' ଭାବେ ରାଜ୍ୟ ଶ୍ରେଷ୍ଠ ନିଯୁକ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପରମ୍ପରାଗତ ଶିଳ୍ପ ବର୍ଗରେ ଦିଆଯାଇଛି। ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା, ଓଡ଼ିଶାର କର୍ପୋରେଟ ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ) ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ଜୁନ୍‌ରୁ ୨୦୨୫ ସେପ୍ଟେମ୍ବର ମଧ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବିଭିନ୍ନ ଇଣ୍ଡଷ୍ଟ୍ରି ଦ୍ୱାରା ଓଡ଼ିଶାର ମୋଟ ୧୨,୪୧୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୯,୪୮୦ରୁ ଅଧିକ କର୍ମଚାରୀ ଓ ବାସିନ୍ଦା, ଯାହା ମୋଟ ନିଯୁକ୍ତିର ୭୬ ପ୍ରତିଶତରୁ ଅଧିକ। ଏହି ସମ୍ମାନ ସମାରୋହରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଓ ବିଭିନ୍ନ ଶିଳ୍ପ ଏକକରୁ ନୂତନ ଭାବେ ନିଯୁକ୍ତ ୩୫ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



# ବିଓଆଇ ଅଫିସର୍ସ ଆସୋସିଏଶନର ବାର୍ଷିକ ବୈଠକ

**ଭୁବନେଶ୍ୱର,୧୫।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ୪୪ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ରେଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି ସ୍ମୃତିରଞ୍ଜନ ସାହୁ ଏବଂ ୟୁନିଟ୍‌ର ସାଧାରଣ ସମ୍ପାଦକ କମଲଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫେଡେରେଶନ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ନିଲେଶ ପାୱାର, ସଭାପତି ଜି. ନାଗେଶ୍ୱର, କାର୍ଯ୍ୟରତ ସଭାପତି ଶ୍ୱେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ ସଞ୍ଜୟ ଦାସ, ଗଣେଶ ପାଣ୍ଡେ ଏବଂ ପ୍ରକାଶ ଓରାଓଁ ଯୋଗଦେଇ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଅସୁବିଧା ଓ ସୁଯୋଗ ସମ୍ପର୍କରେ ନିଜର ମୂଲ୍ୟବାନ୍ ମତ ପ୍ରକାଶ କରିଥିଲେ। ଏଥିରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ସମ୍ବଲପୁର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫେଡେରେଶନର ଲିଡରମାନେ ବର୍ଦ୍ଧିତ ଚାପ ଓ ଲକ୍ଷ୍ୟ ମଧ୍ୟରେ ଅଧିକାରୀମାନଙ୍କ ପାଇଁ ଉତ୍ତମ କାର୍ଯ୍ୟଜୀବନ ସନ୍ତୁଳନ ବଜାୟ ରଖିବା, ଉପଯୁକ୍ତ ନୀତି ଓ ବ୍ୟବସ୍ଥା ମଧ୍ୟରେ ଏକ ଚାପମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଏବଂ ଆଧୁନିକ ଭିତ୍ତିଭୂମି ସହାୟତାରେ ଦକ୍ଷ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ସକ୍ଷମ କରାଇବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବାର୍ଷିକ ସାଧାରଣ ବୈଠକର ବିଜ୍‌ନେସ୍ ସେସନ ସଦସ୍ୟମାନଙ୍କୁ ସାଙ୍ଗଠନିକ ବିଷୟ, ନୀତିଗତ ପ୍ରସଙ୍ଗ ଏବଂ ଭବିଷ୍ୟତ ପାଇଁ ସାମୂହିକ ରଣନୀତି ଉପରେ ବିଚାରବିମର୍ଷ କରାଯାଇଥିଲା।

# Classified Everyday 0674-2580101, 9692975378



## REAL ESTATE SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




The massage felt totally professional! & comfortable at all times- 7978109255. D-76492

## AFFIDAVIT

Bhimasen Malik, S/o- Late Magu Malik, Village- Mulubasanta, P.S.- Mahanga, Dist.- Cuttack, Odisha-754204, states by affidavit No.- 7137, dt 07.08.25 before Executive Magistrate, Cuttack that I have changed my name Bhimasen Malik to Bhimasen Jena. Bhimasen Jena and Bhimasen Malik and Bhima Malik is one and same person. D-1992

Ramesh Chandra Jena, S/o- Magu Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha states by affidavit No.- 7138, 07.08.25 that I have changed my name Ramesh Malik to Ramesh Chandra Jena. Ramesh Chandra Jena and Ramesh Malik is one and same person. D-1993

By virtue of an affidavit sworn before the Executive Magistrate, Dharamgarh, No.- 02, date 15.09.25, I, Sraban Kumar, S/o- Agasti Kumar, R/o. Village/P.O.- Badfurla, P.S.- Dharamgarh, Dist.- Kalahandi, Odisha, PIN- 766015 declare that I have changed my name from Sadranjan Kumar, DOB- 27.2.2007 to Sraban Kumar, DOB- 17.11.2006. Henceforth, I shall be known as Sraban Kumar, DOB- 17.11.2006 for all purposes.
Sraban Kumar D-1986

I, Nidhiram Jena, At- Goutam Nagar, P.O./ Dist.- Koraput have changed my minor daughter's name from U.N. Sweekruti (as per Aadhaar Card) to U.N. Sweekruti Jena (as per Birth Certificate) for all future purposes vide affidavit No.- 631/25 in the Court of Executive Magistrate, Koraput, Odisha. D-1989

By virtue of an affidavit sworn before the Executive Magistrate, Reamal, dated 15.07.2025, I, Gopabandhu Mahalik, S/o- Pabani Mahalik, Address: Village/P.O.- Kansamunda, P.S.- Kaniha, Dist.- Angul, PIN- 759117 declare that I have changed my name from Gopabandhu Behera to Gopabandhu Mahalik. Henceforth, I shall be known as Gopabandhu Mahalik for all future purposes. D-1988

By Virtue of an affidavit sworn before Executive Magistrate, Bhubaneswar on 11.09.2025, the name of my minor son (15 years) has been changed from Arav Aryaman Rout to Aarav Aryaman Rout. Henceforth, He will be known as Aarav Aryaman Rout for all purposes.
Dr. Amiya Kumar Rout( Father) D-1994

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୩ ଶ୍ରୀ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୩୯୦/୨୦୧୯
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନରୋତ୍ତମ ସାହୁ ....ବାଦୀ/ଦରଖାସ୍ତକାରୀ
ବନାମ
ସହକାରୀ ବନ୍ଦୋବସ୍ତ ଅଧିକାରୀ ଏବଂ ଅନ୍ୟମାନେ
...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧. ପ୍ରେମାନନ୍ଦ ବେହେରା, ପିତା- ସ୍ୱର୍ଗତ ଚରନ ବେହେରା, ଗ୍ରାମ- ଦେଉଳବସ୍ତି, ପୋଷ୍ଟ-ଅରଗୁଳ, ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. ଶାନ୍ତିଲତା ଦେଈ, ପିତା- ସ୍ୱର୍ଗତ ଚରନ ବେହେରା, ସ୍ୱାମୀ- ବୃନ୍ଦାବନ ମହଣ, ଗ୍ରାମ- ଉପରବସ୍ତା, ପୋଷ୍ଟ- ଭୀମପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩. ରବୀନ୍ଦ୍ର କୁମାର ସାହୁ, ପିତା ନରସିଂଘ ସାହୁ @ ପୃଷ୍ଟି, ଗ୍ରାମ- ବାଲିପାଟପୁର, ପୋଷ୍ଟ- ଭୁଷଣ୍ଡପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪. କନକଲୋଚନ ଘୋଷ, ପିତା- ରାଖାଲ ଚନ୍ଦ୍ର ଘୋଷ, ଗ୍ରାମ- ଗୋନ୍ଦାଲି, ପୋଷ୍ଟ-ମାରୁନିଆ, ଥାନା- ଝାଡ଼ପୋଖରିଆ, ଜିଲ୍ଲା- ମୟୂରଭଞ୍ଜ ବର୍ତ୍ତମାନ, Qr. No.- MB/276, ମଧୁବନ, ପୋଷ୍ଟ/ଥାନା- ପାରାଦୀପ, ଜିଲ୍ଲା-ଜଗତ୍‌ସିଂହପୁର, ୫. ବଂଶୀଧର ସାହୁ (ମୃତ), କ. ଚକ୍ରଧର ସାହୁ, ପିତା- ସ୍ୱର୍ଗତ ବଂଶୀଧର ସାହୁ, ଗ୍ରାମ- ଦେଉଳବସ୍ତି, ପୋଷ୍ଟ- ଅରଗୁଳ, ଥାନା- ଜଟଣୀ, ଭୁବନେଶର, ଜିଲ୍ଲା- ଖୋର୍ଦ୍ଧା, ୬. A.S.O., ମୁଖ୍ୟ ବସତି, ଜୋବ୍ରା, କଟକ, ୭. ତହସିଲଦାର, ଗ୍ରାମ/ପୋଷ୍ଟ/ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୪।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଜଟଣି, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର

ସାବକ
ଖାତା ନମ୍ବର ୨୦୩, ପ୍ଲଟ୍ ନମ୍ବର ୩୧୭, କିସମ- ଶାରଦ-୨, ରକବା- ମୋଟ୍ ଏ ୦.୧୩୦ ଡେସିମିଲ ଏବଂ ଏ ୦.୩୧୦ ଡେସିମିଲରୁ ଏ୦.୦୭୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍
ଖାତା ନମ୍ବର- ୧୭୮, ପ୍ଲଟ୍ ନମ୍ବର- ୪୧୭, କିସମ- ଶାରଦ ଅଣଜଳସେଚିତ- ୨, ରକବା- ଏ ୦.୩୧୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୨।୦୮।୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୯୮୪

## ମନେ ପଡ଼ନ୍ତି

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫ (ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର
ଧ-୧୯୯୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମହିମୋହନ ପ୍ରଧାନ
ଆବିର୍ଭାବ: ୦୫।୧୨।୧୯୫୮
ତିରୋଧାନ: ୦୬।୦୯।୨୦୨୫
ପିତା ଶବ୍ଦ ଏକ ଅର୍ଥ ଅନେକ
ତ୍ୟାଗ, ସଂଘର୍ଷ, ମାର୍ଗଦର୍ଶକ, ନିଃସର୍ତ୍ତ ପ୍ରେମ
ତୁମେ ଦେଇଛ ଆମକୁ ସବୁ
ତୁମ ଅନୁପସ୍ଥିତି କେମିତି ଆମେ ମାନିବୁ
ହାତ ଧରି ଶିଖେଇ ଆମକୁ ଚାଲି
ମିଶିଗଲ ତୁମେ ଆଜି ସେ ଶରଧେ ବାଲି
ଅଳି ଅଝଟ ସବୁ ଜେ ମାନିଲ
ପିତା ଜାଗା ଆମର ଖାଲି କରିଗଲ ।
ତୁମ୍ଭର ଏକାଦଶାହରେ ପ୍ରାର୍ଥନା ମହାପ୍ରଭୁଙ୍କ
ପାଖେ ଶାନ୍ତି, ସୁଖ ପାଅ ତୁମେ ଲକ୍ଷେ ଲକ୍ଷେ
ଶୋକସନ୍ତପ୍ତ: ସ୍ତ୍ରୀ: ସୁନନ୍ଦା, ପୁଅ, ବୋହୂ, ଭାଇ, ଭାଇବୋହୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ
ଧ-୧୯୯୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ପ୍ରଫୁଲ୍ଲ ଚନ୍ଦ୍ର ଦାସ
ରାଧା ଗୋବିନ୍ଦ ଲେନ୍, ପୁରୀ
ବାପା, ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଆପଣଙ୍କ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୯୮୭


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଜୁଏଲେରିର ଚମକ ହେବନି ଖରାପ

**ଯେତେ ମୂଲ୍ୟବାନ୍ ଧାତୁରେ ତିଆରି ହୋଇଥାଉ ନା କାହିଁକି କିଛିଦିନ ବ୍ୟବହାର କଲାପରେ କେତେକ ଜୁଏଲେରିର ଚମକ କିଛିମାତ୍ରାରେ କମିଯାଇଥାଏ। ହେଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କ ଜୁଏଲେରିର ଚମକ ସବୁବେଳେ ନୂଆ ପରି ରହିବ । ଜାଣିରଖନ୍ତୁ ସେ ସମ୍ପର୍କରେ ...**



❖ସୁନା ଅଳଙ୍କାରକୁ ସଫା କରିବା ଲାଗି ବେକିଂ ସୋଡ଼ା ଏବଂ ହ୍ୱାଇଟ୍ ଭିନେଗାର ସବୁଠୁ ଭଲ। ଏଥିପାଇଁ ପ୍ରଥମେ ବେକିଂ ସୋଡ଼ା ନେଇ ଅଳଙ୍କାର ଉପରେ ଧୀରେ ଧୀରେ ଆଙ୍ଗୁଠି ସାହାଯ୍ୟରେ ଘଷିଦିଅନ୍ତୁ। ଏହା ଉପରେ ଅଳ୍ପ ଭିନେଗାର ପକାଇ ଉଷୁମପାଣିରେ ଧୋଇ ଦିଅନ୍ତୁ, ଦେଖିବେ ଜୁଏଲେରି କିପରି ଚକ୍ ଚକ୍ ଦିଶିବ।

❖ସୁନା, ରୁପା ହେଉ କିମ୍ବା ଅନ୍ୟ ଯେକୌଣସି ମୂଲ୍ୟବାନ୍ ଗହଣା ବ୍ୟବହାର କରୁଥିଲେ ଏହାକୁ ପ୍ରତିଥର ପିନ୍ଧି ସାରି ରଖିବା ଲାଗି ଭେଲ୍‌ଭେଟ୍, ଲିନେନ୍ ଭଳି ନରମ କପଡ଼ା ଥିବା ବକ୍ସ ଭିତରେ ରଖନ୍ତୁ। ସବୁ ଗହଣାକୁ ଏକାଠି ବକ୍ସ ଭିତରେ ନ ରଖି ଅଲଗା ଅଲଗା ରଖନ୍ତୁ, ଯେପରି ତାହା ପରସ୍ପର ସହ ଘଷି ନ ହେବ। ଏପରି କରିବା ଦ୍ୱାରା ଅଳଙ୍କାରର ସାଇନ୍ ପୂର୍ବପରି ରହିବ।

❖ଯଦି ମୋତି ବା ପର୍ଲ ଜୁଏଲେରି ବ୍ୟବହାର କରୁଛନ୍ତି ତେବେ ଏହାକୁ ପିନ୍ଧି ସାରି ରଖିବା ପୂର୍ବରୁ ଏକ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ ଯେପରି ସେଥିରେ ଲାଗିଥିବା ଝାଳ ଭଲ ଭାବେ ଛାଡ଼ିଯିବ। ଏହାକୁ ମଧ୍ୟ ଅନ୍ୟ ଗହଣା ସହ ନ ମିଶାଇ ଅଲଗା ରଖନ୍ତୁ।

❖ଚାନ୍ଦିର ଗହଣା କିଛିଦିନ ପିନ୍ଧିବା ପରେ କଳା ଏବଂ ସାମାନ୍ୟ ପୁରୁଣା ଲାଗିଥାଏ। ଏହାକୁ କୌଣସି ମାଇଲ ଲିକ୍ୱିଡ୍‌ଶୋପ୍‌ରେ ନରମ ବ୍ରଶ୍ ସାହାଯ୍ୟରେ ଧୀରେ ଧୀରେ ଘଷି ପାଣିରେ ଧୋଇ ନରମ କପଡ଼ାରେ ପୋଛିଦିଅନ୍ତୁ। ଏପରି କଲେ ଦେଖିବେ ତାହା ପୁନର୍ବାର ନୂଆ ପରି ଚକ୍‌ଚକ୍ କରିବ।

# କାଶର ଘରୋଇ ଉପଚାର

**କେବେ ଜୋର୍ ବର୍ଷା ତ କେବେ ଗରମ ଆଉ ଗୁଳୁଗୁଳି। ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଅଧିକାଂଶଙ୍କଠାରେ ବିଶେଷକରି ପିଲାମାନଙ୍କୁ ଥଣ୍ଡାହେବା ସହ ପ୍ରବଳ କାଶ ହେଉଛି। ହେଲେ ବାରମ୍ବାର ଏଥିପାଇଁ ଔଷଧ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। ତେଣୁ ମହିଳାମାନେ କେତେକ ଘରୋଇ ଉପଚାର ଦ୍ୱାରା ନିଜର ତଥା ପରିବାରର ସଦସ୍ୟଙ୍କ କାଶ ସମସ୍ୟାର ଉପଚାର କରିପାରିବେ...**



**ତୁଳସୀପତ୍ର, ଅଦା ଓ ମହୁ:** ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। କାଶ ବିଶେଷକରି ଶୁଖିଲା କାଶ ବା ଡ୍ରାଏ କଫ୍ କମାଇବା ଲାଗି ତୁଳସୀପତ୍ର ଓ ଅଦାରସରେ ମହୁ ମିଶାଇ ଖାଇଲେ ବେଶ୍ ଭଲ କାମ କରିଥାଏ।

**ଅଦା ଓ ଲୁଣ:** ଅଧିକ କାଶ ହେଉଥିଲେ ଖଣ୍ଡେ ଅଦାରେ ଅଳ୍ପ ଲୁଣ ଲଗାଇ କଳରେ ଜାକନ୍ତୁ। ଏହାକୁ ଅଳ୍ପ ଅଳ୍ପ ଚୋବାନ୍ତୁ ଯେପରି ରସ ବାହାରି ଗଳାକୁ ଆରାମ ଦେବ।

**ଗରମ ଲୁଣପାଣି:** ଏହା କାଶ କମାଇବା ଓ କଫ ବାହାର କରିବା ପାଇଁ ସବୁଠୁ ଭଲ ଉପାୟ। ଦିନକୁ ଅତି କମ୍‌ରେ ୪-୫ଥର ଗରମ ଲୁଣପାଣିରେ ଗାର୍ଗେଲିଂ କରନ୍ତୁ। ଏହାଦ୍ୱାରା କଫ ତରଳିଯିବା ସହ କାଶ ମଧ୍ୟ ଧୀରେ ଧୀରେ କମିଯିବ।

**ହର୍ବାଲ ଜୁସ୍ ଏବଂ ହର୍ବାଲ ଟି:** ଏହା କାଶ ରୋକିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିରେ ଥିବା ବିଭିନ୍ନ ଔଷଧୀୟ ଗୁଣ ଗଳା କୁଣ୍ଡେଇ ହେବା ଦୂରକରି ଗଳାକୁ ଆରାମ ଦେଇଥାଏ।

**ମହୁ:** କାଶ ହେଉଥିଲେ ଥଣ୍ଡାପାଣି କିମ୍ବା ଆଇସ୍‌କ୍ରିମ୍ ଭଳି ଥଣ୍ଡା ଜାତୀୟ ଖାଦ୍ୟ ଆଦୌ ଖାଇବା ଠିକ୍ ନୁହେଁ। କାଶ ହେଉଥିଲେ ମଝିରେ ମଝିରେ ଉଷୁମପାଣିରେ ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ଗଳାକୁ ଆରାମ ମିଳିବା ସହ ଧୀରେ ଧୀରେ କାଶ କମିଯିବ।

**କ୍ଷୀର ଓ ହଳଦୀ:** ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ। ହଳଦୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ୍ ତତ୍ତ୍ୱ କାଶ ଓ କଫ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

# ଗର୍ଭାବସ୍ଥାରେ ମୁଖ ଓ ଦାନ୍ତର ଯତ୍ନ

**ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ, ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା' ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଦନ୍ତ ସ୍ୱାସ୍ଥ୍ୟକୁ ବି ପ୍ରଭାବିତ କରିଥାଏ...**



ଜୀବନବ୍ୟାପୀ ମୁଖଗହ୍ୱର ଏବଂ ଦନ୍ତ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ଯତ୍ନର ଆବଶ୍ୟକତା ରହିଛି । ମହିଳାମାନଙ୍କ କ୍ଷେତ୍ରରେ ଗର୍ଭାବସ୍ଥା, ସ୍ତନ୍ୟପାନ ଏବଂ ମେନୋପଜ୍ ସମୟରେ ଦାନ୍ତର ଯତ୍ନ ବହୁ ଗୁରୁତ୍ୱପୂର୍ଣ୍ଣ। ଗର୍ଭାବସ୍ଥା ଏକ ରୋଗ ଅବସ୍ଥା ନୁହେଁ ବରଂ ଏହା ସୁସ୍ଥ ରହିବାର ଏକ ଲକ୍ଷଣ। ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା' ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଯାହା ଦନ୍ତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଖରାପ ମୁଖ ସ୍ୱାସ୍ଥ୍ୟ, ବିଶେଷକରି ମାଢ଼ି ରୋଗ, ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବହେବା, ପ୍ରି-ଏକ୍ଲାମ୍ପସିଆ, ଗର୍ଭାବସ୍ଥା ଗ୍ରାନୁଲୋମା, ଜିଞ୍ଜିଭାଇଟିସ୍, ଗର୍ଭାବସ୍ଥା ଓରାଲ ଟ୍ୟୁମର, ମାଢ଼ି ଲାଲ ପଡ଼ିବା, ଫୁଲିଯିବା,ମାଢ଼ିରୁ ରକ୍ତ ବାହାରିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଦାନ୍ତ ଢିଲା ହେବା, ପାଟି ଶୁଷ୍କତା ଏବଂ ଦନ୍ତ କ୍ଷୟ ଭଳି ଜଟିଳତା ସହ ଜଡ଼ିତ। ଗର୍ଭାବସ୍ଥାରେ ପରିବର୍ତ୍ତନଶୀଳ ହରମୋନ ସ୍ତର ସିଧାସଳଖ ମାଢ଼ି ସମସ୍ୟାକୁ ଏବଂ ପରୋକ୍ଷ ଭାବରେ ଦନ୍ତ କ୍ଷୟକୁ ପ୍ରଭାବିତ କରେ।





**ଗର୍ଭାବସ୍ଥାରେ ମୁଖର ଯତ୍ନ ଗୁରୁତ୍ୱପୂର୍ଣ୍ଣ କାହିଁକି :**

**ମାଆଙ୍କ ପାଇଁ:**

★ଗର୍ଭାବସ୍ଥାର ହରମୋନ(ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍ ) ମାଢ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ଜିଞ୍ଜିଭାଇଟିସ୍ ତଥା ମାଢ଼ିରୁ ରକ୍ତସ୍ରାବର ଆଶଙ୍କା ବୃଦ୍ଧି କରିପାରେ। ଏ ସମୟରେ ମର୍ନିଂ ସିକ୍‌ନେସ୍ ବା ପ୍ରାତଃକାଳୀନ ଅସୁସ୍ଥତା ଏବଂ ମିଠା ଖାଦ୍ୟ ପାଇଁ ଆଗ୍ରହ, ଦନ୍ତ କ୍ଷୟ ସମସ୍ୟା ସୃଷ୍ଟି କରିପାରେ।

★ ହର୍‌ମୋନ ପରିବର୍ତ୍ତନ କେତେକ ସମୟରେ ମାଢ଼ିରେ ଗର୍ଭାବସ୍ଥା ଟ୍ୟୁମର କିମ୍ବା ପାୟୋଜେନିକ୍ ଗ୍ରାନୁଲୋମା ବୃଦ୍ଧିର କାରଣ ହୋଇପାରେ।

★ ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ଦ୍ୱାରା ପ୍ରାରମ୍ଭିକ ସମୟରେ ସମ୍ଭାବ୍ୟ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବାରେ ସାହାଯ୍ୟ କରିଥାଏ ।

**ଶିଶୁ ପାଇଁ:**

★ଅଧ୍ୟୟନରୁ ଜଣାଯାଇଛି, ଗର୍ଭାବସ୍ଥାରେ ମା'ଙ୍କୁ ମାଢ଼ି ରୋଗ ହେଲେ କମ୍ ଓଜନର ଶିଶୁ ତଥା ସମୟ ପୂର୍ବରୁ ଶିଶୁ ପ୍ରସବ ହେବା ସମ୍ଭାବନା ବୃଦ୍ଧି ପାଇଥାଏ ।

★ ମା'ଙ୍କ ପାଟିରୁ ଜୀବାଣୁ ଶିଶୁକୁ ସଂକ୍ରମିତ ହୋଇପାରେ, ଯାହା ସମ୍ଭାବ୍ୟ ଭାବରେ ଶୈଶବରୁ ଦନ୍ତ କ୍ଷୟ ସୃଷ୍ଟି କରିଥାଏ।

★ ଗର୍ଭାବସ୍ଥାରେ ମା' ମୁଖର ଯତ୍ନ ଠିକ୍ ଭାବେ ନେଲେ ପରବର୍ତ୍ତୀ ଜୀବନରେ ଶିଶୁର ମୁଖ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇପାରେ।

**କିପରି ନେବେ ମୁଖର ଯତ୍ନ:**

★ ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲଭାବରେ ମୁଖ ପରିଷ୍କାର କରିବା ଅଭ୍ୟାସ କରନ୍ତୁ। ଏଥିପାଇଁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାରକରି ନରମ ବ୍ରଶ୍ ସହ ଦିନକୁ ଅତି କମ୍‌ରେ ୨ଥର(ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ)ଦାନ୍ତ ଘଷନ୍ତୁ, ଯାହା ଦ୍ୱାରା ପ୍ଲାକ୍ ଏବଂ ଖାଦ୍ୟ କଣିକା ଜମାହୋଇ ରହିବ ନାହିଁ।

★ପ୍ରତିଦିନ ଦାନ୍ତ ଫ୍ଲସ୍ କରିବା ମଧ୍ୟ ଆବଶ୍ୟକ। ଯଦି କିଛି ଖାଦ୍ୟକଣିକା ରହିଯାଏ ତେବେ ବାହାର କରିବା ଲାଗି ମାଉଥୱାଶ୍ ବ୍ୟବହାର କରନ୍ତୁ।

★ ଜିଭକୁ ଭଲ ଭାବେ ସଫା କରିବା ସହ ମାଢ଼ିକୁ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ ।

★ପ୍ରତି ୩ ମାସ କିମ୍ବା ତା'ପୂର୍ବରୁ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ, ଅଥବା ଯଦି ବ୍ରଶ୍‌ର ବ୍ରିଷ୍ଟଲ ନଷ୍ଟ ହୋଇଯାଏ କିମ୍ବା ଆପଣଙ୍କୁ ଥଣ୍ଡା, ଫ୍ଲୁ ଅଥବା ପାଟିରେ ଘା' ହୋଇଥାଏ, ତେବେ ମଧ୍ୟ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ।

★ଗର୍ଭାବସ୍ଥାରେ ଅନେକଙ୍କୁ ବାନ୍ତି ହୋଇଥାଏ। ତେଣୁ ବାନ୍ତିରେ ଆସୁଥିବା ଏସିଡ୍ ଯେପରି ଦାନ୍ତର ଏନାମେଲ୍‌କୁ ନଷ୍ଟ ନ କରିଦିଏ ସେଥିପାଇଁ ଫ୍ଲୋରାଇଡ୍ ମାଉଥ୍‌ୱାଶ୍‌ରେ ଧୋଇ ଦିଅନ୍ତୁ। ଏହି ସମୟରେ ସଙ୍ଗେ ସଙ୍ଗେ ବ୍ରଶ୍ କରନ୍ତୁ ନାହିଁ ଦାନ୍ତ ନଷ୍ଟ ହୋଇଯାଇପାରେ ।

★ପାଟି ଶୁଷ୍କ ନ ହେବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

★ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଯଥା ଫଳ, ପନିପରିବା, ଶସ୍ୟ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D,କ୍ୟାଲସିୟମ ଓ ଫସ୍‌ଫରସ୍‌ଯୁକ୍ତ ଖାଦ୍ୟ ଉପରେ ଧ୍ୟାନଦିଅନ୍ତୁ ଏବଂ ଅଧିକ ମିଠାଯୁକ୍ତ ଖାଦ୍ୟ ତଥା ପାନୀୟ ସୀମିତ କରନ୍ତୁ।

★ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ପାଇଁ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହ ସମୟସୂଚୀ ନିର୍ଦ୍ଧାରଣ କରନ୍ତୁ।

★ଧୂମପାନ ଏବଂ ମଦ୍ୟପାନ ତ୍ୟାଗକରନ୍ତୁ। ଧୂମପାନ ଏବଂ ମଦ୍ୟପାନ ମା' ଏବଂ ଶିଶୁ ଉଭୟଙ୍କ ଦାନ୍ତର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଧୂମପାନକାରୀଙ୍କର କମ୍ ଓଜନର ଶିଶୁ ଜନ୍ମ, ଗର୍ଭପାତ କିମ୍ବା ମୃତ ଶିଶୁ ଜନ୍ମହେବା ଆଶଙ୍କା ଅଧିକ। ଧୂମପାନ କରୁଥିବା ମା'ଙ୍କ ଶିଶୁଙ୍କ ମଧ୍ୟରେ ନବଜାତ ମୃତ୍ୟୁ ବହୁ ଅଧିକ ଦେଖାଯାଇଥାଏ ।

★ଜରୁରିକାଳୀନ ଦନ୍ତ ଚିକିତ୍ସା ନିରାପଦ, ତେଣୁ ଆବଶ୍ୟକ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇନେବା ଉଚିତ।

ଗର୍ଭାବସ୍ଥାରେ ମୁଖଗହ୍ୱର ତଥା ଦାନ୍ତର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏବଂ ଉତ୍ତମ ମୁଖଗହ୍ୱର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ସକ୍ରିୟ ପଦକ୍ଷେପ ନେଇ ଆଶାୟୀ ମା'ମାନେ ଏକ ସୁସ୍ଥ ଗର୍ଭାବସ୍ଥା ସହ ସେମାନଙ୍କ ଶିଶୁର ସୁସ୍ଥ ବିକାଶରେ ଯୋଗଦାନ ଦେଇପାରିବେ। ସୁସ୍ଥ ମୁଖ – ସୁସ୍ଥ ମା' – ସୁସ୍ଥ ଶିଶୁ ।

*– ଡା. ଅଶୋକ କୁମାର ମହାନ୍ତି*
*ମୁଖଗହ୍ୱର ଓ ଦନ୍ତରୋଗ ବିଶେଷଜ୍ଞ,*
*ପୁରୀ ଟାଉନ୍*
*ମୋ– ୯୨୩୪୬୬୭୫୪୬*





**ସୌନ୍ଦର୍ଯ୍ୟ**

# ସ୍କିନ୍ ଟୋନ୍ ବଢ଼ାଇବା ପାଇଁ...



**ସୂର୍ଯ୍ୟକିରଣ, ଧୂଳି, ପ୍ରଦୂଷଣ, ଖାଦ୍ୟପେୟରେ ଅନିୟମିତତା ଆଦି କାରଣରୁ ଅନେକଙ୍କ ସ୍କିନ୍‌ଟୋନ୍ ଡଲ୍ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ବ୍ୟୁଟିପାର୍ଲର ଯିବାଠୁ ଆରମ୍ଭକରି ବିଭିନ୍ନ ଦାମୀ କ୍ରିମ୍ ବ୍ୟବହାରକରି ମଧ୍ୟ ଉପକୃତ ହୋଇପାରୁନାହାନ୍ତି। ହେଲେ ଜାଣନ୍ତିକି, ଅଧିକ ବ୍ରାଇଟ୍ ସ୍କିନ୍ ଟୋନ୍ ପାଇବା ଲାଗି କେତୋଟି ଘରୋଇ ଉପାୟ ବେଶ୍ ଲାଭଦାୟକ ହୋଇପାରିବ...**

**ଲେମ୍ବୁ ଏବଂ ମହୁ:** ୧ ଚାମଚ ଲେମ୍ବୁରସରେ ସମ ପରିମାଣର ମହୁ ମିଶାନ୍ତୁ। ମୁହଁକୁ ଭଲ ଭାବେ ଧୋଇବା ପରେ ଏହି ମିଶ୍ରଣକୁ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ । ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଲେମ୍ବୁ ରସର ଥିବା ପ୍ରାକୃତିକ ବ୍ଲିଚିଂ ତତ୍ତ୍ୱ ମହୁ ସହ ମିଶି ତ୍ୱଚାର ରଙ୍ଗକୁ ବ୍ରାଇଟ୍ କରିଥାଏ।

**ଦହି ଏବଂ ମହୁ:** ୨ ଚାମଚ ଦହି ସହ ୧ ଚାମଚ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଦହିରେ ଥିବା ଲାକ୍ଟିକ୍ ଏସିଡ୍ ତ୍ୱଚାକୁ ସଫ୍ଟ, ହାଇଡ୍ରେଟ୍ ରଖିବା ସହ ଡ୍ରାଏସେଲ୍ ଏବଂ ବ୍ଲାକ୍ ସ୍ପଟ୍ ଦୂରକରିବାରେ ସାହାଯ୍ୟ କରିଥାଏ। ସପ୍ତାହରେ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ଶୀଘ୍ର ସ୍କିନ୍ ଟୋନ୍ ବଢ଼ିବ ଏବଂ ତ୍ୱଚା ଅଧିକ ଗ୍ଲୋ କରିବ।

**କ୍ଷୀର ଏବଂ ଚାଉଳଗୁଣ୍ଡ:** ଚାଉଳଗୁଣ୍ଡକୁ ଐତିହାସିକ ସମୟରୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଇଆସୁଛି। ୨ ଚାମଚ ଚାଉଳଗୁଣ୍ଡରେ ୩-୪ ଚାମଚ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଳ୍ପ ହଳଦୀଗୁଣ୍ଡ ମଧ୍ୟ ମିଶାଇପାରିବେ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ଚାଉଳଗୁଣ୍ଡ ବଦଳରେ ଓଟ୍‌ମିଲ୍ ପାଉଡର ବି ବ୍ୟବହାର କରିପାରିବେ।

**ଟମାଟୋ ଜୁସ୍:** ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି ସପ୍ତାହରେ ୨-୩ ଥର କଲେ ଟମାଟୋରେ ଥିବା ଭିଟାମିନ୍ ସି ଏବଂ ଲାଇକୋପିନ୍ ତ୍ୱଚାର ରେଡ୍‌ନେସ୍, ଟ୍ୟାନିଂ, ଡାର୍କସ୍ପଟ୍, ପିଗ୍‌ମେଣ୍ଟେଶନ ଆଦି ଦୂରକରି ସ୍କିନ୍ ଟୋନ୍ ବଢ଼ାଇବାରେ ସାହାଯ୍ୟ କରିବ।

**ଖାଦ୍ୟରୁଚି**

# ଆଳୁ ହାଲୁଆ

**ଆପଣମାନେ ସମସ୍ତେ ସୁଜି ହାଲୁଆ, ଗାଜର ହାଲୁଆ ଭଳି ଅନେକ ହାଲୁଆ ଖାଇଥିବେ। ହେଲେ କେବେ ଆଳୁ ହାଲୁଆ ଖାଇଛନ୍ତି କି? ଯଦି ନା, ତେବେ ନିଶ୍ଚୟ ଏହାକୁ ପ୍ରସ୍ତୁତକରି ଖାଇବାର ମଜା ନିଅନ୍ତୁ...**

**ଆବଶ୍ୟକ ସାମଗ୍ରୀ:** ୩ଟି ବଡ଼ ଆଳୁ, ୧ ବଡ଼ ଚାମଚ ଘିଅ, ଅଧା କପ୍ ଚିନି, ଅଧା କପ୍ କ୍ଷୀର, ୨ ଚାମଚ ଲେଖାଏ କାଜୁ, କିସ୍‌ମିସ୍, ଅଧା ଚାମଚ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ହାଲୁଆ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଆଳୁକୁ ଭଲ ଭାବେ ସିଝାଇ ଦିଅନ୍ତୁ। ଏହା ଥଣ୍ଡା ହୋଇଯିବା ପରେ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। କଡ଼େଇରେ ଅଳ୍ପ ଘିଅ ଗରମକରି କାଜୁ ଏବଂ କିସ୍‌ମିସ୍‌କୁ ଲାଇଟ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଘିଅ ଗରମ କରନ୍ତୁ ଏବଂ ସେଥିରେ ଚକଟା ହୋଇଥିବା ଆଳୁକୁ ପକାଇ ୧ ରୁ ୨ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଭାଜନ୍ତୁ। ସେଥିରେ କ୍ଷୀର, ଚିନି ଏବଂ କିସ୍‌ମିସ୍ ପକାଇ ଭଲ ଭାବେ ଗୋଳାନ୍ତୁ। ୮ ରୁ ୧୦ ମିନିଟ୍ ଭଲ ଭାବେ ଗୋଳାଇବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ଏବଂ ଭଜା କାଜୁ ପକାଇ ମିଶାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ହାଲୁଆ । ଏହାକୁ ଗରମ ଏବଂ ଫ୍ରିଜ୍‌ରେ ରଖି ଥଣ୍ଡା କରି ମଧ୍ୟ ଖାଇପାରିବେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ Bhubaneswar, Tuesday, September 16/ 2025

# ବିବାଦ ତେଜିଲା, ରେଫରିଙ୍କୁ ହଟାଇବାକୁ ଦାବି




ଭାରତ ମ୍ୟାଚ ଜିତିବାପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ୍ ଦୁବେ ଫେରୁଛନ୍ତି। ପାକିସ୍ତାନ ଅଧିନାୟକ ସଲମାନ ଆଘା।

## ■ ଭାରତୀୟ ଖେଳାଳିଙ୍କ ହ୍ୟାଣ୍ଡସେକ୍ ଏଡ଼ାଇବା ପ୍ରସଙ୍ଗ
## ■ ଏସିଆ କପ୍‌ରୁ ଓହରିବାକୁ ପାକିସ୍ତାନର ଧମକ

ଦୁବାଇ,୧୫।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଏକ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହ୍ୟାଣ୍ଡସେକ୍ କରିବାକୁ ମନା କରିବା ଘଟଣା ସୋମବାର ଏକ ବଡ଼ ବିବାଦର ରୂପ ନେଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଏହି ବିବାଦ ଲାଗି ମ୍ୟାଚ୍ ରେଫରି ଆଣ୍ଡି ପିକ୍ରଫ୍ଟଙ୍କୁ ଦାୟୀ କରିବା ସହ ତାଙ୍କୁ ଏସିଆ କପ୍ ଟୁର୍ନାମେଣ୍ଟରୁ ହଟାଇବାକୁ ଦାବି କରାଯାଇଛି। ମ୍ୟାଚ୍ ପରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ହାତ ନ ମିଳାଇବା ଏକ ଦଳୀୟ ନିଷ୍ପତ୍ତି ଥିଲା ଓ ଏହାଦ୍ୱାରା ଆମେ ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ପର୍ଯ୍ୟଟକଙ୍କ ପରିବାରବର୍ଗଙ୍କ ସହ ଆମେ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ ଏବଂ ଏହି ବିଜୟକୁ ଆମେ ଆମର ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରୁଛୁ ବୋଲି ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ। ଏହି ଘଟଣାକୁ ନେଇ ପିସିବି ଉତ୍ତ୍ୟକ୍ତ ହେବା ସହ ଏସିଆନ କ୍ରିକେଟ୍ କାଉନ୍‌ସିଲ (ଏସିସି)ରେ ପ୍ରତିବାଦ ଦାଏର କରିବା ସହ ଆଇସିସିର ହସ୍ତକ୍ଷେପ ଲୋଡ଼ିଛି। କୌତୂହଳର ବିଷୟ ଯେ, ପିସିବି ମୁଖ୍ୟ ମହସିନ ନକ୍‌ଭି ବର୍ତ୍ତମାନ ଏସିସି ମୁଖ୍ୟ ଥିବା ବେଳେ ଭାରତର ଜୟ ଶାହା ଆଇସିସି ମୁଖ୍ୟ ପଦରେ ଅଛନ୍ତି। ମ୍ୟାଚ୍ ରେଫରି ଆଇସିସି କୋଡ୍ ଅଫ କଣ୍ଡକ୍ଟ ଓ ସ୍ପିରିଟ୍ ଅଫ୍ କ୍ରିକେଟ୍ ସମ୍ବନ୍ଧିତ ଏମ୍‌ସିସି ଆଇନ ଉଲ୍ଲଂଘନ କରିଥିବା ନେଇ ଆଇସିସି ନିକଟରେ ପିସିବି ପ୍ରତିବାଦ କରିଛି। ପିସିବି ତୁରନ୍ତ ଏସିଆ କପ୍‌ର ମ୍ୟାଚ୍ ରେଫରିଙ୍କୁ ହଟାଇବାକୁ ଦାବି ରଖିଛି। ନ ହେଲେ ପାକିସ୍ତାନ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବାର ବିଶେଷ ସମ୍ଭାବନା ଥିବା ପିସିବି ତଥା ଏସିସି ମୁଖ୍ୟ ନକ୍‌ଭି କହିଛନ୍ତି।

ପାକିସ୍ତାନ ଟିମ ମ୍ୟାନେଜର ନାଭେଦ ଚିମା ଏସିସି ନିକଟରେ ଅଭିଯୋଗ କରିଛନ୍ତି ଯେ, ପିକ୍ରଫ୍ଟଙ୍କ ଜିଦ୍ କାରଣରୁ ଦୁଇ ଅଧିନାୟକ ଦଳୀୟ ଖେଳାଳିଙ୍କ ତାଲିକା ପରସ୍ପରକୁ ଦେଇ ନ ଥିଲେ। ଏ ସମ୍ପର୍କରେ ପିସିବି ପକ୍ଷରୁ କୁହାଯାଇଛି ଯେ, ଟିମ୍ ମ୍ୟାନେଜର ଚିମା ଭାରତୀୟ ଖେଳାଳିଙ୍କ ବ୍ୟବହାର ବିରୋଧରେ କଡ଼ା ପ୍ରତିବାଦ କରିଛନ୍ତି। ପ୍ରତିବାଦ ସ୍ୱରୂପ ମ୍ୟାଚ୍ ପରବର୍ତ୍ତୀ ସେରିମନି ଲାଗି ଆମେ ଆମ ଅଧିନାୟକଙ୍କୁ ପଠାଇ ନ ଥିଲୁ। ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଭାରତୀୟ ଦଳ ଫାଇନାଲରେ ବିଜୟୀ ହେଲେ ନକ୍‌ଭିଙ୍କ ସହ ମଞ୍ଚରେ ରହିବେ ନାହିଁ।

## 'ଆମେ ପହଲଗାମ୍ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ'

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳକୁ ୭ ଉଇକେଟରେ ମିଳିଥିବା ବିଜୟକୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକ ଭଲ ବିଜୟ ବୋଲି ଅଭିହିତ କରିବା ସହିତ କହିଛନ୍ତି ଯେ, ଏହା ଦ୍ୱାରା ଦଳ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦର୍ଶାଇଛି।

'ଏହା ଏକ ଭଲ ବିଜୟ। ଟୁର୍ନାମେଣ୍ଟରେ ଆହୁରି କ୍ରିକେଟ୍ ବାକି ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏକ ଦଳ ଭାବେ ଆମେ ପହଲଗାମ୍ ଆକ୍ରମଣ ପୀଡ଼ିତ ଓ ସେମାନଙ୍କ ପରିବାରବର୍ଗଙ୍କ ସହିତ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ। ଆମେ 'ଅପରେଶନ ସିନ୍ଦୂର'ର ସଫଳତା ଲାଗି ଆମର ସଶସ୍ତ୍ର ବଳକୁ ଧନ୍ୟବାଦ ଦେବାକୁ ଚାହୁଁ। ମୁଁ ନିଶ୍ଚିତ ଯେ, ଆମେ ଦେଶକୁ ଗର୍ବିତ କରିବାକୁ ଉଦ୍ୟମ କରିବୁ' ବୋଲି ଗମ୍ଭୀର ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ସୋନୀ ସ୍ପୋର୍ଟ୍ସରେ କହିଛନ୍ତି।

## ଆଭିମୁଖ୍ୟ ଜାରି ରହିବ

ପାକିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ଲିଗ୍ ମ୍ୟାଚ୍ ପରେ ପ୍ରତିପକ୍ଷ ଖେଳାଳିଙ୍କ ସହ ହ୍ୟାଣ୍ଡସେକ ନ କରିଥିବାରୁ ଟିମ୍ ଇଣ୍ଡିଆକୁ ପ୍ରବଳ ସମାଲୋଚନା କରାଯାଉଛି। ଏହାସତ୍ତ୍ୱେ ଭାରତୀୟ ଦଳର ଆଭିମୁଖ୍ୟ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ଜାରି ରହିବ। ଏ ସଂକ୍ରାନ୍ତରେ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆମେ ଏକାଠି ଏଠାକୁ ଆସିବା ପରେ ଏକ ନିଷ୍ପତ୍ତି ନେଇଥିଲୁ। ଆମେ ଏଠାକୁ କେବଳ ଖେଳିବାକୁ ଆସିଛୁ। ମୋ ମତରେ ଆମେ ଉଚିତ ଜବାବ ଦେଇଛୁ। ମିଳିଥିବା ସୂଚନା ମୁତାବକ, ପାକିସ୍ତାନ ସହ ମ୍ୟାଚ୍ ଖେଳିବା ବିରୋଧରେ ବିରୋଧୀ ଦଳ ପକ୍ଷରୁ ଓ ସୋସିଆଲ ମିଡିଆରେ କରାଯାଇଥିବା ପ୍ରତିବାଦରେ ବିସିସିଆଇ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଲୋକଙ୍କ ପରିବାରବର୍ଗଙ୍କ ଭାବନାଠାରୁ ଟଙ୍କାକୁ ଅଧିକ ଗୁରୁତ୍ୱ ଦେଉଥିବା ଦାବି କରାଯାଇଥିଲା। ଏଥିଯୋଗୁ ବିସିସିଆଇ ଓ ଟିମ ମ୍ୟାନେଜମେଣ୍ଟ ମଧ୍ୟରେ ଆଲୋଚନା ହୋଇଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସିନିୟର ଖେଳାଳିମାନେ ମ୍ୟାଚ୍ ବେଳେ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ନେଇଥିଲେ। ଏହାକୁ ବିସିସିଆଇର ସିନିୟର ଅଧିକାରୀମାନେ ସବୁଜ ସଙ୍କେତ ଦେଇଥିଲେ।






# ଫିଡେ ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତିଲେ ବୈଶାଳୀ

ତାସକେଣ୍ଟ, ୧୫।୯

ଉଜ୍‌ବେକିସ୍ତାନର ସମରକନ୍ଦରେ ସୋମବାର ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ।






## ଏସିଆ କପ୍ ଟି୨୦: ୟୁଏଇ ବିଜୟୀ

**ଆବୁଧାବି, ୧୫।୯ (ପି.ଟି.):** ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୟୁଏଇ ୪୨ ରନରେ ଓମାନକୁ ପରାସ୍ତ କରିଛି। ଏହା ୟୁଏଇର ପ୍ରଥମ ବିଜୟ। ୟୁଏଇ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୭୨ ରନ କରିଥିଲା। ଅଧିନାୟକ ମହମ୍ମଦ ୱାସିମ ୬୯ ଓ ଆଲିଶାନ ଶାରାଫୁ ୫୧ ରନ କରିଥିଲେ। ଓମାନ ପକ୍ଷରୁ ଜିତେନ ରାମାନାନ୍ଦି ୨ ଉଇକେଟ ନେଇଥିଲେ। ଜବାବରେ ଓମାନ ୧୮.୪ ଓଭରରେ ୧୩୦ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ଲାଗି ଜୁନେଦ ସିଦ୍ଦିକ ୪ ଉଇକେଟ ନେଇଥିଲେ।

### 'ସୁପର-୪'ରେ ଶ୍ରୀଲଙ୍କା

ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ଉଇକେଟ୍‌ରେ ହଂକଂକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ସହ ଶ୍ରୀଲଙ୍କା ଦ୍ୱିତୀୟ ଦଳ ଭାବେ ସୁପର-୪' ପର୍ଯ୍ୟାୟରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ନିଜାକତ ଖାନଙ୍କ ୫୨ ଓ ଅଂଶୁମାନ ରଥଙ୍କ ୪୮ ରନର ଇନିଂସ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୪୯ ରନ କରିଥିଲା। ଜବାବରେ ପଥୁମ ନିଶଙ୍କାଙ୍କ ୬୮ ରନର ଅର୍ଦ୍ଧଶତକୀୟ ପାଳି ବଳରେ ଶ୍ରୀଲଙ୍କା ୧୮.୫ ଓଭରରେ ୬ ଉଇକେଟ ହରାଇ ୧୫୩ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ